RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-227 ♦THURSDAY ♦12 FEBRUARY 2026 ♦PAGE-12 ♦₹ 7.00 | JEYPORE | ♦ବର୍ଷ-୪୩ ♦ସଂଖ୍ୟା-୨୨୭ ♦ଗୁରୁବାର ♦୧୨ ଫେବୃଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




ସ୍କ୍ରିପ୍ଟ ଛାଡ଼ିନାହାନ୍ତି ପ୍ରକାଶ ରାଜ

▶ପୃଷ୍ଠା ୨ ଦେଖନ୍ତୁ...

## ସିବିଏସଇ ଦ୍ୱାଦଶ ଶ୍ରେଣୀର ଏକ କୋଟି ଖାତାର ହେବ ଡିଜିଟାଲ ଯାଞ୍ଚ

### ୩୨ କୋଟି ପୃଷ୍ଠା ସ୍କାନ କରି ଅପଲୋଡ କରିବେ

**୧୭ରୁ ଏପ୍ରିଲ ୧୦ ପର୍ଯ୍ୟନ୍ତ ବୋର୍ଡ ପରୀକ୍ଷା**

■ ନୂଆଦିଲ୍ଲୀ, ୧୧।୨ (ଏଜେନ୍ସି): ଚଳିତ ଥର ସିବିଏସଇ ଦ୍ୱାଦଶ ଶ୍ରେଣୀର ୧୭ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଖାତାକୁ 'ଅନ୍ ସ୍କ୍ରିନ ମାର୍କିଂ ସିଷ୍ଟମ'ରେ ଯାଞ୍ଚ କରାଯିବ। ଏହି ପରୀକ୍ଷା ଆସନ୍ତା ୧୭ ତାରିଖରୁ ଏପ୍ରିଲ ୧୦ ପର୍ଯ୍ୟନ୍ତ ଚାଲିବ। ଏହା ପରେ ଖାତା ଯାଞ୍ଚ ଆରମ୍ଭ ହେବ। ଏଥିପାଇଁ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଉତ୍ତର ପୃଷ୍ଠାକୁ ସ୍କାନ କରି ସିଷ୍ଟମରେ ଅପଲୋଡ କରାଯିବ। ପ୍ରାୟ କୋଟିଏ କପିର ୩୨ କୋଟି ପୃଷ୍ଠା ସ୍କାନ କରି ଅପଲୋଡ୍ ହେବ। ପରୀକ୍ଷକ ଏହି ଡିଜିଟାଲ କପିକୁ ଯାଞ୍ଚ କରି ନମ୍ବର ଦେବେ। ଅନ୍ୟପକ୍ଷରେ ସିବିଏସଇ ଦଶମ ଶ୍ରେଣୀ ଖାତାର ଯାଞ୍ଚ ପୂର୍ବଭଳି କାଗଜରେ ହେବ। ସିବିଏସଇର ପରୀକ୍ଷା ନିୟନ୍ତ୍ରକ ସଂଯମ ଭରଦ୍ୱାଜ କହିଛନ୍ତି ଯେ ଏହି ନୂଆ ବ୍ୟବସ୍ଥାରେ ଉତ୍ତର ଖାତାର ପରିବହନରେ ଲାଗୁଥିବା ସମୟ ଏବଂ ଖର୍ଚ୍ଚ ବଞ୍ଚିବ। ଶିକ୍ଷକ ନିଜ ସ୍କୁଲରେ ରହି ଖାତାର ମୂଲ୍ୟାଙ୍କନ କରିବେ। ଏହାଦ୍ୱାରା ଶିଶୁଙ୍କ ନିୟମିତ ଶିକ୍ଷା ପ୍ରଭାବିତ ହେବ ନାହିଁ। ମୂଲ୍ୟାଙ୍କନ ଅଧିକ ସ୍ୱଚ୍ଛ, ଦ୍ରୁତ ଏବଂ ତ୍ରୁଟିଶୂନ୍ୟ କରିବା ପାଇଁ ବୋର୍ଡ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି।

ସୂଚନା ଅନୁଯାୟୀ, ପିଲା ପରୀକ୍ଷା କେନ୍ଦ୍ରରେ ପୂର୍ବଭଳି ଖାତାରେ ଉତ୍ତର ଲେଖିବେ। ପରୀକ୍ଷା ଅଫଲାଇନରେ ହିଁ ହେବ। ବୋର୍ଡ ▶ପୃଷ୍ଠା-୭

## ପିଶାଚ ଶିକ୍ଷକ: ୮୯ ନାବାଳକଙ୍କୁ ଦୁଷ୍କର୍ମ

### ୫୦ ବର୍ଷ ମଧ୍ୟରେ ଭାରତ ସମେତ ୯ଟି ଦେଶର ପିଲାଙ୍କୁ ଶୋଷଣ କରିଛନ୍ତି

■ ପ୍ୟାରିସ, ୧୧।୨ (ଏଜେନ୍ସି): ଫ୍ରାନ୍ସର ଜଣେ ୭୯ ବର୍ଷୀୟ ଅବସରପ୍ରାପ୍ତ ଶିକ୍ଷକଙ୍କ ବିରୋଧରେ ୧୯୬୭ରୁ ୨୦୨୨ ପର୍ଯ୍ୟନ୍ତ ୮୯ ଜଣ ନାବାଳକଙ୍କୁ ଦୁଷ୍କର୍ମ ଓ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଫ୍ରାନ୍ସର ଗ୍ରେନୋବଲ ସହରର ପ୍ରସିକ୍ୟୁଟର ଏଟିଏନ ମାଣ୍ଟୋ ମଙ୍ଗଳବାର ଦିନ ଏହି ମାମଲାକୁ ସାର୍ବଜନୀନ କରିବା ସହ ପୀଡିତମାନଙ୍କୁ ଆଗକୁ ଆସିବାକୁ ଅପିଲ କରିଛନ୍ତି। ଅଭିଯୁକ୍ତର ନାମ ହେଉଛି ଜ୍ୟାକ ଲେଭୁଗ୍ଲି। ସେ ୧୯୬୭ରୁ ୨୦୨୨ ମଧ୍ୟରେ ଭାରତ, ଜର୍ମାନୀ, ସ୍ୱିଜରଲାଣ୍ଡ, ମରକ୍କୋ, ନାଇଜର, ଆଲଜେରିଆ, ଫିଲିପାଇନ୍ସ ଓ ଫ୍ରାନ୍ସର ନାବାଳକଙ୍କ ସହ ଯୌନ ଅପରାଧ କରିଥିଲେ। ସେ ଜଣେ ଫରାସୀ ଭାଷା ଶିକ୍ଷକ ଓ ଗୁମ୍ଫା ଅଧ୍ୟୟନ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ପୀଡିତମାନଙ୍କ ବୟସ ୧୩ରୁ ୧୭ ବର୍ଷ ମଧ୍ୟରେ ଥିଲା ବୋଲି କୁହାଯାଇଛି।

ଏହି ଘଟଣା ସେତେବେଳେ ସାମ୍ନାକୁ ଆସିଲା, ଯେତେବେଳେ ଅଭିଯୁକ୍ତଙ୍କ ପୁତୁରା ତାଙ୍କ ଉପରେ ସନ୍ଦେହ କରି ତାଙ୍କ ରୁମ୍ ତଲାସି କରିଥିଲେ। ସେଠାରୁ ଏକ ୟୁଏସ୍‌ବି ଡ୍ରାଇଭ ମିଳିଥିଲା, ଯେଉଁଥିରେ ନାବାଳକଙ୍କ ସହ ଯୌନ ସମ୍ପର୍କର ଅନେକ ଫଟୋ ଓ ତଥ୍ୟ ଲିଖିତ ଆକାରରେ ଥିଲା। ତଦନ୍ତକାରୀମାନେ ସେହି ଦସ୍ତାବିତ ପଢ଼ି ୮୯ ଜଣ ପୀଡିତଙ୍କୁ ଚିହ୍ନଟ କରିଛନ୍ତି। ଅଭିଯୁକ୍ତ ତଦନ୍ତ ସମୟରେ ସ୍ୱୀକାର କରିଛନ୍ତି ଯେ, ୧୯୭୦ରେ ସେ ନିଜର କର୍କଟ ▶ପୃଷ୍ଠା-୭

# ଲୋକସଭାରେ ରାହୁଲ-ରିଜିଜୁ ମୁହାଁମୁହିଁ

### ଟ୍ରମ୍ପଙ୍କ ଆଗରେ ଭାରତର ସ୍ୱାର୍ଥକୁ ସମର୍ପଣ କରିଛନ୍ତି ସରକାର: ରାହୁଲ

■ ନୂଆଦିଲ୍ଲୀ, ୧୧।୨ (ଏଜେନ୍ସି): ଭାରତ ଏବଂ ଆମେରିକା ମଧ୍ୟରେ ସ୍ୱାକ୍ଷରିତ ହେବାକୁ ଯାଉଥିବା ବାଣିଜ୍ୟ ଚୁକ୍ତିକୁ ନେଇ ଆଜି ଲୋକସଭାରେ ମୁହାଁମୁହିଁ ହୋଇଛନ୍ତି ସରକାର ଏବଂ ବିରୋଧୀ ଦଳ। ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଏହି ପ୍ରସ୍ତାବିତ ଚୁକ୍ତି ନେଇ ସରକାରଙ୍କର ତୀବ୍ର ସମାଲୋଚନା କରିବା ସହିତ ଅଭିଯୋଗ କରିଛନ୍ତି ଯେ ମୋଦୀ ସରକାର ଟ୍ରମ୍ପ ଆଗରେ ଭାରତର ସ୍ୱାର୍ଥକୁ ସମର୍ପି ଦେଇଛନ୍ତି। ଅନ୍ୟପକ୍ଷରେ ତାଙ୍କର ଏଭଳି ଅଭିଯୋଗକୁ ଖଣ୍ଡନ କରି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ରାହୁଲଙ୍କୁ ଚାଲେଞ୍ଜ କରିଛନ୍ତି ଯେ ସେ ଯାହା କହୁଛନ୍ତି ତଥ୍ୟ ପ୍ରମାଣ ଦେଇ କୁହନ୍ତୁ। ଗୋଟିଏ କଥାକୁ ବାରମ୍ବାର ଦୋହରାଇଲେ ଏହା ସତ ହୋଇଯିବ ନାହିଁ।



ରାହୁଲଙ୍କ ବିରୋଧରେ ସ୍ୱାଧିକାର ନୋଟିସ ଦେବେ ସରକାର

ଆଲୋଚନା ଆରମ୍ଭ କରି ରାହୁଲ ଅଭିଯୋଗ କରିଥିଲେ ଯେ ବାଣିଜ୍ୟ ଚୁକ୍ତି ଜରିଆରେ ସରକାର ଭାରତ ମାତାଙ୍କୁ ବିକିଦେଇଛନ୍ତି। 'ଆପଣମାନେ ଭାରତକୁ ବିକି ଦେଇଛନ୍ତି। ଆପଣ ଆମର ଭାରତ ମାତାକୁ ବିକିଦେଇଛନ୍ତି। ଏହା ଲଜ୍ଜାଜନକ ନୁହେଁ କି?' ବୋଲି ସେ ପ୍ରଶ୍ନ କରିଥିଲେ। ଏଭଳି ଚୁକ୍ତି କରି ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ନିକଟରେ ସଂପୂର୍ଣ୍ଣ ରୂପେ ଆତ୍ମସମର୍ପଣ କରାଯାଇଛି। ଭାରତର ଶକ୍ତି ନିରାପତ୍ତାକୁ ଆମେରିକା ହାତରେ ଟେକି ଦିଆଯାଇଛି। ଭାରତ ତେଲ କାହାଠୁ କିଣିବ, ତାହା ଆମେରିକା ସ୍ଥିର କରିବ। ସେହିଭଳି ଭାରତୀୟ ଚାଷୀମାନଙ୍କ ସ୍ୱାର୍ଥ ସହିତ ମଧ୍ୟ ସାଲିସ କରାଯାଇଛି। ଏବେ ଆମରିକାର କୃଷି ସାମଗ୍ରୀ ଭାରତ ବଜାରରେ ଛାଇଯିବ। ଏହା ଆମର କୋଟି କୋଟି ଚାଷୀଙ୍କ ଜୀବିକା ପ୍ରତି ବିଦ ସୃଷ୍ଟି କରିଛି। ଭାରତର ବୟନ ଶିଳ୍ପକୁ ମଧ୍ୟ ଶେଷ କରିଦିଆଯାଇଛି। ଯୁଦ୍ଧର ଯୁଗ ଶେଷ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଏନ୍‌ଏସ୍‌ଏ ଅଜିତ ଡୋଭାଲ କହୁଛନ୍ତି। କିନ୍ତୁ ସତ କଥା ହେଉଛି ଯେ ଆମେ ଯୁଦ୍ଧର ଯୁଗ ଭିତରକୁ ପ୍ରବେଶ କରିବାକୁ ଯାଉଛୁ। ବିପଜ୍ଜନକ ବିଶ୍ୱରେ ଆମକୁ ଆମର ସାମର୍ଥ୍ୟ ବିଷୟରେ ଅବଗତ ହେବାକୁ ପଡ଼ିବ। ଆମ ଦେଶବାସୀ ହେଉଛନ୍ତି ଆମର ପ୍ରକୃତ ଶକ୍ତି। ତେଣୁ ସେମାନଙ୍କର ସୁରକ୍ଷା, ତଥ୍ୟର ସୁରକ୍ଷା, ଖାଦ୍ୟ ଓ ଶକ୍ତିର ସୁରକ୍ଷାର ଜରୁରୀ ବୋଲି ରାହୁଲ କହିଥିଲେ। ସେ ଆହୁରି ଅଭିଯୋଗ କରିଥିଲେ ଯେ ବିଜେପିର ଆର୍ଥିକ ଢାଞ୍ଚାକୁ ସୁରକ୍ଷା ଦେବାକୁ ଯାଇ ପ୍ରଧାନମନ୍ତ୍ରୀ ୧୪୦ କୋଟି ଭାରତୀୟଙ୍କ ଭବିଷ୍ୟତକୁ ସମର୍ପଣ କରିଦେଇଛନ୍ତି। ▶ପୃଷ୍ଠା-୭

### ଶ୍ରମ ସଂହିତାକୁ ବିରୋଧ

# ଆଜି ଭାରତ ବନ୍ଦ

■ ନୂଆଦିଲ୍ଲୀ, ୧୧।୨ (ଏଜେନ୍ସି): କେନ୍ଦ୍ର ସରକାରଙ୍କ ବିଭିନ୍ନ ନୀତିକୁ ବିରୋଧ କରି ଦେଶର ୧୦ ଶ୍ରମିକ ସଂଗଠନ (ଟ୍ରେଡ୍ ୟୁନିଅନ୍) ପକ୍ଷରୁ ଗୁରୁବାର ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଛି। ଏଥିରେ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧି ୪ ଶ୍ରମ ସଂହିତା, ବିହନ ବିଲ୍ ୨୦୨୫, ବିଜୁଳି ସଂଶୋଧନ ବିଲ୍ ୨୦୨୫ ଏବଂ ବିଭି-ଜିରାମ୍‌ଜୀ ଆଇନ ଆଦିର ରଦ୍ଦ ଦାବି କରି ସାରା ଦେଶରେ ଶ୍ରମିକମାନେ ଧର୍ମଘଟ କରିବେ। ଶ୍ରମିକ ସଂଗଠନର କହିବାନୁଯାୟୀ, ଏହି ନୂଆ ଶ୍ରମ ସଂହିତା ୨୯ ପୁରୁଣା ଶ୍ରମ ଆଇନକୁ ବଦଳାଇବ, ଯାହା ଶ୍ରମିକଙ୍କ ଅଧିକାରକୁ ହ୍ରାସ କରିବ। ଏହା ଟ୍ରେଡ୍ ୟୁନିଅନଗୁଡ଼ିକର ପଞ୍ଜୀକରଣରେ ସମସ୍ୟା ଆଣିବ।

ଏହି ଧର୍ମଘଟରେ ସିଟୁ, ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ଏଆଇୟୁଟିୟୁସି, ଟିୟୁସିସି, ସେବା, ଏଆଇସିସିଟିୟୁ ଏବଂ ୟୁଟିୟୁସି ଭଳି ଶ୍ରମିକ ସଂଗଠନଗୁଡିକ ସାମିଲ ହୋଇଛନ୍ତି। ଏଥିଯୋଗୁ ଖଣି ଏବଂ ଶିଳ୍ପ କ୍ଷେତ୍ରରେ କାର୍ଯ୍ୟ ପ୍ରଭାବିତ ହେବ। ଧର୍ମଘଟରେ ସାରା ଦେଶରେ ପ୍ରାୟ ୩୦ କୋଟି ଶ୍ରମିକ ସାମିଲ ହେବେ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଓଡ଼ିଶାରେ ନବ ନିର୍ମାଣ କୃଷକ ସଂଗଠନ ମଧ୍ୟ ଏହି ଧର୍ମଘଟକୁ ସମର୍ଥନ କରିଛି। ତେବେ ଫେବୃଆରୀ ୧୨ର ଏହି ଧର୍ମଘଟରେ ଦେଶର ସମସ୍ତ ବ୍ୟାଙ୍କ କର୍ମଚାରୀ ସାମିଲ ହେବେ। ବ୍ୟାଙ୍କ କର୍ମଚାରୀମାନେ ଦୀର୍ଘ ଦିନ ଧରି ବ୍ୟାଙ୍କିଙ୍ଗ କ୍ଷେତ୍ରରେ ୫ ଦିନିଆ କାର୍ଯ୍ୟ ସପ୍ତାହ କାର୍ଯ୍ୟକାରୀ କରିବାକୁ ଦାବି କରିଆସୁଛନ୍ତି। ଦେଶର ପ୍ରମୁଖ ବ୍ୟାଙ୍କ ସଂଗଠନ ଅଲ୍ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲୋଇଜ୍ ଆସୋସିଏସନ୍ (ଏଆଇବିଇଏ), ଅଲ୍ ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ ଆସୋସିଏସନ୍ (ଏଆଇବିଓଏ) ଏବଂ ବ୍ୟାଙ୍କ ଏମ୍ପ୍ଲୋଇଜ୍ ଫେଡେରେସନ୍ ଅଫ୍ ଇଣ୍ଡିଆ (ବେଫି) ଧର୍ମଘଟ ଘୋଷଣା କରିଛନ୍ତି। ଧର୍ମଘଟ ଯୋଗୁ ବ୍ୟାଙ୍କରେ ନଗଦ କାରବାର ଏବଂ ଚେକ୍ କ୍ଲିୟରାନ୍ସ ଭଳି କାର୍ଯ୍ୟ ପ୍ରଭାବିତ ହେବାର ସମ୍ଭାବନା ରହିଛି।

### ଟି-୨୦ ବିଶ୍ୱକପ୍‌ରେ ବିରଳ ମ୍ୟାଚ୍

## ରୋମାଞ୍ଚ ଭରିଦେଲା ଡବଲ୍ ସୁପର ଓଭର



■ ଅହମ୍ମଦାବାଦ, ୧୧।୨ (ଏଜେନ୍ସି): ଟି-୨୦ ବିଶ୍ୱକପ୍ ଇତିହାସର ସର୍ବଶ୍ରେଷ୍ଠ ରୋମାଞ୍ଚକ ଓ ଉତ୍କଣ୍ଠାପୂର୍ଣ୍ଣ ମ୍ୟାଚ୍ ବୁଧବାର ଦେଖିବାକୁ ମିଳିଥିଲା। ଏଠାରେ ଖେଳାଯାଇଥିବା ଗ୍ରୁପ୍-ଡି'ର ଏକ ମ୍ୟାଚରେ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ସୁପର ଓଭରରେ ୪ ରନରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ଗତ ସଂସ୍କରଣର ଉପବିଜେତା ତଥା ବିଶ୍ୱ ମାନ୍ୟତାର ୫ମ ସ୍ଥାନରେ ରହିଥିବା ଦକ୍ଷିଣ ଆଫ୍ରିକାକୁ ଏହି ମ୍ୟାଚ୍ ଜିତିବା ପାଇଁ ନାକେଦମ କରିଥିଲା ୧୦ମ ମାନ୍ୟତା ଦଳ ଆଫଗାନିସ୍ତାନ। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ୬ ୱିକେଟ୍‌ରେ ୧୮୭ ରନ କରିଥିଲା। ଜବାବରେ ଆଫଗାନିସ୍ତାନ ୨ଟି ବଲ୍ ବଳକାଥାଇ ସମାନ ୧୮୭ ରନରେ ସୀମିତ ରହିଥିଲା। ▶ପୃଷ୍ଠା-୭

## ଆମେରିକାରୁ ଅଶୋଧିତ ତୈଳ କିଣିବେ ରାଷ୍ଟ୍ରାୟତ୍ତ କମ୍ପାନୀ

### ସରକାର ଜାରି କଲେ ନିର୍ଦ୍ଦେଶନାମା

■ ନୂଆଦିଲ୍ଲୀ, ୧୧।୨ (ଏଜେନ୍ସି): ଦେଶର ରାଷ୍ଟ୍ରାୟତ୍ତ ତୈଳ ବିଶୋଧନାଗାରଗୁଡ଼ିକୁ ଆମେରିକା ଏବଂ ଭେନେଜୁଏଲାରୁ ଅଧିକ ଅଶୋଧିତ ତେଲ କିଣିବା ଉପରେ ଭାରତ ସରକାର ଗୁରୁତ୍ୱ ଦେଇଛନ୍ତି। କେନ୍ଦ୍ର ସରକାର ଦେଶର ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡିକୁ ରୁଷ ପରିବର୍ତ୍ତେ ଆମେରିକାରୁ ତେଲ କିଣିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ଲୁମବର୍ଗ ରିପୋର୍ଟ ଅନୁଯାୟୀ ଆମେରିକା ସହିତ ସମ୍ପ୍ରତି ବାଣିଜ୍ୟ ଚୁକ୍ତି ପରେ ଭାରତ ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି।

ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ସମ୍ପର୍କରେ ମାର୍କିନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ବାଣିଜ୍ୟ ଚୁକ୍ତିର ଅଂଶ ଭାବରେ ରୁଷୀୟ ଅଶୋଧିତ ତେଲ କ୍ରୟ ବନ୍ଦ କରିବାକୁ ରାଜି ହୋଇଥିବା ସୂଚନା ଦେଇଥିଲେ। ଯଦିଓ ଭାରତ ପକ୍ଷରୁ ଏ ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବରେ କୌଣସି ସାର୍ବଜନୀନ ପ୍ରତିକ୍ରିୟା ଦିଆଯାଇ ନାହିଁ, ତଥାପି ଟ୍ରମ୍ପଙ୍କ ଦାବିକୁ ବି ଭାରତ ସରକାର ଖଣ୍ଡନ କରିନାହାନ୍ତି। ବିଶେଷଜ୍ଞଙ୍କ ମତରେ ଭାରତୀୟ ତୈଳ ବିଶୋଧନାଗାରଗୁଡ଼ିକ ପାଇଁ ଆମେରିକୀୟ ଏବଂ ଭେନେଜୁଏଲାର ତେଲ ବଡ଼ ପରିମାଣରେ ଆମଦାନୀ କରିବା ସହଜ ନୁହେଁ। ବିଶୋଧନ କ୍ଷମତା ଏବଂ ମୂଲ୍ୟ ଏବଂ ପରିବହନ ଏଥିରେ ବଡ଼ ପ୍ରତିବନ୍ଧକ ସୃଷ୍ଟି କରିବାର ଆଶଙ୍କା ରହିଛି। ଭାରତର ଅଧିକାଂଶ ରିଫାଇନାରୀ ମଧ୍ୟମ ଅଶୋଧିତ ତୈଳ ପାଇଁ ଡିଜାଇନ୍ କରାଯାଇଛି, ଯେତେବେଳେ ଆମେରିକୀୟ ତୈଳ ହାଲୁକା ଓ ଏଥିରେ ସଲଫର ପରିମାଣ କମ୍ ଅଛି। ଏହି ତେଲ ପ୍ରକ୍ରିୟାକରଣ ଭାରତୀୟ ୟୁନିଟ୍ ପାଇଁ ସମ୍ପୂର୍ଣ୍ଣ ଉପଯୁକ୍ତ ନୁହେଁ। ଅନ୍ୟପକ୍ଷରେ ଭାରତ ଆମେରିକାଠାରୁ ଦୂରତା ମଧ୍ୟ ଅନେକ । ବର୍ଦ୍ଧିତ ପରିବହନ ହାର ସେଠାରୁ ତୈଳ ଆମଦାନୀକୁ ମହଙ୍ଗା କରିବାର ଆଶଙ୍କା ରହିଛି। ତୁଳନାତ୍ମକ ଭାବରେ କାଜାଖସ୍ତାନ ଏବଂ ପଶ୍ଚିମ ଆଫ୍ରିକାରୁ ତୈଳ ଆମଦାନୀ ଶସ୍ତା ହେଉଛି। ତଥାପି ସରକାରୀ ନିର୍ଦ୍ଦେଶ ଅନୁସାରେ ଆଇଓସିଏଲ୍, ବିପିସିଏଲ୍ ଏବଂ ଏଚ୍‌ପିସିଏଲ୍ ଭଳି ▶ପୃଷ୍ଠା-୭

## ଦୁର୍ଘଟଣାରେ ଚାଲିଗଲା ୪ ଜୀବନ

### ହାଇୱା ଧକ୍କାରେ ୨ ମୃତ; ଜଣେ ଗୁରୁତର

■ କଲମପୁର, ୧୧।୨ (ସମିସ): କଲମପୁର ଥାନା ଅଧୀନ ଦୁଲକିବନ୍ଧ ନିକଟରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ହେଇଛନ୍ତି। ଗୁରୁତରଙ୍କୁ ପୁଲିସ ଉଦ୍ଧାର କରି ଚିକିତ୍ସା ପାଇଁ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି। ସୂଚନା ଅନୁସାରେ, କଲମପୁର ଥାନା ଅଧୀନ ଭେଜିଗୁଡ଼ା ଗ୍ରାମର ଶକ୍ତି ମାଝୀ, ବିପିନ ମାଝୀ ଓ ବାସୁଦେବ ମାଝୀ ଏକ ବାଇକ୍‌ରେ ଜୟପାଟଣା ମୋଟେର ମୁଖ୍ୟ ରାସ୍ତାଦେଇ ନିଜ ଗାଁ କୁ ଫେରୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ହାଇୱା ସହ ଧକ୍କା ହେଇଥିଲା। ହାଇୱାଟି ଧକ୍କାଦେଇ ବାଇକ୍ ଉପରେ ଚଢ଼ିଯାଇଥିଲା। ଫଳରେ ଶକ୍ତି ଏବଂ ▶ପୃଷ୍ଠା-୭

### ବାଇକ୍ ଦୁର୍ଘଟଣାରେ ୨ ମୃତ

■ ଥୁଆମୂଳ ରାମପୁର, ୧୧।୨ (ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଠାରୁ ଡୁମେରପଦରକୁ ଯୋଗାଯୋଗ କରୁଥିବା ମୁଖ୍ୟ ରାସ୍ତାର କାଠକୁରା ନିକଟ ସାହୁ ଜଙ୍ଗଲ ଅଞ୍ଚଳରେ ମଙ୍ଗଳବାର ଏକ ବାଇକ୍ ଦୁର୍ଘଟଣା ଘଟିଥିଲା। ଦ୍ରୁତ ଗତିରେ ବାଇକ୍ ଚାଳନା କରୁଥିବାବେଳେ ନିୟନ୍ତ୍ରଣ ହରାଇ ବାଇକ୍‌ଟି ରାସ୍ତାତଳକୁ ଚାଲିଯାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ ଦୁଇ ଯୁବକଙ୍କ ମୃତ୍ୟୁ ଘଟିଛି। ଅଗ୍ନିଶମ ବିଭାଗ ପହଞ୍ଚି ଆହତ ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


# ମରିଗଲା ରାଜ୍ୟର ମେଟ୍ରୋ ଆଶା

### ନିଜେ କଲେନାହିଁ କି କେନ୍ଦ୍ରକୁ ପ୍ରସ୍ତାବ ଦେଲେନାହିଁ

**ଓଡ଼ିଶାକୁ ଛାଡ଼ି ସାରା ଦେଶରେ ମେଟ୍ରୋ ପାଇଁ ଆଗ୍ରହ**

**ସବୁ ଯୋଗ୍ୟତା ଥାଇ ଭୁବନେଶ୍ୱର ପଛୁଆ: ବିଶେଷଜ୍ଞ**



■ ଭୁବନେଶ୍ୱର, ୧୧।୨ (ସମିସ): ସମଗ୍ର ଦେଶରେ ମେଟ୍ରୋ ରେଳ ନେଟୱାର୍କ ବଢ଼ିବାରେ ଲାଗିଛି। ଖୁବଶୀଘ୍ର କେନ୍ଦ୍ର ସରକାର ଆନ୍ଧ୍ର ପ୍ରଦେଶର ଭାଇଜାଗ ମେଟ୍ରୋ ରେଳ ପ୍ରକଳ୍ପର ସଂଶୋଧିତ ଡିପିଆରକୁ ଅନୁମୋଦନ ଦେବାକୁ ଯାଉଛନ୍ତି। ଏହି ପ୍ରକଳ୍ପ ପାଇଁ ୧୧୫୦୦ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ କେନ୍ଦ୍ର ସରକାର ୨୦ ପ୍ରତିଶତ ଅର୍ଥ ବହନ କରିବେ। କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ମନ୍ତ୍ରାଳୟର ତଥ୍ୟ ଅନୁଯାୟୀ ଏଯାବତ୍ ଦେଶର ୨୬ଟି ସହରକୁ ମେଟ୍ରୋ ରେଳ ସମ୍ପ୍ରସାରିତ ହେଲାଣି। ମାତ୍ର ସମାନ ସମୟରେ ଓଡ଼ିଶାରେ ମେଟ୍ରୋ ପ୍ରକଳ୍ପ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ପୂର୍ବରୁ ବିଜେଡି ସରକାର ୨୦୨୭ ସୁଦ୍ଧା ରାଜଧାନୀରେ ମେଟ୍ରୋ ରେଳ ଗଡ଼ାଇବାକୁ ପ୍ରତିବଦ୍ଧତାର ସହ ଆଗକୁ ବଢ଼ିଥିବା ବେଳେ ରାଜ୍ୟରେ ବିଜେପି ଶାସନକୁ ଆସିବା ପରେ ବର୍ତ୍ତମାନ ରାଜ୍ୟରେ ମେଟ୍ରୋ ପ୍ରକଳ୍ପ ଏକପ୍ରକାର ମରିଗଲାଣି। ଠିକା ପାଇଥିବା କମ୍ପାନୀ ରାଜ୍ୟରୁ ନିଜର କ୍ୟାମ୍ପ ବି ଉଠାଇ ଚାଲିଗଲାଣି । ରାଜ୍ୟ ସରକାରଙ୍କ ଏପରି ଆଭିମୁଖ୍ୟକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଏହାକୁ ବୁଦ୍ଧିଜୀବୀ ମହଲ ନାପସନ୍ଦ କରୁଛନ୍ତି।

ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜୟଦେବ ବିହାର-ନନ୍ଦନକାନନ ଏଲିଭେଟେଡ କରିଡର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ୯୫୨ କୋଟି ଟଙ୍କା ଖର୍ଚ୍ଚ କରିବେ। ପୂର୍ବରୁ ଏହି ରୁଟ୍ ଦେଇ ମେଟ୍ରୋ ଚଳାଚଳ କରିବା ପାଇଁ ବିଜେଡି ସରକାର ନିଷ୍ପତ୍ତି ନେଇଥିଲେ। ସେହି ଅନୁଯାୟୀ କାର୍ଯ୍ୟ ଆରମ୍ଭ ମଧ୍ୟ ହୋଇଥିଲା। ମାତ୍ର ନୂଆ ସରକାର ଏହି ରୁଟ୍ ଦେଇ ମେଟ୍ରୋ ସେବା ପରିବର୍ତ୍ତେ ଏଲିଭେଟେଡ କରିଡର କରିବାକୁ ନିଷ୍ପତ୍ତି ନେବା ପରେ ନିକଟ ଭବିଷ୍ୟତରେ ଭୁବନେଶ୍ୱରରେ ମେଟ୍ରୋ ଗଡ଼ିବ ନାହିଁ, ତାହା ଆପାତତଃ ନିଶ୍ଚିତ ହୋଇସାରିଛି। ବିହାର, ଉତ୍ତର ପ୍ରଦେଶ, ହରିୟାଣା ପରି ରାଜ୍ୟର ଭୁବନେଶ୍ୱରଠାରୁ ▶ପୃଷ୍ଠା-୭

# ଏଆଇ ପାଇଁ କାମ କରିବ ମଣିଷ!





ମଣିଷର ମସ୍ତିଷ୍କରୁ ଜନ୍ମ ନେଇଥିବା ଏଆଇ(କୃତ୍ରିମ ବୁଦ୍ଧିମତ୍ତା) ଏବେ ମଣିଷକୁ ଟପିଯିବାକୁ ବସିଛି । କାୟା ମେଲାଇ ଚାଲିଛି କୃତ୍ରିମ ବୁଦ୍ଧିମତ୍ତା । ଏଆଇର ବ୍ୟାପକ ବଜାର ପ୍ରବେଶ ଚାକିରି ଛଡ଼ାଇ ନେଉଛି । ଏହି କୃତ୍ରିମ ବୁଦ୍ଧିମତ୍ତାକୁ ଆଧାର କରି ତିଆରି ଚାଟ୍ ବଟ୍ ବା ଚାଟ୍ ଜିପିଟି ଏତେ ଦ୍ରୁତ ବେଗରେ କାମ କରୁଛି ଯେ ଏହା ଜୀବିକା ପାଇଁ ଛିଡ଼ା କଲାଣି ସଙ୍କଟ । ସେଥିପାଇଁ ଅନେକ ଲୋକ ନିଜ ଚାକିରିକୁ ନେଇ ଅସୁରକ୍ଷିତ ମନେ କରିବା ସହିତ ଚିନ୍ତାରେ ଅଛନ୍ତି । ତେବେ ଏବେ ରୋବଟ୍ ତଥା ଏଆଇ ଏଜେଣ୍ଟ ଲୋକଙ୍କୁ ନିଜ କାମରେ ରଖି ତା' ପ୍ରତି ବଦଳରେ ସେମାନଙ୍କୁ ପାରିଶ୍ରମିକ ଦେବ । ଶୁଣିବାକୁ ଅଜବ ଲାଗିଲେ ବି ଏହା ସତ । 'ରେଣ୍ଟ ଏ ହ୍ୟୁମାନ ଡଟ୍ ଏଆଇ' ନାମକ ଏକ ପ୍ଲାଟଫର୍ମ ଏବେ ଚାକିରିରେ ଲୋକଙ୍କୁ ନିଯୁକ୍ତି ପ୍ରଦାନ କରିବ । ତେଣୁ ବର୍ତ୍ତମାନ ଏଆଇ ଏଜେଣ୍ଟ ମାଲିକ ହେବେ ଏବଂ ମଣିଷ କର୍ମଚାରୀ ଭାବେ ଏଆଇର କାମ କରିବେ । ସରଳ ଭାଷାରେ କହିଲେ, ଯେତେବେଳେ ଏଆଇକୁ ବାସ୍ତବିକ ଦୁନିଆରେ କିଛି ଏମିତି କାମ କରିବାକୁ ପଡ଼ିବ, ଯାହା ତା' ପକ୍ଷେ କରିବା ଅସମ୍ଭବ ହୋଇଥିବ, ସେ ଏହି ପ୍ଲାଟ୍‌ଫର୍ମ ମାଧ୍ୟମରେ କୌଣସି ମଣିଷକୁ ରଖିବ । ତେବେ ଏଥିରେ ମସ୍ତିଷ୍କ ଏଆଇର ହେବ ଏବଂ ହାତ, ଗୋଡ଼ ମଣିଷର ରହିବ । ଏଆଇ ଯେଉଁ କାମକୁ ନିଜେ କରିପାରିବ ନାହିଁ, ସେ ଲାଗି ମଣିଷର ସାହାଯ୍ୟ ନେବ । ତେବେ ଏଆଇ କୋଡିଂ କରିବା ସହ କବିତା ଲେଖୁଥିଲେ ବି ତା'ର ହାତ, ଗୋଡ଼ ନାହିଁ । ସେହିପରି ସେ ଦୋକାନ ଯାଇ ସାମଗ୍ରୀ କିଣିପାରିବ ନାହିଁ କିମ୍ବା ବଗିଚାରେ ଗଛରେ ପାଣି ଦେଇପାରିବ ନାହିଁ । ଏପରିକି କୌଣସି ଫାଇଲରେ ହାତରେ ଦସ୍ତଖତ କରିପାରିବ ନାହିଁ । ଏଭଳି ସ୍ଥଳେ ଏଆଇକୁ ମଣିଷର ଆବଶ୍ୟକତା ପଡ଼ିବ । ଉଦାହରଣ ସ୍ୱରୂପ, ଯଦି କୌଣସି ଏଆଇ ଏଜେଣ୍ଟକୁ ଏକ ପ୍ରୋଜେକ୍ଟ ଲାଗି ସହରର ବିଶେଷ ଅଫିସ୍‌ରୁ ଦସ୍ତାବିଜ ଆଣିବାରେ ଥିବ, ସେ ଏହି ପ୍ଲାଟ୍‌ଫର୍ମକୁ ଉପଯୋଗ କରିବ । ଏଠାରେ ଏଆଇ ଜଣେ ମଣିଷକୁ ବାଛି ତା'କୁ କାମ ବାବଦରେ ବୁଝାଇବ ଏବଂ କାମ ପୂରା ହେବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପାରିଶ୍ରମିକ ଦେବ । ଏହି ପ୍ଲାଟ୍‌ଫର୍ମରେ ଜିନିଷ ପହଞ୍ଚାଇବା, ବଜାରରୁ କିଣାକିଣି, ପୋଷା ପ୍ରାଣୀଙ୍କୁ ଖାଦ୍ୟ ଦେବା, କୌଣସି ବ୍ୟକ୍ତିଙ୍କୁ ଭେଟ କରି ବାର୍ତ୍ତା ଦେବା ଭଳି ପ୍ରତିଦିନର ଛୋଟ ମୋଟ କାମ ସାମିଲ ଅଛି । ଅନ୍ୟପଟେ ଏହା ଅବିକଳ ଓଲା, ଉବର ଭଳି କାମ କରିବ । ଫରକ ଏତିକି ଯେ, ଏଠାରେ ମାଲିକ ମଣିଷ ନୁହେଁ, ଏଆଇ ହେବ । ଏଆଇ ଏଜେଣ୍ଟ ନିଜ ଆବଶ୍ୟକତା ଅନୁସାରେ କାମ ପୋଷ୍ଟ କରିବେ । ଯେଉଁମାନେ ଏହି ପ୍ଲାଟଫର୍ମରେ ପଞ୍ଜିକରଣ କରିଥିବେ, ସେମାନେ ସେହି କାମକୁ କରିବାର ସୁଯୋଗ ପାଇବେ । କାମ ଶେଷ ହେବା ପରେ ଏଆଇ ଡିଜିଟାଲ ମୁଦ୍ରା ବା ୱାଲେଟ୍ ମାଧ୍ୟମରେ ପାରିଶ୍ରମିକ ଦେବ । ଅନ୍ୟପଟେ ଏଆଇ ଚାକିରି ଛଡ଼ାଇବା ନେବା ବୋଲି ଲୋକେ ବିଶ୍ୱାସ କରୁଥିବା ବେଳେ ଏହି ପ୍ଲାଟଫର୍ମ ଏବେ ଲୋକଙ୍କ ମନରେ ନୂଆ ଆଶା ସଞ୍ଚାର କରିଛି । ଏଠାରେ ଏଆଇ ମଣିଷକୁ ହଟାଇବା ପରିବର୍ତ୍ତେ କାମ ଦେଉଛି । ଏହା ଏକଥା ଦର୍ଶାଉଛି, ଆଗାମୀ ଦିନରେ ମଣିଷ ଓ ଏଆଇ ପରସ୍ପରର ଶତ୍ରୁ ନୁହେଁ, ବରଂ ଭଲ ସାଥୀ ହେବେ । ଆଗାମୀ ଦିନରେ ଯେଉଁ କାମ ଏଆଇ କରିପାରିବ ନାହିଁ, ସେ ଲାଗି ମଣିଷର ସାହାଯ୍ୟ ନିଆଯିବ ଏବଂ ଏହା ପ୍ରତିବଦଳରେ ସେମାନଙ୍କୁ ଟଙ୍କା ପ୍ରଦାନ କରାଯିବ ।

# 'ସ୍ପିରିଟ୍' ଛାଡ଼ିନାହାନ୍ତି ପ୍ରକାଶରାଜ୍



ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ପ୍ରଭାସଙ୍କ ଫିଲ୍ମ 'ଦ ରାଜା ସାବ୍' ନିକଟରେ ରିଲିଜ୍ ହୋଇଥିଲା । ଏହା ବକ୍ସ ଅଫିସ୍‌ରେ ଭଲ ବିଜିନେସ୍ କରିନାହିଁ । ଏବେ ପ୍ରଭାସ ତାଙ୍କ ଆଗାମୀ ଫିଲ୍ମ 'ସ୍ପିରିଟ୍'କୁ ନେଇ ବେଶ୍ ଆଶାବାଦୀ ଅଛନ୍ତି । 'ସ୍ପିରିଟ୍'ରେ ପ୍ରଥମେ ପ୍ରଭାସଙ୍କ ବିପକ୍ଷରେ ଦୀପିକା ପାଦୁ୍ୟକୋନ୍‌ଙ୍କୁ ଫାଇନାଲ କରାଯାଇଥିଲା । ହେଲେ ସେ ଏଥିରୁ ବାଦ୍ ପଡ଼ିବା ପରେ ଏହାକୁ ନେଇ ଅନେକ ବିବାଦ ଦେଖା ଦେଇଥିଲା । ଏଥିରେ ଏବେ ଦୀପିକାଙ୍କ ବଦଳରେ ତ୍ରିପ୍ତି ଦିମ୍ରି ଦେଖାଯିବେ । ଏହାର ସୁଟିଂ ଏବେ ହାଇଦ୍ରାବାଦ୍‌ରେ ଚାଲିଛି । ନିର୍ଦ୍ଦେଶକ ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କ ସହ ପ୍ରକାଶରାଜ୍‌ଙ୍କର ଫିଲ୍ମର କୌଣସି ଏକ ସୁଟିଂକୁ ନେଇ ଯୁକ୍ତିତର୍କ ହେବା ପରେ ସେ ଏହି ଫିଲ୍ମରୁ ଓହରି ଯାଇଥିବା ନିକଟରେ କିଛି ରିପୋର୍ଟରେ ପ୍ରକାଶ ପାଇଥିଲା । ଏହାପରେ ପ୍ରକାଶରାଜ୍ ନିଜେ ଏକ୍ସରେ ପୋଷ୍ଟ ସେୟାର୍ କରି କହିଥିଲେ, 'ଏସବୁ ମିଛ କଥା । ମୁଁ ଏଯାବତ୍ ଫିଲ୍ମର ସୁଟିଂ ଆରମ୍ଭ କରିନାହିଁ । ହ୍ୱାଟସ୍ଆପ୍‌ରେ ଏଭଳି ମିଛ କାହାଣୀ ତିଆରି କରୁଥିବା ଲୋକେ ଦୟାକରି ବଡ଼ ହୋଇଯାନ୍ତୁ । ନିଜ ଜୀବନ ଉପରେ ଧ୍ୟାନ ଦିଅନ୍ତୁ ।' ତେବେ ପ୍ରକାଶରାଜ୍‌ଙ୍କର ଏହି ପୋଷ୍ଟ ପରେ ସେ 'ସ୍ପିରିଟ୍' ଛାଡ଼ି ନ ଥିବା ଏକପ୍ରକାର ସ୍ପଷ୍ଟ ହୋଇଛି । ଏହା ଆସନ୍ତା ବର୍ଷ ମାର୍ଚ୍ଚ ୫ରେ ପରଦାକୁ ଆସିବ ।

# ପ୍ରୋଜେକ୍ଟ 'ଦାମାଦ ଜୀ'



ସାଧାରଣତଃ ବାହାଘର ପୂର୍ବରୁ ନିଜ ପ୍ରେମିକ ତଥା ପ୍ରେମିକାଙ୍କୁ ପରିବାର ସଦସ୍ୟଙ୍କ ସହ ପରିଚିତ କରିବା ବହୁତ କଷ୍ଟକର କାମ । ଏହି କ୍ରମରେ ଜଣେ ଯୁବତୀ ନିଜ ମା'ଙ୍କ ସହିତ ପ୍ରେମିକଙ୍କୁ ପରିଚିତ କରାଇବାର ଏକ ନିଆରା ଉପାୟ ବାହାର କରିଛନ୍ତି । ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସଭିଙ୍କ ଦୃଷ୍ଟିଆକର୍ଷଣ କରିଛି । ତେବେ ବିବାହ ଲାଗି ଯୁବତୀ ଜଣକ ଟେକ୍ନୋଲଜିର ସଠିକ ଉପଯୋଗ କରିଥିବା କୁହାଯାଇପାରେ । ନୋଏଡାର ପ୍ରକୃତି (ଛଦ୍ମ ନାମ) ନାମକ ଏହି ଯୁବତୀ ଜଣକ ପେଶାରେ ଜଣେ ମନସ୍ତତ୍ତ୍ୱବିତ୍ । ସେ ତାଙ୍କ ପ୍ରେମିକଙ୍କୁ ନିଜ ମା'ଙ୍କ ପାଖରେ ପରିଚିତ କରିବା ପାଇଁ 'ପ୍ରୋଜେକ୍ଟ ଦାମାଜୀ' ପିପିଟି ପ୍ରସ୍ତୁତ କରିବା ପାଇଁ ନିଷ୍ପତ୍ତି ନେଲେ । ପ୍ରକୃତି ଏନେଇ ନିଜ ମା'ଙ୍କ ସହିତ ଦୀର୍ଘ ଆଳାପ ଆଲୋଚନା କି ଆବେଗପୂର୍ଣ୍ଣ ନିବେଦନ କରିବା ପରିବର୍ତ୍ତେ ଏଭଳି କିଛି କରିବାକୁ ଚିନ୍ତା କଲେ । ପ୍ରେଜେଣ୍ଟେସନ ସ୍ଲାଇଡ୍ ଶୀର୍ଷକରୁ ହିଁ ଆରମ୍ଭ ହୋଇଥିଲା । ଏଥିରେ ଲେଖାଥିଲା 'ପ୍ରୋଜେକ୍ଟ ଦାମାଦ ଜୀ' । ଏହାପରେ ଯେଉଁ ସ୍ଲାଇଡ୍ ଆସିଲା, ସେଥିରେ ସମସ୍ତ ବିବରଣୀ ଥିଲା । ସେଥିରେ ପ୍ରେମିକଙ୍କ ବୟସ, ଶିକ୍ଷାଗତ ଯୋଗ୍ୟତା, ପରିବାର, ବୃତ୍ତି, କ୍ୟାରିୟର ଅନ୍ୟାନ୍ୟ ଜିନିଷ ଯାହା ପିତାମାତାମାନେ ଜାଣିବାକୁ ଇଚ୍ଛା କରନ୍ତି । ଅନ୍ୟପଟେ ଏହାକୁ ଦେଖିବା ପରେ ତାଙ୍କ ମା'ଙ୍କ ପାଖରେ ବି ପ୍ରକୃତିଙ୍କୁ ତାଙ୍କ ଜୀବନସାଥୀଙ୍କ ସମ୍ପର୍କରେ ପଚାରିବାକୁ କିଛି ନ ଥିଲା । କାରଣ ପ୍ରକୃତି ତାଙ୍କ ପ୍ରେମିକଙ୍କ ବାବଦରେ ପିପିଟିରେ ସବୁ କିଛି ଦର୍ଶାଇ ଥିଲେ । ତେବେ ଜୀବନର ଏଭଳି ଏକ ଗୁରୁତ୍ୱ ନିଷ୍ପତ୍ତି ନେଲାବେଳେ ସେ ପ୍ରେମରେ ଅନ୍ଧ ହୋଇ କୌଣସି ଭୁଲ୍ ନିଷ୍ପତ୍ତି ନେଇ ନ ଥିବା ପ୍ରକୃତି ଏହା ମାଧ୍ୟମରେ ତାଙ୍କ ଅଭିଭାବକଙ୍କୁ ଜଣାଇବାକୁ ଚାହୁଁଥିଲେ । ତେବେ ତାଙ୍କ ମା'ଙ୍କୁ ପ୍ରେଜେଣ୍ଟେସନ ଅଜବ ଲାଗିଥିଲେ ବି ସମ୍ପୂର୍ଣ୍ଣ ଆଶ୍ଚର୍ଯ୍ୟ କଲା ଭଳି ନ ଥିବା ସେ କହିଛନ୍ତି । କାରଣ ପ୍ରକୃତିଙ୍କର ଯେତେବେଳେ କିଛି ବଡ଼ ଘୋଷଣା କରିବାର ଥାଏ, ସେ କିଛି ନିଆରା କରିବାକୁ ଚେଷ୍ଟା କରିଥାନ୍ତି ବୋଲି ତାଙ୍କ ମା' କହିଛନ୍ତି ।

# ସୁସ୍ଥ ଶରୀର ଲାଗି ପ୍ରାକୃତିକ ଦିନଚର୍ଯ୍ୟା

ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ଭିତରେ ଲୋକେ ନିଜର ଯତ୍ନ ନେବାକୁ ଭୁଲି ଯାଉଛନ୍ତି । ବିଳମ୍ବିତ ରାତ୍ରିରେ ଶୋଇବା, ଖାଦ୍ୟରେ ଅନିୟମିତତା, ଘଣ୍ଟା ଘଣ୍ଟା ଧରି ମୋବାଇଲରେ ଅତିବାହିତ କରିବା ସହ ଚାପରେ ରହୁଥିବାର ଦେଖାଯାଉଛି । ଏସବୁର ପ୍ରଭାବ ଧୀରେ ଧୀରେ ଶରୀର ଉପରେ ପଡ଼ିଥାଏ । ଏଭଳି ସ୍ଥିତିରେ ଜୀବନଶୈଳୀରେ ପରିବର୍ତ୍ତନ ଆଣିଲେ ନିଜ ଭିତରେ ପରିବର୍ତ୍ତନ ଆସିପାରିବ । ଏ ଦୃଷ୍ଟିରୁ ପ୍ରାକୃତିକ ଦିନଚର୍ଯ୍ୟାକୁ ଆପାଣାଇବା ଭଲ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦିଅନ୍ତି । ଏହି ଦିନଚର୍ଯ୍ୟା ସକାଳୁ ଆରମ୍ଭ ହୋଇଥାଏ । ସୂର୍ଯ୍ୟୋଦୟ ପୂର୍ବରୁ ଉଠିବା ମନ ଓ ମସ୍ତିଷ୍କ ପାଇଁ ଉପକାରୀ । କାରଣ ଏହି ସମୟରେ ପରିବେଶ ଶାନ୍ତ ଏବଂ ଶୁଦ୍ଧ ରହେ । ସକାଳୁ ଉଠି କିଛି ସମୟ ଚଲାବୁଲା କରିବା, ଯୋଗ, ପ୍ରାଣାୟମ କରିବା ଦ୍ୱାରା ଏହା ଦିନସାରା ଶକ୍ତି ଓ ସକାରାତ୍ମକତା ପ୍ରଦାନ କରିଥାଏ । ଏହି ସମୟ ଦିନଯାକର ଯୋଜନା ପ୍ରସ୍ତୁତି କରିବା ପାଇଁ ଭଲ ସମୟ । ଏହାସହ ଶରୀରର ପ୍ରାକୃତିକ ଆବଶ୍ୟକତାକୁ ସମ୍ମାନ ଦେବା ବି ପ୍ରାକୃତିକ ଦିନଚର୍ଯ୍ୟାର ମୁଖ୍ୟ ଅଂଶ । ଏଥିପାଇଁ ଭୋକ ଲାଗିଲେ ଖାଇବା ଏବଂ ନିଦ ଲାଗିଲେ ଶୋଇବା ଉଚିତ । ଏହାଦ୍ୱାରା ଜଣେ ସୁସ୍ଥ ଜୀବନ ଜିଇଁ ପାରିବେ । କେବଳ ସେତିକି ନୁହେଁ, ସ୍ୱଚ୍ଛତା ଉପରେ ମଧ୍ୟ ଧ୍ୟାନ ଦେବା ଜରୁରି । ନିତିଦିନ ଦୁଇଥର( ଦିନ ଓ ରାତିରେ) ବ୍ରଶ କରିବା, ଗାଧୋଇବା ଏବଂ ପରିଷ୍କାର ପୋଷାକ ପିନ୍ଧିବା ଉଚିତ । ଏହା କେବଳ ଶରୀରକୁ ସୁସ୍ଥ ରଖେ ନାହିଁ, ବରଂ ମନକୁ ଫୁର୍ତ୍ତି ରଖେ । ତେଲରେ ହାଲକା ଶରୀରକୁ ମାଲିସ କରିବା ଦ୍ୱାରା ଥକ୍କାପଣ ଦୂର ହୁଏ ଏବଂ ରକ୍ତସଞ୍ଚାର ଠିକ୍ ଭାବେ ହୁଏ । ନିଜକୁ ସମୟ ଦେବାର ଏହା ଏକ ସୁନ୍ଦର ଉପାୟ ବୋଲି କୁହାଯାଉଛି । ଠିକ୍ ସମୟରେ ପୁଷ୍ଟିକର ଖାଦ୍ୟ ଖାଇବା ସହ ତେଲମସଲା ଯୁକ୍ତ ଖାଦ୍ୟ ଠାରୁ ଦୂରରେ ରହିବା ଭଲ । ଠିକ୍ ସମୟରେ ଓ ଠିକ୍ ପରିମାଣରେ ପାଣି ପିଇବା ଉପରେ ବି ଗୁରୁତ୍ୱ ଦେବା ଉଚିତ । ଅନ୍ୟପଟେ ଶାରୀରିକ କାର୍ଯ୍ୟକଳାପ ସହିତ ବିଶ୍ରାମକୁ ମଧ୍ୟ ସମାନ ଭାବେ ଗୁରୁତ୍ୱ ଦେବା ଉଚିତ । ରାତିରେ ୬-୮ ଘଣ୍ଟା ଶୋଇବା ଦରକାର ।



## ଆଜିର ଇତିହାସ

- ୧୭୩୬- ନାଦିର ଶାହା ଫ୍ରାନ୍ସର ଶାସକ ହେଲେ ।
- ୧୮୦୯- ଯୁକ୍ତରାଷ୍ଟ୍ର ଆମେରିକାର ପୂର୍ବତନ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନ୍‌ଙ୍କ ଜନ୍ମ ।
- ୧୮୨୪- ଆର୍ଯ୍ୟ ସମାଜର ସଂସ୍ଥାପକ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଜନ୍ମ ।
- ୧୯୨୨- ମହାତ୍ମାଗାନ୍ଧୀ ଅସହଯୋଗ ଆନ୍ଦୋଳନ ପ୍ରତ୍ୟାହାର କରିବା ପାଇଁ ଘୋଷଣା କଲେ ।
- ୧୯୪୬- କଲିକତାରେ ଦଙ୍ଗାରେ ୧୪ ଜଣଙ୍କ ମୃତ୍ୟୁ ।
- ୧୯୯୯- ବିହାରରେ ରାଷ୍ଟ୍ରପତି ଶାସନ ଲାଗୁ ।
- ୨୦୧୩- ଉତ୍ତର କୋରିଆ ତୃତୀୟ ଭୂମିଗତ ପରମାଣୁ ପରୀକ୍ଷା କଲା ।

# ଆଖିରେ ଟାଟୁ

ଯୁବପିଢ଼ିଙ୍କ ମଧ୍ୟରେ ଟାଟୁ ନିଶା ଦିନକୁ ଦିନ ବଢ଼ି ଚାଲିଛି । ନିକଟରେ ଜଣେ ଯୁବତୀ ଆଖିରେ ଟାଟୁ କରି ସଭିଙ୍କୁ ଚକିତ କରିଛନ୍ତି । ତେବେ ଅରୋରା ଏରିନା ନାମ୍ନୀ ୨୮ ବର୍ଷୀୟା ଯୁବତୀ ଆଖିରେ ଟାଟୁ କରି ଏବେ ଚର୍ଚ୍ଚାରେ । ସେ ଟାଟୁ କରିବା ପରେ ତାଙ୍କ ଆଖି ମାଛ ଭଳି ଦେଖାଯାଉଛି । ଏରିନାଙ୍କ କହିବାନୁଯାୟୀ, 'ଆଖିରେ ଟାଟୁ କରିବା ଏକ ଜଟିଳ ପ୍ରକ୍ରିୟା । ଏଥିପାଇଁ ଟାଟୁ କାଳିରେ ପାଣି ମିଶାଇ ପ୍ରଥମେ ଏହାକୁ ପତଳା କରାଯାଏ । ପରେ ଏହାକୁ ଇଞ୍ଜେକସନ୍ ମାଧ୍ୟମରେ ଆଖିରେ ଭର୍ତ୍ତି କରାଯାଏ । ଅବଶ୍ୟ ଏହାକୁ ଆଖିରେ ଖୁବ୍ ସାବଧାନତାର ସହ କରିବାକୁ ପଡ଼ିଥାଏ । ନଚେତ୍ ଏହାଦ୍ୱାରା ଜଣେ ବ୍ୟକ୍ତି ଦୃଷ୍ଟିଶକ୍ତି ହରାଇବା ଆଶଙ୍କା ଥାଏ ।' ତେବେ ସେ ଏହି ଟାଟୁ କରିବା ପଛରେ ମଧ୍ୟ ବଡ଼ କାରଣ ରହିଛି । ଦୀର୍ଘ ଦିନ ଧରି ଏରିନା ଅବସାଦରେ ପୀଡ଼ିତ ଥିଲେ । ଅବସାଦରୁ ବାହାରିବା ପାଇଁ ସେ ଏହି ଟାଟୁ କରିଥିବା କହିଛନ୍ତି । ତେଣୁ ସେ ଏତେ ସମ୍ବେଦନଶୀଳ ସ୍ଥାନରେ ଟାଟୁ କରି ପାଶ୍ଚାତାପ କରୁନାହାନ୍ତି ବୋଲି କହିଛନ୍ତି । ସାମାଜିକ ଗଣମାଧ୍ୟମରେ ଏରିନାଙ୍କର ୨୫ ହଜାରରୁ ଊର୍ଦ୍ଧ୍ୱ ପ୍ରଶଂସକ ରହିଛନ୍ତି । ସେମାନଙ୍କ ମଧ୍ୟରୁ କିଛି ଜଣଙ୍କୁ ତାଙ୍କ ଟାଟୁ ଭଲ ଲାଗୁଥିବାବେଳେ ଆଉ କେତେକଙ୍କୁ ଏହା ଖୁବ୍ ଭୟଙ୍କର ଲାଗିଥାଏ ।



# ଏମିତି ଗାଁ



ପୃଥିବୀର କୋଣ ଅନୁକୋଣରେ ଅନେକ ଗାଁ ଅଛି । ତନ୍ମଧ୍ୟରୁ କିଛି ଗାଁ ତାର ଅଜବ ପରମ୍ପରା ପାଇଁ ଜଣାଯାଏ । ଏହି କ୍ରମରେ ରାଜସ୍ଥାନ ଚୁରୁ ଜିଲ୍ଲାସ୍ଥିତ ଉଡସର ଗାଁର ଏକ ସ୍ୱତନ୍ତ୍ରତା ରହିଛି । ଏହି ଗାଁରେ କାହାରି ହେଲେ ଦ୍ୱିମହଲା ଘର ନାହିଁ । ଦୀର୍ଘ ୭୦୦ ବର୍ଷ ହେଲାଣି ଏଠାରେ କୌଣସି ଗ୍ରାମବାସୀ ଦ୍ୱିମହଲା ଘର ନିର୍ମାଣ କରିନାହାନ୍ତି । ଏହା ପଛରେ ଏଠାରେ ପ୍ରଚଳିତ ଲୋକବିଶ୍ୱାସ ରହିଛି । ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, 'ଏହି ଗାଁକୁ ଏକ ଅଭିଶାପ ମିଳିଛି । ଏଥିପାଇଁ ଏଠାରେ କେହି ଦ୍ୱିମହଲା ଘର ନିର୍ମାଣ କଲେ ତାଙ୍କ ପରିବାର ଲୋକଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ ।' ସ୍ଥାନୀୟ ଲୋକକଥା ଅନୁସାରେ, ଏହି ଗାଁକୁ ୭୦୦ ବର୍ଷ ତଳେ ଏକ ଅଭିଶାପ ମିଳିଥିଲା । ସେବେଠାରୁ ଏହି ଗାଁର କୌଣସି ବାସିନ୍ଦା ଏଠାରେ ଦ୍ୱିମହଲା ଘର ନିର୍ମାଣ କରିବାକୁ ସାହସ ଜୁଟାଇ ପାରନ୍ତି ନାହିଁ । ୭୦୦ ବର୍ଷ ପୂର୍ବେ ଏଠାରେ ଭୋମିୟା ନାମରେ ଜଣେ ବ୍ୟକ୍ତି ରହୁଥିଲେ । ସେ ଜଣେ ଗୋଭକ୍ତ ଥିଲେ । ଏକଦା ଗାଁରେ ଚୋର ପଶି ଗୋରୁଗାଈଙ୍କୁ ଚୋରାଇ ନେଉଥିବା ଭୋମିଆ ଜାଣିବାକୁ ପାଇଥିଲେ । ଏହାପରେ ଭୋମିୟା ଚୋରଙ୍କ ସହ ଏକାକି ଲଢ଼ିଥିଲେ । ଚୋରମାନେ ତାଙ୍କୁ ମାରି ଲହୁଲୁହାଣ କରି ଦେଇଥିଲେ । କୌଣସିମତେ ସେ ଚୋରଙ୍କଠାରୁ ଖସିଯାଇ ଶ୍ୱଶୁର ଘରେ ପହଞ୍ଚି ଦ୍ୱିମହଲାରେ ଲୁଚିଗଲେ । ହେଲେ ଚୋରମାନେ ତାଙ୍କ ପିଛା କରି ସେହି ସ୍ଥାନରୁ ମଧ୍ୟ ତାଙ୍କୁ ଧରି ନେଇଥିଲେ । ଏହାପରେ ତାଙ୍କୁ ଏବଂ ତାଙ୍କ ଶ୍ୱଶୁରଘର ଲୋକଙ୍କୁ ଚୋରମାନେ ମାଡ଼ ମାରିଥିଲେ । ଭୋମିୟା ଆଘାତ ସତ୍ତ୍ୱେ ଚାରିଜଣ ଚୋରଙ୍କ ସହ ଲଢ଼ିଥିଲେ । ଶେଷରେ ଚୋରମାନେ ତାଙ୍କ ଗଳା କାଟି ଦେଇଥିଲେ । ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଗାଁର ସୀମାରେ ପହଞ୍ଚିଥିଲେ । ଶେଷରେ ତାଙ୍କ ମୁଣ୍ଡ ଉଡ଼ସର ଗାଁରେ ପଡ଼ିଥିଲା । ଏକଥା ତାଙ୍କ ପତ୍ନୀ ଜାଣିବା ପରେ କ୍ରୋଧିତ ହୋଇ ଗ୍ରାମବାସୀଙ୍କୁ ଅଭିଶାପ ଦେଇଥିଲେ । କୌଣସି ବ୍ୟକ୍ତି ଗାଁରେ ଦ୍ୱିମହଲା ଘର ନିର୍ମାଣ କଲେ ତା ପରିବାରର ବିନାଶ ହେବ ବୋଲି ସେ ଅଭିଶାପ ଦେଇଥିଲେ । ସେବେଠୁ ନେଇ ଅଦ୍ୟାବଧି କୌଣସି ବ୍ୟକ୍ତି ଗାଁରେ ଦ୍ୱିମଲା ଘର ନିର୍ମାଣ କରି ନାହାନ୍ତି । ଏହାର ଆଖପାଖ ଗାଁଗୁଡ଼ିକରେ ଦ୍ୱିମହଲା କୋଠା ରହିଥିଲେ ସୁଦ୍ଧା ଏହି ଗାଁରେ ଏଯାବତ୍ ଏଭଳି ଘର ନାହିଁ । ଗାଁ ମଧ୍ୟରେ ଭୋମିୟାଙ୍କର ଏକ ମନ୍ଦିର ମଧ୍ୟ ତିଆରି କରାଯାଇଛି । ଯଦିଓ ଏହି କାହାଣୀ ପଛରେ କୌଣସି ଐତିହାସିକ ତଥ୍ୟ ମିଳିନାହିଁ ତଥାପି ଶତାଧିକ ବର୍ଷ ଧରି ଗ୍ରାମବାସୀ ଏହି ପରମ୍ପରାକୁ ପାଳି ଆସୁଛନ୍ତି ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରୁ ସଫଳତା ମିଳିବ । ସନ୍ତାନଙ୍କ ପ୍ରଗତିରେ ଅଭିଭାବକ ଖୁସି ହେବେ । ବ୍ୟବସାୟ ପାଇଁ ନୂଆ ଯୋଜନା କରିପାରନ୍ତି । ସାହିତ୍ୟ ପ୍ରତି ରୁଚି ବଢ଼ିବ । ପିଲାମାନେ ଖେଳକୁଦରେ ସମୟ ବିତାଇବେ ।

**ବୃଷ:** ଅଟକି ରହିଥିବା କାର୍ଯ୍ୟ ପୂରା ହେବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ବହୁତ ଭଲ । ବିଦ୍ୟାର୍ଥୀମାନେ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ । ଜମି କ୍ରୟ କରିପାରନ୍ତି । ଲୋକ ସମ୍ପର୍କ ବଢ଼ିବ ।

**ମିଥୁନ:** କୌଣସି କ୍ଷେତ୍ରରୁ ଆଘାତ ପାଇପାରନ୍ତି । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । ବିଦ୍ୟାର୍ଥୀମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ । ଅଟକି ଥିବା କାର୍ଯ୍ୟ ପୂରା ହେବ । ଚକ୍ଷୁ ସମସ୍ୟା ଭୋଗିପାରନ୍ତି ।

**କର୍କଟ:** ଜୀବନସାଥୀଙ୍କ ସାନ୍ନିଧ୍ୟ ମିଳିବ । ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି । ପରିବାରବର୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି । ପ୍ରଭୁ ମହାଦେବଙ୍କ ଆରାଧନା କରନ୍ତୁ । ଦାନ ଧର୍ମ କରନ୍ତୁ ।

**ସିଂହ:** ଶତ୍ରୁଙ୍କୁ ଦୁର୍ବଳ ମନେ କରନ୍ତୁନି । ଅଟକି ଥିବା କାର୍ଯ୍ୟ ସମାପନ ହେବ । ବିଦ୍ୟାର୍ଥୀମାନେ ଖେଳମନସ୍କ ହେବେ । ବ୍ୟବସାୟ ଦୃଷ୍ଟିରୁ ଦିନଟି ବହୁତ ଭଲ । ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ ।

**କନ୍ୟା:** ପ୍ରେମ ବ୍ୟାପାରରେ ସମସ୍ୟା ଦେଖାଦେବ । ଗୁରୁଜନଙ୍କ ପରାମର୍ଶ ନେଇ ନୂତନ କାର୍ଯ୍ୟରେ ଯୋଗ ଦିଅନ୍ତୁ । ପିଲାମାନେ ଖେଳକୁଦରେ ସମୟ ବିତାଇବେ । କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ ।

**ତୁଳା:** ଭୂମି, ଯାନବାହନ କିଣିବାର ଅଧିକ ସମ୍ଭାବନା ରହିଛି । ଅଭିଭାବକମାନେ ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ । ପ୍ରତିକୂଳ ପରିସ୍ଥିତିରେ ଧୈର୍ଯ୍ୟହରା ହୁଅନ୍ତୁନି ।

**ବିଛା:** ସ୍ୱାସ୍ଥ୍ୟ ଭଲ ରହିବ । ସନ୍ତାନଙ୍କ ଖୁସିରେ ଖୁସି ହେବେ । ଅଚାନକ ଖୁସି ଖବର ମିଳିବ । ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବ । ମହିଳାମାନଙ୍କୁ ମୁଖ୍ୟ ଦାୟିତ୍ୱ ମିଳିପାରେ ।

**ଧନୁ:** ସୃଜନାଶୀଳତା ବୃଦ୍ଧି ପାଇବ । ଅଧିକ ଖର୍ଚ୍ଚାନ୍ତ ହେବେ । ପ୍ରେମ ବ୍ୟାପାରରେ ସଫଳ ହେବେ । କର୍ମକ୍ଷେତ୍ରରେ ବଡ଼ ଦାୟିତ୍ୱ ମିଳିପାରେ । ରାଜନେତାଙ୍କ ପାଇଁ ଦିନଟି ଭଲ ।

**ମକର:** ସରକାରୀ ଚାକିରିଆଙ୍କ ପାଇଁ ଆଜି ଦିନଟି ବହୁତ ଭଲ । ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ । ପିଲାମାନେ ପଢ଼ାପ୍ରତି ଅଧିକ ଧ୍ୟାନ ଦେବେ । ଦିନଟି ବେଶ୍ ହସଖୁସିରେ ବିତିବ ।

**କୁମ୍ଭ:** ଅଚାନକ ମନ ଭିତରେ ପରିବର୍ତ୍ତନ ଆସିପାରେ । ଆର୍ଥିକ ସମସ୍ୟା ରହିବନି । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଆୟ ଅନୁସାରେ ଅଧିକ ବ୍ୟୟ ହେବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ ।

**ମୀନ:** ଜମି କିଣାବିକା ଯୋଗ ରହିଛି । ଅଧିକ ଲାଭ ପାଇବା ଆଶାରେ ଭୁଲ୍ କରନ୍ତୁନି । ପାରିବାରିକ ସମସ୍ୟା ସମାଧାନ ହେବ । ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ । ଅତିଥି ସତ୍କାର କରିପାରନ୍ତି ।

ନବୀନ ନିବାସରେ ଦଳର ସୁପ୍ରିମୋଙ୍କୁ ଭେଟିଲେ ଗଞ୍ଜାମ ଜିଲ୍ଲାର ବିଜେଡି ନେତା

# ପୌର ନିର୍ବାଚନ ନିମନ୍ତେ ସଂଗଠନକୁ ପ୍ରସ୍ତୁତ ରଖ: ନବୀନ




ଭୁବନେଶ୍ୱର,୧୧।୨(ସମିସ): ଆଜି ନବୀନ ନିବାସରେ ଗଞ୍ଜାମ ଜିଲ୍ଲା ବିଜେଡି ନେତାମାନେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟି ଜିଲ୍ଲାରେ ସାଂଗଠନିକ ସ୍ଥିତି, ଚାଷୀ ସମସ୍ୟା ଓ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ପ୍ରସ୍ତୁତି ସମ୍ପର୍କ ରେ ଆଲୋଚନା କରିଛନ୍ତି । ଏହି ଅବସରରେ ଶ୍ରୀ ପଟ୍ଟନାୟକ ଦଳର ନେତାମାନଙ୍କୁ ସଂଗଠନକୁ ସୁଦୃଢ଼ କରିବା ଓ ସାଂଗଠନିକ କାର୍ଯ୍ୟକ୍ରମ ଅବ୍ୟାହତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ନବ ଘୋଷିତ ପୌର ପରିଷଦ ମଧ୍ୟରୁ ଗଞ୍ଜାମ ଜିଲ୍ଲା ରେ ସାତ ଗୋଟି ପୌରାଞ୍ଚଳରେ ପ୍ରଥମ କରି ନିର୍ବାଚନ ଅନୁଷ୍ଠିତ ହେବ । ସେହିପରି ରାଜ୍ୟରେ ପଞ୍ଚାୟତ ନିର୍ବାଚନ ପାଇଁ ହାତରେ ଆଉ ମାତ୍ର ବର୍ଷେ ବାକି । ତେଣୁ ଏବେଠୁ ଜିଲ୍ଲା ସ୍ତରରେ ପ୍ରସ୍ତୁତି ଆରମ୍ଭ କରିବା ଉପରେ ସଭାପତି ଗୁରୁତ୍ୱ ଆରୋପ କରିଛନ୍ତି ।

ଅନ୍ୟପକ୍ଷରେ ମଣ୍ଡି ମାନଙ୍କରେ ଚାଷୀ ମାନଙ୍କ ହଇରାଣ ବିଷୟରେ ବିରୋଧୀ ଦଳ ନେତା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିବାରୁ ଗଞ୍ଜାମ ଜିଲ୍ଲାର ନେତାମାନେ ଶ୍ରୀ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି ବୈଠକରେ ନବ ନିଯୁକ୍ତ ଜିଲ୍ଲା କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ଭଗବାନ ପ୍ରତିହାରୀ, ପୂର୍ବ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ,ଭୃଗୁ ବକ୍ସିପାତ୍ର, ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ,ଶ୍ରୀକାନ୍ତ ସାହୁ ଓ ରଂଜିତା ସାହୁ ଙ୍କ ସମେତ ଗଞ୍ଜାମ ଜିଲ୍ଲା ର ୧୩ ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ନେତା ମାନେ ଉପସ୍ଥିତ ଥିଲେ ।

ବିରିଡ଼ି ହତ୍ୟାକାଣ୍ଡର ଗୁମର ଖୋଲିଲା ପୁଲିସ

# ଭିଣୋଇ ସହ ମିଶି ମାରିଥିଲା ପ୍ରେମିକା



## ସୋସିଆଲ ମିଡିଆରୁ ପ୍ରେମ ଆରମ୍ଭ; ହତ୍ୟାରେ ଶେଷ

ଭଦ୍ରକ/ବାରିକପୁର,୧୧।୨(ସମିସ): ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ମଞ୍ଜୁରୀ ରୋଡ୍ ଫାଣ୍ଡି ଅନ୍ତର୍ଗତ ବିରିଡ଼ିଠାରେ ଘଟିଥିବା ଏକ ହତ୍ୟାକାଣ୍ଡର ଗୁମର ଖୋଲିଛି ପୁଲିସ । ଜଣେ ନାବାଳିକାଙ୍କ ସହିତ ପ୍ରେମ ବ୍ୟାପାରକୁ ନେଇ ଏଭଳି ହତ୍ୟାକାଣ୍ଡ ହୋଇଥିବା ସାମ୍ବାଦିକ ସମ୍ମିଳନୀ ଜରିଆରେ ବୁଧବାର ପୁଲିସ ଉପଖଣ୍ଡ ଅଧିକାରୀ ଅନିରୁଦ୍ଧ ମୁଦୁଲି ସୂଚନା ଦେଇଛନ୍ତି । ନାବାଳିକା ଜଣକ ସମ୍ପୃକ୍ତ ଯୁବକଙ୍କୁ ଡକାଇ ନିଜ ଭିଣୋଇଙ୍କ ଦ୍ୱାରା ହତ୍ୟା କରିଥିବା ଜଣାପଡ଼ିଛି । ଏଥିରେ ଉକ୍ତ ନାବାଳିକାକୁ ତାଙ୍କର ଆଉ ଜଣେ ନାବାଳିକା ସାଙ୍ଗ ସାହାଯ୍ୟ କରିଥିବା ମଧ୍ୟ ପୁଲିସ ପ୍ରକାଶ କରିଛି ।

ସୂଚନା ମୁତାବକ, ବନ୍ତ ଥାନା ଅନ୍ତର୍ଗତ ଟିଲୋ କଣ୍ଟାପଡ଼ା ଅଞ୍ଚଳର ଜଗବନ୍ଧୁ ଦାସଙ୍କ ପୁଅ ରଞ୍ଜନ(୨୧) ବେଙ୍ଗାଲୁରୁରେ ଏକ କମ୍ପାନୀରେ ରହି କାର୍ଯ୍ୟ କରୁଥିଲେ । ଏହାରି ଭିତରେ ରଞ୍ଜନ ବିରିଡ଼ି ଅଞ୍ଚଳର ଜନୈକା କଲେଜ ପଢୁଆ ନାବାଳିକାକୁ ପ୍ରେମ କରୁଥିଲେ । ସୋସିଆଲ ମିଡିଆ ଜରିଆରେ ଉଭୟଙ୍କ ସମ୍ପର୍କ ଗଢ଼ି ଉଠିଥିବାବେଳେ ପାଖାପାଖି ୮ରୁ ୧୦ ମାସ ଧରି ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା । ୨ ମାସ ହେଲା ନାବାଳିକା ଜଣକ ଯୁବକଙ୍କ ସହିତ ପ୍ରେମ ସମ୍ପର୍କରୁ ଦୂରେଇ ଯାଇଥିଲେ । ଗତ ୪ ତାରିଖରେ ରଞ୍ଜନଙ୍କୁ ବେଙ୍ଗାଲୁରୁରୁ ନାବାଳିକା ଜଣକ ଡକାଇଥିବାବେଳେ ଯୁବକ ଜଣକ ବିରିଡ଼ି ଅଞ୍ଚଳରେ ଆସି ପହଞ୍ଚିଥିଲେ । ପରେ ସୂଚନା ପାଇ ନାବାଳିକାଙ୍କ ଭିଣୋଇ ତେସିଙ୍ଗା ଅଞ୍ଚଳର ନୀଳମଣି ଓଝା ମଧ୍ୟ ରଞ୍ଜନ ନିକଟରେ ପହଞ୍ଚି ଯାଇଥିଲେ । ୪ତାରିଖ ପୂର୍ବାହ୍ନ ପ୍ରାୟ ୧୧ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ନିକଟସ୍ଥ ରେଳ ଲାଇନ୍ ପାର୍ଶ୍ୱରେ ଯୁବକଙ୍କ ସହିତ ନାବାଳିକା ଓ ତାଙ୍କ ଭିଣୋଇଙ୍କ ମଧ୍ୟରେ ବଚସା ହୋଇଥିଲା । ଏଥିରେ ନାବାଳିକାଙ୍କ ସହପାଠିନୀ ଜଣେ ମଧ୍ୟ ଉପସ୍ଥିତ ଥିଲେ । କଥା କଟାକଟି ମଧ୍ୟରେ ନୀଳମଣି ଉତ୍କ୍ଷିପ୍ତ ହୋଇ ରଞ୍ଜନଙ୍କୁ ଏକ ପଥରରେ ଶକ୍ତ ଆଘାତ ଦେଇଥିଲେ । ପରେ ତିନିଜଣଯାକ ମିଶି ତାଙ୍କୁ ଶ୍ୱାସରୁଦ୍ଧ କରି ମାରିଦେଇଥିବା ପୁଲିସ ବୁଧବାର ସାମ୍ବାଦିକ ସମ୍ମିଳନୀ ଜରିଆରେ ସୂଚନା ଦେଇଛି । ଏନେଇ ମୃତକଙ୍କ ଭିଣୋଇ ସରୋଜ କୁମାର ଦାସ ୫ ତାରିଖ ଦିନ ଅଭିଯୋଗ କରିଥିବାବେଳେ ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତଙ୍କ ନିର୍ଦ୍ଦେଶ କ୍ରମେ ତଦନ୍ତ ଆରମ୍ଭ ହୋଇଥିଲା । ଘଟଣା ଘଟିଥିବା ସ୍ଥାନକୁ ଥାନା ଅଧିକାରିଣୀ ରାଜଲକ୍ଷ୍ମୀ ନାୟକଙ୍କ ନେତୃତ୍ୱରେ ସାଇଣ୍ଟିଫିକ୍ ଟିମ ଓ ସନ୍ଧାନୀ କୁକୁର ଯାଇ ଅନୁସନ୍ଧାନ କରିଥିଲା । ପରେ ପୁଲିସ ଅଭିଯୋଗକୁ ଆଧାର କରି ମୁଖ୍ୟ ଅଭିଯୁକ୍ତ ନୀଳମଣିକୁ ଗିରଫ କରି ବୁଧବାର ହତ୍ୟାର ସିନ୍ ରିକ୍ରିଏସନ କରିଥିବାବେଳେ ତାକୁ କୋର୍ଟ ଚାଲାଣ କରିଛି । ହତ୍ୟାରେ ବ୍ୟବହୃତ ହୋଇଥିବା ପଥର, ଦୁଇଟି କଣ୍ଟାଯୁକ୍ତ ଗିଲ କାଠି ଓ ୪ଟି ମୋବାଇଲ୍‌କୁ ପୁଲିସ ଜବତ କରିଛି । ଏଥିରେ ସମ୍ପୃକ୍ତ ଥିବା ୨ ନାବାଳିକାଙ୍କୁ ମଧ୍ୟ ଥାନା ପକ୍ଷରୁ ବାଳ ଅପରାଧ କୋର୍ଟରେ ହାଜର କରିବ ବୋଲି ସୂଚନା ଦିଆଯାଇଛି । ଘଟଣାରେ ଆଉ କେହି ସମ୍ପୃକ୍ତ ଅଛି କି ନାହିଁ ସେନେଇ ଅଧିକ ତଦନ୍ତ ହେଉଥିବା ଜଣାପଡ଼ିଛି । ପୁଲିସ ଏନେଇ ହତ୍ୟା ମାମଲା(ନଂ ୬୦/୨୫ରେ) ରୁଜୁ କରିଥିବାବେଳେ ସନ୍ଧ୍ୟାରେ ଅଭିଯୁକ୍ତ ଭିଣୋଇକୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ନାବାଳିକାଦ୍ୱୟଙ୍କୁ ଜୁଭେନାଇଲ୍ ଜଷ୍ଟିସ୍ ହୋମ୍‌କୁ ପଠାଯାଇଥିବା ଜଣାଯାଇଛି । ଘଟଣାଟି ଉକ୍ତ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

# ଯୁବକଙ୍କୁ ଦଳିଦେଲା ଦନ୍ତା

ସମ୍ବଲପୁର,୧୧।୨(ସମିସ): ଦନ୍ତା ଆକ୍ରମଣରେ ଗତ ୩ ଦିନ ଭିତରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଆଜି ସମ୍ବଲପୁର ବନଖଣ୍ଡ ପଡ଼ିଆବାହଲ ରେଞ୍ଜ ହପ୍ରିୟାବାହଲ ମହଲିଙ୍ଗ ପଡ଼ାରେ ପ୍ରେମାନନ୍ଦ ଓରାମଙ୍କୁ ( ୩୯) ଏକ ଦନ୍ତା ଦଳି ଦେଇଛି । ଭୋର ପ୍ରାୟ ୫ଟାରେ ଶୌଚ ହେବା ପାଇଁ ଯାଇଥିବା ସମୟରେ ସେ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ । ପଡ଼ିଆବାହାଲ ରେଞ୍ଜର ସୁନୀଲ ଖିଲାରି କହିଛନ୍ତି ଯେ, ବନବିଭାଗ କର୍ମଚାରୀମାନେ ହାତୀ ଘଉଡ଼ାଇବାରେ ନିୟୋଜିତ ଥିଲେ । ସକାଳେ ହାତୀ ଜଙ୍ଗଲକୁ ଫେରିବା ସମୟରେ ଓରାମ ହଠାତ୍ ସାମ୍ନାକୁ ଆସିଯାଇଥିଲେ । ଏହି ଘଟଣାରେ ମୃତକଙ୍କ ପରିବାରକୁ ବନ ବିଭାଗ ପକ୍ଷରୁ ସରକାରୀ ସହାୟତା ଦିଆଯିବ ବୋଲି ରେଞ୍ଜର କହିଛନ୍ତି ।

ସୂଚନାଯୋଗ୍ୟ, ଗତ ସୋମବାର ସମ୍ବଲପୁର ସଦର ରେଞ୍ଜ ଝାଙ୍କରପାଲି ସେକ୍ସନ ଅଧୀନ ଡୁମେରଚୁଆଁ-ମୁଣ୍ଡର ସଂରକ୍ଷିତ ଜଙ୍ଗଲରେ ଦନ୍ତାହାତୀ ଆକ୍ରମଣରେ ହାଲିପାଲି ଗ୍ରାମର ପଞ୍ଚାନନ ପାଇକ (୩୮)ଙ୍କ ମୃତ୍ୟୁ ଘଟିଥିଲା । ଏହାସହ ଝାଙ୍କରପାଲି ପଞ୍ଚାୟତ ରସିଆପାଲିର ସୁକାନ୍ତି ପ୍ରଧାନ (୬୬) ଗୁରୁତର ହୋଇଥିଲେ । ୬ ଜଣ ଜାଳେଣି କାଠ ସଂଗ୍ରହ ପାଇଁ ଯାଇଥିବା ବେଳେ ହାତୀ ଆକ୍ରମଣ କରିଥିଲା ।

ମଣ୍ଡିରେ ଅଚଳାବସ୍ଥା ଜାରି

# ୧୭ରେ ବିଧାନସଭା ଘେରିବ ନବନିର୍ମାଣ କୃଷକ ସଂଗଠନ

ଭୁବନେଶ୍ୱର, ୧୧।୨(ସମିସ): ଧାନ ବିକ୍ରି କରିବା ପାଇଁ ଚାଷୀ ହଇରାଣ ହେଉଛି । ମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ଲାଗି ରହିଥିବାବେଳେ କଟନିଛଟନି ସେମାନଙ୍କ ମେରୁଦଣ୍ଡ ଭାଙ୍ଗୁଛି । ଚାଷ ହୋଇଥିବା ଜମି ଅନୁଯାୟୀ ସରକାର ଟୋକନ୍ ପ୍ରଦାନ କରୁ ନାହାନ୍ତି । ଫଳରେ ଚାଷୀମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି । ଚାଷୀଙ୍କ ମାଳମାଳ ସମସ୍ୟାକୁ ନେଇ ଆସନ୍ତା ୧୭ ତାରିଖରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ବିଧାନସଭା ଘେରାଉ କରିବାକୁ ଚେତାବନୀ ଦିଆଯାଇଛି ।

ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଛନ୍ତି ଯେ ଦୀର୍ଘ ୩ ମାସରୁ ଅଧିକ ସମୟ ହେଲା ମଣ୍ଡିରେ ଅଚଳାବସ୍ଥା ଲାଗି ରହିଛି । ମଣ୍ଡିରେ ଧାନ ପକାଇ ଚାଷୀମାନେ ରାତିସାରା ବସି ରହୁଥିଲେ ମଧ୍ୟ ସଠିକ୍ ସମୟରେ ଧାନ ଉଠୁନାହିଁ । ଅନେକ ଚାଷୀଙ୍କୁ ଅଧା ଜମି ଅନୁଯାୟୀ ଟୋକନ୍ ଦିଆଯାଇଥିବାବେଳେ ଚାଷ ହୋଇଥିବା ଅନେକ ପ୍ଲଟ୍‌କୁ ସାଟେଲାଇଟ୍ ସର୍ଭେ ଆଳରେ ବାଦ୍ ଦିଆଯାଇଛି । ଏଫ୍‌ଏକ୍ୟୁ ନାମରେ କୁଇଣ୍ଟାଲ୍ ପିଛା ୧୨ କେଜି ପର୍ଯ୍ୟନ୍ତ କଟ୍‌ନୀଛଟ୍‌ନୀ କରାଯାଉଛି । ୧୫୦ କୁଇଣ୍ଟାଲ୍‌ରୁ ଅଧିକ ଧାନ ହେଲେ ଇନ୍‌ପୁଟ୍ ସହାୟତା ମିଳିବନି ବୋଲି ଯୋଗାଣ ମନ୍ତ୍ରୀ ମନ୍ତବ୍ୟ ଦେଇଛନ୍ତି ।

# ଗୋଚର ଜମି ସାଧାରଣ ହିତରେ ଲାଗି ପାରିବ: ହାଇକୋର୍ଟ

କଟକ,୧୧।୨(ସମିସ): ଓଡ଼ିଶା ଗ୍ରାମପଞ୍ଚାୟତ ଆଇନର ଧାରା ୭୧ ଅନୁଯାୟୀ ଗୋଚର ଜମି ଗ୍ରାମ ଶାସନ ଅଧୀନରେ ଆସେ ନାହିଁ । ଏହା ରାଜସ୍ୱ ବିଭାଗର ସମ୍ପତ୍ତି ଏବଂ ସରକାର ଏହାକୁ ସାଧାରଣ ହିତ ପାଇଁ ବ୍ୟବହାର କରିପାରିବେ ବୋଲି ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ନୂଆପଡ଼ା ଜିଲ୍ଲା ଧରମପୁର ଗ୍ରାମରେ ଗୋଚର ଜମିରେ ଟ୍ରକ୍ ଟର୍ମିନାଲ ନିର୍ମାଣକୁ ବିରୋଧ କରି ମାଧବ ମାଝୀ ଓ ଆଉ ଜଣଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ଜଷ୍ଟିସ ବି.ପି. ରାଉତରାୟ ଏପରି ନିର୍ଦ୍ଦେଶ ପ୍ରଦାନ କରିବା ସହ ଏହି ଆବେଦନକୁ ଖାରଜ କରିଦେଇଛନ୍ତି । ନୂଆପଡ଼ା ଜିଲ୍ଲା କୋମନା ତହସିଲ ଅନ୍ତର୍ଗତ ଧରମପୁର ଗ୍ରାମର ପ୍ରାୟ ୮ ଏକର ଗୋଚର ଜମିରେ ଗ୍ରାମ ଶାସନର ଅନୁମତି ବିନା ଏବଂ ଜମିର କିସମ ପରିବର୍ତ୍ତନ ପ୍ରକ୍ରିୟାକୁ ଉପେକ୍ଷା କରି ଟ୍ରକ୍ ଟର୍ମିନାଲ ନିର୍ମାଣ କରାଯାଉଛି ବୋଲି ଆବେଦନରେ ଦର୍ଶାଯାଇଥିଲା ।

ମହଙ୍ଗା ପଡ଼ିଲା ଚାକିରି ପ୍ରଲୋଭନ ଦେଖାଇ ଟଙ୍କା ହଡ଼ପ ମାମଲା

# ନିଲମ୍ବିତ ହେଲେ ପୁଲିସ କର୍ମଚାରୀ

କଲମପୁର,୧୧।୨(ସମିସ): ଚାକିରି କରେଇ ଦେବା ପାଇଁ ଜଣେ ମାଛ ବେପାରୀଙ୍କଠାରୁ ପ୍ରାୟ ଦଶ ଲକ୍ଷ ଟଙ୍କା ନେବା ଜଣେ ପୁଲିସ କର୍ମଚାରୀଙ୍କୁ ମହଙ୍ଗା ପଡ଼ିଛି । ମାମଲା ଦାୟର ହେବାପରେ ସମ୍ପୃକ୍ତ ପୁଲିସ କର୍ମଚାରୀଙ୍କୁ ଏସପି ନିଲମ୍ବନ କରିଛନ୍ତି । ସୂଚନା ଅନୁସାରେ କଲମପୁର ଥାନା ଅଧୀନ ବୋଦେଲବନ୍ଧ ଗ୍ରାମର ଭୋଳାନାଥ ତେଜି ମାଛ ବ୍ୟବସାୟ କରନ୍ତି । ଏମିତି ଯିବା ଆସିବା ଭିତରେ ଥୁଆମୂଳ ରାମପୁର ଥାନାରେ ନିୟୋଜିତ ଆଇଆରବି କନଷ୍ଟେବଲ ଦିଲୀପ ବାଗଙ୍କ ସହିତ ପରିଚୟ ହୋଇଥିଲା । ପୁଲିସ ସହିତ ବନ୍ଧୁତା ହେବାପରେ ଦୁଃଖସୁଖ ହେବା ଆରମ୍ଭ ହେଲା । ଏହି ସମୟ ଭିତରେ ଭୋଳାନାଥ ନିଜ ପୁଅ ବାବଦରେ କଥାହୋଇ ଚାକାରି କରାଇଦେବାକୁ କହିଥିଲେ । ଏହାପରେ କନଷ୍ଟେବଲ ଦିଲୀପ ବାଗ ହର୍ଟିକଲଚର ବିଭାଗରେ ଚାକିରି କରେଇ ଦେବି ବୋଲି କହି ପଇସା ପତ୍ର ଯୋଗାଡ଼ କରିବାକୁ କହିଥିଲେ । ଭୋଳାନାଥ ପଇସା ପତ୍ର ଯୋଗାଡ କରି କନଷ୍ଟେବଲ ଦିଲୀପ ବାଗଙ୍କୁ ଦେବା ଆରମ୍ଭ କରିଥିଲେ । ୪୫ କିସ୍ତିରେ ଭୋଳାନାଥ କନଷ୍ଟେବଲଙ୍କୁ ନଅ ଲକ୍ଷ ଟଙ୍କା ଦେଇ ସାରିଥିଲେ । କିଛିଦିନ ପରେ କନଷ୍ଟେବଲ ଦିଲୀପ ବାଗଙ୍କ ବଦଳି ଥୁଆମୂଳ ରାମପୁର ଠାରୁ ଆମପାଣି ଥାନାକୁ ବଦଳି ହୋଇଗଲା । କିନ୍ତୁ ଭୋଳାନାଥଙ୍କ ପୁଅର ଚାକିରି ହେଲା ନାହିଁ । ଏହାପରେ ଭୋଳାନାଥଙ୍କ କନଷ୍ଟେବଲଙ୍କ ଉପରେ ସନ୍ଦେହ ହେଲା । ଚାକିରି କରେଇ ଦିଅ ନହେଲେ ପଇସା ଫେରେଇ ଦିଅ ବୋଲି ଭୋଳାନାଥ ବାରମ୍ବାର କହିଥିଲେ । ପରେ କନଷ୍ଟେବଲ ଜଣକ ଫୋନ ନ ଉଠାଇବାରୁ ତାଙ୍କ ପାଖକୁ ଦୌଡ଼ିଲେ । ଏମିତିକି ଆମପାଣି ଓ କଲମପୁର ପୁଲିସ ପାଖକୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଭୋଳାନାଥଙ୍କ କଥା କେହି ଶୁଣିନଥିଲେ । ସବୁଆଡୁ ନିରାଶ ହେବାପରେ ସେ କିଛି ଗଣମାଧ୍ୟମ ପ୍ରତିନିଧିଙ୍କ ସହାୟତାରେ ଆମପାଣି ପୁଲିସ ପାଖକୁ ଯାଇଥିଲେ ବି ସେଠାରେ ମାମଲା ରୁଜୁ ପାଇଁ ମନାକଲେ । ସେଠାରୁ ସେମାନେ କଳାହାଣ୍ଡି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିକଟକୁ ଗଲେ । ଆରକ୍ଷୀ ଅଧିକ୍ଷକ ଅନୁପସ୍ଥିତରେ ସେଠାରେ ଥିବା ସହାୟତା କେନ୍ଦ୍ରରେ ଲିଖିତ ଅଭିଯୋଗ କରି ଫେରି ଆସିଲେ । ପରେ ପରେ ଏସ୍‌ପିଙ୍କ ନିର୍ଦ୍ଦେଶ ପାଇ କଲମପୁର ଥାନା ଅଧିକାରୀ ମାମଲା ପଞ୍ଜିକୃତ କଲେ । ଉଭୟ ପକ୍ଷକୁ ଡାକି ତଦନ୍ତ ପରେ କଲମପୁର ପୁଲିସ ଜାଣିବାକୁ ପାଇଲେ ଯେ ସମ୍ପୃକ୍ତ କନଷ୍ଟେବଲ ଟଙ୍କା ନେଇଛନ୍ତି । ଏହା ଭିତରେ ସେ ଦୁଇଲକ୍ଷ ଟଙ୍କା ମଧ୍ୟ ଫେରାଇଛନ୍ତି । ଏନେଇ ଠକାମୀ ଓ ଧମକଚମକ ମାମଲା ପଞ୍ଜିକୃତ କରି ଉପରିସ୍ଥ ଅଧିକାରୀଙ୍କୁ ଜଣାଇଲେ । କନଷ୍ଟେବଲ ଅବଶିଷ୍ଟ ଟଙ୍କା ଫେରାଇ ଦେବାକୁ ଆଉ କିଛି ସମୟ ମାଗିଥିଲେ, କିନ୍ତୁ ଧାର୍ଯ୍ୟ ସମୟରେ ଦେଇ ନ ପାରିବାରୁ ତାଙ୍କୁ ନିଲମ୍ବିତ କରାଯାଇଥିବା ଜଣାପଡ଼ିଛି ।

■ ଅନୁମତିଠାରୁ କମ ଖଣିଜ ଦ୍ରବ୍ୟ ଉତ୍ତୋଳନ ପ୍ରସଙ୍ଗ

# ନିୟମର ପାଳନ ପାଇଁ ସରକାରଙ୍କୁ ୩ ମାସର ସମୟ

କଟକ,୧୧।୨(ସମିସ): ଖଣିଗୁଡ଼ିକରୁ ଅନୁମତି ଅନୁସାରେ ଉପଯୁକ୍ତ ପରିମାଣର ଖଣିଜ ଦ୍ରବ୍ୟ ଉତ୍ତୋଳନ କରାଯାଉ ନଥିବା କାରଣରୁ ରାଜ୍ୟ ସରକାରଙ୍କ ବିପୁଳ ରାଜସ୍ୱ ହାନି ଘଟୁଥିବାରୁ ଦାୟର ମାମଲାରେ ହାଇକୋର୍ଟ ୨୦୧୬ର ମିନେରାଲ କନସେସନ ରୁଲ୍ (ଖଣିଜ ରିହାତି ନିୟମ) ଧାରା ୧୨(୧)(ଇଇ)କୁ କଡାକଡି ପାଳନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ଯେଉଁ ଲିଜଧାରୀଙ୍କ କ୍ଷେତ୍ରରେ ଅନୁମତିଠାରୁ କମ ଖଣିଜ ଦ୍ରବ୍ୟ ଉତ୍ତୋଳନ ହେଉଛି ସେଠାରେ ଏନଏମଡିସି (ନ୍ୟାସନାଲ ମିନେରାଲ ଡେଭଲପମେଣ୍ଟ କର୍ପୋରେସନ) ମାଧ୍ୟମରେ ଉତ୍ତୋଳନ ସୁନିଶ୍ଚିତ କରିବା ପାଇଁ ସରକାରଙ୍କୁ ଗତ ଜାନୁଆରୀ ୨୯ରେ ନିର୍ଦ୍ଦେଶ ଦେଇଥିଲେ । ତେବେ ନିୟମାବଳୀ କାର୍ଯ୍ୟକାରୀ ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରାଯାଇ ନଥିବାରୁ ସରକାର ତତ୍ପରତା ପ୍ରକାଶ କରିବା ନେଇ ଆଶଙ୍କା ରହିଛି ବୋଲି ଦର୍ଶାଇ ଆବେଦନକାରୀ ଏକ ଅନ୍ତରୀଣ ଆବେଦନ କରିଥିଲେ । ଯାହାର ଆଜି ଶୁଣାଣି କରି ଉକ୍ତ ନିୟମାବଳୀକୁ ଆସନ୍ତା ୩ମାସ ମଧ୍ୟରେ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ଗତ ୨୯ ତାରିଖର ଆଦେଶକୁ ସାମାନ୍ୟ ପରିବର୍ତ୍ତନ କରିଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ସିଟିଜେନ୍ସ ଆକ୍ସନ ଫୋରମ ପକ୍ଷରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ମାମଲାରୁ ପ୍ରକାଶ ଯେ ରାଜ୍ୟରେ ୬୩ଟି ବୈଧ ଲୁହା ପଥର ଖଣିରୁ ପରିବେଶ ମଞ୍ଜୁରୀ ଅନୁସାରେ ବାର୍ଷିକ ପ୍ରାୟ ୨୪୬ ମିଲିୟନ ଟନ୍ ଆଇରନ୍ ଓର୍ ଉତ୍ପାଦନ କରାଯିବା କଥା କିନ୍ତୁ ୨୦୨୪-୨୫ ଆର୍ଥିକ ବର୍ଷରେ ମାତ୍ର ୧୫୯ ମିଲିଅନ ଟନ ଖଣିଜଦ୍ରବ୍ୟ ଏହି ସବୁ ଖଣିରୁ ଉତ୍ପାଦନ କରାଯାଇଛି ।

# ଆଇଏଏସସ୍ତରରେ ଅଦଳବଦଳ

■ ଭୁପେନ୍ଦ୍ର ପୁନିଆଙ୍କୁ କ୍ରୀଡ଼ା ବିଭାଗର ଅତିରିକ୍ତ ଦାୟିତ୍ୱ
■ ପ୍ରଶାନ୍ତ ରେଡ୍ଡୀ ଇଡ୍‌କୋ ଏମ୍‌ଡି, ରଶ୍ମିତା ଏମ୍‌ଏସ୍‌ଏମ୍‌ଇ ସଚିବ

ଭୁବନେଶ୍ୱର,୧୧।୨(ସମିସ): ରାଜ୍ୟ ସରକାର ବୁଧବାର ଆଇଏଏସ ସ୍ତରରେ ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୨୦୦୮ ବ୍ୟାଚର ଆଇଏଏସ ଭୁପେନ୍ଦ୍ର ସିଂ ପୁନିଆଙ୍କୁ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି । ଏହା ସହିତ ଗତ ୫ ତାରିଖରେ ଆଇଏଏସ ସଚିନ ରାମଚନ୍ଦ୍ର ଯାଦବଙ୍କୁ ରାଜ୍ୟ ସରକାର କ୍ରୀଡ଼ା ବିଭାଗର ଅତିରିକ୍ତ ଦାୟିତ୍ୱ ନିର୍ଦ୍ଦେଶ ରଦ୍ଦ ହୋଇଛି । ଅନୁରୂପ ଭାବରେ ୨୦୦୯ ମସିହା ବ୍ୟାଚର ଆଇଏଏସ ଡି. ପ୍ରଶାନ୍ତ କୁମାର ରେଡ୍ଡୀଙ୍କୁ ଇଡକୋର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ, ୨୦୧୦ ବ୍ୟାଚର ଆଇଏଏସ ରଶ୍ମିତା ପଣ୍ଡାଙ୍କୁ ଏମଏସଏମଇ ବିଭାଗର କମିଶନର ତଥା ସଚିବ ଦାୟିତ୍ୱ ପ୍ରଦାନ କରାଯାଇଛି । ସେ ଅତିରିକ୍ତ ଭାବେ ଓରସାକର ସିଇଓ ଓ ଷ୍ଟାର୍ଟ ଅପ ଓଡ଼ିଶାର ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ଜାରି ରଖିବେ । ଗତ ୫ ତାରିଖରେ ତାଙ୍କୁ ଭୁବନେଶ୍ୱର ଉନ୍ନୟନ ପ୍ରାଧିକରଣ(ବିଡିଏ) ଉପାଧ୍ୟକ୍ଷ ସହ ଅତିରିକ୍ତ ଭାବେ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ଦାୟିତ୍ୱ ପ୍ରଦାନ କରିଥିଲେ । ମାତ୍ର ପୂର୍ବୋକ୍ତ ନିର୍ଦ୍ଦେଶକୁ ଆଜି ରଦ୍ଦ କରାଯାଇଛି । ୨୦୧୨ ମସିହା ବ୍ୟାଚର ଆଇଏଏସ ସୁରେନ୍ଦ୍ର କୁମାର ମୀନାଙ୍କୁ ସିଏମଜିଆଇର କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ପ୍ରଶାସନିକ ଓ ଶାସନ ସଂସ୍କାର କମିଟିର ଆବାହାକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି । ୨୦୧୫ ବ୍ୟାଚର ଆଇଏଏସ ଆବୋଲି ସୁନୀଲ ନରଭଣେଙ୍କୁ ଇପିକଲର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି । ପୂର୍ବରୁ ଏହି ଦାୟିତ୍ୱ ଭୁପେନ୍ଦ୍ର ସିଂ ପୁନିଆଙ୍କୁ ଦିଆଯାଇଥିବା ବେଳେ ଶ୍ରୀ ନରଭଣେ ଦାୟିତ୍ୱ ନେବା ପରେ ସେ ଦାୟିତ୍ୱ ମୁକ୍ତ ହେବେ ବୋଲି ବିଜ୍ଞପ୍ତିରେ କୁହାଯାଇଛି ।

# ଭାରତ ବନ୍ଦ ପାଇଁ ଘୁଞ୍ଚିଲା ଉତ୍କଳର ସେମିଷ୍ଟାର ପରୀକ୍ଷା

ଭୁବନେଶ୍ୱର, ୧୧।୨(ସମିସ): ଆସନ୍ତାକାଲି ଅର୍ଥାତ୍ ଗୁରୁବାର ଦିନ ୧୦ଟି କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ଧର୍ମଘଟ ଡାକରା ଦିଆଯାଇଛି । ଏଥିପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ କରାଯାଇ ନ ଥିଲେ ମଧ୍ୟ ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଛି । ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ସମସ୍ତ ମହାବିଦ୍ୟାଳୟରେ ଗୁରୁବାର ହେବାକୁ ଥିବା +୩ ତୃତୀୟ ସେମିଷ୍ଟାର ପରୀକ୍ଷା ସୂଚୀରେ ପରିବର୍ତ୍ତନ କରାଯାଇଛି । ଆସନ୍ତାକାଲି ହେବାକୁ ଥିବା ଏହି ପରୀକ୍ଷା ଆସନ୍ତା ୧୯ ତାରିଖ ଅପରାହ୍ଣ ୨ ଟାରୁ ୫ ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ସୂଚନା ଦେଇଛନ୍ତି । ଏନେଇ ସମସ୍ତ ମହାବିଦ୍ୟାଳୟକୁ ମେଲ୍ ମାଧ୍ୟମରେ ଅବଗତ କରାଇ ତ୍ୱରିତ ପଦକ୍ଷେପ ନେବାକୁ କହିଛନ୍ତି । ସେହିପରି ଏହି ବନ୍ଦକୁ ଓଡ଼ିଶାର ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରୁଥିବା ପାଚିକା ଓ ସହାୟିକା ସଂଘ ପକ୍ଷରୁ ସମର୍ଥନ ଦିଆଯାଇଛି । ଫଳରେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ ରୋଷେଇ କରିବାକୁ ବିକଳ୍ପ ବ୍ୟବସ୍ଥା କରାଯାଇଛି ।

■ ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ଚୟନରେ ଅଂଶଗ୍ରହଣ ପ୍ରସଂଗ

# ଏନ୍‌ଓସି ପ୍ରଦାନ ପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳସଚିବଙ୍କୁ ନିର୍ଦ୍ଦେଶ

କଟକ,୧୧।୨(ସମିସ): ସତ୍ୟବାଦୀସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପଦ ପାଇଁ ହେବାକୁ ଥିବା ସାକ୍ଷାତକାର ତଥା ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ଆବେଦନକାରୀ ଡ. ସଦାନନ୍ଦ ନାଏକଙ୍କୁ ଆବଶ୍ୟକୀୟ ନୋ ଅବଜେକ୍ସନ ସାର୍ଟିଫିକେଟ(ଏନଓସି) ଏବଂ କ୍ଲିୟରାନ୍ସ ସାର୍ଟିଫିକେଟ ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳସଚିବ ଆସନ୍ତା ତିନି ଦିନ ମଧ୍ୟରେ ଆବେଦନକାରୀଙ୍କୁ ଉକ୍ତ ପ୍ରମାଣପତ୍ର ପ୍ରଦାନ କରାଯିବ ଯାହାଫଳରେ ସେ ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ ବୋଲି କହିଛନ୍ତି ହାଇକୋର୍ଟ । ଡ.ନାୟକଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ।

ମାମଲାରୁ ପ୍ରକାଶ ଯେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପଦ ପାଇଁ ଡ. ନାୟକ ଆବେଦନ କରିଥିଲେ । ଆସନ୍ତା ଫେବୃଆରୀ ୧୬ରେ ଭୁବନେଶ୍ୱରସ୍ଥିତ ରାଜ୍ୟ ଅତିଥି ଭବନରେ ସର୍ଚ୍ଚ-କମ-ସିଲେକ୍ସନ କମିଟି ସହିତ ତାଙ୍କର ସାକ୍ଷାତକାର ଧାର୍ଯ୍ୟ ହୋଇଛି । ନିୟମ ଅନୁଯାୟୀ ସାକ୍ଷାତକାର ପୂର୍ବରୁ ନିଜ ନିଯୁକ୍ତିଦାତାଙ୍କଠାରୁ ଏନଓସି ଏବଂ କୌଣସି ଅଭିଯୋଗ ବିଚାରାଧୀନ ନଥିବା ପ୍ରମାଣପତ୍ର ଦାଖଲ କରିବା ଆବଶ୍ୟକ । ତେବେ ସେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଏନଓସି ପାଇଁ ଆବେଦନ କରିଥିଲେ ସୁଦ୍ଧା ତାଙ୍କ ବିରୋଧରେ କିଛି ଅଭିଯୋଗ ନଥାଇବି ଏହି ପ୍ରମାଣପତ୍ର ଦିଆଯାଇ ନଥିଲା । ପୂର୍ବରୁ ମଧ୍ୟ ଏନଓସି ଅଭାବରୁ ସେ କଳାହାଣ୍ଡିର ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଚୟନ ପ୍ରକ୍ରିୟାରୁ ବଞ୍ଚିତ ହୋଇଥିଲେ ବୋଲି ଅଭିଯୋଗ କରିଥିଲେ । ଏହି ମାମଲାରେ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆଶୁତୋଷ ସାହୁ ଏବଂ ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ଡି.କେ ସାହୁ ପକ୍ଷ ରଖିଥିଲେ ।

# ସାଇବର ଅପରାଧ ମୁକାବିଲା ପାଇଁ ଅତିରିକ୍ତ ୨୦ ଥାନା ଖୁବଶୀଘ୍ର

■ ପୁଲିସ ମୁଖ୍ୟାଳୟରେ ଉଚ୍ଚସ୍ତରୀୟ ସମୀକ୍ଷା
■ ବେନାମୀ ବ୍ୟାଙ୍କ ଖାତା ଓ ସିମ କାର୍ଡ ବ୍ୟବହାରକାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

କଟକ,୧୧।୨(ସମିସ): ରାଜ୍ୟରେ ବଢ଼ୁଥିବା ସାଇବର ଠକେଇ ଓ ଅର୍ଥନୈତିକ ଅପରାଧକୁ ରୋକିବା ପାଇଁ ଓଡ଼ିଶା ପୁଲିସ ପ୍ରସ୍ତୁତ କରିଛି ବ୍ଲୁ ପ୍ରିଣ୍ଟ । ଏହି ପରିପ୍ରେକ୍ଷୀରେ ଆଜି ରାଜ୍ୟ ପୁଲିସ ମୁଖ୍ୟାଳୟରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମାନ ନିଆଯାଇଛି । ରାଜ୍ୟର ୨୦ଟି ପୁଲିସ ଜିଲ୍ଲାରେ ନୂତନ ସାଇବର ଥାନା ସ୍ଥାପନ ପାଇଁ ସରକାର ଅନୁମୋଦନ ପ୍ରଦାନ କରିଛନ୍ତି । ଖୁବଶୀଘ୍ର ଏହି ଥାନାଗୁଡ଼ିକୁ ଉଦଘାଟନ କରାଯାଇ ସାଧାରଣ ଲୋକଙ୍କ ସେବାରେ ନିୟୋଜିତ କରାଯିବ । ସିଇଆଇଆର ପୋର୍ଟାଲ ମାଧ୍ୟମରେ ଚୋରି ହୋଇଥିବା ମୋବାଇଲ ଫୋନ ଟ୍ରାକିଂ, ବେନାମୀ ବ୍ୟାଙ୍କ ଖାତା ଓ ବେନାମୀ ସିମ କାର୍ଡ ବ୍ୟବହାରକାରୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବା ଉପରେ ବୈଠକରେ ଆଲୋଚନା କରାଯାଇଛି । ସେହିଭଳି କ୍ରାଇମବ୍ରାଞ୍ଚର ତତ୍ତ୍ୱାବଧାନରେ ଚଳିତ ମାସ ୨୦ରୁ ୨୭ ତାରିଖ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଡ୍ରାଇଭ ଆୟୋଜନ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟରେ ବର୍ତ୍ତମାନ ୧୪ଟି ସାଇବର ଓ ଅର୍ଥନୈତିକ ଅପରାଧ ଥାନା କାର୍ଯ୍ୟ କରୁଛି । ଏହି ସାଇବର ଥାନାଗୁଡ଼ିକର କାର୍ଯ୍ୟଶୈଳୀ ଓ ସାଇବର ଅପରାଧ ନିୟନ୍ତ୍ରଣ ପଦକ୍ଷେପ ନେଇ ମଧ୍ୟ ସମୀକ୍ଷା କରାଯାଇଥିଲା । ସାଇବର ଥାନାଗୁଡ଼ିକର ଭିତ୍ତିଭୂମି ମଜବୁତ କରିବା, ଅତ୍ୟାଧୁନିକ ସଫ୍ଟୱେୟାର ଓ ହାର୍ଡୱେୟାର କ୍ରୟ, ଆବଶ୍ୟକ କର୍ମଚାରୀ ନିୟୋଜନ ଇତ୍ୟାଦି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା । ଏହି ବୈଠକରେ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର, ଏଡିଜି (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇଜିପି (କ୍ରାଇମବ୍ରାଞ୍ଚ) ସଫିନ ଅହମ୍ମଦ କେ., ଆଇଜିପି (ଟ୍ରେନିଂ, ବିପିଏସପିଏ) ଅନୁପ କୁମାର ସାହୁ, ଆଇଜିପି (କ୍ରାଇମବ୍ରାଞ୍ଚ) ସାର୍ଥକ ଷଡ଼ଙ୍ଗୀଙ୍କ ସମେତ ସମସ୍ତ ରେଞ୍ଜ ଆଇଜି, ଡିଆଇଜି ଓ ଜିଲ୍ଲା ଏସପିମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ ।




# ୧୬ରେ ସର୍ବଦଳୀୟ ବୈଠକ

■ ଗୃହ ସୁରୁଖୁରୁରେ ଚାଲିବା ପାଇଁ ସହଯୋଗ ଲୋଡ଼ିବେ ବାଚସ୍ପତି
■ ସନ୍ଧ୍ୟାରେ ବସିବ ବିଜେଡି, କଂଗ୍ରେସ ବିଧାୟକ ଦଳ ବୈଠକ


ଭୁବନେଶ୍ୱର,୧୧।୨(ସମିସ): ଆସନ୍ତା ୧୭ ତାରିଖରୁ ସପ୍ତଦଶ ବିଧାନସଭାର ଷଷ୍ଠ ଅଧିବେସନ ତଥା ବଜେଟ ଅଧିବେଶନ ଆରମ୍ଭ ହେବ । ଏହାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ୧୬ ତାରିଖ ପୂର୍ବାହ୍ନ ସାଢ଼େ ୧୧ଟାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି । ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଉକ୍ତ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ୧୧ଜଣ ନେତୃବୃନ୍ଦ ସାମିଲ ରହିବେ । ଏହି ଅବସରରେ ୨୦୨୬-୨୭ ଆର୍ଥିକବର୍ଷ ଲାଗି ଅନୁଷ୍ଠିତ ହେବାକୁ ଥିବା ବଜେଟ ଅଧିବେଶନ କିଭଳି ଶୃଙ୍ଖଳିତ ଓ ସୁରୁଖୁରୁରେ ଚାଲିବ ତାହା ଉପରେ ବିସ୍ତୃତ ଆଲୋଚନା ହେବ ।


ସୂଚନା ଅନୁଯାୟୀ, ସର୍ବଦଳୀୟ ବୈଠକରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧ ସିଂହଦେଓ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସରକାରୀଦଳ ମୁଖ୍ୟସଚେତକ ସରୋଜ କୁମାର ପ୍ରଧାନ, ବିରୋଧୀଦଳ ମୁଖ୍ୟସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ଭାଜପା ବିଧାୟକ ଜୟନାରାୟଣ ମିଶ୍ର ଏବଂ ସିପିଆଇ(ଏମ) ବିଧାୟକ ଲକ୍ଷ୍ମଣ ମୁଣ୍ଡା ଉପସ୍ଥିତ ରହିବାକୁ ବାଚସ୍ପତିଙ୍କ ଦପ୍ତରରୁ ଅନୁରୋଧ କରାଯାଇଛି ।


ଅପରପକ୍ଷେ ୧୬ ତାରିଖ ସନ୍ଧ୍ୟା ୫ଟା ବେଳେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଜେଡି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ । ବୈଠକରେ ଆସନ୍ତା ଅଧିବେଶନରେ ସରକାରଙ୍କୁ ଘେରିବା ପାଇଁ ରଣନୀତି ପ୍ରସ୍ତୁତ କରାଯିବ ବୋଲି ଜଣାପଡ଼ିଛି । ସେହିପରି ୧୬ ତାରିଖ ସନ୍ଧ୍ୟାରେ କଂଗ୍ରେସ ମଧ୍ୟ ନିଜ ବିଧାୟକ ଦଳ ବୈଠକରେ ସରକାରଙ୍କୁ ଘେରିବା ପାଇଁ ରଣନୀତି ଚୂଡ଼ାନ୍ତ କରିବ ବୋଲି ଦଳୀୟ ବିଧାୟକ ଅଶୋକ ଦାସ ସୂଚନା ଦେଇଛନ୍ତି ।

## ଜୁନ୍‌ରେ ଲୋକାର୍ପିତ ହେବ ରାୟପୁର-ବିଶାଖାପାଟଣା ଭାରତମାଳା ଏକ୍ସପ୍ରେସ୍ ହାଇୱେ

# ବିଶ୍ୱସ୍ତରୀୟ ଜ୍ଞାନ କୌଶଳରେ ନିର୍ମାଣ ବ୍ରିଜ୍ ଓ ଟନେଲ୍









କୋରାପୁଟ,୧୧।୨(ସମିସ):ଗ୍ରୀନ୍ ଫିଲ୍ଡ ଆକ୍ସେସ୍-କଣ୍ଟ୍ରୋଲ୍ଡ ୬ ଲେନ୍ ବିଶିଷ୍ଟ ରାୟପୁର ଠାରୁ ବିଶାଖାପାଟନ୍‌ମ ଆର୍ଥିକ କରିଡର ଆସନ୍ତା ଜୁନ ମାସରେ ଲୋକାର୍ପିତ ହେବ। ଏହା ଓଡ଼ିଶାରେ ସଂଯୋଗତା ଓ ଆଞ୍ଚଳିକ ଉନ୍ନତିକୁ ତ୍ୱରାନ୍ୱିତ କରିବ ବୋଲି ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ ପ୍ରକଳ୍ପ ନିର୍ଦ୍ଦେଶକ ଆର. ଭେଙ୍କେଟେଶ୍ୱରଲୁ ସୂଚନା ଦେଇଛନ୍ତି। କୋରାପୁଟ ଜିଲ୍ଲାର ୮୦ରୁ ଅଧିକ ଗଣ ମାଧ୍ୟମ ପ୍ରତିନିଧି ମାନଙ୍କୁ ନେଇ ବୁଧବାର ଜାତୀୟ ରାଜପଥ କର୍ତ୍ତୃପକ୍ଷ ମୁଖ୍ୟତଃ ଦୁଇଟି ଟନେଲ ଓ ରାସ୍ତା ପରିଭ୍ରମଣ କରାଇ ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି। ଭାରତ ସରକାରଙ୍କ ରୋଡ ଟ୍ରାନ୍ସପୋର୍ଟ ଏବଂ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଅଧୀନରେ, ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ମିତ ଭାରତମାଳା ଏକ୍ସପ୍ରେସ ହାଇୱେ ବିଶ୍ୱସ୍ତରୀୟ ଜ୍ଞାନ କୌଶଳରେ ଜାତୀୟ ଓ ଅନ୍ତର୍ଜାତୀୟ ଇଞ୍ଜିନିୟରଙ୍କୁ ନେଇ ନିର୍ମାଣ କରାଯାଉଛି। ପ୍ରାୟ ୪୬୫ କିମି ଲମ୍ବା ଏହି କରିଡର ଛତିଶଗଡ଼, ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ରାଜ୍ୟକୁ ସଂଯୋଗ କରୁଛି। ରାୟପୁର ନିକଟସ୍ଥ ଅଭନପୁର ଠାରୁ ବିଶାଖାପଟନମ ନିକଟସ୍ଥ ସବ୍ବାବରମ୍ ପର୍ଯ୍ୟନ୍ତ ପ୍ରାୟ ୧୬ ହଜାର କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ଏହି ପ୍ରକଳ୍ପ ସମତଳ ଅଞ୍ଚଳରେ ଘଣ୍ଟା ପ୍ରତି ୧୦୦ କିମି ଓ ପାହାଡ଼ିଆ ଅଞ୍ଚଳରେ ଘଣ୍ଟା ପ୍ରତି ୮୦ କିମି. ଗତି ପାଇଁ ଡିଜାଇନ୍ କରାଯାଇଛି, ଏହି କରିଡର ଓଡ଼ିଶାର ନବରଙ୍ଗପୁର ଓ କୋରାପୁଟ ଜିଲ୍ଲା ଦେଇ ଯାଉଛି। ଏହି ପ୍ରକଳ୍ପକୁ ହାଇବ୍ରିଡ୍ ଆନ୍ୟୁଇଟି ମଡେଲ ଅଧୀନରେ ୧୫ଟି ପ୍ୟାକେଜ୍ ଭାଗରେ ନିର୍ମାଣ କରାଯାଉଛି। ଛତିଶଗଡ଼ରେ ୩ଟି, ଓଡ଼ିଶାରେ ୮ଟି ଓ ଆନ୍ଧ୍ରପ୍ରଦେଶରେ ୪ଟି ପ୍ୟାକେଜ୍ ରହିଛି। ମୋଟ ୩ଟି ଟନେଲ୍ ମଧ୍ୟରୁ ଛତିଶଗଡ଼ରେ ଗୋଟିଏ ଓ ଓଡ଼ିଶାରେ ୨ଟି ନିର୍ମାଣ ହେଉଛି। ଓଡ଼ିଶା ଅଂଶ ଜୁନ ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ ହେବାର ଲକ୍ଷ୍ୟ ରହିଛି। କୋରାପୁଟ ଜିଲ୍ଲାରେ ୭ଟି ଇଣ୍ଟରଚେଞ୍ଜ (ପ୍ରବେଶ/ପ୍ରସ୍ଥାନ ସ୍ଥାନ) ରହିଛି। ସ୍ଥାନୀୟ ସଂଯୋଗତାକୁ ସୁଦୃଢ଼ କରିବା ପାଇଁ କୋରାପୁଟ ଜିଲ୍ଲାର ପ୍ରସ୍ତାବିତ ୧କିମି ୨୪୭.୭ ନିକଟରେ, ବୋରିଗୁମ୍ମା ତହସିଲ୍ ଅନ୍ତର୍ଗତ କାଳିଆଗୁରା ଗ୍ରାମ ଏନ୍ଏଚ୍ ୨୬ ସହିତ ସଂଯୋଗ ୨କିମି ୨୬୦.୪ନିକଟରେ, ବୋରିଗୁମ୍ମା ତହସିଲ୍ ଅନ୍ତର୍ଗତ ବେନାସୁର ଗ୍ରାମ ମେଜର ଡିଷ୍ଟ୍ରିକ୍ଟ ରୋଡ ସହିତ ସଂଯୋଗ ୩ କିମି ୨୯୦.୨ ନିକଟରେ, କୋରାପୁଟ ତହସିଲ୍ ଅନ୍ତର୍ଗତ ତାଳା ଗ୍ରାମ ଏନଏଚ ୩୨୬ ସହିତ ସଂଯୋଗ ୪ କିମି ୩୧୦.୬ ନିକଟରେ, ସେମିଳିଗୁଡ଼ା ତହସିଲ୍ ଅନ୍ତର୍ଗତ ନାଲକୋ ଛକ ନିକଟସ୍ଥ ଲୁଙ୍ଗୁରୀ ଗ୍ରାମ ଏନଏଚ୨୬ ସହିତ ସଂଯୋଗ ୫କିମି ୩୧୯.୫ ନିକଟରେ, ସେମିଳିଗୁଡ଼ା ତହସିଲ୍ ଅନ୍ତର୍ଗତ କୁଣ୍ଡୁଳି ଗ୍ରାମ ଏନଏଚ ୨୬ ସହିତ ସଂଯୋଗ ୬କିମି ୩୩୭.୧ ନିକଟରେ, ପଟ୍ଟାଙ୍ଗୀ ତହସିଲ୍ ଅନ୍ତର୍ଗତ ବରାଜା ଗ୍ରାମ ମେଜର ଡିଷ୍ଟ୍ରିକ ରୋଡ ସହିତ ସଂଯୋଗ ୭ କି ମି. ୩୫୨.୮ ନିକଟରେ, ପଟ୍ଟାଙ୍ଗୀ ତହସିଲ୍ ଅନ୍ତର୍ଗତ ଆମ୍ବାବାଲି ନିକଟସ୍ଥ ତଳଗୋଲାର ଗ୍ରାମ ମେଜର ଡିଷ୍ଟ୍ରିକ୍ ରୋଡ ସହିତ ସଂଯୋଗ ଏହି ଇଣ୍ଟରଚେଞ୍ଜ ଗୁଡ଼ିକ ଦ୍ୱାରା ସ୍ଥାନୀୟ ଯାତାୟାତ ସୁଗମ ହେବ । ଏଠାରେ ଓଡ଼ିଶାର ପ୍ରଥମ ଛଅ-ଲେନ୍ ଟ୍ୱିନ୍-ସେଲ୍ ହାଇୱେ ଟନେଲ୍‌ର ଦୂରତା ୩.୪୨ କିମି । ଟନେଲ୍‌ରେ କ୍ରସ୍ ପାସେଜ୍, ଜେଟ୍ ଫ୍ୟାନ୍, ଆଧୁନିକ ଅଗ୍ନିନିର୍ବାପଣ ପ୍ରଣାଳୀ ଏବଂ ଦୁଇ ପାଶ୍ୱର୍ରେ କଣ୍ଟ୍ରୋଲ୍ ସେଣ୍ଟର ରହିଛି। ଓଡ଼ି- ୮ପ୍ୟାକେଜ୍ କାଣ୍ଡିଲି ଠାରୁ ଟୁମ୍ବିଗୁରା ପର୍ଯ୍ୟନ୍ତ ୨୨.୫ କିମ ଲମ୍ବା ଏହି ଅଂଶ ପୂର୍ବ ଘାଟର କଠିନ ଭୂପୃଷ୍ଠ ମାଧ୍ୟମରେ ନିର୍ମିତ। ଏଥିରେ ହାଇୱେ, ବଡ଼ ଡାଞ୍ଚା, ଟନେଲ୍, ଭିଆଡକ୍ଟ, ବଡ଼ ଓ ଛୋଟ ବ୍ରିଜ୍, ବକ୍ସ କଲଭର୍ଟ, ଭେହିକଲ୍ ଅଣ୍ଡରପାସ୍, ବନ୍ୟପ୍ରାଣୀ କ୍ରସିଂ, ମଙ୍କି କ୍ୟାନୋପି ଓ ନୋଇଜ୍ ବ୍ୟାରିଅର୍ ସାମିଲ ଅଛି। ଅନ୍ୟ ମାନଙ୍କ ମଧ୍ୟରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଧାରାଣୀ ସରକାର, ଲାଇବ୍ରେରିଆନ ସତ୍ୟ ନାରାୟଣ ପ୍ରଧାନ, ଜାତୀୟ ରାଜପଥ ମ୍ୟାନେଜର ଦୀପକ ସ୍ୱରୂପ, ସାଇଟ୍ ଇଞ୍ଜିନିୟର ବିଭୁ ପ୍ରମୁଖ ଉପସ୍ଥିତ ଥିଲେ।

## କୋଷାଗୁମୁଡ଼ା ହଳଦୀ ବିଦେଶ ଯିବ




କୋଷାଗୁମୁଡ଼ା।୧୧।୨(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକରୁ ଉତ୍ପାଦିତ ହଳଦୀ ବିଦେଶ ଯିବ। ଏହାର ବଜାର ବ୍ୟବସ୍ଥା ପାଇଁ ଓରମାସ୍ ଆଗେଇ ଆସିଥିବା ବେଳେ ଚାଷୀମାନଙ୍କ ଠାରୁ ୫୦ ଟନ୍ ହଳଦୀ କିଣିବ। ଏହାପରେ ଦେଶ ଓ ବିଦେଶ ବଜାରରେ ବିକ୍ରି କରାଯିବ। ଏଥିପାଇଁ ଏକ ତାଲିମ ଶିବିର କୋରାପୁଟ ଜିଲ୍ଲା ପଟାଙ୍ଗୀରେ ଥିବା ହାଇ ଏଟିଚ୍ୟୁଡ୍ ରିସର୍ଚ୍ଚ ଷ୍ଟେସନ୍ (ଏଚଏଆରଏସ) ପକ୍ଷରୁ ଓରମାସ୍ ସହଯୋଗରେ କୋଷାଗୁମୁଡ଼ା ବ୍ଲକର ରାଜୋଡ଼ା ଠାରେ ଅନୁଷ୍ଠିତ ହୋଇଯାଇଛି। ହାର୍ସ ଅନୁଷ୍ଠାନର ନିର୍ଦ୍ଦେଶକ ଓ ଆରଆରଟିଏସ ସେମିଳିଗୁଡ଼ାର ଏଡିଆର୍ ଡ.ପର୍ଶୁରାମ ସିଆଲ୍, ଉମରକୋଟ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ.ଶଶାଙ୍କ, ଓରମାସ୍ ଡେପୁଟି ସିଇଓ ରୋଶନ କୁମାର କାର୍ତ୍ତିକ, ବିଜିନେସ୍ ମ୍ୟାନେଜର ସିଏଚ୍ ରମେଶ ରାଓ, ଏଫପିଓ ବିଶ୍ୱରଂଜନ ନାଗ, ଅବସରପ୍ରାପ୍ତ କୃଷି ଅଧିକାରୀ ଅଶୋକ ପଟ୍ଟନାୟକ ,ସ୍ଥାନୀୟ ସରପଞ୍ଚ ବନମାଳୀ ଭତ୍ରା ପ୍ରମୁଖ ତାଲିମ ଶିବିରରେ ଯୋଗ ଦେଇଥିଲେ। ଉତ୍ପାଦିତ ହଳଦୀକୁ ସିଝାଇବା, ସୁଖାଇବା ପ୍ରକ୍ରିୟା କିଭଳି କରିବେ ସେ ସମ୍ପର୍କରେ ଚାଷୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଚାଷୀଙ୍କୁ ନେଇ ଗଠିତ ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀକୁ ହାର୍ସ ପକ୍ଷରୁ ୫ଲକ୍ଷର ବୟଲର ଯୋଗାଇ ଦିଆଯିବ। ଏହି ବୟଲରରେ ଚାଷୀମାନେ ହଳଦୀକୁ ସିଝାଇବା ପରେ ସୁଖାଇବେ। ସୁଖାଇବା ହଳଦୀକୁ ପ୍ରଡ୍ୟୁସର ଗ୍ରୁପ୍ ନିକଟରୁ କିଣିବ ଓରମାସ୍। ଏହାକୁ କିଣି ଦେଶ ଓ ବିଦେଶ ବଜାରରେ ବିକ୍ରି କରିବାକୁ ଓରମାସ୍ ଲକ୍ଷ୍ୟ ରଖିଛି।

## ପାଟୱାନିଆ ପରିବାର ପକ୍ଷରୁ ବିଭିନ୍ନ ସାମଗ୍ରୀ ବଣ୍ଟନ



ସେମିଳିଗୁଡ଼ା,୧୧।୨(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଲିଭ ଫର ଅଦର୍ସ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ସେମିଳିଗୁଡାର ବିଶିଷ୍ଟ ବ୍ୟବସାୟୀ ଓ ସମାଜସେବୀ ଆନନ୍ଦ ପାଟୱାନିଆଙ୍କ ସୌଜନ୍ୟରୁ ଖୁଡିପଦର ଆଦର୍ଶ ବିଦ୍ୟାଳୟରେ କମ୍ବଳ, ଖାତା, ପେନ୍, ଶାଲ,ଖେଳନା ଉପକରଣ ବଣ୍ଟନ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷା ପ୍ରୀତି ଦାଶ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମ ସମ୍ବନ୍ଧରେ ଲିଭ ଫର ଅଦର୍ସର ସାଧାରଣ ସମ୍ପାଦିକା ସ୍ନିଗ୍ଧାରାଣୀ ମିଶ୍ର ବୁଝାଇଥିଲେ। ଶ୍ରୀ ପାଟୱାନିଆଙ୍କର ଉଚ୍ଚ ପ୍ରଶଂସା କରିଥିଲେ। ଶ୍ରୀ ପାଟୱାନିଆ, ତାଙ୍କ ଧର୍ମପତ୍ନୀ ,ଝିଅ ଓ ପୁଅ ରିତିକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବିଦ୍ୟାଳୟର ୧୪୦ ଜଣ ଛାତ୍ରଛାତ୍ରୀମାନଙ୍କୁ ବଡ଼କମ୍ବଳ, ଖାତା ପେନ୍, ଚେସ ବୋର୍ଡ, ଲୁଡୁ ବୋର୍ଡ, କ୍ୟାରମ୍ ବୋର୍ଡ ବଣ୍ଟନ କରାଯାଇଥିଲା। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶାଲ ପ୍ରଦାନ କରି ଶ୍ରୀ ପାଟୱାନିଆ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟ ତରଫରୁ ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଏହି ବିଦ୍ୟାଳୟରେ ଦୂରଦୂରାନ୍ତରୁ ଆସି ଆଦିବାସୀ ପିଲାମାନେ ରହି ପାଠ ପଢୁଛନ୍ତି।

## ଜଳିଗଲା ବ୍ୟାଟେରୀ ସ୍କୁଟି ସହ ସାମଗ୍ରୀ



ରାୟଗଡ଼ା,୧୧।୨(ସମିସ): ରାୟଗଡ଼ା ଜିଲ୍ଲା ସଦର ମହକୁମା ଉପକଣ୍ଠ ପିତାମହଲ ଗ୍ରାମ ବାସିନ୍ଦା ତଥା ବରିଷ୍ଠ ଆଇନଜୀବୀ ବିଭୁ ପ୍ରଧାନଙ୍କ ଶଡୁ ଭାଇ ସୁବାସ ଚନ୍ଦ୍ର ବିଶ୍ୱାଳଙ୍କ ଘର ସମ୍ମୁଖରେ ଥିବା ଏକ ବ୍ୟାଟେରୀ ଚାଳିତ ସ୍କୁଟି ଜଳି ପୋଡ଼ି ପାଉଁଶ ହୋଇଯାଇଛି। ମଙ୍ଗଳବାର ବିଳମ୍ବିତ ରାତି ପ୍ରାୟ ୧ଟା ସମୟରେ ଏକ ବଡ଼ ଶବ୍ଦ ଶୁଣି ସୁବାସ ଘର ବାହାରକୁ ଆସି ଦେଖିବା ବେଳେ ତାଙ୍କର ୧୫ ଦିନ ତଳେ କିଣିଥିବା ବ୍ୟାଟେରୀ ଚାଳିତ ସ୍କୁଟି ନିଆଁରେ ହୁତୁ ହୁତୁ ହୋଇ ଜଳୁଥିବା ଦେଖିଥିଲେ। ଏହା ସହିତ ସେହି ନିକଟରେ ଥିବା ଫ୍ରିଜ୍, ୱାସିଂ ମେସିନ, ପ୍ଲାଷ୍ଟିକ ଚେୟାର ସମେତ ଅନ୍ୟ କିଛି ସାମଗ୍ରୀ ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏନେଇ ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ଅଗ୍ନିଶମ ବାହିନୀ ଆସି ନିଆଁ ଲିଭାଇଥିଲେ। ହେଲେ ସେତେବେଳକୁ ସ୍କୁଟି ଓ ଅନ୍ୟାନ୍ୟ ସାମଗ୍ରୀ ସବୁ ସମ୍ପୂର୍ଣ ପୋଡ଼ି ନଷ୍ଟ ହୋଇଯାଇଥିଲା। ତେବେ କେଉଁ କାରଣରୁ ନିଆଁ ଲାଗିଛି ତାହା ଅସ୍ପଷ୍ଟ ଅଛି। କାରଣ ସୁବାଷଙ୍କ କହିବାନୁସାରେ ସେ ରାତିରେ ଶୋଇବାକୁ ଯିବା ବେଳେ ସବୁ ଠିକ୍ ଥିଲା ଏବଂ ବ୍ୟାଟେରୀ ସ୍କୁଟି ମଧ୍ୟ ଚାର୍ଜରେ ବସିଥିଲା। ତେବେ ଏହା ସର୍ଟ ସର୍କିଟ ଯୋଗୁଁ ହୋଇ ଥାଇ ପାରେ କିମ୍ବା ଅନ୍ୟ କୌଣସି କାରଣ ତାହା ଅସ୍ପଷ୍ଟ ରହିଥିବା ଜଣାପଡିଛି

● ଆରଟିଓଙ୍କ ପକ୍ଷରୁ 'ଡ୍ରଙ୍କ୍ ଆଣ୍ଡ ଡ୍ରାଇଭ୍' ଯାଞ୍ଚ

## ଜାନୁଆରୀରେ ଦୁର୍ଘଟଣାରେ ଯାଇଛି ୧୮ ଜୀବନ

ରାୟଗଡ଼.୧୧।୨(ସମିସ): ରାୟଗଡ଼ା ଜିଲ୍ଲାରେ ଦିନକୁ ଦିନ ବୃଦ୍ଧି ପାଉଥିବା ସଡ଼କ ଦୁର୍ଘଟଣାକୁ ହ୍ରାସ କରିବା ନିମନ୍ତେ ରାୟଗଡ଼ା ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ) ବିନୟ କୁମାର ପାଲଙ୍କ ନିର୍ଦ୍ଦେଶ କ୍ରମେ ବିଭାଗୀୟ ଅଧିକାରୀମାନଙ୍କ ଦ୍ୱାରା ଜିଲ୍ଲାର ବିଭିନ୍ନ ସ୍ଥାନରେ ସଡ଼କ ସୁରକ୍ଷା ନିୟମ ପାଳନକୁ ନେଇ କଡାକଡି ଯାଞ୍ଚ କରାଯାଉଛି। ଆଜି ନିଜେ ଆରଟିଓ ବିନୟ କୁମାର ନିଜ ବିଭାଗୀୟ ଅଧିକାରୀଙ୍କ ସହ ୩୨୬ ନମ୍ବର ଜାତୀୟ ରାଜପଥ ମୁଖ୍ୟ ରାସ୍ତାରେ ଯାଂଚ କରିଥିଲେ। ଏହି ସମୟରେ ଡ୍ରଙ୍କ ଆଣ୍ଡ ଡ୍ରାଇଭ କରୁଥିବା ଅମାନିଆ ଚାଳକଙ୍କୁ ଯାଂଚ କରାଯାଇଥିଲା। ଯାଂଚ ବେଳେ ମଦ୍ୟପାନ କରି ଗାଡି ଚଳାଉଥିବା ଡ୍ରାଇଭରମାନଙ୍କୁ ମେସିନ ସାହାର୍ଯ୍ୟରେ ଟେଷ୍ଟିଂ କରାଯାଇଥିଲା। ସେହିପରି ଗତକାଲି ରାୟଗ?।-ଜେକେପୁର ମୁଖ୍ୟ ରାସ୍ତାର ସ୍ଥାନୀୟ ଜେକେପୁର ନିକଟରେ ଶବ୍ଦ ପ୍ରଦୁଷଣ କରୁଥିବା ଏବଂ ବିନା ହେଲମେଟରେ ଦ୍ରୁତଗତିରେ ଯାଉଥିବା ୫ଟି ବୁଲେଟ ଗାଡି ଚାଳକଙ୍କୁ ଧରାଯାଇ ସେମାନଙ୍କୁ



ଜୋରିମାନା ଆଦାୟ କରାଯାଇ ଉକ୍ତ ଗାଡିଗୁଡିକୁ ଜବତ କରାଯାଇ ଥାନାରେ ଅଟକ ରଖାଯାଇଥିବା ଜଣାପଡିଛି। ଗତବର୍ଷ ଜିଲ୍ଲାରେ ସଡକ ଦୁର୍ଘଟଣାରେ ୧୫୦ଜଣଙ୍କ ଜୀବନ ଚାଲି ଯାଇଥିବା ବେଳେ ଚଳିତ ବର୍ଷ କେବଳ ଜାନୁଆରୀ ମାସରେ ଜିଲ୍ଲାରେ ବିଭିନ୍ନ ସଡକ ଦୁର୍ଘଟଣାରେ ୧୮ ଜଣଙ୍କ ମୃତ୍ୟୁ ହୋଇଛି। ଏକ ମାସରେ ମୃତ୍ୟୁ ସଂଖ୍ୟା ଉପରମୁହାଁ ଥିବାରୁ ସଡକ ଦୁର୍ଘଟଣା ନିୟମକୁ ମାନି ଚଳିବା ପାଇଁ ଆରଟିଓ ବିନୟ କୁମାର ଜନସାଧାରଣଙ୍କୁ ଅପିଲ କରିଥିବା ବେଳେ ପରିବହନ ବିଭାଗ ଦ୍ୱାରା ବକେୟା ଇ-ଚାଲାଣ ଏକକାଳୀନ ପୈଠ କରିବା କ୍ଷେତ୍ରରେ ସରକାର ରିହାତି ଦେଇଥିବା ବେଳେ ଏହି ପରିପ୍ରେକ୍ଷୀରେ ରାୟଗ?। ଜିଲ୍ଲାରେ ଗତ ବର୍ଷ ଅକ୍ଟୋବର ୧୫ତାରିଖ ଠାରୁ ଚଳିତ ବର୍ଷର ଫେବୃଆରୀ ମାସ ୮ତାରିଖ ମଧ୍ୟରେ ୪୫୨୪ଜଣଙ୍କ ଠାରୁ ୧ କୋଟି ୨୧ଲକ୍ଷ ୨ହଜାର ୮୩୬ଟଙ୍କା ଆଦାୟ ହୋଇଥିବା ଆରଟିଓ ବିନୟ କୁମାର ସୂଚନା ପ୍ରଦାନ କରିଛନ୍ତି। ଗତ ଜାନୁଆରୀ ମାସକୁ ଜାତୀୟ ସଡକ ସୁରକ୍ଷା ମାସ ଭାବେ ଜିଲ୍ଲାରେ ପାଳନ କରାଯାଇ ବ୍ୟାପକ ସଚେତନତା କରାଯାଇଥିଲେ ମଧ୍ୟ ଲୋକେ ହେଲମେଟ ପିନ୍ଧିବା,ସିଟ ବେଲଟ୍ ପିନ୍ଧିବା,ଗାଡି ଚଳାଇବା ବେଳେ ମୋବାଇଲ ବ୍ୟବହାର ନ କରିବା,ଦ୍ରୁତଗତିରେ ଗାଡି ନ ଚଳେଇବା ଭଳି ଅନେକ ସଡକ ସୁରକ୍ଷା ବାର୍ତାକୁ କଡାକଡି ଭାବେ ମାନି ଚଳିବାକୁ କୁହାଯାଉଥିଲେ ମଧ୍ୟ ସଚେତନ ଅଭାବରୁ ଜିଲ୍ଲାରେ ସଡକ ଦୁର୍ଘଟଣା ଜନୀତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି ବୋଲି ଜଣାପଡିଛି।

## 'ଓଡ଼ିଶାର ଆଦିବାସୀ ସାହିତ୍ୟ ଓ ସଂସ୍କୃତି' ଶୀର୍ଷକ ଜାତୀୟ ସେମିନାର

କୋରାପୁଟ,୧୧।୨(ସମିସ): ଓଡ଼ିଶା ୬୪ଟି ଜନଜାତି ଗୋଷ୍ଠୀର ବାସସ୍ଥଳୀ। ସେମାନଙ୍କର ନିଜସ୍ୱ ଭାଷା, ସଂସ୍କୃତି ଓ ମୌଖିକ ସାହିତ୍ୟ ରହିଥିଲେ ମଧ୍ୟ ତହିଁରେ ସମାନତା ବିଦ୍ୟମାନ। ପ୍ରକୃତି କୈନ୍ଦ୍ରିକତା, ସମୂହ ଚେତନା, ପିତୃପୁରୁଷଙ୍କ ନିରନ୍ତର ପ୍ରେରଣା ଓ ନାରୀ ପ୍ରଧାନତା ସେମାନଙ୍କ ଜୀବନଧାରାର ବିଶେଷତ୍ୱ। ସେମାନଙ୍କ ସଂସ୍କୃତି ଭାରତୀୟ ଜ୍ଞାନ ପରମ୍ପରାର ବିଶିଷ୍ଟ ଅଙ୍ଗ। ହଜାର ହଜାର ବର୍ଷ ଧରି ସେମାନେ ନିଜେ ଐତିହ୍ୟ ଓ ସଂସ୍କୃତି ଅଙ୍ଗେ ନିଭାଇ ଚାଲିଛନ୍ତି ସିନା ଜଣାନ୍ତି ନାହିଁ। ବର୍ତ୍ତମାନ ଜନଜାତି ବର୍ଗର ଶିକ୍ଷିତମାନେ ଆପଣା ଐତିହ୍ୟର ମହନୀୟତା ପ୍ରତିପାଦନ କରିବାର ମାହେନ୍ଦ୍ର ମୁହୂର୍ତ୍ତ ଉପନୀତ। ଆଜି ପୂର୍ବାହ୍ଣରେ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ପକ୍ଷରୁ ଓଡ଼ିଶା ସାହିତ୍ୟ ଏକାଡେମୀ ସହଯୋଗରେ 'ଓଡ଼ିଶାର ଆଦିବାସୀ ସାହିତ୍ୟ ଓ ସଂସ୍କୃତି' ଶୀର୍ଷକ ଏକ ଦୁଇଦିନିଆ ଜାତୀୟ ସେମିନାରର ଉଦ୍‌ଘାଟନ ପର୍ବରେ ଯୋଗଦେଇ ବିଶିଷ୍ଟ ଜନଜାତି ଗବେଷକମାନେ ଏହି ମତ ପୋଷଣ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ନରସିଂହ ଚରଣ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ତଥା ଖ୍ୟାତନାମା ଇତିହାସବିତ ପ୍ର.ଚଣ୍ଡୀ ପ୍ରସାଦ ନନ୍ଦ, ବୀଜବକ୍ତା ଭାବରେ ସାନ୍ତାଳୀ ଭାଷାର ଏକାଡେମୀ ପୁରସ୍କାର ପ୍ରାପ୍ତ ସୁଲେଖିକା ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ଓ ଓଡିଶା ସାହିତ୍ୟ ଏକାଡେମୀର ସଚିବ ଡ.ଚନ୍ଦ୍ରଶେଖର ହୋତା ଯୋଗଦେଇ ଆଦିବାସୀ ସାହିତ୍ୟ ଓ ସଂସ୍କୃତିର ମହିମା ବର୍ଣ୍ଣନା କରି ବକ୍ତବ୍ୟ ଦେଇଥିଲେ। ଏଥିରେ ଓଡ଼ିଆ ବିଭାଗର ମୁଖ୍ୟ ଡ. ପ୍ରଦୋଷ କୁମାର ସ୍ୱାଇଁ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲାବେଳେ ଏକାଡେମୀର ସହ-ସଚିବ ସଂଜୟ ଛୁଆଳସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱବିଦ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଜଣାଇଛନ୍ତି ଯେ ଏହି ଆଲୋଚନାଚକ୍ର ଦୁଇଦିନ ଧରି ଅନୁଷ୍ଠିତ ହେବ ଓ ୪ଟି ବୈଷୟିକ ଅଧିବେଶନରେ ୪୦ଟି ପ୍ରବନ୍ଧ ପାଠ କରାଯିବାର କାର୍ଯ୍ୟକ୍ରମ ରହିଛି। ଆସନ୍ତାକାଲି ଉଦ୍‌ଯାପନୀ ଅଧିବେଶନରେ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ସଦସ୍ୟ ପ୍ର. ସଚ୍ଚିଦାନନ୍ଦ ମହାନ୍ତି ଯୋଗଦେଇ ଓଡିଆ ବିଭାଗ ପକ୍ଷରୁ ପ୍ରକାଶିତ "କବି ବିଦ୍ୟୁତପ୍ରଭା ଦେବୀଙ୍କ କବିତା : ନବମୂଲ୍ୟାୟନ' ଗ୍ରନ୍ଥ ଲୋକାର୍ପଣ କରିବେ। ଆଜିର ଉଦ୍‌ଘାଟନୀ ଅଧିବେଶନରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ପ୍ରାଧ୍ୟାପକ, ଛାତ୍ରଛାତ୍ରୀ ଓ ଗବେଷକମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।




## ରଜତ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ

କୁନ୍ଦୁରା, ୧୧।୨(ସମିସ ): କୁନ୍ଦୁରା ସ୍ଥିତ ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟର ରଜତ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୋଟପାଡ଼ ବିଧାୟକ ରୁପୁ ଭତରା ଯୋଗ ଦେଇଥିବା ବେଳେ ସ୍ୱତନ୍ତ୍ର ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ, ମୁଖ୍ୟ ବକ୍ତା ଭାବେ ବିଭାଗୀୟ ମୁଖ୍ୟ କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପ୍ରଫେସର ନେତାଜୀ ଅଭିନନ୍ଦନ, ସମ୍ମାନିତ ଅତିଥି ଭାବେ କୋରାପୁଟ ଜିଲ୍ଲା ପରିଷଦ ଅଦକ୍ଷା ସସ୍ମୀତା ମେଲେକା, ଜୟପୁର ଉପଜିଲ୍ଲାପାଳ ଏ ଶସ୍ୟକ୍ଷ ରେଡି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପି ମାନସ୍ୱିତା, ସାଂସଦ ଜିଲ୍ଲା ପ୍ରତିନିଧି ରାମେଶ୍ୱର ଜେନା, ସାଂସଦ ବ୍ଲକ ପ୍ରତିନିଧି ଅମ୍ବ ପାତ୍ର, ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ, ପ୍ରତିଷ୍ଠାତା ସଭ୍ୟ ମଧ୍ୟରୁ ପଞ୍ଚାନନ ଗୌଡ,ସଞ୍ଜୟ କୁମାର ସାହୁ, ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ବୃନ୍ଦାବନ ପାତ୍ର ପ୍ରମୁଖ ଯୋଗଦେଇ ମଞ୍ଚକୁ ଅଳଙ୍କୃତ କରିଥିଲେ। ଏହି ଅବସରରେ କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଇଂରାଜୀ ଅଧ୍ୟାପକ ସୁଶାନ୍ତ କୁମାର ବେହେରା ଅତିଥି ମାନଙ୍କୁ ସ୍ୱଗତ ଓ ପରିଚୟ ପ୍ରଦାନ କରିଥିବା ବେଳେ ଇତିହାସ ବିଭାଗ ଅଧ୍ୟାପିକା ଅଜିତା କୁମାରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।




## କୃତ୍ରିମ ବୁଦ୍ଧିମତା ଉପରେ ଜାତୀୟ ସେମିନାର

ରାୟଗଡ଼ା,୧୧।୨(ସମିସ): ରତମ୍ ଓ ଭୀମ୍ସ ମ୍ୟାନେମେଣ୍ଟର କଲେଜ ସହଭାଗିତାରେ ଭୂଲେଖା ଅଡିଟୋରିଅମ୍‌ରେ "କୃତ୍ରିମ ବୁଦ୍ଧିମତା (ଏଆଇ) ଏବଂ ଭବିଷ୍ୟତ ଉପରେ ଏହାର ପ୍ରଭାବ' ବିଷୟରେ ଜାତୀୟ ସେମିନାର ଆୟୋଜିତ ହୋଇଥିଲା। ଏହି ସେମିନାରରେ ପ୍ରାୟ ୧୭୦ ଜଣ ଶିକ୍ଷକ, ଛାତ୍ରଛାତ୍ରୀ ଏବଂ ଆମନ୍ତ୍ରିତ ଅତିଥିମାନେ ଉତ୍ସାହପୂର୍ଣ୍ଣ ଭାବେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ରିତମ କଲେଜର ଟ୍ରେଜରର୍ ଏବଂ ଟ୍ରଷ୍ଟି ବି.ଭି. ରବି କୁମାର ଓ ଟ୍ରଷ୍ଟି ସ୍ମୃତି ବି.ବିନିଲା ଉପସ୍ଥିତ ଥିଲେ। ସେମାନେ ଛାତ୍ରଛାତ୍ରୀମାନଙ୍କୁ କୃତ୍ରିମ ବୁଦ୍ଧିମତା ପରି ନୂତନ ଓ ଉଦୟମାନ ପ୍ରଯୁକ୍ତିକୁ ଅନୁସରଣ କରିବାକୁ ପ୍ରେରଣା ଦେଇଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଫେସର କିଶନ କୁମାର, ଭାରପ୍ରପ୍ତ ଅଧ୍ୟକ୍ଷ (ବି.ଟେକ୍), ଏକ ଗଭୀର ଓ ଜ୍ଞାନବର୍ଦ୍ଧକ ଭାଷଣ ପ୍ରଦାନ କରିଥିଲେ। ସେ ଶିକ୍ଷା, ଶିଳ୍ପ ଏବଂ ସମାଜ ଉପରେ କୃତ୍ରିମ ବୁଦ୍ଧିମତାର ବଢୁଥିବା ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଫେସରସନତକୁମାରପାଣ୍ଡା, ବଂଶୀ କଲେଜର ଏକାଡେମିକ୍ ଡାଇରେକ୍ଟର ଓ ରିତମ ଡିପ୍ଲୋମା କଲେଜରଅଧ୍ୟକ୍ଷ, ବିଷୟପରିଚୟଦେଇ ଏଆଇ ଯୁଗରେ କୌଶଳ ବିକାଶର ଆବଶ୍ୟକତା ଉପରେ ଜୋର ଦେଇଥିଲେ। କାର୍ଯ୍ୟକ୍ରମରେ ରିତମ କଲେଜର ଏକାଡେମିକ୍ ଡାଇରେକ୍ଟର ସୂର୍ଯ୍ୟକାନ୍ତ ଷଡ଼ଙ୍ଗୀ, ସହାୟକ ପ୍ରଫେସର ଅରୁଣା ପାଣି (ବିଭାଗ ମୁଖ୍ୟ, ବେସିକ୍ ସାଇନ୍ସ ବିଭାଗ), ବଂଶୀ କଲେଜର ଅଧ୍ୟକ୍ଷ ପ୍ରାଧ୍ୟାପକ କରୁଣାକର କରକରିଆ , ଜିଷ୍ଟି କଲେଜର ଅଧ୍ୟକ୍ଷ ଦିଲୀପ କୁମାର ମିଶ୍ର ଏବଂ ସିଟିଟିସି କଲେଜର ଅଧ୍ୟକ୍ଷଙ୍କ ଉପସ୍ଥିତି କାର୍ଯ୍ୟକ୍ରମକୁ ଅଧିକ ଗୌରବାନ୍ୱିତ କରିଥିଲା। ଉଇମେନ୍ସ କଲେଜ, ଅଟୋମୋବାଇଲ୍ କଲେଜ, ଜିଆଇସି ଆର କଲେଜ, ସିଟି କଲେଜ ଓ ମିଟ୍ସ କଲେଜର ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ସେମିନାରରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଯ ମୁଖ୍ୟ ଅତିଥି ଓ ଆମନ୍ତ୍ରିତ ବକ୍ତା ଭାବେ ସ୍ମୃତି ଲକ୍ଷ୍ମୀପ୍ରିୟା ଦାସ ମ୍ୟାଡାମ, କମ୍ପ୍ୟୁଟର ସାଇନ୍ସ ଏବଂ ଇଞ୍ଜିନିୟରିଂର ଗବେଷକ, ଆଇଜିଆଇଟିରୁ ପିଏଚଡି ଅଧ୍ୟୟନରତ ଓ ମିଟ୍ସ କଲେଜ, ରାୟଗଡ଼ାର ଏକ ନିଷ୍ଠାବାନ ଅଧ୍ୟାପିକା, ଏକ ଗଭୀର ଟେକ୍ନିକାଲ୍ ସେସନ୍ ପ୍ରଦାନ କରିଥିଲେ। ସେମିନାରର ମୁଖ୍ୟ ଆକର୍ଷଣ ଥିଲା ଆମନ୍ତ୍ରିତ ବକ୍ତାଙ୍କ ଟେକ୍ନିକାଲ୍ ପ୍ରସ୍ତୁତି। ଯେଉଁଥିରେ ସେ କୃତ୍ରିମ ବୁଦ୍ଧିମତାର ନୂତନ ଉନ୍ନତି ଏବଂ ଶିଳ୍ପ, ସ୍ୱାସ୍ଥ୍ୟସେବା, ଶିକ୍ଷା ଓ ସମାଜରେ ଏହାର ପ୍ରୟୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଶ୍ନୋତ୍ତର ସେସନ୍‌ରେ ଅଂଶଗ୍ରହଣକାରୀମାନେ ନିଜ ଶଙ୍କା ଦୂର କରିବା ସହିତ ବକ୍ତାଙ୍କ ସହ ଅର୍ଥପୂର୍ଣ୍ଣ ଆଲୋଚନା କରିଥିଲେ।

## ଜିଲ୍ଲାପାଳଙ୍କ ମାଥିଲି ବ୍ଲକ୍ ଗସ୍ତ

# ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା

ମାଥିଲି,୧୧।୨(ସମିସ):ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ମାଥିଲି ବ୍ଲକ ଗସ୍ତ କରି ବିଭିନ୍ନ ଉନ୍ନୟନ ପ୍ରକଳ୍ପ ବୁଲି ଦେଖିଛନ୍ତି। ସର୍ବ ପ୍ରଥମେ ଜିଲ୍ଲାପାଳ ଭେଜାଗୁଡ଼ା ଗ୍ରାମ ପଞ୍ଚାୟତର କୋତାମେଟା ଗ୍ରାମରେ ବିକଶିତ ଗାଁ ବିକଶିତ ଓଡ଼ିଶା ଅଧୀନରେ ତିଆରି ହୋଇଥିବା ଅମୃତ ସରୋବର କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ସୂଚନା ଥାଉ କି ମିଶନ ଅମୃତ ସରୋବର ହେଉଛି ଭାରତ ସରକାରଙ୍କ ଏକ ପ୍ରମୁଖ ଯୋଜନା। ଯାହା ଅଧୀନରେ ଗ୍ରାମାଞ୍ଚଳରେ ଜଳ ସଙ୍କଟ ଦୂର କରିବା ପାଇଁ ପୋଖରୀ ନିର୍ମାଣ ବା ନବୀକରଣ କରାଯାଉଛି। ଏହି ପ୍ରକଳ୍ପ ଜଳ ସଂରକ୍ଷଣ, ଭୂତଳ ଜଳସ୍ତର ବୃଦ୍ଧି ଏବଂ ମତ୍ସ୍ୟପାଳନ ପରି ଗ୍ରାମୀଣ ଆୟ ବୃଦ୍ଧିରେ ସହାୟକ ହେଉଛି। ସେହିପରି ଜିଲ୍ଲାପାଳ ନାୟକଗୁଡ଼ା ଗ୍ରାମ ପଞ୍ଚାୟତର ନାୟକଗୁଡ଼ା ଗ୍ରାମରେ ୧ କୋଟି ମୂଲ୍ୟରେ ନିର୍ମାଣ ହେଉଥିବା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର କାର୍ଯ୍ୟର ଅଗ୍ରଗତି ଦେଖିଥିଲେ। ପାଙ୍ଗାମ ପଞ୍ଚାୟତର କଦମଗୁଡା ଗ୍ରାମରେ ଭିବି ଜୀ ରାମ ଜୀ ଅଧୀନରେ ଗ୍ରୀନ କ୍ଲାଇମେଟ ଟ୍ୟାଙ୍କ ପ୍ରକଳ୍ପ କାର୍ଯ୍ୟ ବୁଲି ଦେଖିଥିଲେ ଜିଲ୍ଲାପାଳ। ଉକ୍ତ ଟ୍ୟାଙ୍କର ସୋନ୍ଦର୍ଯ୍ୟକରଣ, ଗାର୍ଡ ୱାଲ କାର୍ଯ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପାଙ୍ଗାମ୍ ସ୍ଥିତ ଧାନ ବିକ୍ରୟ କେନ୍ଦ୍ର ମଧ୍ୟ ଗସ୍ତ କରିଥିଲେ ଜିଲ୍ଲାପାଳ। ସେଠାରେ ଚାଷୀ ମାନଙ୍କ ସହ ଆଲୋଚନା କରି ସେମାନଙ୍କ ସୁବିଧା ଅସୁବିଧା ବିଷୟରେ ଅବଗତ ହୋଇଥିଲେ ଜିଲ୍ଲାପାଳ। ପାଙ୍ଗାମ୍ ଠାରେ ଓଡିଶା ଜୀବିକା ମିଶନ ଦ୍ୱାରା ପରିଚାଳିତ ଗ୍ରାମ ପଞ୍ଚାୟତ ଲେଭେଲ ଫେଡେରେସନ୍ ପାଇଁ ନିର୍ମାଣଧିନ କୋଠା ସ୍ଥିତି ଅନୁଧ୍ୟାନ କରିଛନ୍ତି ଜିଲ୍ଲାପାଳ। କାର୍ଯ୍ୟକୁ ତ୍ୱରାନିତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ମାଥିଲି ଠାରେ ନିର୍ମାଣ ଧିନ ଗ୍ରାମୀଣ ପାଠାଗାର କାର୍ଯ୍ୟ ତଦାରଖ କରିଥିଲେ। ପାଠାଗାର ଆସବାବ ପତ୍ର କାର୍ଯ୍ୟ ସରିବା ପରେ ଶୀଘ୍ର ଯୁବକ ଯୁବତୀ ମାନେ ଏହି ପାଠାଗାରକୁ ବ୍ୟବହାର କରି ପାରିବେ ବୋଲି ବିଡ଼ିଓ ସୂଚନା ଦେଇଛନ୍ତି। ମାଥିଲି ଠାରେ ପୂର୍ତ୍ତ ବିଭାଗ ର ନବୀକରଣ ହେଉଥିବା ଡାକ ବଙ୍ଗଳା କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ ଜିଲ୍ଲାପାଳ। ସେହିପରି ମାଥିଲିରେ ନିର୍ମିତ ନୂତନ ବସ୍ ଷ୍ଟାଣ୍ଡରେ ଫୁଡ୍ କୋର୍ଟ କାର୍ଯ୍ୟକୁ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ମାଥିଲି ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଆଇଟିଡିଏ ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନିମନ୍ତେ ଚାଲିଥିବା ସିଲେଇ ତାଲିମ କେନ୍ଦ୍ର ବୁଲି ଦେଖିଥିଲେ। ଉଦୁଲିବେଡ଼ା ଗ୍ରାମ ପଞ୍ଚାୟତର ବାଲିଗୁଡା ଗ୍ରାମରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଚାଲିଥିବା କାମ ଗୁଡ଼ିକୁ ବୁଲି ଦେଖିଥିଲେ ଜିଲ୍ଲାପାଳ। ପରିଶେଷରେ ଗାରିଆ ଡୁଡୁମା ଯିବା ବାଟରେ କଲଭର୍ଟ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ଗାରିଆ ଡୁଡୁମାର ଲୋକପ୍ରିୟତା ବୃଦ୍ଧି ପାଉଥିବା ବେଳେ ପର୍ଯ୍ୟଟକଙ୍କ ସଂଖ୍ୟା ମଧ୍ୟ ବଢିବାରେ ଲାଗିଛି। ତେଣୁ ଏହାର ସୋନ୍ଦର୍ଯ୍ୟକରଣ ଉପରେ ଅଗ୍ରାଧିକାର ଭିତ୍ତିରେ ଗୁରୁତ୍? ପ୍ରଦାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଡ଼ିଓ ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥି ନିମନ୍ତେ ଡିପିଆର ପ୍ରସ୍ତୁତ କରି ପର୍ଯ୍ୟଟନ ବିଭାଗକୁ ପଠାଇବା ପାଇଁ କୁହାଯାଇଛି। ଯାହାଦ୍ୱାରା ଗ୍ରାମ ପଞ୍ଚାୟତର ନିଜସ୍ୱ ରାଜସ୍ୱ ବୃଦ୍ଧି ପାଇବ ବୋଲି ଜିଲ୍ଲାପାଳ କହିଛନ୍ତି। ତତ୍ ସଙ୍ଗେ ସଙ୍ଗେ ଏହି ସୁନ୍ଦର ଜଳପ୍ରପାତର ଆଖପାଖ ଅଞ୍ଚଳକୁ ପ୍ଲାଷ୍ଟିକ ମୁକ୍ତ ରଖିବା ସହ ପରିମଳ ବ୍ୟବସ୍ଥା ଠିକ୍ ରଖିବା ଆମ ସମସ୍ତଙ୍କର ଉତ୍ତର ଦାୟିତ୍ୱ ହେବା ଉଚିତ୍ ବୋଲି ଆହ୍ୱାନ କରିଛନ୍ତି ଜିଲ୍ଲାପାଳ। ଅନ୍ୟ ମାନଙ୍କ ମଧ୍ୟରେ ମାଥିଲି ବିଡ଼ିଓ ପ୍ରମୋଦ ବେହେରାଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



# ବିଡିଓଙ୍କ ବୈଠକ ; ଗୁପ୍ତେଶ୍ୱର ପୀଠ ହେବ ପଲିଥିନ୍ ମୁକ୍ତ

ବୈପାରୀଗୁଡ଼ା,୧୧ା୨(ସମିସ): ବୈପାରୀଗୁଡା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜାଗର ଯାତ୍ରା ଅବସରରେ "ପ୍ଲାଷ୍ଟିକ ମୁକ୍ତ' ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବିଡ଼ିଓ ସୁବ୍ରତ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତା, ଉପାଧ୍ୟକ୍ଷା ପୂର୍ଣ୍ଣିମା ବାରିକ, ଜିଲ୍ଲାପରିଷଦ ସଭ୍ୟ ରାଜେଶ ମହୁରୀଆ, ଏବିଡିଓ ନିବେଦିତା ଦଣ୍ଡସେନା, ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ। ଆଗକୁ ଗୁପ୍ତେଶ୍ୱର ପୀଠରେ ବହୁ ଆଡମ୍ବର ଭାବେ ଶିବରାତ୍ରି ତଥା ଜାଗରେ ଯାତ୍ରା ଅନୁଷ୍ଠିତ ହେବ। ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବ। ହେଲେ ପୀଠରେ ପଲିଥିନି ମୁକ୍ତ ପାଇଁ ଏହି ବୈଠକରେ ନିଷ୍ପତି ନିଆଯାଇଛି । ଫ୍ରେଣ୍ଡସ ୟୁନିଟ ବ୍ଲକ ସଦସ୍ୟ ଏମ ତେଜସ୍ୱର ରାଓ ପଲିଥିନ ଦ୍ୱାରା କଣ ପରିବେଶ କିପରି ନଷ୍ଟ ହେଉଛି ତାହା ପ୍ରୋଜେକ୍ଟର ମାଧ୍ୟମରେ ଉପସ୍ଥିତ ସମସ୍ତଙ୍କୁ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ଆଜିର ନିଷ୍ପତି



ଅନୁଯାୟୀ ପ୍ରଥମେ ପୀଠରେ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ ରାଲି ଅନୁଷ୍ଠିତ ହେବ ଏବଂ ଦୋକାନୀଙ୍କୁ ପଲିଥିନ ବଦଳରେ ମାଟିରେ ମିଶିବା ପଲିଥିନ ବ୍ୟବହାର ପାଇଁ ବୁଝାଯିବ। ଯଦି ନିୟମ ନ ମାନିଲେ ଫାଇନ ବ୍ୟବସ୍ଥା ରହିବ ବୋଲି ବିଡ଼ିଓ ସ୍ପଷ୍ଟ କରିଛନ୍ତି । ଏଥିପାଇଁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି । ପୀଠରେ ପଲିଥିନ ବ୍ୟବହାର ଉପରେ ରଖିବେ ନଜର । ଏହି ବୈଠକରେ ରାମଗିରି, ଗୁପ୍ତେଶ୍ୱର ଏବଂ ବୈପାରୀଗୁଡାର ସରପଞ୍ଚ, ସମିତି, ପିଇଓ ଏବଂ ଆରଆଇ ଉପସ୍ଥିତି ଥିବା ବେଳେ ବ୍ଲକର ଏମବିକେ ଓ ସିଆରପି, ଫ୍ରେଣ୍ଡସ ୟୁନିଟ କ୍ଲବର ଧନପତି ନାୟକ, ଏନ ସନ୍ତୋଷ ଏବଂ ରାମଗିରି ବିରଖମ୍ବ ଯୁବକ ସଂଘର ପ୍ରଫୁଲ ପାତ୍ର, ରମେଶ ଚାରିକ ଓ ମୋହନ ଚାନ୍ଦ ମାଛ ପ୍ରମୁଖ ଉପସ୍ଥିତ ଥିଲେ।

## ୧୫ଦିନ ପରେ ବାର୍ଷିକ ପରୀକ୍ଷା

# ତାଲିମ ଶିବିରରେ ଶିକ୍ଷକ ଶିକ୍ଷୟିତ୍ରୀ, ପିଲା ପାଠପଢ଼ିବେ କେମିତି?

ଗୁଡାରୀ,୧୧ା୨(ସମିସ): ଛାତ୍ର ଛାତ୍ରୀ ମାନଙ୍କୁ ଉନ୍ନତମାନର ଶିକ୍ଷା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ସହର କି ଗ୍ରାମର ବିଦ୍ୟାଳୟ ଗୁଡିକରେ ଶିକ୍ଷାର ବ୍ୟବସ୍ଥା କେଉଁ ପରିସ୍ଥିତିରେ ଚାଲିଛି ତାହା ଶିକ୍ଷାବିଭାଗ ଜାଣିଛନ୍ତି କି ନାହିଁ ତାହା ସାଧାରଣରେ ଅସଷ୍ଟ। କାରଣ ୨୦୨୬ ଫେବୃଆରୀ ମାସ ଆରମ୍ଭରୁ ସାରା ରାଜ୍ୟର ସମସ୍ତ ଶିକ୍ଷିକ ଶିକ୍ଷୟତ୍ରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ଗୁଡାରୀ ସହରର ଦୁଇଟି ସ୍ଥାନରେ ଏହି ପ୍ରଶିକ୍ଷଣ ଶିବିର ଚାଲିଛି । ଯାହା ଜଣାପଡିଛି ପ୍ରଥମ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ବହି ଆଗାମୀ ଦିନରେ ବଦଳିଯିବ। ଏଣୁ ଏହାକୁ ନେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା




ଅନୁମାନ କରାଯାଉଛି । ଏହା ଶିକ୍ଷା ବିଭାଗ ତରଫରୁ ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ । କାରଣ ନୂତନ ଶିକ୍ଷା ପଦ୍ଧତି ପୂର୍ବରୁ ପ୍ରଶିକ୍ଷଣ ଆବଶ୍ୟକ ରହିଛି। କିନ୍ତୁ ପରିତାପର ବିଷୟ ଶିକ୍ଷା ବିଭାଗ ଏତିକି ଜାଣିବା କଥା ଛାତ୍ରଛାତ୍ରୀ ମାନଙ୍କ ମାତ୍ର ୧୫ ଦିନ ପରେ ବାର୍ଷିକ ପରୀକ୍ଷା। ପିଲାମାନେ କିପରି ପାଠ ପଢୁଥିବେ ତାହା ସ୍ପଷ୍ଟ ଜଣାପଡୁଛି। ଏଥିପ୍ରତି ପ୍ରଥମେ ଶିକ୍ଷା ବିଭାଗ ଚିନ୍ତା କରିବା ଆବଶ୍ୟକ ରହିଛ। ଏହି ପ୍ରଶିକ୍ଷଣ ଯୋଗୁଁ ବିଦ୍ୟାଳୟ ଗୁଡିକରେ ଅଧା ଶିକ୍ଷକ ଅନୁପସ୍ଥିତ ରହିବା ଦେଖିବାକୁ ମିଳୁଛ। ସାରା ରାଜ୍ୟରେ ଶିକ୍ଷକର ଅଭାବ ଯୋଗୁଁ ଛାତ୍ରଛାତ୍ରୀ ମାନଙ୍କର ପାଠପଢ଼ାରେ ଅସୁବିଧା ହେଉଛି। ଶିକ୍ଷକମାନଙ୍କର ବର୍ଷର ଅଧା ମାସ ବିଭିନ୍ନ ପ୍ରକାର ନଥିପତ୍ର କାମ କିମ୍ବା ପ୍ରଶିକ୍ଷଣରେ ଯାଉଛି। ବାକିତକ ଦିନରୁ ଅଧା ଛୁଟିରେ ଯାଉଛି। ବେ ବାର୍ଷିକ ପରୀକ୍ଷା ପୂର୍ବରୁ ଏମିତି ପ୍ରଶିକ୍ଷଣ ବାହାନାରେ ଛାତ୍ରଛାତ୍ରୀ ପାଠ ନଷ୍ଟ ଠିକ୍ ନୁହେଁ ବୋଲି ଅଭିଭାବମାନେ କହିଛନ୍ତି। ଏଥିପ୍ରତି ଶିକ୍ଷା ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି।

● ପୁଲିସ ଓ ରାଜସ୍ୱ ବିଭାଗର ଚଢ଼ଉ

# ନଷ୍ଟ କରାଗଲା ୨୩ ଏକର ଜମିରୁ ଗଞ୍ଜେଇ ଗଛ

କୋରାପୁଟ,୧୧ା୨(ସମିସ): କୋରାପୁଟ ଜିଲ୍ଲା ପଟାଙ୍ଗି ଥାନା ଅନ୍ତର୍ଗତ ବଡ଼ ଗଞ୍ଜରଡ଼ା, ମାଝୀ ଗଞ୍ଜରଡ଼ା ଏବଂ ଯୁବରାଜ ପେଟା ଅଞ୍ଚଳର ୨୩ ଏକର ଜମିରେ ଅବୈଧ ଭାବେ କରାଯାଇଥିବା ଗଞ୍ଜେଇ ଚାଷକୁ ନଷ୍ଟ କରାଯାଇଛି । ଜିଲ୍ଲା ପୁଲିସ ଏବଂ ରାଜସ୍ୱ ବିଭାଗର ମିଳିତ ଉଦ୍ୟମରେ ଗଞ୍ଜେଇ ଚାଷକୁ ନଷ୍ଟ କରିବା ସହିତ ୨୩ ହଜାର ଗଞ୍ଜେଇ ଗଛକୁ ମେସିନ ମାଧ୍ୟମରେ କାଟି ନଷ୍ଟ କରାଯାଇଛି । ବ୍ୟାପକ ଭାବେ ବେଆଇନ ଗଞ୍ଜେଇ ଚାଷ କରା ଯାଇଥିବା ଜଣା ପଡିବା ପରେ ଗଞ୍ଜେଇ ଚାଷ କରା ଯାଇଥିବା ଜମିରେ ଚଢଉ କରାଯାଇଥିଲା । ଏଥିରେ ପୁଲିସ ଏବଂ ରାଜସ୍ୱ ବିଭାଗର ୬୦ ଜଣ କର୍ମଚାରୀ ନିୟୋଜିତ ହୋଇଥିଲେ ବୋଲି କୋରାପୁଟ ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା ସୂଚନା ଦେଇଛନ୍ତି। ଏନେଇ ପଟାଙ୍ଗି ଥାନାରେ କେସ ନମ୍ବର ୪୧ ଧାରା ୨୦(ଏ) (ଆଇ) ରେ ଏକ ମାମଲା ରୁଜ କରାଯାଇ ଅଧିକ ତଦନ୍ତ ଚାଲିଛି ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



କୁନ୍ଦୁରା, ୧୧ା୨ (ସମିସ): କୁନ୍ଦୁରା ବ୍ଲକ କାର୍ଯ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଡିଓ ପି.ମନସ୍ୱିନୀତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ରୂପୁ ଭତ୍ରା ,ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ, ବ୍ଲକ ଅଧ୍ୟକ୍ଷା ବନିତା କାନ୍ଦଲିଆ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ରାଧା ବିନୋଦ ସାମନ୍ତରାୟ, ଜିଲ୍ଲା ପରିଷଦ ସଭ୍ୟା କନକ ଲତା ପେଣ୍ଡିଆ, ସରପଞ୍ଚ ଏବଂ ସମିତି ସଭ୍ୟ ସଭ୍ୟା ଯୋଗଦେଇ ଥିଲେ। ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ଆରମ୍ଭ ହୋଇଥିଲା କାର୍ଯ୍ୟକ୍ରମ । ଆଜିର ଏହି ଶିବିରରେ ୩୦୮ ଜଣ ଭିନ୍ନକ୍ଷମ ନାମ ପଞ୍ଜୀକରଣ କରିଛନ୍ତି । ସେମାନଙ୍କ ମଧ୍ୟରୁ ମୂକ ଓ ବଧିର ୬୫ ଜଣ, ଦୃଷ୍ଟି ବାଧିତ ୩୧, ଅସ୍ଥିଶଲ୍ୟ ୧୦୫, ମାନସିକ ୮୨, ରକ୍ତ ଶିକୁଳୀ ୨୫ ଜଣ ରହିଛନ୍ତି । ସେଥିରୁ ୯୭ ଜଣଙ୍କୁ ଦିବ୍ୟାଙ୍ଗ ପ୍ରମାଣ ପତ୍ର ଯୋଗାଇ ଦେବାକୁ ଚିହ୍ନଟ କରାଯାଇଥିବା ବି ଏସ୍ ଏସ୍ ଓ ବଳିରାମ ଭତରା ସୂଚନା ଦେଇଛନ୍ତି ଓ ଅତିଥି ମାନଙ୍କ ଦ୍ୱାରା ପାଞ୍ଚ ଜଣଙ୍କୁ ହୁଇଲ ଚେୟାର ଓ ଦୁଇ ଜଣଙ୍କୁ ବିଧବା ଭତ୍ତା ପ୍ରଦାନ କରାଯାଇଥିଲା । ଶିବିରରେ ବିଶେଷଜ୍ଞ ଡାକ୍ତର କିଷାନ ସାହୁ, ସୁଜିତ ସାହୁ, ଶିବାନନ୍ଦ ବୁଦ୍ଧିଆ, ଦେବାଶିଷ ମହାପାତ୍ର, ଏସ୍ ଏସ୍ ମିଶ୍ର, ଏବଂ ସବ୍ୟସାଚୀ ମହାପାତ୍ରଙ୍କ ସମେତ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀ ଉପସ୍ଥିତ ରହି ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପ୍ରମାଣ ପତ୍ର ନ ଥିବା, ଅବଧି ସରିଯାଇଥିବା ଓ ନବୀକରଣ କରାଯିବା ଉଦ୍ଦେଶ୍ୟରେ ଅନୁଷ୍ଠିତ ହୋଇଥିଲା ଏହି କାର୍ଯ୍ୟକ୍ରମ। ଏଥିରେ ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ଓ ଶିଶୁ ବିକାଶ ବିଭାଗୀୟ ଅଧିକାରୀ, କର୍ମଚାରୀ, ବାଣୁଆଗୁଡ଼ା ଅରବିନ୍ଦ କଲେଜର ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ବ୍ଲକର ସମସ୍ତ ଅଧିକାରୀ, କର୍ମଚାରୀ ସହଯୋଗ କରିଥିଲେ। ବିଏସ୍ଏସ୍ ଓ ଶ୍ରୀ ଭତରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକ୍ କାର୍ଯ୍ୟକ୍ରମ ସହାୟକ ବସନ୍ତ କୁମାର ଭୋଳ ପରିଚାଳନାରେ ସହଯୋଗ କରିଥିଲେ।

# ନୂତନ ଥାନା ଅଧିକାରୀଙ୍କ ଯୋଗଦାନ



ବିଷମ କଟକ,୧୧ା୨(ସମିସ): କଟକ ଥାନାରେ ନୂତନ ସମର୍ପିତା ସ୍ୱାଇଁ କାର୍ଯ୍ୟରେ ପୂର୍ବରୁ ସେ ଗୁଡାରି ଥାନାର କାର୍ଯ୍ୟରତ ଥିଲେ। ବୁଧବାର ସୂର୍ଯ୍ୟଚନ୍ଦ୍ର ପାଢୀଙ୍କ ଠାରୁ ସେ ରାୟଗଡ଼ା ଜିଲ୍ଲା ବିଷମ ଥାନା ଅଧିକାରୀ ଭାବେ ଯୋଗଦାନ କରିଛନ୍ତି। ଏଥି ଥାନା ଅଧିକାରୀ ଭାବେ ଦିନ ପୂର୍ବତନ ଥାନା ଅଧିକାରୀ ଦାୟୀତ୍ୱ ଗ୍ରହଣ କରିଛନ୍ତି। ପୂର୍ବତନ ଥାନା ଅଧିକାରୀଙ୍କୁ ରାୟଗଡା ଜିଲ୍ଲା ଅମ୍ବାଦଳା ଥାନାକୁ ବଦଳି କରାଯାଇଛି । ନୂତନ ଥାନା ଅଧିକାରୀ ଶ୍ରୀମତ ସ୍ୱାଇଁ ବିଷମ କଟକ ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା, ଚୋରି, ଟ୍ରାଫିକ୍ ସମସ୍ୟାରେ ସୁଧାର ଆଣିବା ନିମନ୍ତେ ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଛନ୍ତି।

# ୩୧୯୧ ଜିଲ୍ଲା ଲିଗାଲ୍ ଫୋରମ୍ସ ଗଠନ ପାଇଁ ବୈଠକ

ମାଲକାନଗିରି, ୧୧ା୨(ସମିସ): ମାଲକାନଗିରି ଜିଲ୍ଲା ସଦରରେ ଥିବା ମହିଳା କନିଷ୍ଠ ମହାବିଦ୍ୟାଳୟ ପ୍ରାଙ୍ଗଣରେ ୩୧୯୧ ଜିଲ୍ଲା ଲିଗାଲ୍ଫୋରମ୍ସଗଠନରଏକଜରୁରୀବୈଠକ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ କନିଷ୍ଠ ମହାବିଦ୍ୟାଳୟ, ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଯୋଗଦେଇଥିଲେ। ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ଜେନା ସଭାପରିଚାଳନା କରିଥିଲେ। ଡାରୱିନ ଉଇନ ମେମୋରିଆଲ କଲେଜର ଅଧ୍ୟକ୍ଷ ଗୌରିଶଙ୍କର ବେହେରା, ରିଜିଓନାଲ କଲେଜ ପଡିଆର ଅଧ୍ୟକ୍ଷ ପରମାନନ୍ଦ ମହାପାତ୍ର, ବିଜୁ




ପଟ୍ଟନାୟକ ମହାବିଦ୍ୟାଳୟ ଗୋବିନ୍ଦପଲ୍ଲୀର ବରିଷ୍ଠ ଅଧ୍ୟାପକ ସଞ୍ଜୟ କୁମାର ପାଣିଗ୍ରାହୀ ଉକ୍ତ ସଭାରେ ଯୋଗ ଦେଇଥିଲେ ଓ ସଂଘର ବିଗତ ଦିନର କାର୍ଯ୍ୟଶୈଳୀ ଓ ପ୍ରଗତୀ ଏବଂ ଆଗାମୀ ଦିନର କାର୍ଯ୍ୟପନ୍ଥା ବିଷୟର ସବିଶେଷ ଆଲୋଚନା କରିଥିଲେ। ମହିଳା ମହାବିଦ୍ୟାଳୟ ଅଧ୍ୟାପକ ଶ୍ରୀକାନ୍ତ ସାମଲ, ସଞ୍ଜୟ କୁମାର ପାଣିଗ୍ରାହୀଙ୍କୁ ଜିଲ୍ଲା ସଂଘର ସଭାପତିତ୍ୱ କରିବା ପାଇଁ ପ୍ରସ୍ତାବ ରଖିଥିଲେ। ଏହାକୁ ଅଧ୍ୟକ୍ଷ ଗୌରୀଶଙ୍କର ବେହେରା, କିଶୋର ଚନ୍ଦ୍ର ପାତ୍ର, ମଧୁମିତା ମହାନ୍ତି ଇତ୍ୟାଦି ସମର୍ଥନ ରଖିଥିଲେ। ଶ୍ରୀ ପାଣଗ୍ରାହୀ ୩୧୯୧ ବ୍ଲକ କ୍ରାଇଟେରିୟା କଲେଜ ବିଷୟରେ ଆଇନ ଅନୁସାରେ କିପରି ଜିଆଇଏ ସହିତ ସମସ୍ତ ସରକାରୀ ଲାଭ, ଗ୍ରାଚ୍ୟୁଇଟି, ପେନସନ ଇତ୍ୟାଦି ହାସଲ କରିହେବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ୧୯୯୪ ଅନୁଦାନ ପାଇଁ ହକଦାର ଥିବା ଏହି କଲେଜଗୁଡ଼ିକୁ ଆଇନ ଅନୁଯାୟୀ କିପରି ଅନୁଦାନ ପ୍ରଦାନ କରାଯିବ ସେ ଦିଗରେ କାର୍ଯ୍ୟପନ୍ଥା ଗ୍ରହଣ କରିବା ପାଇଁ ସମସ୍ତେ ସହମତ ପ୍ରକାଶ କରିଥିଲେ। ସରକାରୀ ସ୍ତରରେ ଏହି କାର୍ଯ୍ୟକୁ ପରାନ୍ୱିତ କରିବା ପାଇଁ ପଦକ୍ଷେପ ନିଆଯିବାର ନିଷ୍ପତ୍ତି ନିଆଯାଇଥିଲା। ଏହି ସଭାରେ କିଶୋରଚନ୍ଦ୍ର ପାତ୍ର, ଅମୂଲ୍ୟ ରତ୍ନ, କୃଷ୍ଣଚାନ୍ଦ୍ର ସେଠୀ, ମଧୁମିତା ମହାନ୍ତି, ଶୁଭା ଚୌଧୁରୀ, ଇନ୍ଦୁରିଖା ପଟ୍ଟନାୟକ, ଗୀତାଞ୍ଜଳି ରଥ, ରେଣୁକା ମହାପାତ୍ର, ପ୍ରଶାନ୍ତ ଶତପଥି, ବିମଳ ସୁତାର, ନବୀନ ବିଶ୍ୱାଳ, ରଘୁନାଥ ମହାନ୍ତି, ରବୀନ୍ଦ୍ର ମିଶ୍ର ପ୍ରମୁଖ ଶତାଧିକ ଅଧ୍ୟାପକ, ଅଧ୍ୟାପିକା କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ମଧୁମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# କୁମ୍ଭୀର ସଂରକ୍ଷଣର ସୁବର୍ଣ୍ଣ ଜୟନ୍ତୀ

ରାୟଗଡ଼ା,୧୧ା୨ (ସମିସ): ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ରାୟଗଡ଼ାର ପ୍ରାଣୀବିଜ୍ଞାନ ବିଭାଗ ପକ୍ଷରୁ କୁମ୍ଭୀର ସଂରକ୍ଷଣର ସୁବର୍ଣ୍ଣ ଜୟନ୍ତୀ ବିଷୟରେ ଏକ ପାଠଚକ୍ର ଆୟୋଜିତ ହୋଇଯାଇଛି। ପାଠଚକ୍ରରେ ମୁଖ୍ୟ ବକ୍ତା ଭାବେ ଗଞ୍ଜାମ ମହାବିଦ୍ୟାଳୟ, ଗଞ୍ଜାମର ପ୍ରାଣୀବିଜ୍ଞାନ ବିଭାଗର ଅଧ୍ୟାପକ ପ୍ରଫେସର ମହେନ୍ଦ୍ର ସେଠୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟରର ଅଧ୍ୟକ୍ଷା ଡ. ସରସ୍ୱତୀ ରାୟ ଅଧ୍ୟକ୍ଷତା କରିଥିଲେ। ଏହାସହିତ ପ୍ରଶାସନିକ ଅଧିକାରୀ ଟି. ଜ୍ୟୋତି ଓ ସହଯୋଗୀ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ହୁଇକା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ପ୍ରାଣୀବିଜ୍ଞାନ ବିଭାଗର ମୁଖ୍ୟ ପୂଜା ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରି ଅତିଥିମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ପରେ ଡ. ରାକେଶ ସ୍ୱାଇଁ ମୁଖ୍ୟବକ୍ତାଙ୍କ ପରିଚୟ ପ୍ରଦାନ କରିଥିଲେ ଏବଂ ତାଙ୍କର ଶିକ୍ଷାଜୀବନ ଓ ଗବେଷଣା କ୍ଷେତ୍ରରେ ଅବଦାନକୁ ଉଲ୍ଲେଖ କରିଥିଲେ। ମୁଖ୍ୟବକ୍ତା ପ୍ରଫେସର ମହେନ୍ଦ୍ର




ସେଠୀ ତାଙ୍କ ଅଭିଭାଷଣରେ ଭାରତରେ କୁମ୍ଭୀର ସଂରକ୍ଷଣର ୫୦ ବର୍ଷର ଯାତ୍ରା, ସରକାରୀ ପଦକ୍ଷେପ, ଭିତରକନିକା ପରି ସଂରକ୍ଷିତ କ୍ଷେତ୍ରମାନଙ୍କ ଭୂମିକା ଓ ପରିବେଶ ସନ୍ତୁଳନରେ କୁମ୍ଭୀରର ଗୁରୁତ୍ୱ ବିଷୟରେ ତଥ୍ୟ ଆଧାରିତ ଆଲୋଚନା କରିଥିଲେ। ସେ ଛାତ୍ରଛାତ୍ରୀମାନଙ୍କୁ ପ୍ରକୃତି ସୁରକ୍ଷା ପାଇଁ ସଚେତନ ହେବାକୁ ଆହ୍ୱାନ କରିଥିଲେ। ଅଧ୍ୟକ୍ଷା ଡ଼. ସରସ୍ୱତୀ ରାୟ ତାଙ୍କ ଅଭିଭାଷଣରେ ଏପରି ଶିକ୍ଷାମୂଳକ କାର୍ଯ୍ୟକ୍ରମ ଜ୍ଞାନବୃଦ୍ଧି ସହିତ ସଚେତନତା ସୃଷ୍ଟିରେ ଉପକାରୀ ବୋଲି କହିଥିଲେ। ପାଠଚକ୍ରର ଶେଷ ପର୍ବରେ ମୁଖ୍ୟବକ୍ତା ପ୍ରଫେସର ମହେନ୍ଦ୍ର ସେଠୀ ଛାତ୍ରଛାତ୍ରୀମାନଙ୍କ ସହ ଏକ ଆଲୋଚନା କରିଥିଲେ। ଶେଷରେ ପାଠଚକ୍ର ସଚିବ ରାଧାରାଣୀ କୌଶଲ୍ୟା ଧନ୍ୟବାଦ ଜ୍ଞାପନ କରି ସମସ୍ତ ଅତିଥି, ଅଧ୍ୟାପକ-ଅଧ୍ୟାପିକା ଓ ଛାତ୍ରଛାତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ।

● ରାଜ୍ୟସ୍ତରୀୟ ଅବକାରୀ କ୍ରୀଡ଼ା ପ୍ରତିଯୋଗିତା

# ନବରଙ୍ଗପୁର ଦଳ ରନର୍ସ ଅପ୍




ନବରଙ୍ଗପୁର,୧୧ା୨(ସମିସ): କଟକ ସ୍ଥିତ ସତ୍ୟବ୍ରତ ଷ୍ଟାଡିୟମରେ ଆୟୋଜିତ ୫୧ତମ ରାଜ୍ୟସ୍ତରୀୟ ଅବକାରୀ କ୍ରୀଡ଼ା ପ୍ରତିଯୋଗିତାରେ ନବରଙ୍ଗପୁର ଦଳ ରନର୍ସ ଅପ୍ ହୋଇଛି। ଏହି ପ୍ରତିଯୋଗିତାରେ ନବରଙ୍ଗପୁରରୁ ଭାଗନେଇଥିବା ପ୍ରତିଯୋଗୀ ମଧ୍ୟରୁ ସର୍ଟପୁଟ ପ୍ରତିଯୋଗିତାରେ ଜ୍ୟୋସ୍ନା ରାଣୀ ହରିଜନ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ଟ୍ରିପଲ୍ ଜମ୍ପରେ ଅବକାରୀ ଉପ - ନିରୀକ୍ଷକ ଆଶେଷ କୁମାର ନାୟକ ତୃତୀୟ ସ୍ଥାନ ଏବଂ ଆକାଶ ଶବର ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ୪ ଶହ ମିଟର ଦୌଡ ପ୍ରତିଯୋଗିତାରେ ଦେବେନ୍ଦ୍ର ସମରଥ ପ୍ରଥମ ଏବଂ ୮ଶହ ମିଟର ଦୌଡ ପ୍ରତିଯୋଗୀତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ୩ ହଜାର ମିଟର ଦୌଡ ପ୍ରତିଯୋଗୀତାରେ ରଞ୍ଜିତ ସିଂହ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ନବରଙ୍ଗପୁର ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥ ସୂଚନା ଦେଇଛନ୍ତି।

# ପଟାଙ୍ଗି ତହସିଲରେ ୮ ବିବାହ ପଞ୍ଜୀକରଣ



ପଟାଙ୍ଗି,୧୧ା୨(ସମିସ): କୋରାପୁଟ ଜିଲ୍ଲା ପଟାଙ୍ଗି ତହସିଲ କାର୍ଯ୍ୟାଳୟ ତଥା ସବ୍ ରେଜିଷ୍ଟ୍ରାର ଠାରେ ସରକାରଙ୍କ ମୁଖ୍ୟମନ୍ତ୍ରୀ କନ୍ୟା ବିଭାଗ ଯୋଜନାରେ ୮ ଗୋଟି ବିବାହ ପଞ୍ଜିକରଣ କରାଯାଇଛି। ପଟାଙ୍ଗି ତହସିଲ ତଥା ସବ୍ରେଜିଷ୍ଟ୍ରର ଠାରେ ମୋଟ ୧୨ଜଣ ବିବାହ ହେବାକୁ ଥିବା ଯୋଡ଼ି ମାନେ ସରକାରଙ୍କ ମୁଖ୍ୟମନ୍ତ୍ରୀ କନ୍ୟା ବିଭାଗ ଯୋଜନା ନିମନ୍ତେ ଆବେଦନ କରିଥିଲେ। ସେଥି ମଧ୍ୟରୁ ମୋଟ ୮ ଜଣ ଦମ୍ପତିଙ୍କ ପଞ୍ଜିକରଣ ହୋଇଛି। ପଟାଙ୍ଗି ତହସିଲଦାର ତଥା ମାଜିଷ୍ଟ୍ରେଟ ଦେବେନ୍ଦ୍ର ଧାରୁଆ ଆବେଦନକାରୀଙ୍କ କାଗଜ ପତ୍ର ଯାଞ୍ଚ କରି ଦମ୍ପତି ମାନଙ୍କୁ ଶପଥ ପାଠ କରାଇଥିଲେ। ଉକ୍ତ ସମୟରେ ବରିଷ୍ଠ କିରାଣୀ ଶିବ ପାମୀଆ, ମହିଳା ଓ ଶିଶୁ ବିଭାଗର ସିଡିପିଓ ଭି ଅନ୍ନପୂର୍ଣ୍ଣା, କିରାଣୀ ସୁଚିସ୍ମିତା ମହାନ୍ତି ଏବଂ ବିଭାଗ ପଞ୍ଜିକରଣ ହୋଇଥିବା ଦମ୍ପତି ମାନଙ୍କ ସମ୍ପର୍କୀୟ ଓ ଅନ୍ୟ ଅଧିକାରୀ ଗଣ ଉପସ୍ଥିତ ରହିଥିବା ଦେଖିବାକୁ ମିଳିଛି।

## ମୌଳିକ ସୁବିଧାରୁ ବଞ୍ଚିତ ଖାରିଭଟା ଗ୍ରାମବାସୀ

# ଗାଁକୁ ନାହିଁ ପକ୍କା ରାସ୍ତା, ମିଳୁନି ପାନୀୟ ଜଳ

ବୈପାରୀଗୁଡ଼ା,୧୧ା୨(ସମିସ): ଗାଁକୁ ନା ଅଛି ପକ୍କା ରାସ୍ତା, ନା ମିଳୁଛି ବିଶୁଦ୍ଧ ପାନୀୟ ଜଳ । ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଗ୍ରାମବାସୀ ଦୁର୍ବିସହ ଜୀବନ ଅତିବାହିତ କରୁଛନ୍ତି । ଚୁଆ ପାଣିରେ ମେଣ୍ଟୁଛି ଶୋଷ। ପାହାଡ଼ ଜଙ୍ଗଲ ଜମି ହିଡ଼ ସାଜିଛି ରାସ୍ତା। ବୈପାରୀଗୁଡା ବ୍ଲକ୍ ମାଝୀଗୁଡା ପଞ୍ଚାୟତ ଉପାନ୍ତ ଅଞ୍ଚଳ ଖରିଭଟା ଗାଁରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଏହି ଗାଁରେ ୨୦ ଟି ପରିବାରର ୭୦ରୁ ଅଧିକ ଲୋକ ବସବାସ କରୁଛନ୍ତି। ସମସ୍ତ ପରିବାର କୁଲିମଜୁରୀ କରି ଜୀବିକା ନିର୍ବାହ କରୁଛନ୍ତି । ଗାଁରେ ଆଜି ପର୍ଯ୍ୟନ୍ତ ମୌଳିକ ସୁବିଧା ପହଞ୍ଚି ପାରି ନାହିଁ ଓ ଗାଁରେ ୨ ବର୍ଷ ପୂର୍ବେ ସୋଲାର ପାନୀୟ ଜଳ ବ୍ୟବସ୍ଥା କରାଗଲା । କିନ୍ତୁ ଆରମ୍ଭରୁ ଅଚଳ ହୋଇପଡ଼ିରହିଛି । ବାଧ ହୋଇ ଗାଁ ମୁଣ୍ଡରେ ଚୁଆ ଖୋଳି କୁଣ୍ଡ କରିଛନ୍ତି ଗ୍ରାମବାସୀ। ସେଥିରୁ ପ୍ରତିଦିନ ପାଣି ସଂଗ୍ରହ କରନ୍ତି ଗାଁର ମହିଳା ମାନେ। ବାଧ ହୋଇ ଦୂଷିତ ପାଣି



ଉପରେ ନିର୍ଭର କରୁଥିବା ବେଳେ ଅଧିକାଂଶ ସମୟରେ ରୋଗଗ୍ରସ୍ତ ହୁଅନ୍ତି ଗ୍ରାମବାସୀ । ଯାତାୟତ ପାଇଁ ମାଟି ରାସ୍ତାଟିଏ ମଧ୍ୟ ନାହିଁ କି ପାନୀୟ ଜଳ ବ୍ୟବସ୍ଥା ନାହିଁ । ଶୀତ ଓ ଖରାଦିନେ ପାହାଡିଆ ରାସ୍ତା କଷ୍ଟେ ମଷ୍ଟେ ଯାତାୟତ କରୁଛନ୍ତି ଲୋକେ। କିନ୍ତୁ ବର୍ଷା ଦିନେ ଯାତାୟାତ ଏକ ପ୍ରକାଶ ଠପ ହୋଇଯାଏ। ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଏ ଗାଁ । ରାସ୍ତା ନଥିବାରୁ ଗାଁରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁନି। ଆମ୍ବୁଲାନ୍ସ ଆସିବା ପାଇଁ ରାସ୍ତା ନାହିଁ । ଜରୁରୀ କାଳୀନ ପରିସ୍ଥିତିରେ ରୋଗୀ କିମ୍ବା ଗର୍ଭବତୀ ପାହାଡିଆ ଜଙ୍ଗଲ କାଦୁଅ ରାସ୍ତାରେ ବିପଦସଂକୁଳ ଅବସ୍ଥାରେ ଦୁଇ କିଲୋମିଟର ବୁହାହୁଅନ୍ତି । ବେଳେ ବେଳେ ଗର୍ଭବତୀ ମହିଳ ମେଡିକାଲ ଯାଇ ନପାରି ଗାଁରେ ହିଁ ବିପଦସଙ୍କୁଳ ଅବସ୍ଥାରେ ସନ୍ତାନ ଜନ୍ମ ଦିଅନ୍ତି। ଛୋଟ ପିଲା ମାନଙ୍କ ସ୍କୁଲ ଓ ଅଙ୍ଗନବାଡିରେ କେବଳ ନାଁ ଅଛି । କିନ୍ତୁ ପାଠ ପଢିଥାନ୍ତି ନାହିଁ। ଗାଁକୁ ଭଲ ରାସ୍ତା ଟିଏ ନଥିବାରୁ ଅନେକ ପିଲା ସ୍କୁଲକୁ ନଯାଇ ଗାଈ ଚରାଇଥାନ୍ତି। ୫ ବର୍ଷରେ ଥରେ ନେତାମାନେ ଗାଁକୁ ଆସି ଭୋଟ ମାଗୁଛନ୍ତି। ସମସ୍ତ ପ୍ରକାର ପ୍ରତିଶ୍ରୁତି ଦେଉଛନ୍ତି। ଜିଣିଗଲା ପରେ ଗାଁ କଥା ଭୁଲି ଯାଉଛନ୍ତି। ଏନେଇ ବହୁବାର ସ୍ଥାନୀୟ ବିଧାୟକ, ସାଂସଦ, ଏବଂ ମିଳିତ ଜନ ଶୁଣାଣିରେ ଜିଲ୍ଲାପାଳଙ୍କୁ ଜଣାଇଲେ ମଧ୍ୟ ଫଳ ଶୂନ। ଏଣୁ ତୁରନ୍ତ ଗାଁର ମୌଳିକ ସମସ୍ୟା ଦୂର କରା ନ ଗଲେ ଆଗମୀ ଦିନରେ ରାଜ ରାସ୍ତା ଓହ୍ଲାଇ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ଗ୍ରାମବାସୀ ସୁତି ଖରା, ଶାନ୍ତି ପାଙ୍ଗି, ୱାର୍ଡ ସଭ୍ୟ ସେଲିଆ ଗଲାରୀ ପ୍ରମୁଖ ଚେତାବନୀ ଦେଇଛନ୍ତି । ସ୍ଥାନୀୟ ପିଇଓଙ୍କୁ ପଚାରିବାରୁ ସେ କହୁଛନ୍ତି, ମନରେଗା ଯୋଜନାରେ ରାସ୍ତା କାମ ହେବ ଆଉ ପାଣି ସମସ୍ୟା ଅତି ଶୀଘ୍ର ସମାଧାନ ହେବ।

● ସଲପ ରସ ପିଇ ଟାୱାର ଉପରେ ଯୁବକଙ୍କ ଉନ୍ମତ୍ତକାଣ୍ଡ ଘଟଣା

# ଯୁବକଙ୍କ ଚିକିତ୍ସା ପାଇଁ ପ୍ରଶାସନର ସହାୟତା

ତେନ୍ତୁଳିଖୁଣ୍ଟି,୧୧ା୨(ସମିସ): ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡା ଥାନା ଅନ୍ତର୍ଗତ ତଗାପାଲି ଗ୍ରାମର ଭୁକ୍ତା ଜାନୀ(୪୦) ଙ୍କ ପତ୍ନୀ ଗତବର୍ଷ ଆରପାରିକୁ ଚାଲିଯିବା ପରେ ସାମାନ୍ୟ ମାନସିକ ଭାରସାମ୍ୟ ହରେଇ ବସିଥିଲେ। ଫଳରେ ଗତକାଲି ସଲପ ରସ ସେବନ କରି ତଗାପାଲି ଗ୍ରାମରେ ଥିବା ବିଏସଏନଏଲ ଟାୱାର ଉପରେ ଏକ ଲୁହା ଛଡ଼ ଧରି ଚଢି ଯାଇଥିଲେ। ଖବର ପାଇ ଖାତିଗୁଡା ପୁଲିସ ଓ ତେନ୍ତୁଳିଖୁଣ୍ଟି ଅଗ୍ନିଶମ ବିଭାଗ ପହଞ୍ଚି ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ହେଁ କୌଣସି ସୁଫଳ ମିଳିନଥିଲା। ଦୀର୍ଘ ୧୫ ଘଣ୍ଟା ପରେ ଅର୍ଥାତ ରାତ୍ର ୩ ଘଣ୍ଟା ସମୟରେ ଭୁକ୍ତା ଜାନୀ ତଳକୁ ଓହ୍ଲାଇଥିଲେ। ଏହି ଖବର ବିଭିନ୍ନ ଗଣ ମାଧ୍ୟମରେ ପ୍ରକାଶ ପାଇବା ପରେ ଜିଲ୍ଲା ପ୍ରଶାସନ ସହାୟତାର ହାତ ବଢ଼ାଇଛି। ନବରଙ୍ଗପୁର ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ନିର୍ଦ୍ଦେଶ କ୍ରମେ ସ୍ୱାସ୍ଥ୍ୟ ବିଭାଗ ସମ୍ପୃକ୍ତ ଗ୍ରାମରେ ପହଞ୍ଚି ଭୁକ୍ତାଙ୍କ ଚିକିତ୍ସା ପାଇଁ ପଦକ୍ଷେପ ଗ୍ରହଣ କରିଥିବା ଜଣାପଡିଛି। ନବରଙ୍ଗପୁର



ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ମଳୟ ପ୍ରଧାନ ତେନ୍ତୁଳିଖୁଣ୍ଟି ସିଏଚସି ଅଧିକ୍ଷକ ଡ. ସୋମଲେଇ ପ୍ରସାଦ ପଣ୍ଡାଙ୍କୁ ଯୋଗାଯୋଗ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ଭ୍ରାମ୍ୟମାଣ ଡାକ୍ତର ଅମରେଶ ପ୍ରସାଦ ମହାନ୍ତିଙ୍କ ସମେତ ଅନ୍ୟ କର୍ମଚାରୀ ତଗାପାଲି ଗ୍ରାମର ଭୁକ୍ତା ଜାନୀଙ୍କ ପରିବାରଙ୍କୁ ଭେଟିଥିଲେ। ଭୁକ୍ତାଙ୍କ ସହ ଆଲୋଚନା କରିଥିବା ବେଳେ ତାଙ୍କ ମୁଣ୍ଡ ବୁଲେଇ ହେଉଥିବା ପ୍ରକାଶ କରିଥିଲେ। ମାନସିକ ଭାରସାମ୍ୟ ହରେଇଥିବା ଅନୁମାନ କରି ଏକ ଆମ୍ବୁଲାନ୍ସ ଯୋଗେ ନବରଙ୍ଗପୁର ସ୍ଥିତ ମାନସିକ ବିଭାଗକୁ ଚିକିତ୍ସା ପାଇଁ ପଠାଯାଇଥିଲା। ସେଠାରେ ବିଭିନ୍ନ ପ୍ରକାର ପରୀକ୍ଷା କରାଯାଇଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଜଣାପଡିଛି। ଅନ୍ୟପଟେ ଭୁକ୍ତା ସଲପ ରଶ ସେବନ କରି ଟାୱାର ଉପରେ ଚଢି ଯାଇଥିବା ପରିବାର ଲୋକେ ପ୍ରକାଶ କରିଥିଲେ। ଭୁକ୍ତାଙ୍କ କଥାଭାଷାରେ ମଧ୍ୟ ଶାଳୀନତା ରହିଛି। ତଥାପି ଅଧିକ ଚିକିତ୍ସା ପାଇଁ କୋରାପୁଟ ପଠେଇବା ପାଇଁ କହିବାରୁ ପରିବାର ଲୋକେ ଓ ଭୁକ୍ତା ମନା କରିବାରୁ ନିଜ ଗ୍ରାମରେ ନେଇ ପହଞ୍ଚାଇ ଦେଇଥିବା ବିଡିଓ ମନୋଜ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ

କୌଣସି ବାହ୍ୟ ତତ୍ତ୍ୱ ଆମ ଅନ୍ତରାତ୍ମାକୁ ଶାସନ କରିପାରିବ ନାହିଁ।
ଏହି ସତ୍ୟ ଜାଣିଯିବା ପରେ ଯାଇ ଆମେ ପୂର୍ଣ୍ଣ ସ୍ୱାଧୀନ ବୋଲି ଘୋଷଣା କରିପାରିବା।
-ଗୌତମ ବୁଦ୍ଧ

## କେନ୍ଦ୍ରରୁ ପରୋକ୍ଷ ବୋନସ ବାର୍ତ୍ତା

ଦେଶରେ ଉତ୍ପାଦିତ ହେଉଥିବା ବିଭିନ୍ନ କୃଷିଜାତ ଦ୍ରବ୍ୟର କେନ୍ଦ୍ର ସରକାର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍ପି) ନିର୍ଦ୍ଧାରଣ ମାଧ୍ୟମରେ ଚାଷୀଙ୍କ ପାଇଁ ଲାଭଜନକ ମୂଲ୍ୟ ସୁନିଶ୍ଚିତ କରିଥା'ନ୍ତି। ତେବେ ଏହି ଏମ୍ଏସ୍ପିକୁ ଆଇନଗତ ସ୍ୱୀକୃତି ଦିଆଯାଇନାହିଁ। ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟଠାରୁ କମ ଦରରେ କୃଷି ଉତ୍ପାଦର ବିକ୍ରି ଖରିଦ ଯେ ଏକ ଧର୍ତ୍ତବ୍ୟ ଅପରାଧ ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଏଥିମଧ୍ୟରେ ଓଡ଼ିଶା ସମେତ ଏକାଧିକ ରାଜ୍ୟ ସରକାର ଧାନ ଓ ଗହମ ସଂଗ୍ରହରେ ଏମ୍ଏସ୍ପି ଉପରେ କ୍ୱିଣ୍ଟାଲ ପିଛା ବୋନସ ଦେଉଛନ୍ତି। ଚାଷୀ ମଧ୍ୟ ଉତ୍ସାହିତ ହୋଇ ଅଧିକରୁ ଅଧିକ ଫସଲ ଅମଳ କରୁଛନ୍ତି। ସରକାରଙ୍କ ସାଧାରଣ ବଣ୍ଟନ ବ୍ୟବସ୍ଥା ସହ ଅନ୍ୟାନ୍ୟ କଲ୍ୟାଣକାରୀ ଯୋଜନା ଓ ଅନ୍ୟାନ୍ୟ ଆକସ୍ମିକ ଆବଶ୍ୟକତା ପୂରଣ କରିବାରେ ଧାନ ଓ ଗହମ ଉପଯୋଗୀ ହୋଇ ଆସିଛି। ତେବେ ଭଣ୍ଡାରଣ କ୍ଷମତା ଅତିକ୍ରମ କରିଯାଇଥିବାରୁ କେନ୍ଦ୍ର ସରକାର ଅସହାୟତା ପ୍ରକାଶ କରିବା ସହ ବୋନସ ପ୍ରଦାନକୁ ନିରୁତ୍ସାହିତ କରୁଛନ୍ତି। ଆମ ରାଜ୍ୟ ସରକାର ମଧ୍ୟ ନିର୍ବାଚନ ପ୍ରତିଶ୍ରୁତି ରକ୍ଷା କରି କ୍ୱିଣ୍ଟାଲ ପିଛା ଧାନରେ ୮୦୦ ଟଙ୍କା ବୋନସ ପ୍ରଦାନ କରି ହରଡ଼ଘଣାରେ ପଡ଼ିଛନ୍ତି। ପରିସ୍ଥିତି ଏପରି ହୋଇଛି ଯେ ସରକାରଙ୍କୁ ଦେବାକୁ ବାଧୁଛି, ଅନ୍ୟପଟେ ଅଧିକ ଧାନ ସଂଗ୍ରହ କରି ତାହାକୁ କେଉଁଠି ରଖିବେ ସେ ଚିନ୍ତା ଘାରିଛି।

ନିକଟରେ କେରଳ ସରକାରଙ୍କ ମୁଖ୍ୟ ସଚିବଙ୍କୁ କେନ୍ଦ୍ର ଅର୍ଥମନ୍ତ୍ରାଳୟ ଲେଖିଥିବା ଚିଠିର ମର୍ମରୁ ସ୍ପଷ୍ଟ ହୋଇଛି ଯେ ବୋନସ ପ୍ରଦାନ ବନ୍ଦ ହେଉ। ଧାନ ଓ ଗହମ ବଦଳରେ ଡାଲି ଓ ତୈଳବୀଜ ଉତ୍ପାଦନ ପାଇଁ ଚାଷୀଙ୍କୁ ପ୍ରୋତ୍ସାହିତ କରାଯାଉ। କାରଣ ଏ କ୍ଷେତ୍ରରେ ଦେଶ ଆତ୍ମନିର୍ଭରଶୀଳ ହୋଇନଥିବାରୁ ବିଦେଶରୁ ଆମଦାନୀ କରିବାକୁ ପଡୁଛି। କେରଳ କୃଷିପ୍ରଧାନ ରାଜ୍ୟ ନୁହେଁ। ତଥାପି ଧାନ ଓ ଗହମରେ ଦିଆଯାଉଥିବା ବୋନସ ପ୍ରସଙ୍ଗରେ ସେଠାକାର ମୁଖ୍ୟ ସଚିବଙ୍କୁ ଚିଠି ଲେଖି କେନ୍ଦ୍ର ସରକାର ପରୋକ୍ଷରେ ଡବଲ ଇଞ୍ଜିନ ସରକାରଙ୍କୁ ଚେତାବନୀ ଦେଇନାହାନ୍ତି କି? ଏହି ପତ୍ରର ଅନ୍ୟ ଏକ ଦିଗ ହେଲା, ଗହମ ଓ ଧାନ ଚାଷରେ ତୁଳନାତ୍ମକ ଭାବେ ଅଧିକ ଜଳ ବିନିଯୋଗ ହେଉଥିବାରୁ ଭୂତଳ ଜଳସ୍ତର ହ୍ରାସ ପାଇଛି। ଏଥିସହ ମୃତ୍ତିକା ଓ ଜୈବ ବିବିଧତାରେ ପରିଲକ୍ଷିତ ଅବକ୍ଷୟ ଧାରା ଆଗକୁ ଏକ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିବାକୁ ଯାଉଛି। ସେହିଭଳି ନଡ଼ାପୋଡ଼ିରୁ ଯେଉଁ ପରିବେଶ ଜନିତ ସମସ୍ୟା ସୃଷ୍ଟି ହୋଇଛି ତାହା କ୍ରମେ ନିୟନ୍ତ୍ରଣ ସୀମା ଅତିକ୍ରମ କରୁଛି।

ଅର୍ଥ ମନ୍ତ୍ରଣାଳୟର ପତ୍ର ମାଧ୍ୟମରେ କେନ୍ଦ୍ର ସରକାର ଯେଉଁ ବାର୍ତ୍ତା ଦେଇଛନ୍ତି ସେଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଚାଷୀଙ୍କୁ ଦିଆଯାଇଥିବା ବୋନସ ଆଗାମୀ ଦିନରେ ବନ୍ଦ ହେବ। ମୃତ୍ତିକା, ଜୈବ ବିବିଧତା ଓ ପରିବେଶରେ ସନ୍ତୁଳନ ରକ୍ଷା କରିବା ପାଇଁ ଧାନ ଓ ଗହମ ଚାଷକୁ ନିରୁତ୍ସାହିତ କରାଯିବ। ସରକାର ସଂଗ୍ରହ ପରିମାଣ ହ୍ରାସ କଲେ ଲାଭଖୋର ବେପାରୀଙ୍କ ସହ ବିକ୍ରିବଟା ପାଇଁ ଯେଉଁ ବାଧବାଧକତା ସୃଷ୍ଟି ହେବ ସେଥିରେ ଚାଷୀଙ୍କ ଆର୍ଥିକ ଦୁର୍ଗତି ଆଗକୁ ଆହୁରି ବଢ଼ିବ। ତେଣୁ ଏମଏସପିକୁ ଆଇନଗତ ମର୍ଯ୍ୟାଦା ପ୍ରଦାନ କରି କମ ମୂଲ୍ୟରେ ବିକ୍ରି ଖରିଦ ଏକ ଧର୍ତ୍ତବ୍ୟ ଅପରାଧ ରୂପେ ପରିଗଣିତ ହେବା ଉଚିତ। ଧାନ ଓ ଗହମର ଗୁଣାତ୍ମକ ମାନ ଧାର୍ଯ୍ୟ କରି ତାହାକୁ ରପ୍ତାନି ବାଣିଜ୍ୟର ବିଶେଷ ରୂପେ ମାନ୍ୟତା ଦେବାରେ ପ୍ରତିବନ୍ଧକ ରହୁଛି କେଉଁଠି? ଏଥିପ୍ରତି ଦୃଷ୍ଟି ଦେଲେ ସରକାରଙ୍କ ଭଣ୍ଡାରରେ ସମସ୍ୟା ଦୂରହେବା ସହ ଚାଷୀ ମଧ୍ୟ ଲାଭବାନ ହୋଇପାରନ୍ତେ।

## ଜାପାନରେ ନୂଆ ନେତୃତ୍ୱ

ସୂର୍ଯ୍ୟୋଦୟର ଦେଶ ଜାପାନରେ ଏବେ ଜଣେ ଲୋକପ୍ରିୟ ରାଷ୍ଟ୍ରନାୟକଙ୍କ ଅଭ୍ୟୁଦୟ ଘଟିଛି। ପୁରୁଷ ପ୍ରଧାନ ରାଜନୀତିରେ ବିପୁଳ ଜନସମର୍ଥନ ହାସଲ କରି ଜଣେ ମହିଳା ଯେ ବ୍ୟବସ୍ଥାକୁ ସୁଧାରିବାର ନେତୃତ୍ୱ ନେବେ ଏକଥା କେହି କଳ୍ପନା କରୁନଥିଲେ। ସେ ହେଲେ ଲୌହମାନବୀ ସାନେ ତକାଇଚି। ଲିବରାଲ୍ ଡେମୋକ୍ରାଟିକ୍ ପାର୍ଟି ପକ୍ଷରୁ ମନୋନୀତ ହୋଇ ସେ ୨୦୨୫ ଅକ୍ଟୋବରରେ ଜାପାନର ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କ ମତରେ ନେତା ବାଛିବାରେ ସାର୍ବଭୌମ ଅଧିକାର ଦେଶବାସୀଙ୍କର। ସେ ତାଙ୍କର ଲୋକପ୍ରିୟତାକୁ ବାଜିରେ ଲଗାଇ ଦେଶରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ଘୋଷଣା କରିଥିଲେ। ବିଶ୍ୱଯୁଦ୍ଧ ପରବର୍ତ୍ତୀ ଜାପାନରେ ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ହାସଲ କରିବା ଯେକୌଣସି ଦଳ ବା ମେଣ୍ଟ ପକ୍ଷରେ ଏକପ୍ରକାର ଦୁରୁହ ବ୍ୟାପର ହୋଇଥିବା ବେଳେ ତାହାକୁ ସମ୍ଭବ କରିଛି ତକାଇଚିଙ୍କ ନେତୃତ୍ୱ। ରାଜନୈତିକ ଅସ୍ଥିରତାରୁ ବାରମ୍ବାର ନେତୃତ୍ୱ ପରିବର୍ତ୍ତନ ସାଙ୍ଗକୁ ଅବକ୍ଷୟମୁଖୀ ଅର୍ଥନୀତି ଦେଶବାସୀଙ୍କୁ ଜଣେ ସମର୍ଥ ଓ ସୁଯୋଗ୍ୟ ନେତୃତ୍ୱକୁ ନିର୍ବାଚିତ କରିବାକୁ ସୁଯୋଗ ସୃଷ୍ଟି କରିଥିଲା। ଗତ ରବିବାରର ନିର୍ବାଚନ ଫଳରୁ ତାହାହିଁ ସ୍ପଷ୍ଟ ହୋଇଛି। ଉଲ୍ଲେଖଯୋଗ୍ୟ ୩୦ ବର୍ଷରୁ କମ ବୟସର ୯୦ ପ୍ରତିଶତରୁ ଅଧିକ ଯୁବ ମତଦାତା ତକାଇଚିଙ୍କ ନେତୃତ୍ୱ ସପକ୍ଷରେ ମତଦାନ କରିଥିଲେ।

ଉଚ୍ଚ ସଦନ ବିରୋଧୀଙ୍କ ନିୟନ୍ତ୍ରଣରେ ଥିଲେ ମଧ୍ୟ ଆଇନ ପ୍ରଣୟନ କରି ତାହାର ଅନୁମୋଦନ ସକାଶେ କୌଣସି ପ୍ରତିବନ୍ଧକ ହେବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଦେଶର ବୃହତ୍ତର ସ୍ୱାର୍ଥରକ୍ଷା ପାଇଁ ବିରୋଧୀଙ୍କ ସହ ହାତ ମିଶାଇ କାର୍ଯ୍ୟ କରିବାର ପ୍ରତିଶ୍ରୁତି ସେ ଦେଇଛନ୍ତି। ଚୀନ ଓ ଉତ୍ତର କୋରିଆ ପକ୍ଷରୁ ସାମ୍ଭବ୍ୟ ବିପଦକୁ ଦୃଷ୍ଟିରେ ରଖି ଜାପାନର ସାମରିକ ସାମର୍ଥ୍ୟ ବୃଦ୍ଧିକୁ ଅଗ୍ରାଧିକାର ଦିଆଯିବ। ଏଥିସକାଶେ ସଂବିଧାନ ସଂଶୋଧନର ଆବଶ୍ୟକତା ଉପୁଜିପାରେ। ୧୯୪୭ରେ ଆମେରିକାର ପ୍ରତିରକ୍ଷା ବାହିନୀ ନିୟନ୍ତ୍ରଣରେ ଜାପାନ ଥିବାରୁ ସେତେବେଳେ ପ୍ରଣୟନ କରାଯାଇଥିବା ସଂବିଧାନରେ ପ୍ରତିରକ୍ଷା ପ୍ରସ୍ତୁତି ଉପରେ କଟକଣା ପ୍ରୟୋଗ କରାଯାଇଥିଲା। ନିର୍ବାଚିତ ହେବା ପରେ ତକାଇଚି ସ୍ପଷ୍ଟ କରିଛନ୍ତି ଯେ ସଂବିଧାନରେ ଏହି ଦିଗ ସଂଶୋଧନ ହେବା ଜରୁରୀ। ଜାପାନ ସୁରକ୍ଷାକୁ ଅଗ୍ରାଧିକାର ଦେବା ସହ ଶକ୍ତି, ସାମର୍ଥ୍ୟ ଓ ସମୃଦ୍ଧି ସକାଶେ ଅର୍ଥନୀତିକୁ ସୁଧାରିବା ଜରୁରୀ ହୋଇପଡ଼ିଛି। ବର୍ଦ୍ଧିତ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣକୁ ଆଣିବା ଏବଂ ଖାଦ୍ୟ ଉପରୁ ଟିକସ ପ୍ରତ୍ୟାହାର ଭଳି ନିଷ୍ପତ୍ତି କାର୍ଯ୍ୟକାରୀ ପାଇଁ ଆବଶ୍ୟକ ପଡ଼ିଲେ ଋଣ କରିବାକୁ ସରକାର ପଛଘୁଞ୍ଚା ଦେବେ ନାହିଁ ବୋଲି ସୂଚନା ଦେଇଛନ୍ତି ତକାଇଚି।

ତକାଇଚି ଉଦାରବାଦୀ ଗଣତାନ୍ତ୍ରିକ ଦଳକୁ ପ୍ରତିନିଧିତ୍ୱ କରୁଥିଲେ ହେଁ ରକ୍ଷଣବାଦୀ ନୀତିକୁ ଆପଣାର ଦେଶରେ ପରିଲକ୍ଷିତ ଦୁର୍ବଳ ଦିଗଗୁଡ଼ିକୁ ସୁଧାରିବା ପ୍ରତି ଗୁରୁତ୍ୱ ଦେବେ। ଦକ୍ଷିଣ ପୂର୍ବ ଏସିଆର ଭୂ-ରାଜନୈତିକ ସ୍ଥିତିରେ ତାଙ୍କର ଭୂମିକା ଆଗାମୀ ଦିନରେ ସ୍ୱତନ୍ତ୍ର ମହତ୍ତ୍ୱ ରଖିବ। ବିଶେଷକରି ଚୀନକୁ ପ୍ରତିରୋଧ କରିବା ସକାଶେ ଜାପାନକୁ ଆମେରିକାର ସାହାଯ୍ୟ ଓ ସମର୍ଥନ ମିଳିବାର ସୂଚନା ଏବେଠାରୁ ସ୍ପଷ୍ଟ ହୋଇଛି।

# ବିପନ୍ନ ଆଦିବାସୀ ଭାଷାକୁ ସୁରକ୍ଷା ଦେବ କିଏ?

ଓଡ଼ିଶାରେ ୬୨ ପ୍ରକାର ଆଦିବାସୀ ବସବାସ କରନ୍ତି। ୨୦୧୧ ଜନଗଣନା ଅନୁସାରେ ରାଜ୍ୟର ମୋଟ୍ ୪୫ ପ୍ରତିଶତ ଭୌଗୋଳିକ ଅଞ୍ଚଳରେ ବସବାସ କରୁଥିବା ଏମାନଙ୍କ ସଂଖ୍ୟା ମୋଟ୍ ଜନସଂଖ୍ୟାର ୨୨.୮ ପ୍ରତିଶତ। ଦେଶର ମୋଟ ଆଦିବାସୀ ଜନସଂଖ୍ୟାର ଏହା ପ୍ରାୟ ଦଶ ପ୍ରତିଶତ। ଅବିଭକ୍ତ କୋରାପୁଟ, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜରେ ଆଦିବାସୀମାନେ ଅଧିକ ସଂଖ୍ୟାରେ ବାସ କରନ୍ତି। ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ପଛୁଆ ଏହି ବର୍ଗ ମଧ୍ୟରୁ ଜୁଆଙ୍ଗ, ଖଡ଼ିଆ, ଡଙ୍ଗରିଆ କନ୍ଧ, କୁଟିଆ କନ୍ଧ ଓ ଲାଞ୍ଜିଆ ସୌରା ଆଦି ୧୩ ଆଦିବାସୀ ସଂପ୍ରଦାୟ ବିପନ୍ନପ୍ରାୟ ଶ୍ରେଣୀର। ତେଣୁ ସେମାନଙ୍କ କଲ୍ୟାଣ ପାଇଁ ବିଭିନ୍ନ ସରକାରୀ ଯୋଜନା ଓ ଉପଯୋଜନାମାନ କାର୍ଯ୍ୟକାରୀ ହେଉଛି। ଏହାସତ୍ତ୍ୱେ ଜାତିଗତ ପରିଚୟର ସୁରକ୍ଷା ପାଇଁ ଭାଷାର ସୁରକ୍ଷା ଓ ସଂରକ୍ଷଣ ଅତି ଗୁରୁତ୍ୱପୂର୍ଣ୍ଣ।

ଓଡ଼ିଶାରେ ବିଭିନ୍ନ ଆଦିବାସୀ ସଂପ୍ରଦାୟଙ୍କ ଭାଷାର ସୁରକ୍ଷା ପାଇଁ ଅତୀତରେ ରାଜ୍ୟ ସରକାର ଉଦ୍ୟମ କରିଆସୁଥିଲେ ହେଁ କେନ୍ଦ୍ରୀୟ ସହଯୋଗ ବିନା ସେ ସବୁ ଭାଷାର ସାମ୍ବିଧାନିକ ସୁରକ୍ଷା ଅସମ୍ଭବ। ତେଣୁ ତତ୍କାଳୀନ ରାଜ୍ୟ ସରକାର କ୍ରମାଗତ ଭାବେ ଏଥିପାଇଁ କେନ୍ଦ୍ରକୁ ଅନୁରୋଧ କରିଆସୁଥିଲେ। ଅପରପକ୍ଷରେ କେନ୍ଦ୍ରର କ୍ରମାଗତ ଅବହେଳା ଯୋଗୁଁ ଆଦିବାସୀ ଭାଷା ବିପନ୍ନ ହୋଇଚାଲିଛି। ଭାଷାଟିଏ ମରିଗଲେ ଜାତିଟିଏ ମରିଯାଏ ଏବଂ ତାହାର ସଂସ୍କୃତି ଲୋପ ପାଏ। ଅଥଚ କେନ୍ଦ୍ର ସରକାରଙ୍କ ଏ ଦିଗରେ ଉଦାସୀନତା ଆଶ୍ଚର୍ଯ୍ୟ କରୁଛି।

ଓଡ଼ିଶାରେ ବସବାସ କରୁଥିବା ୬୨ପ୍ରକାର ଜନଜାତି ବର୍ଗର ଲୋକ ୭୪ ପ୍ରକାର ଭାଷା କହନ୍ତି। ଭାଷାବିତ୍ମାନଙ୍କ ମତରେ ସେଗୁଡ଼ିକ ମଧ୍ୟରୁ ବାଲ୍ମିକୀ, ମହ୍ଲାର, ଜୁଆଙ୍ଗ, କିସାନ, କୋୟା, ଓରାମ, ମୁଣ୍ଡାରୀ, ସୌରୀ, ଗଡ୍ବା, ବଡ଼ଗଡ୍ବା, ଭୂମିଜ, ହୋ ଓ ଗୋଣ୍ଡି ଆଦି ୧୩ଟି ବିଲୁପ୍ତପ୍ରାୟ। କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟର ସୂଚନା ଅନୁସାରେ ସମଗ୍ର ଦେଶରେ ୮୨ଟି ଆଦିବାସୀ ଭାଷା ବିପନ୍ନ। ସେ ସବୁ ଭାଷାର ସୁରକ୍ଷା ପାଇଁ ରାଜ୍ୟ ସରକାରମାନଙ୍କ ସହାୟତାରେ ବର୍ଣ୍ଣବୋଧ ପ୍ରସ୍ତୁତ ହୋଇଛି। ଓଡ଼ିଶାରୁ ସେଥିରେ ପାଞ୍ଚଟି ଯଥା ଜୁଆଙ୍ଗ, କିସାନ, କୋୟା, ଓରାମ ଓ ସଉରା ଅନ୍ତର୍ଭୁକ୍ତ। ଅଥଚ ସମ୍ବିଧାନର ଅଷ୍ଟମ ସୂଚୀରେ ସଉରା, ଭୂମିଜ, ହୋ, ମୁଣ୍ଡାରି ଆଦି ଭାଷାକୁ ସ୍ଥାନିତ କରିବାକୁ ଗତ ପ୍ରାୟ ୧୧ ବର୍ଷ ଧରି କେନ୍ଦ୍ର ସରକାର ଉଦାସୀନ।

ଜାତୀୟ ଶିକ୍ଷାନୀତି ୨୦୨୦ରେ ପ୍ରାକ୍ କୌଶଳ ଓ ଶିଶୁ ଶ୍ରେଣୀଠାରୁ ଆରମ୍ଭ କରି ଉପର ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତଙ୍କୁ ମାତୃଭାଷାରେ ଶିକ୍ଷା ଦେବାର ବ୍ୟବସ୍ଥା ରହିଛି। ସେସବୁ ଭାଷାର ସୁରକ୍ଷା ଓ ବିକାଶ ନ ହେଲେ ଶିକ୍ଷା ନୀତିର ଲକ୍ଷ୍ୟ ସଫଳ ହେବ କେମିତି? ରାଜ୍ୟର ଆଦିବାସୀବହୁଳ ଜିଲ୍ଲାମାନଙ୍କରେ ବିପନ୍ନ ଆଦିବାସୀ ଭାଷାର ସୁରକ୍ଷା ପାଇଁ ବିଭିନ୍ନ ଘରୋଇ ଓ ସରକାରୀ ଅନୁଷ୍ଠାନମାନେ ଯଥାସାଧ୍ୟ ଉଦ୍ୟମ କରୁଛନ୍ତି। କେତେକ ଅଞ୍ଚଳରେ ଶିଳ୍ପ ସଂସ୍ଥାମାନେ ସହଯୋଗର ହାତ ବଢ଼ାଇଛନ୍ତି। ଯାଜପୁର ଜିଲ୍ଲାର ସୁକିନ୍ଦା ଓ ଦାନଗଦି ଅଞ୍ଚଳରେ ଘରୋଇ ଶିଳ୍ପ ସଂସ୍ଥା ଉଦ୍ୟମରେ ୬୮ଟି ଆଦିବାସୀ ଭାଷା ସୁରକ୍ଷା କେନ୍ଦ୍ର ଚାଲିଛି। ରାୟଗଡ଼ା, ସୁନ୍ଦରଗଡ଼ ଓ ଅନୁଗୋଳ ଜିଲ୍ଲାରେ ମଧ୍ୟ ଏଭଳି ପ୍ରୟାସ ଆରମ୍ଭ ହୋଇଥିବାର ସୂଚନା ରହିଛି। ଏହା ଏକ ସାଧୁ ଉଦ୍ୟମ। ତେବେ ଏଥିପାଇଁ କେନ୍ଦ୍ରୀୟ ସ୍ତରରେ ନୀତି ପ୍ରସ୍ତୁତ ହୋଇ ସର୍ବଭାରତୀୟ ସ୍ତରରେ ତାହା କାର୍ଯ୍ୟକାରୀ ନ ହେବା ପର୍ଯ୍ୟନ୍ତ ଆଦିବାସୀ ଭାଷା ବିପନ୍ନ ତାଲିକାରୁ ଉପରକୁ ଉଠିପାରିବ ନାହିଁ। ଯେଉଁ ଆଦିବାସୀ ଭାଷାର ନିଜସ୍ୱ ଲିପି ଅଛି, ସେ ଭାଷାକୁ ବଞ୍ଚାଇବା କଷ୍ଟସାଧ୍ୟ ହେବ ନାହିଁ। ଉଦାହରଣ ସ୍ୱରୂପ ହୋ ଓ ସାନ୍ତାଳିର ନିଜସ୍ୱ ଲିପି ଯଥାକ୍ରମେ ୱାରାଙ୍ଗଚିଟି ଓ ଅଲଚିକି ରହିଛି। ତେବେ ଯେଉଁମାନଙ୍କର ଲିପି ନାହିଁ, ସେ ଭାଷାର ସୁରକ୍ଷା ଏକ କଷ୍ଟସାଧ୍ୟ ବ୍ୟାପାର। ସେ ସବୁ ପିଲାଙ୍କୁ ସେହି ଭାଷାରେ କଥା କହି ତାଙ୍କ ସଂସ୍କୃତିର କାହାଣୀ ଶୁଣାଇ ସେ ଭାଷାକୁ ପ୍ରଥମେ ବଞ୍ଚାଇବାକୁ ହେବ ଓ ପରବର୍ତ୍ତୀ ସମୟରେ ଲିପି ପ୍ରସ୍ତୁତ କରିବାକୁ ପଡ଼ିବ।

ଭାଷା ମୃତ୍ୟୁ ସମସ୍ୟା ସମଗ୍ର ବିଶ୍ୱରେ ଉତ୍କଟ। ବିଶ୍ୱର ୬୦୦୦ କଥିତ ଭାଷା ମଧ୍ୟରୁ ୪୩ ଶତାଂଶ ବିପନ୍ନ। ପ୍ରତିଦିନ ଗୋଟିଏ ଲେଖାଏଁ ଭାଷା ମରୁଛି; କାରଣ ସେ ଭାଷା କହୁଥିବା ଶେଷ ଲୋକର ମୃତ୍ୟୁ ସହିତ ତାହାର ମାତୃଭାଷା ବିପନ୍ନ ହେଉଛି। ଓଡ଼ିଶାରେ ଅନେକ ଆଦିବାସୀ ନିଜସ୍ୱ ଭାଷା ସହିତ ଅନେକ ଉପଭାଷା ମଧ୍ୟ କହିଥା'ନ୍ତି। ଆଞ୍ଚଳିକ ଭାଷାରେ ହିନ୍ଦୀ ଓ ଇଂରାଜୀର ବହୁଳ ବ୍ୟବହାର, ଜୀବିକା ଚିନ୍ତା, ପାଠପଢ଼ା, ସ୍ଥାନାନ୍ତରଣ, ଧର୍ମାନ୍ତର ଓ ବାହ୍ୟ ସାଂସ୍କୃତିକ ପ୍ରଭାବ ଯୋଗୁଁ ଭାଷା ବିପନ୍ନ ହେବାରେ ଲାଗିଛି। ଏହାଛଡ଼ା ଭାଷା ସହିତ କଥନ, ଲିଖନ ଓ ପଠନ ଜଡ଼ିତ। ସେ ଶୃଙ୍ଖଳା ବିଗିଡ଼ିଲେ ଭାଷା ମରିବା ସ୍ୱାଭାବିକ। ତେଣୁ ବିପନ୍ନପ୍ରାୟ ଭାଷାକୁ ବଞ୍ଚାଇବା କେବଳ ଏକ ଆହ୍ୱାନ ନୁହେଁ, ଏହା ଅତ୍ୟନ୍ତ ବ୍ୟୟବହୁଳ ଓ କଷ୍ଟସାଧ୍ୟ ବ୍ୟାପାର। ତଥାପି ସରକାରୀ ଆଗ୍ରହ ଓ ରାଜନୈତିକ ସଦିଚ୍ଛା ଏହାକୁ ସହଜ କରିପାରନ୍ତା। ନୀତି ନିର୍ଦ୍ଧାରକମାନେ ହେଜିବା ଦରକାର ଯେ ମାତୃଭାଷା ଯଦି ରୋଜଗାରର ଭାଷା ନ ହୁଏ ତା'କୁ ବଞ୍ଚାଇ ରଖିବା କଷ୍ଟ।

ଥରେ ଭାଷା ହଜିଗଲେ ସେହି ନିର୍ଦ୍ଦିଷ୍ଟ ଭାଷାଭାଷୀଙ୍କ ପରିଚୟ ମଧ୍ୟ ହଜିଯାଏ। ତେଣୁ ସେମାନଙ୍କର ଭାଷାର ସୁରକ୍ଷା ଅର୍ଥ ସେମାନଙ୍କର ପରିଚୟର ସୁରକ୍ଷା। ଏଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିବାର ଆବଶ୍ୟକତା ରହିଛି। ଆମ ଦେଶର ପ୍ରଥମ ଆଦିବାସୀ ରାଷ୍ଟ୍ରପତି ଭାବେ ଜଣେ ଓଡ଼ିଆ ମହିଳା ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଅଧିଷ୍ଠିତ ହୋଇଛନ୍ତି। ଏବେ ମୁଖ୍ୟମନ୍ତ୍ରୀ ପଦରେ ଆଦିବାସୀ ସମ୍ପ୍ରଦାୟର ମୋହନ ଚରଣ ମାଝୀ ବସିଛନ୍ତି। ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଦାୟିତ୍ୱରେ ଜଣେ ଓଡ଼ିଆ ଦୀର୍ଘଦିନ ଧରି ରହିଛନ୍ତି। ତଥାପି ଏ କ୍ଷେତ୍ରରେ ଅବହେଳା ଓଡ଼ିଶାର ଆଦିବାସୀଙ୍କ ପ୍ରତି ଅନ୍ୟାୟ।

ତତ୍କାଳୀନ ରାଜ୍ୟ ସରକାର ହୋ, ଭୂମିଜ ଓ ମୁଣ୍ଡାରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ପତ୍ର ଲେଖିବା ସହ ବାରମ୍ବାର ଦାବି କରିଆସୁଥିଲେ। ଏହି କ୍ରମରେ 'ସଉରା' ଭାଷାକୁ ସାମ୍ବିଧାନିକ ମାନ୍ୟତା ପାଇଁ ମନ୍ତ୍ରି ପରିଷଦ ମଧ୍ୟ ସୁପାରିସ କରିଥିଲା। ରାଜ୍ୟରେ ବସବାସ କରୁଥିବା ୫ ଲକ୍ଷ ସଉରା ଭାଷାଭାଷୀ ଜନଜାତିଙ୍କ ପରିଚୟ ଦୃଷ୍ଟିରୁ ଏହା ନିତାନ୍ତ ଆବଶ୍ୟକ। ସଂସ୍କୃତ ସାହିତ୍ୟ ଓ ପୁରାଣରେ ଏହି ଭାଷାର ଉଲ୍ଲେଖ ରହିଛି। ତେଣୁ ସଉରା ଭାଷାକୁ ବଞ୍ଚାଇ ରଖାଯିବାର ଆବଶ୍ୟକତା ରହିଛି। ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସଉରା ଭାଷା ଅନ୍ତର୍ଭୁକ୍ତ ହେଲେ କେବିକେ ଅଞ୍ଚଳ ରାୟଗଡ଼ା, ଗଜପତି, ବରଗଡ଼, ବଲାଙ୍ଗୀର ଆଦି ଜିଲ୍ଲାର ଜନଜାତିଙ୍କ କଥିତ ଭାଷା(ସଉରା)ର ସଂରକ୍ଷଣ, ବିକାଶ ଓ ପ୍ରସାରଣ ସହ ଗବେଷଣା ଓ ଅଧ୍ୟୟନ ନିମନ୍ତେ ବ୍ୟାପକ କ୍ଷେତ୍ର ପ୍ରସ୍ତୁତି ହୋଇପାରିବ।

କେବଳ ସଉରା ଭାଷାକୁ ନୁହେଁ ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟମାନଙ୍କର ଜନଜାତି ସମ୍ପ୍ରଦାୟର ୩୦ ଲକ୍ଷରୁ ଅଧିକ ଲୋକଙ୍କ ଦ୍ୱାରା ବହୁଳ ବ୍ୟବହୃତ ହୋ, ମୁଣ୍ଡାରୀ ଓ ଭୂମିଜ ଭାଷାକୁ ମାନ୍ୟତା ପ୍ରଦାନ କରିବା ପାଇଁ ତତ୍କାଳୀନ ଓଡ଼ିଶା ସରକାର ଦାବି କରିଆସୁଥିଲେ, ଯାହା ବର୍ତ୍ତମାନର ସରକାର ଅମଳରେ ଶୀତଳଭଣ୍ଡାରକୁ ଚାଲିଯାଇଛି। ସେହିପରି ସମଗ୍ର ଦେଶରେ ପ୍ରାୟ ୭୫ ଲକ୍ଷ ଲୋକ ମୁଣ୍ଡାରୀ ଭାଷା କହୁଥିବା ବେଳେ ଓଡ଼ିଶାର ୮ ଲକ୍ଷରୁ ଅଧିକ ଲୋକେ ଏହି ଭାଷା କହିଥା'ନ୍ତି। ମୁଣ୍ଡାରୀ ଭାଷାର ନିଜସ୍ୱ ଲିପି - 'ମୁଣ୍ଡାରୀ ବାଣୀ' ମଧ୍ୟ ରହିଛି। ତେଣୁ ରାଜ୍ୟର ପ୍ରାଥମିକ ଶିକ୍ଷାନୁଷ୍ଠାନରେ ପଢୁଥିବା ବିଭିନ୍ନ ଜନଜାତି ବର୍ଗର ପିଲାମାନଙ୍କ ବୌଦ୍ଧିକ ବିକାଶ ପାଇଁ ସେମାନଙ୍କୁ ମାତୃଭାଷାରେ ଶିକ୍ଷାଦାନ କରିବାକୁ ତତ୍କାଳୀନ ସରକାର ସ୍ୱତନ୍ତ୍ର ଶିକ୍ଷକ (ମଲ୍ଟି ଲିଙ୍ଗୁଆଲ୍ ଟିଚର୍) ନିଯୁକ୍ତି ବ୍ୟବସ୍ଥା ମଧ୍ୟ କରିଥିଲେ। ପୂର୍ବ ସରକାର ଅମଳରେ ୫ ଲକ୍ଷ ଆଦିବାସୀ ବାଳିକାମାନଙ୍କ ପାଇଁ ହଷ୍ଟେଲ ବ୍ୟବସ୍ଥା ସୁନିଶ୍ଚିତ କରାଯାଇଥିବା ବେଳେ ୨୩ଟି ଜିଲ୍ଲାରେ ସ୍ୱତନ୍ତ୍ର ବିକାଶ ପରିଷଦ (ଏସଡିସି) ଗଠନ କରାଯାଇଥିଲା, ଯାହା ଆଦିବାସୀ ସଂସ୍କୃତିର ସଂରକ୍ଷଣ, ପ୍ରଚାର ପ୍ରସାର ଏବଂ ଦସ୍ତାବିଜ ପ୍ରସ୍ତୁତି ଦିଗରେ କାର୍ଯ୍ୟ କରୁଛି।

ଭାରତ ସରକାର ଉତ୍ତର-ପୂର୍ବାଞ୍ଚଳର ବହୁ ଆଦିବାସୀ ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସ୍ଥାନିତ କରିଛନ୍ତି। ସେ ଦୃଷ୍ଟିରୁ ଓଡ଼ିଶାର ଦାବିକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କଲେ ରାଜ୍ୟର ଏହି ଆଦିବାସୀମାନେ ନିଜର ଭାଷାଗତ ଐତିହ୍ୟ ଓ ପରମ୍ପରା ରକ୍ଷା କରିବାର ସୁଯୋଗ ପାଆନ୍ତେ। ଏହାକୁ ନେଇ ରାଜନୀତି କରାଯିବା ଅନାବଶ୍ୟକ। କେନ୍ଦ୍ର ସରକାର ଆଦିବାସୀଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେଉଥିବା ବେଳେ ଓଡ଼ିଶାର ବିପନ୍ନପ୍ରାୟ ଜନଜାତିଙ୍କ ସ୍ୱାର୍ଥକୁ ଯଥୋଚିତ ଗୁରୁତ୍ୱ ଦେଇ ଶୀଘ୍ର ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଆଶା।

(ସକାଳ ମିଡିଆ ସର୍ଭିସ୍)

# ସନ୍ତାନର ଭବିଷ୍ୟତ ଓ ପିତାମାତାଙ୍କ ଦାୟିତ୍ୱ

ପ୍ରତିମା ବିଶ୍ୱାଳ

ଆଜିକାଲି ଦେଖାଯାଉଛି ପରିବାରଗୁଡ଼ିକରେ ସେମାନଙ୍କ ପିଲାମାନଙ୍କ ଦୁଷ୍ଟ ହେବାକୁ ନେଇ ଚିନ୍ତା ବଢୁଛି। ଅନେକ ମାଆ କହୁଛନ୍ତି ଆମ ପିଲା ଦିନକୁ ଦିନ କେବଳ ଦୁଷ୍ଟ ନୁହେଁ, ନଷ୍ଟ ବି ହୋଇ ଯାଉଛନ୍ତି। ଗୁରୁଜନମାନଙ୍କ କଥା ମାନୁ ନାହାନ୍ତି। ପରିବାରର ସମସ୍ତଙ୍କୁ ଅସମ୍ମାନ କରୁଛନ୍ତି। ପାଠ ପଢ଼ିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଅଧିକାଂଶ ସମୟ ମୋବାଇଲ୍ ଫୋନ୍ ଦେଖାରେ ନଷ୍ଟ ହେଉଛି। ଏମିତି ଆହୁରି ଅଭିଯୋଗ ଆସୁଛି ଆଜିର ପିଲାମାନଙ୍କୁ ନେଇ। ଏଥିପାଇଁ ପିତାମାତାମାନେ କ'ଣ କଲେ ପରିବାରରେ ସନ୍ତାନମାନଙ୍କର ଚରିତ୍ର, ଆଚରଣ ଓ ଉଚ୍ଚାରଣକୁ ସଜାଡ଼ି ପାରିବେ? ଏହି ସମସ୍ୟା ଓ ପ୍ରଶ୍ନ ହିଁ ଏବେ ସମସ୍ତଙ୍କୁ ଘାରୁଛି। ଏହି ପ୍ରସଙ୍ଗରେ ଶ୍ରୀମା' କହିଛନ୍ତି ଯେ ମା'ଟିଏ ପ୍ରଥମେ ନିଜର ତ୍ରୁଟି ସଜାଡ଼ିବାକୁ ପଡ଼ିବ। ମାଆର ଭାବନା ସର୍ବଦା ସୁନ୍ଦର ଓ ନିର୍ମଳ ହେବା ସହିତ ଅନୁଭବ ଉତ୍ତମ ଓ ମହତ୍ ହେବା ଦରକାର।

ଅନେକ ପିତାମାତା ଭାବନ୍ତି ଯେ ଶିଶୁର ଖାଦ୍ୟପେୟ, ସ୍ୱାସ୍ଥ୍ୟଗତ ସମସ୍ୟା ପ୍ରତି ଲକ୍ଷ୍ୟ ରଖିଲେ ଏବଂ ତା'ର କେତେକ ସ୍ଥୂଳଦାବି ପୂରଣ କରିଦେଲେ ସେମାନଙ୍କର କର୍ତ୍ତବ୍ୟ ଶେଷ ହେଲା। ପରେ ତା'କୁ ବିଦ୍ୟାଳୟକୁ ପଠାଇ ଦେଇ ତା'ର ମାନସିକ ଶିକ୍ଷାର ଦାୟିତ୍ୱ ତା'ର ଶିକ୍ଷକଗଣଙ୍କ ଉପରେ ଛାଡ଼ି ଦିଅନ୍ତି। ଯେଉଁ ପିତାମାତାମାନଙ୍କର ଦାୟିତ୍ୱବୋଧ ଓ ଆନ୍ତରିକତା ଅଛି ସେମାନେ ଜାଣନ୍ତି ଯେ ସନ୍ତାନମାନଙ୍କୁ ଶିକ୍ଷା ଦେବା ନିମିତ୍ତ ଯୋଗ୍ୟ ହେବାକୁ ହେଲେ ଆଗେ ନିଜେ ଶିକ୍ଷିତ ହେବାକୁ ହୁଏ। ନିଜ ସମ୍ବନ୍ଧରେ ସଚେତନ ହେବାକୁ ହୁଏ। ଆତ୍ମଜୟୀ ହେବାକୁ ହୁଏ। ଏହାଦ୍ୱାରା ସନ୍ତାନମାନଙ୍କ ସମ୍ମୁଖରେ କୌଣସି କୁଦୃଷ୍ଟାନ୍ତ ସୃଷ୍ଟି ହୁଏ ନାହିଁ। କାରଣ ଦୃଷ୍ଟାନ୍ତ ଦ୍ୱାରା ଯେଉଁ ଶିକ୍ଷା ଦିଆଯାଏ ତାହା ହୁଏ ବିଶେଷ ଫଳପ୍ରସୂ। ଶିଶୁକୁ କେବଳ ଭଲ କଥା କହି ଜ୍ଞାନପୂର୍ଣ୍ଣ ଉପଦେଶ ଦେଲେ ବିଶେଷ ଲାଭ ହୁଏ ନାହିଁ, ଯଦି ଶିକ୍ଷକ ସେହି ଶିକ୍ଷାର ଦୃଷ୍ଟାନ୍ତ କାର୍ଯ୍ୟରେ ଦେଖାଇ ନପାରନ୍ତି। ଆନ୍ତରିକତା, ସାଧୁତା, ସରଳ ପ୍ରକୃତି, ସାହସ, ନିଃସ୍ୱାର୍ଥପରତା, ଅନାସକ୍ତି, ଧୈର୍ଯ୍ୟ, ଆତ୍ମସଂଯମ ଆଦି ସମ୍ପର୍କରେ ମନୋରମ ବକ୍ତୃତା ପରିବର୍ତ୍ତେ ଏସବୁକୁ ଆଚରଣରେ ଦେଖାଇଲେ ବହୁତ ଭଲ ପ୍ରଭାବ ପଡ଼େ।

ପିତାପିତାମାନେ ଉଚ୍ଚ ଆଦର୍ଶ ରକ୍ଷା କରିବା ସହିତ ସେହି ଆଦର୍ଶ ଅନୁସାରେ କାର୍ଯ୍ୟ କରିବା ଦରକାର। ଏହା ସନ୍ତାନମାନଙ୍କ ଅନ୍ତରରେ ଆଦର୍ଶର ବିକାଶରେ ସହାୟକ ହୁଏ। ଭଲ ଗୁଣ ସବୁ ସ୍ୱତଃସ୍ଫୂର୍ତ୍ତ ପ୍ରକାଶ ହୁଏ। କିନ୍ତୁ ଅଳ୍ପସଂଖ୍ୟକ ମାତାପିତାଙ୍କୁ ବାଦ୍ ଦେଲେ ଅଧିକାଂଶ ଜାଣନ୍ତି ନାହିଁ ଯେ ସେମାନଙ୍କ ତ୍ରୁଟି-ବିଚ୍ୟୁତି, ଚଞ୍ଚଳତା, ଦୁର୍ବଳତା, ଆତ୍ମସଂଯମର ଅଭାବ ସନ୍ତାନମାନଙ୍କ ଉପରେ କିପରି ମାରାତ୍ମକ ପ୍ରଭାବ ବିସ୍ତାର କରେ। ଯଦି ସନ୍ତାନମାନଙ୍କଠାରୁ ସମ୍ମାନ ପାଇବାକୁ ଇଚ୍ଛା ଅଛି ତେବେ ନିଜକୁ ସମ୍ମାନାସ୍ପଦ କରିବାକୁ ହେବ ଏବଂ ସମ୍ମାନର ଯୋଗ୍ୟ ହେବାକୁ ପଡ଼ିବ। କର୍ତ୍ତୃତ୍ୱ ପ୍ରୟାସୀ, ସ୍ୱେଚ୍ଛାଚାରୀ, ଅଧୀର, କ୍ରୋଧଭାବଯୁକ୍ତ ହେଲେ ତାହାର ଅନୁରୂପ ପ୍ରଭାବ ସନ୍ତାନମାନଙ୍କ ଉପରେ ପଡ଼ିବ। ସନ୍ତାନର ପ୍ରଶ୍ନକୁ ନିର୍ବୋଧ ଭାବେ ଗ୍ରହଣ କରିବା କିମ୍ବା ଅର୍ଥହୀନ ଉତ୍ତର ଦେବା ଅନୁଚିତ। ପର୍ଯ୍ୟାପ୍ତ ଶ୍ରମ ଓ କଷ୍ଟ ସ୍ୱୀକାର କଲେ କୌଣସି ବିଷୟ ବୁଝାଇଦେବା ଅସମ୍ଭବ ନୁହେଁ।

ସବୁ ସମୟରେ ସତ୍ୟ କହିବା ଉଚିତ ନୁହେଁ ବୋଲି ଧାରଣା ଥିବା ସତ୍ତ୍ୱେ ସର୍ବଦା ସତ୍ୟକୁ ଏପରି ଭାବେ କହିବା ଉଚିତ ଯେପରି ତାହା ଶ୍ରୋତାର ବୋଧଗମ୍ୟ ହେବ। ଜୀବନର ଆରମ୍ଭରେ ବାର, ଚଉଦ ବର୍ଷ ପର୍ଯ୍ୟନ୍ତ ଶିଶୁର ମନ କୌଣସି ଜଟିଳ ଚିନ୍ତାଧାରା ଓ ବ୍ୟାପକ ସତ୍ୟକୁ ବୁଝିପାରେ ନାହିଁ। ତେବେ ନିର୍ଦ୍ଦିଷ୍ଟ ଉପମା, ପ୍ରତୀକ ଅଥବା ରୂପକ ଆଦିର ସାହାଯ୍ୟ ନେଇ ଯେଉଁ ଭାବରେ ସେ ଏହା ବୁଝିପାରିବ ସେହି ଭାବରେ ତା'କୁ ଶିକ୍ଷା ଦିଆଯାଇପାରେ। କିଛି ବୟସ ପର୍ଯ୍ୟନ୍ତ ଏବଂ ଯେଉଁମାନେ ମନରେ ଚିରକାଳ ହିଁ ଶିଶୁ ରହନ୍ତି ସେମାନଙ୍କ ପାଖରେ ଗୋଟିଏ ବର୍ଣ୍ଣନା, ସୁନ୍ଦର ଭାବରେ କଥିତ ଭାବରେ ଗଳ୍ପ, କାହାଣୀ, ବହୁତ ତତ୍ତ୍ୱ ବ୍ୟାଖ୍ୟା ଅପେକ୍ଷା ବେଶୀ ଭଲ ଭାବରେ ଶିକ୍ଷା ଦିଏ।

ଯେଉଁ ପିଲା ସବୁ ସମୟରେ ତିରସ୍କୃତ ହୁଏ ସେ କଠିନ ହୋଇଯାଏ। ଶେଷରେ କଟୁ କଥା ବା ସ୍ୱରରେ କଠୋରତାକୁ କିଛି ମୂଲ୍ୟ ଦିଏ ନାହିଁ। ବିଶେଷତଃ ଯେଉଁ ଦୋଷ ପିତାମାତାମାନେ କରନ୍ତି ସେହି ସମାନ ଦୋଷ ସକାଶେ ପିଲାକୁ ତିରସ୍କାର କରିବା ଉଚିତ ନୁହେଁ। ଶିଶୁମାନେ ଅତ୍ୟନ୍ତ ସତର୍କ ଓ ତୀକ୍ଷ୍ଣ ଦୃଷ୍ଟିସମ୍ପନ୍ନ। ଅତିଶୀଘ୍ର ସେମାନେ ପିତାମାତାମାନଙ୍କର ଦୁର୍ବଳତାଗୁଡ଼ିକ ବୁଝିପାରନ୍ତି। ଶିଶୁ ଯେବେ ଭୁଲ୍ କରେ, ତାହା ନିଜେ ନିଜେ ଅକପଟ ଭାବରେ ସ୍ୱୀକାର କରେ। ଯଦି ସେ ଥରେ ସ୍ୱୀକାର କରିଛି, ତେବେ ତା'କୁ ସହାନୁଭୂତି ଓ ସ୍ନେହର ସହିତ ବୁଝାଇ ଦେବା ଉଚିତ ଯେ କେଉଁଠି ତାହାର ଭୁଲ୍ ହୋଇଥିଲା ଏବଂ ପୁଣି ଯେପରି ସେ ତା'ର ପୁନରାବୃତ୍ତି ନକରେ। କିନ୍ତୁ କେବେ ବି ତିରସ୍କାର କରିବା ଉଚିତ ନୁହେଁ। ଦୋଷ ସ୍ୱୀକାର କଲେ କ୍ଷମା କରିବାକୁ ହିଁ ହେବ। ଭୟ ସାହାଯ୍ୟରେ ଶିକ୍ଷା ଦାନ ସର୍ବନାଶ କରେ। ତାହାର ଅନିବାର୍ଯ୍ୟ ଫଳ କପଟ ଆଚରଣ ଓ ମିଥ୍ୟାଚାର। ତେଣୁ ପିଲାର ଶିକ୍ଷାକୁ ଫଳପ୍ରଦ କରିବାକୁ ହେଲେ ପିତାମାତା ଓ ତା'ମଧ୍ୟରେ ଭୟର ବାତାବରଣ ଦୂର କରି ଆସ୍ଥା ଓ ବିଶ୍ୱାସର ଏକ ସ୍ୱଚ୍ଛଦର୍ଶୀ, ଦୃଢ଼ ଅଥଚ କୋମଳ ଓ ମଧୁର ସ୍ନେହର ସେତୁ ଆବଶ୍ୟକ।

ଜଗତସିଂହପୁର, ମୋ: ୯୭୭୬୨୯୦୦୮୪

# ମାନବ-ମୁକ୍ତିର ସମ୍ବର୍ଦ୍ଧକ: ଉଦୟନାଥ

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ଏ ପୃଥିବୀରେ ସମାନ ଭାବରେ ଜନ୍ମନେଇଥିବା କିଛି ଲୋକ କାହିଁକି ଶୋଷିତ, ଲାଞ୍ଛିତ, ନିର୍ଯାତିତ? ଯେଉଁମାନେ ଯେକୌଣସି ସୂତ୍ରରୁ ଲାଭ କରିଥା'ନ୍ତି ପ୍ରଚୁର ସମ୍ପଦ, ଅତିବାହିତ କରନ୍ତି ବିଳାସମୟ ଜୀବନ, ସେମାନେ ଅନ୍ୟମାନଙ୍କୁ କାହିଁକି କରିଦିଅନ୍ତି କ୍ରୀତଦାସ? ପୈଶାଚିକ ଉତ୍ତେଜନା-ପ୍ରବଣ ଏହି ଶ୍ରେଣୀୟ ଅମଣିଷ କିପ୍ରକାର ନିର୍ଦ୍ଦୟ ଉପାଦାନରେ ନିର୍ମିତ? ଓଡ଼ିଶାର ବିଶିଷ୍ଟ ଲେଖକ, ଦୈନିକ 'ସମାଜ'ର ଉତ୍ସର୍ଗୀକୃତ ବାର୍ତ୍ତା ସମ୍ପାଦକ ଥିବା ଉଦୟନାଥ ଷଡ଼ଙ୍ଗୀଙ୍କ ବକ୍ଷସ୍ଥଳ ବିଦୀର୍ଣ୍ଣ ହୋଇଗଲା, ଯେତେବେଳେ ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ଇଂରାଜୀରେ ରଚିତ ଉପନ୍ୟାସ 'ଅଙ୍କଲ ଟମସ କେବିନ' ପଢ଼ିଲେ ସେ। ତା'ର ଲେଖିକା ହେରିଏଟ ବିଚେର ଷ୍ଟୋ। ଉଦୟନାଥ ନିଜ ପ୍ରାଣର ପ୍ରତିବାଦ ସଂଯୋଗ କରି ଓଡ଼ିଆରେ ତା'ର ଭାଷାନ୍ତର କଲେ 'ଟମକକାଙ୍କ କୁଟୀର'। ଆମେରିକାରେ ପ୍ରଚଳିତ କ୍ରୀତଦାସ ପ୍ରଥାକୁ ଅବଲମ୍ବନ କରି ଏହାର ସର୍ଜନା। ଉଦୟନାଥ ତାହାର ଅନାସକ୍ତ ଅନୁବାଦକ ମାତ୍ର ନୁହନ୍ତି। ତାଙ୍କ ହୃଦୟର କୋହ, ଆଖିର ଲୁହ ଆଉ ଏପରି ଜଘନ୍ୟ ପ୍ରଥା ବିରୁଦ୍ଧରେ ନିଜ ଛାତି ଭିତରୁ ବିଚ୍ଛୁରିତ ହୋଇ ଆସୁଥିବା ଅଗ୍ନିକଣିକା ପ୍ରତିଟି ଶବ୍ଦ ପଶ୍ଚାତରେ ସେ କରିଦେଲେ ସଂସ୍ଥାପିତ। ଉପନ୍ୟାସଟି ଓଡ଼ିଆ ପାଠକମାନଙ୍କ ପାଇଁ ହୋଇ ଉଠିଲା ଅନନ୍ୟ ଆକର୍ଷଣର କେନ୍ଦ୍ର।

କୁହାଯାଏ ସମଗ୍ର ପୃଥିବୀରେ ବାଇବେଲ ପରେ ଏହି ବହିଟିର ହିଁ ବିକ୍ରୟ ସଂଖ୍ୟା ସର୍ବୋଚ୍ଚ ସୀମାକୁ ସ୍ପର୍ଶ କରିଛି। ଟମ କକା ଗୋଟିଏ ସ୍ଥାନରୁ ବିକ୍ରି ହୋଇ କିପରି ଏକାଧିକ ଘରକୁ ଯାଇଛନ୍ତି ଏବଂ ସକଳ ନିର୍ଯାତନା ସହ୍ୟ କରିଛନ୍ତି ତାହା ସତେକି ତାଙ୍କରି ହିଁ ସ୍ୱେଦ ଓ ରକ୍ତର ଅକ୍ଷରରେ ଲିଖିତ। ବିଭିନ୍ନ ଚରିତ୍ର ଚିତ୍ରଣ ମଧ୍ୟରେ ନିଷ୍ଠୁରତା, ନିର୍ମମତା ବର୍ଣ୍ଣିତ ହେଲେ ହେଁ ମାନବିକ ସମ୍ବେଦନାର କୋମଳତା ମଧ୍ୟ ଅଙ୍କିତ। ତାହା ହିଁ ଆଶା ଓ ବିଶ୍ୱାସର ଆଲୋକରେଖା। ତେଣୁ ସେହି ଦୃଷ୍ଟିରୁ ଏହା ଏକ କାଳଜୟୀ ଉପନ୍ୟାସ।

ଉଦୟନାଥ ଷଡ଼ଙ୍ଗୀ ଥିଲେ ସତ୍ୟବାଦୀ ବନବିଦ୍ୟାଳୟର ଛାତ୍ର। ସେ ଅଳକାଶ୍ରମରେ ନିବେଦିତ ହୋଇଥିଲେ ଗାନ୍ଧୀ ଆଦର୍ଶ ଉଦ୍ଦେଶ୍ୟରେ। ଅସହଯୋଗ ଆନ୍ଦୋଳନରେ ଝାସ ଦେଇଥିଲେ। ତାଙ୍କ ଆତ୍ମକଥାର ନାମ ହେଲା 'ଗାନ୍ଧୀ ମହାରାଜଙ୍କ ଶିଷ୍ୟ'। ପୁନଶ୍ଚ ସେ ଅନୁବାଦ କରନ୍ତି ଏକ ବିଶାଳ ଗ୍ରନ୍ଥ 'ଏକ ସହସ୍ର ଏକ ଆରବ୍ୟରଜନୀର କାହାଣୀ'। ପାରସ୍ୟର ରାଜା ସହରିୟାଙ୍କ ପ୍ରତି ତାଙ୍କ ପତ୍ନୀ ବିଶ୍ୱାସଘାତକତା କରିଥିଲେ ବୋଲି ରାଜା ପରିଣତ ହୋଇ ଯାଇଥିଲେ ନାରୀବିଦ୍ୱେଷୀ ଚରିତ୍ରରେ। ପ୍ରତିଦିନ ଜଣେ କନ୍ୟାକୁ ବିବାହ କରିବା ଏବଂ ସକାଳେ ତା'କୁ ମୃତ୍ୟୁମୁଖକୁ ଠେଲିଦେବାର କ୍ରୂରତାରେ ରାଜା ହୋଇଯାଇଥିଲେ ଅନ୍ଧ ପ୍ରତିଶୋଧ ପରାୟଣ। ମନ୍ତ୍ରୀ-କନ୍ୟା ସାହାରାଜାଦୀ ତାଙ୍କୁ ବିବାହ କରନ୍ତି। ପ୍ରତି ରାତିରେ କହନ୍ତି କାହାଣୀଟିଏ, ଅଥଚ ତାହା ରହେ ଅସମାପ୍ତ। ରାଜା ସମ୍ପୂର୍ଣ୍ଣ କାହାଣୀଟିକୁ ଶୁଣିବା ପାଇଁ ଅପେକ୍ଷା କରନ୍ତି ପ୍ରତିଦିନ। ସବୁ କାହାଣୀ ଯେତେବେଳେ ଶେଷ ହେଉଛି ସେତେବେଳେ ରାଜା ନିଜର ଭୁଲ ବୁଝିପାରିଛନ୍ତି।

ଉଦୟନାଥଙ୍କ ଅନ୍ୟାନ୍ୟ ରଚନା ବି ରହିଛି। ତାଙ୍କ ଆତ୍ମାରେ ଗୁଞ୍ଜିତ ଥିଲା ମଣିଷର ମୁକ୍ତି ସକାଶେ ଯେଉଁ ଅସାମାନ୍ୟ ବ୍ୟାକୁଳତା ଓ ସଦିଚ୍ଛା, ତାହା ହିଁ ତାଙ୍କ ସାହିତ୍ୟକୃତି ସୃଷ୍ଟିର ମୂଳ ଉତ୍ସ। ସେ ଥିଲେ ପ୍ରଥମରୁ ଜଣେ ଉଚ୍ଚକୋଟୀର ଶିଶୁ ସାହିତ୍ୟିକ। ଅନୁଭବ କରିଥିଲେ ଗଭୀର ଭାବରେ ଯେ ମହାପୁରୁଷମାନଙ୍କ ଗାଥା ବା କଥିତ କାହାଣୀ ପିଲାଙ୍କ ମଧ୍ୟରେ ସୃଷ୍ଟି କରିପାରିବ ଗଭୀର ଆଲୋଡ଼ନ। ସେଥିପାଇଁ ସେ ପିଲାଙ୍କ ଆଦର୍ଶ ଜୀବନୀମାଳା ପ୍ରଣୟନ କରିଥିଲେ। ଆହୁରି ଅନେକ ପୁସ୍ତକ ସହ ସେ 'ଇଶପ କାହାଣୀ' ଆଉ 'ଜାତକ ଗଳ୍ପ'କୁ ମଧ୍ୟ ପରିବେଷଣ କଲେ ସହଜ ସୁନ୍ଦର ଓଡ଼ିଆ ଭାଷାରେ। ଏ ସମସ୍ତ ସୃଷ୍ଟି ସହିତ 'ସମାଜ'ର ବାର୍ତ୍ତା ସମ୍ପାଦକ ଭାବରେ ତାଙ୍କ ସମର୍ପିତ ଜୀବନ ଧାରାକୁ ନିରୀକ୍ଷଣ କରିବା ଦ୍ୱାରା ଏକ ମହାନ ସତ୍ୟ ଆବିଷ୍କୃତ ହୋଇଯାଏ ଯେ, ଉଦୟନାଥ ଷଡ଼ଙ୍ଗୀ ହେଉଛନ୍ତି ମାନବ-ମୁକ୍ତିର ଜଣେ ଶ୍ରେଷ୍ଠ ବାର୍ତ୍ତାବାହକ। ସେ ଜାଣିଥିଲେ ଯେ ଆଗାମୀ କାଲିର ପିଲାମାନେ ହିଁ ନେଇ ଆସିବେ ଶୁଭଙ୍କର ବାର୍ତ୍ତା। ଗୋଟିଏ କବିତାରେ ସେ ଲେଖିଛନ୍ତି - 'ଭାସିଯାଆ ମୋର ବୋଇତ ନୋହି ନିରାଶ ତିଳେ, ଆସିବ ସେ ଦିନ ପୂଜିବେ ତୋତେ ଓଡ଼ିଆ ବୀରେ / ଉଠିବ ଓଡ଼ିଶା ଆକାଶେ ବୀର ଓଡ଼ିଆ ଗାନ, ଉଡ଼ିବ ପବନ ଲହରେ ତୋର ଜୟକେତନ।' ମାନବ-ମୁକ୍ତିର ବାର୍ତ୍ତାବହ ଓ ଓଡ଼ିଶା ମାଟିର ପ୍ରଗତି-ଉଦଘୋଷକ ଭାବରେ ତାଙ୍କ ସାଧନାର ସ୍ୱାତନ୍ତ୍ର୍ୟ ସ୍ୱତଃ ଆଜି ପ୍ରତିପାଦିତ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମଦାହ ମାମଲା

# ଭିଡିଓ କରିଥିବା ଛାତ୍ରଙ୍କ ଆବେଦନ ହାଇକୋର୍ଟରେ ଖାରଜ

କଟକ,୧୧।୨(ସମିସ): ବହୁଚର୍ଚ୍ଚିତ ବାଲେଶ୍ୱର ଏଫଏମ୍ କଲେଜ ଛାତ୍ରୀ ଆତ୍ମଦାହ ମାମଲାରେ ଅନ୍ୟତମ ଅଭିଯୁକ୍ତ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ହାଇକୋର୍ଟରୁ ନିରାଶ ହୋଇଛନ୍ତି। ଏହି ଆତ୍ମଦାହ ଘଟଣାର ଭିଡିଓକୁ ମୋବାଇଲ ଫୋନରେ ରେକର୍ଡ କରିଥିବା ଜ୍ୟୋତିପ୍ରକାଶ ଉକ୍ତ ମାମଲାରୁ ମୁକ୍ତ ହେବା ପାଇଁ ଦାୟର କରିଥିବା ଡିସଚାର୍ଜ ପିଟିସନକୁ ନିମ୍ନ ଅଦାଲତ ଖାରଜ କରିଥିଲେ। ନିମ୍ନ ଅଦାଲତଙ୍କ ଆଦେଶ ବିରୋଧରେ ଜ୍ୟୋତିପ୍ରକାଶ କରିଥିବା ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଜଷ୍ଟିସ ଭି.ନରସିଂହ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀ ଦର୍ଶାଇଥିଲେ ଯେ ଏହି ଘଟଣାରେ ତାଙ୍କର କୌଣସି ଭୂମିକା ନାହିଁ। ଏଣୁ ବିଏନଏସ ଧାରା ୩(୫) ଓ ୧୦୮ ରେ ତାଙ୍କ ନାମରେ ହୋଇଥିବା ମାମଲାରୁ ମୁକ୍ତ ପାଇଁ ବାଲେଶ୍ୱର ଦୌରା ଅଦାଲତରେ ଏକ ଡିସଚାର୍ଜ ପିଟିସନ ଦାୟର କରିଥିଲେ। ଯାହାକୁ ଗତ ୨୦୨୫ଡିସେମ୍ବର୨୦ରେ ଅଦାଲତ ଖାରଜ କରିଦେଇଥିଲେ। ଏହା ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସିବିଏସଇ ଦ୍ୱାଦଶ...

ପରୀକ୍ଷାରେ ବିଷୟ ହିସାବରେ ୪୦, ୩୨ ଏବଂ ୨୦ ପୃଷ୍ଠାର ଉତ୍ତର ଖାତା ବ୍ୟବହାର କରାଯାଇଥାଏ। ପରୀକ୍ଷା ସରିବା ପରେ ଏହି ଖାତା ଗୁଡ଼ିକୁ ଉଚ୍ଚ ସୁରକ୍ଷାରେ ସ୍କାନିଂ କରାଯିବ। ଏ ସବୁ କାର୍ଯ୍ୟ ସ୍କୁଲର କମ୍ପ୍ୟୁଟର ଲ୍ୟାବ୍‌ରେ ହିଁ ହେବ। ଡିଜିଟାଲ ଚେକିଂ ପାଇଁ ସ୍କୁଲରେ କମ୍ପ୍ୟୁଟର ଲ୍ୟାବ ବାଧ୍ୟତାମୂଳକ ହେବ। ଏଥିପାଇଁ ଶିକ୍ଷକଙ୍କୁ ମଧ୍ୟ ପ୍ରଶିକ୍ଷଣ ଦିଆଯିବ।

### ପିଶାଚ ଶିକ୍ଷକ...

ରୋଗରେ ପୀଡିତା ମା'ଙ୍କୁ ତକିଆରେ ମୁହଁ ଚାପି ହତ୍ୟା କରିଥିଲେ। ୧୯୯୦ ଦଶକରେ ନିଜର ୯୨ ବର୍ଷୀୟ ମାଉସୀଙ୍କୁ ମଧ୍ୟ ସେ ସମାନ ଭାବେ ହତ୍ୟା କରିଥିଲେ। କାରଣ ସେ ତାଙ୍କୁ ଯାତ୍ରାରେ ଯିବାକୁ ରୋକିଥିଲେ। ସେ ନିଜର ଡାଏରୀ ଏହି ଦୁଇଟି ହତ୍ୟା ବିଷୟରେ ଉଲ୍ଲେଖ କରିଛନ୍ତି। ପୂର୍ବରୁ ୨୦୨୪ରେ ମେ'ରେ ସମାନ ଢଙ୍ଗର ଏକ ଘଟଣା ଘଟିଥିଲା ଓ ଦଣ୍ଡିତ ହୋଇଥିବା ଅନ୍ୟ ଜଣେ ଅପରାଧୀ ଡାକ୍ତର ଜୋଏଲ ଲେ ସ୍କୁଆର୍ନେକଙ୍କୁ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା। ସେ ହସ୍ପିଟାଲରେ ବେହସ କରି ରୋଗୀଙ୍କୁ ଦୁଷ୍କର୍ମ କରୁଥିଲେ। ସେ ୨୫ ବର୍ଷ (୧୯୮୯ - ୨୦୨୪) ମଧ୍ୟରେ ୨୯୯ ରୋଗୀଙ୍କୁ ଯୌନ ନିର୍ଯାତନା ଦେଇଥିଲେ ଓ ଏଥିରେ ଅଧିକାଂଶ ପିଲା ଥିଲେ।

### ଲୋକସଭାରେ ରାହୁଲ...

ମୋଦୀ ସରକାର ବିରୋଧରେ ରାହୁଲ ଗୋଟିଏ ପରେ ଗୋଟିଏ ଅଭିଯୋଗ କରି ଚାଲିଥିବା ବେଳେ ସଂସଦୀୟ ବ୍ୟାପାର ମନ୍ତ୍ରୀ ରିଜିଜୁ ଠିଆ ହୋଇ ରାହୁଲଙ୍କୁ ଅଟକାଇଥିଲେ। ରାହୁଲ ଆଣୁଥିବା ଅଭିଯୋଗକୁ ଖଣ୍ଡନ କରି ରିଜିଜୁ କହିଲେ ଯେ ବିରୋଧୀ ଦଳ ନେତା ଗୋଟିଏ ଅଭିଯୋଗକୁ ବାରମ୍ବାର ଦୋହରାଉଛନ୍ତି। ସେ ଆଉ ଆଗକୁ ବଢ଼ୁ ନାହାନ୍ତି। ବିରୋଧୀ ଦଳର ନେତା ହିସାବରେ ସେ ନିଜକୁ ଗୁରୁତ୍ୱ ଦିଅନ୍ତୁ। ପରବର୍ତ୍ତୀ ପ୍ରସଙ୍ଗକୁ ଯିବା ବଦଳରେ ସେ ଗୋଟିଏ କଥାକୁ ବାରମ୍ବାର ଦୋହରାଉଛନ୍ତି। ସେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଗୁରୁତର ଅଭିଯୋଗ ମଧ୍ୟ ଆଣିଛନ୍ତି। ରାହୁଲ ଯାହା ଅଭିଯୋଗ କରୁଛନ୍ତି ତାହାକୁ ସେ ତଥ୍ୟ ପ୍ରମାଣ ସହ ଉପସ୍ଥାପନ କରନ୍ତୁ ବୋଲି ରିଜିଜୁ ଚାଲେଞ୍ଜ କରିଥିଲେ।

ଏହି ସମୟରେ ରାହୁଲ କହିଲେ, 'ମନ୍ତ୍ରୀ ତଥ୍ୟ ପ୍ରମାଣ ମାଗୁଛନ୍ତି ଏବଂ ମୁଁ ଏବେ ଏଠାରେ ତଥ୍ୟ ପ୍ରମାଣ ଉପସ୍ଥାପନ କରିବାକୁ ଚାହୁଁଛି।' ତେବେ ଗୃହର ଅଧ୍ୟକ୍ଷତା କରୁଥିବା ଜଗଦମ୍ବିକା ପାଲ କହିଲେ, ରାହୁଲଙ୍କୁ ତଥ୍ୟ ପ୍ରମାଣ ଦେବା ଦରକାର ନାହିଁ। କେନ୍ଦ୍ର ମନ୍ତ୍ରୀ ପ୍ରମାଣ ମାଗିଛନ୍ତି, ଅଧ୍ୟକ୍ଷ ମାଗି ନାହାନ୍ତି।

ଅନ୍ୟପକ୍ଷରେ ସଂସଦ ବାହାରେ ଏକ ସାମ୍ବାଦିକ ସମ୍ମିଳନୀରେ ରିଜିଜୁ କହିଛନ୍ତି ଯେ ଲୋକସଭାରେ ଭିତ୍ତିହୀନ ଅଭିଯୋଗ କରିବା ସହିତ ରାହୁଲ ଗାନ୍ଧୀ ଗୃହକୁ ବିଭ୍ରାନ୍ତ କରୁଛନ୍ତି। ଏଥିପାଇଁ ତାଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଦିଆଯିବ। ନିୟମ ଅନୁଯାୟୀ ଗୃହରେ ଜଣେ ସଭ୍ୟ ଅନ୍ୟ ଜଣେ ସଭ୍ୟଙ୍କ ବିରୋଧରେ ଅଭିଯୋଗ ଆଣିଲେ, ଏହାର ତଥ୍ୟ ପ୍ରମାଣ ଦେବାକୁ ପଡ଼ିବ। ରାହୁଲ ଗୃହରେ ଯାହା କହିଛନ୍ତି, ତାହାକୁ ସଂସଦର ରେକର୍ଡରୁ ବାଦ୍ ଦେବାଲାଗି ସରକାର ବାଚସ୍ପତିଙ୍କୁ ଅନୁରୋଧ କରିବେ। ସେ କହିଲେ ଯେ ଭାରତ ଓ ଭାରତୀୟଙ୍କ ସ୍ୱାର୍ଥକୁ ବିକି ଦିଆଯାଇଛି ବୋଲି ରାହୁଲ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଭିତ୍ତିହୀନ ଅଭିଯୋଗ ଆଣିଛନ୍ତି। କେଉଁ ତଥ୍ୟ ଆଧାରରେ କେନ୍ଦ୍ର ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ବିରୋଧରେ ରାହୁଲ ବିନା ନୋଟିସରେ ଗୁରୁତର ଅଭିଯୋଗ ଆଣିଲେ ବୋଲି ସେ ପ୍ରଶ୍ନ କରିଛନ୍ତି।

### ଆମେରିକାରୁ ଅଶୋଧିତ...

ରାଷ୍ଟ୍ରାୟତ୍ତ କମ୍ପାନୀଗୁଡ଼ିକ ଭେନେଜୁଏଲାରୁ ପ୍ରାୟ ୪ ନିୟୁତ ବ୍ୟାରେଲ ତେଲ କିଣିଛନ୍ତି। ଅନ୍ୟପକ୍ଷରେ ଘରୋଇ ତୈଳ କମ୍ପାନୀ ରିଲାଏନ୍ସ ୨୦୨୫ ମଧ୍ୟଭାଗ ପରେ ପ୍ରଥମ ଥର ପାଇଁ ଭେନେଜୁଏଲାରୁ ତେଲ କିଣିଛି। ଭାରତୀୟ ରିଫାଇନେରୀଗୁଡିକ ପ୍ରତିବର୍ଷ ଆମେରିକାରୁ ପ୍ରାୟ ୪ ଲକ୍ଷ ବ୍ୟାରେଲ ତେଲ ଆମଦାନୀ କରିପାରିବେ। ମାତ୍ର ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ଏବଂ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ଏହି ବିଷୟରେ ଆନୁଷ୍ଠାନିକ ଭାବରେ କୌଣସି ମନ୍ତବ୍ୟ ଦେଇ ନାହାନ୍ତି। ଆମେରିକା ୨୦୧୯ ରେ ଭେନେଜୁଏଲା ଉପରେ ପ୍ରତିବନ୍ଧକ ଲଗାଇବା ପରେ ଭାରତ ସମେତ ଅନେକ ଦେଶ ଭେନେଜୁଏଲା ତେଲ କିଣିବା ବନ୍ଦ କରିଦେଇଥିଲେ।

### ମରିଗଲା ରାଜ୍ୟର...

ଅପେକ୍ଷାକୃତ ଅନୁନ୍ନତ ସହରରେ ମେଟ୍ରୋ ସେବା ଆରମ୍ଭ ହୋଇଛି। ଦକ୍ଷିଣ ଭାରତରେ କର୍ଣ୍ଣାଟକ, କେରଳ, ତାମିଲନାଡୁ ଓ ତେଲେଙ୍ଗାନାରେ ପ୍ରାୟ ୨୫୧ କିଲୋମିଟର ବିଶିଷ୍ଟ ନୂଆ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ପୂର୍ବରୁ ଉପରୋକ୍ତ ୪ ରାଜ୍ୟରେ ୨୪୮ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ରେଳ ଲାଇନ କାର୍ଯ୍ୟକ୍ଷମ ହୋଇଛି। ଭୁବନେଶ୍ୱର ଓ କଟକ ସହରରେ ପ୍ରଦୂଷଣ ଏବେ ଉତ୍କଟ ହେବାରେ ଲାଗିଛି। ତେଣୁ ମେଟ୍ରୋ ଚଳାଚଳ ପ୍ରଦୂଷଣ ରୋକିବାରେ ଅନେକାଂଶରେ ସହାୟକ ହୋଇଥାଆନ୍ତା। ଏହି ସମୟରେ ରାଜ୍ୟ ସରକାରଙ୍କ ସାଧାରଣ ପରିବହନ ସେବା କୁହାଯାଉଥିବା ମେଟ୍ରୋ ଅନାଗ୍ରହ ବିଭିନ୍ନ ମହଲରେ ବିସ୍ମୟ ସୃଷ୍ଟି କରିଛି।

ସରକାରଙ୍କ ଯୁକ୍ତି ଅନୁଯାୟୀ ଭୁବନେଶ୍ୱରରେ ମେଟ୍ରୋ ପ୍ରକଳ୍ପ ପାଇଁ ଏକ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ଗଠନ କରାଯାଇଛି। କମିଟିର ରିପୋର୍ଟ ଏବଂ ସୁପାରିଶ ଆଧାରରେ ସରକାର ଆଗାମୀ ଦିନରେ ଅନ୍ତିମ ସିଦ୍ଧାନ୍ତ ନେବେ। ତେବେ ରାଜ୍ୟ ସରକାରଙ୍କୁ ଇତିମଧ୍ୟରେ ୧୯ ମାସ ବିତିଲାଣି। ସରକାର ଗଠନ କରିଥିବା ଆନ୍ତଃମନ୍ତ୍ରୀସ୍ତରୀୟ କମିଟିର ସ୍ଥିତି କଣ, ଏହା କେତେଥର ବୈଠକ କରିଛି, ଏଯାବତ୍ କେଉଁ ନିଷ୍କର୍ଷରେ ପହଞ୍ଚିଛି, ସେନେଇ ସରକାରଙ୍କ ପକ୍ଷରୁ କୌଣସି ସୂଚନା ମିଳୁନାହିଁ। ସରକାର ପ୍ରାରମ୍ଭରୁ କହିଥିଲେ ଯେ ଭୁବନେଶ୍ୱରରେ କେନ୍ଦ୍ର ସରକାରଙ୍କ ସହଯୋଗରେ ମେଟ୍ରୋ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯିବ। ମାତ୍ର ଦେଶର ଅନେକ ଗୁଡ଼ିଏ ରାଜ୍ୟ ମେଟ୍ରୋ ପ୍ରକଳ୍ପ ପାଇଁ କେନ୍ଦ୍ର ନିକଟରେ ଦାବି ରଖିଥିବା ବେଳେ ଓଡ଼ିଶା ପକ୍ଷରୁ ସେପରି କୌଣସି ବିଧିବଦ୍ଧ ଭାବେ ଦାବି ଉପସ୍ଥାପନ କରା ନ ଯିବା ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଛି। ବିଶେଷଜ୍ଞ ମହଲର ଯୁକ୍ତି ଅନୁଯାୟୀ ଭୁବନେଶ୍ୱର-କଟକରେ ଲୋକସଂଖ୍ୟା ପ୍ରାୟ ୨୫ ଲକ୍ଷ ହୋଇଥିବା ବେଳେ ଏହି ଟ୍ୱିନ୍ ସିଟିରେ ମେଟ୍ରୋ ଚଳାଚଳ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ଯଦି ସରକାରଙ୍କ ପାଥରେ ଅର୍ଥର ଅଭାବ ଅଛି, ତାହେଲେ କେନ୍ଦ୍ର ସହ ମିଳିତ ସହଭାଗିତାରେ ପ୍ରକଳ୍ପ ନିର୍ମାଣ ପାଇଁ ରାଜ୍ୟ ସରକାର ପ୍ରସ୍ତାବ ଦେଇପାରନ୍ତେ। ସରକାର ତାହା ବି କରୁନାହାନ୍ତି। ସାଧାରଣ ପରିବହନ ସେବା ପାଇଁ ରାଜ୍ୟ ସରକାର ଗୁଡ଼ିକ ଏବେ ମେଟ୍ରୋ ରେଳ ସେବାକୁ ପ୍ରାଧାନ୍ୟ ଦେଉଛନ୍ତି। ଏପରିସ୍ଥଳେ ଯଦି ସବୁ ଯୋଗ୍ୟତା ଥାଇ ଭୁବନେଶ୍ୱରରେ ସାଧାରଣ ମେଟ୍ରୋ ସେବା ଆରମ୍ଭ ହୋଇନପାରେ, ତାହେଲେ ଏହାଠାରୁ ବଡ଼ ଦୁର୍ଭାଗ୍ୟଜନକ କଥା ଆଉ କିଛି ହୋଇନପାରେ।

### ରୋମାଞ୍ଚ ଭରିଦେଲା...

ଏହାପରେ ପ୍ରଥମ ସୁପର ଓଭର ଖେଳାଯାଇଥିଲା। ଏଥିରେ ଆଫଗାନିସ୍ତାନ ୧୭ ରନ କରିଥିବାବେଳେ ଆଫ୍ରିକା ମଧ୍ୟ ଗୋଟିଏ ୱିକେଟ୍ ହରାଇ ସମାନ ସ୍କୋର କରିବାକୁ ସମର୍ଥ ହୋଇଥିଲା। ପରେ ଦ୍ୱିତୀୟ ସୁପର୍ ଓଭରର ସହାୟତା ନିଆଯାଇଥିଲା। ଏଥିରେ ଦକ୍ଷିଣ ଆଫ୍ରିକା ୬ଟି ବଲରେ ୨୩ ରନ କରିଥିଲା। ୨୪ ରନକୁ ପିଛା କରିଥିବା ଆଫଗାନିସ୍ତାନ ଗୋଟିଏ ୱିକେଟରେ ୧୯ ରନରେ ଅଟକିଯାଇଥିଲା। ରହମନୁଲ୍ଲା ଗୁରବାଜ କ୍ରମାଗତ ୩ଟି ଛକା ମାରିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ।

### ହାଇୱା ଧକ୍କାରେ...

ବିପିନଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ବାସୁଦେବ ଗୁରୁତର ହୋଇଛନ୍ତି। ଦୁର୍ଘଟଣା ଘଟାଇଥିବା ହାଇୱା ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ସହ ଦୁର୍ଘଟଣା ଘଟାଇଥିବା ହାୱାକୁ ଚିହ୍ନଟ ପାଇଁ ଦାବି କରି ମୃତକଙ୍କ ପରିବାର, ସମ୍ପର୍କୀୟ ରାସ୍ତା ଅବରୋଧ କରିଛନ୍ତି। କଲମପୁର ଥାନା ଅଧିକାରୀ ବିଶମ୍ବର କହଁର, ଏସ୍‌ଆଇ ଶିବ ଶଙ୍କର ମହାନ୍ତି, କୁଟ୍ରଫାଣ୍ଡି ଅଧିକାରୀ ଅସିତ୍ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଖବର ଲେଖାପର୍ଯ୍ୟନ୍ତ ଶବ ରାସ୍ତା ଉପରେ ପଡି ରହିଥିବା ବେଳେ ଚାପା ଉତ୍ତେଜନା ଦେଖାଦେଇଛି।

### ବାଇକ୍ ଦୁର୍ଘଟଣାରେ...

ଦୁଇ ଯୁବକଙ୍କୁ ଉଦ୍ଧାର କରି ଥୁଆମୂଳ ରାମପୁର ଡାକ୍ତରଖାନାକୁ ନେଇଥିଲେ। ହେଲେ ଡାକ୍ତର ସେଠାରେ ଜଣେ ଯୁବକଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ମୃତ ଯୁବକ ଜଣକ ଡୁମେରପଦର ଗ୍ରାମର କେଶବ ମାଝୀ (୨୨) ବୋଲି ଜଣାପଡ଼ିଥିବାବେଳେ, ଗୁରୁତର ଆହତ ଯୁବକ ସାନଦେର୍ଲା ଗ୍ରାମର ବିନୋଦ ରାଉତ (୨୦)କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା ହେଲେ ସେଠାରେ ବିନୋଦର ମୃତ୍ୟୁ ଘଟିଛି।

---

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. eT-M-KUR-Watering-316-26

କାର୍ଯ୍ୟର ନାମ : ଦୁଇ ବର୍ଷ (730 ଦିନ) ପାଇଁ ଖୋର୍ଦ୍ଧା ରୋଡ୍ ଷ୍ଟେସନରେ ମନୋନୀତ କୋଚିଙ୍ଗ ଟ୍ରେନ୍ ଗୁଡ଼ିକରେ ଜଳ ଯୋଗାଣ।

ବିଜ୍ଞାପିତ ମୂଲ୍ୟ : ₹ 3,18,12,192.92, EMD : ₹3,09,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ: ₹11,800/-, ଶେଷ ହେବା ଅବଧି: 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.11.02.2026ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.25.02.2026 ରିଖ 1500 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।

ସିନିୟର ଡିଭିଜନାଲ୍ ମେକାନିକାଲ୍ ଇଞ୍ଜିନିୟର / ଖୋର୍ଦ୍ଧା ରୋଡ୍
PR-1114/Q/25-26

---

**AFFIDAVIT**

I, Narayana Acharya, S/o- Himanshu Acharya resident of At- Maraikel, Po.- Tungibandhali, Ps.- Sohela, Dist.- Bargarh, Odisha, PIN-768033 state vide this affidavit no.02 dtd.4.02.2026 that, I have changed my minor Son's name from **Dinesh Acharya** to **Dibyansh Acharya**. Henceforth he shall be known as **Dibyansh Acharya** for all future purposes.
Sd/- Narayana Acharya

**NOTICE**

By virtue of an affidavit sworn before The Executive Magistrate, Sukruli, Mayurbhanj, dated 17.12.2025, I, **Padmabati Chattar**, Address Village-Bhramarposi, PO-Bramarposi, PS- Raruan, Dist-Mayurbhanj, Pin-757039 declare that I have changed my name from Ambika Chatar to Padmabati Chattar. Henceforth, I shall be known as **Padmabati Chattar** for all purposes.
**Padmabati Chattar**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated 28/07/2025, I **DILLIP NAYAK**, S/o Late Maga Nayak resident of Village At-Gelapur, Po- Gopinathpur, Ps-Dhauli, Bhubaneswar Dist-Khurda, Odisha, Pin- 751002 declare that I have changed my name from **DILLIP BHOI** to **DILLIP NAYAK**. Henceforth, I shall be known as **DILLIP NAYAK** for all purposes.
**Sd- DILLIP NAYAK**

**NOTICE**

By virtue of an affidavit sworn before The Executive Magistrate, Sukruli, Mayurbhanj, dated 30.01.2026, I, **Sunil Kumar Soy**, Address Village- Saradha, PO- Haldia, PS- Raruan, Dist-Mayurbhanj, Pin-757039 declare that I have changed my name from Sunil Shaya to Sunil Kumar Soy. Henceforth, I shall be known as **Sunil Kumar Soy** for all purposes.
**Sunil Kumar Soy**

**AFFIDAVIT**

By virtue of an Affidavit before Notary Public, Malkangiri, I Gadi Satyanarayan, aged about 30 Years, S/o: Gadi Basu, resident of Village/PO./PS: Kalimela, Dist.: Malkangiri, Odisha, declare by this Affidavit No.: 296/2026, Dated: 10/02/2026 that I have changed my name from G. Satyanarayan to **Gadi Satyanarayan**. Henceforth I shall be known as **Gadi Satyanarayan** for all future purposes.

**AFFIDAVIT**

By virtue of an affidavit Notary Public, Sonepur, dtd. 10.02.2026, I, Iswar Bhue, S/o Kangalu Bhue, resident of Village Biseswarpali, P.O. Matapali, P.S. Lachhipur, District Subarnapur (Sonepur), Odisha, do hereby declare that I have changed the name of my minor daughter from Dabyajoti Bhue to Nabya Bhue.Henceforth, she shall be known and identified as **Nabya Bhue** for all purposes.
**Iswar Bhue**

**AFFIDAVIT**

By virtue of an affidavit before the Executive Magistrate, Saintala, on dated- 10/02/2026. I, **Laxmipriya Mohapatra**, aged about 38 years, D/O- Sarbeswar Mohapatra, W/O- Dambarudhar Mohapatra, resident of Village: Chindaguda, PO: Chindaguda, PS: Nuapada, Dist: Nuapada, Odisha declare that, as per my parental house my name was **Sushama Mohapatra** which is mentioned in my educational documents & my ROR of H.No. 71/642 of Mouza: Phapsi, PS: Saintala, PS No.107 stand recorded in my name & other testimonial document. That, after married to Dambarudhar Mohapatra I adopt my law house name **Laxmipriya Mohapatra** which is mentioned my my Aadhaar Card vide No. 8548 0353 7658 & other testimonial documents. Henceforth, I shall be known as **Laxmipriya Mohapatra** for all future purposes.
**Laxmipriya Mohapatra**

**AFFIDAVIT**

By virtue of an Affidavit before Notary Public, Malkangiri, I Manju Raba , aged about 23 Years, W/o: Bhima Raba, resident of Village: Tigal, PO.: Nalagunthi, P.S.: M.V.-79, Dist.: Malkangiri, Odisha, declare by this Affidavit No.: 240/2026, Dated: 11/02/2026 that I have changed my name from Manju Madkami to Manju Raba. Henceforth I shall be known as Manju Raba for all future purposes.

**AFFIDAVIT**

I, **Sanjukta Sahu**, W/o: Late Jitendra Sahu, Permanent/ Currently resident At/PO: Jarasingha, PS: Angul Sadar, Dist.: Angul, Odisha-749143, declare by this **Affidavit No.: 631, dated: 10.02.2026** that now onwards my minor daughter will be known as **Payal Sahu** for all future purposes.

**AFFIDAVIT**

I, Namatullah, aged about 25 years, S/o- Shamim Alam, resident of At Ward No.21, Hasanpur Urdu School, Mahtab Road, PO- Plant Site, Rourkela, Dist- Sundargarh, Odisha, PIN- 769001 declared by this affidavit No. 272, dtd-09/02/2026 that now onwards I shall be known as **MUHAMMAD NEMATULLAH ALAM** for all future purposes.

**AFFIDAVIT**

By virtue of an affidavit sworn before bearing affidavit no 2621, Executive Magistrate Subarnapur, dated 03/02/2026, I, Bikash Mishra resident of Subalaya, Dist- Subarnapur declare that I have changed my daughter's name from Mamisha Mishra to Manisha Mishra Henceforth, she shall be known as **Manisha Mishra** for all purposes.

**AFFIDAVIT**

**I, Durga Prasanna Sahu**, S/o- Kalpataru Sahu, residing At: B-106, Plot No.: 1341/75, Mahanadi Vihar, PO: Nayabazar, Dist.: Cuttack, PIN-753004, Odisha declare by this Affidavit No.: 1827, dated 19.01.2026 that now onwards I shall be known as **Durga Prasan Sahu** for all future purposes.

**AFFIDAVIT**

I, Himanshu Chandra Sahoo aged about 59 years, S/o- Ratnakar Sahoo, resident of Mathasahi, Kanti Vihar, Saikrupa Nivas, Bhadrak, PIN- 756100, Odisha declared by this affidavit No. 523, dated-11/02/2026 that now onwards I shall be known as **HIMANSU CHANDRA SAHOO** for all future purposes.

**AFFIDAVIT**

I, Bijay Sinha, aged about 42 years, S/o- Brajendra Prasad Sinha, resident of At- Mandua, Ps-Keonjhar Town, Dist-Keonjhar, Pin- 758001, Odisha do hereby declare by this affidavit No. 881, dtd- 17/09/2024, that now onwards I shall be known as **BIJAY KUMAR SINHA** for all future purposes

**AFFIDAVIT**

I, Abdul Rafique, aged about 75 years, S/o- Haji Yeasin Ali, resident of At-MIG-3/385, Satyasai Enclave, Khandagiri, Bhubaneswar, Pin-751030, Odisha do hereby declare by this affidavit No.281, dtd-10/02/2026, that now onwards I shall be known as **ABDUL RAFIQUE MOHAMMED** for all future purposes.

---

OFFICE OF THE SR. GENERAL MANAGER (ELECTRICAL) 32001/79/2526
UPPER INDRAVATI HYDRO ELECTRIC PROJECT, MUKHIGUDA,
DIST: KALAHANDI-766026, ODISHA, E-mail: sgmel_uihep@ohpcltd.com / sgmeluihep@gmail.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963
OHPC ISO 9001-14001 18001 Certified

**NOTICE INVITING TENDER No. UIHEP-50/2025-26 DATE 06.02.2026**

Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the reputed firm / reputed service provider having similar works experience for the work as mentioned below.

| Description of work | Cost of tender paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Painting of outer metallic surface of 4 Nos. of B/F Valve and it's auxiliaries of UIHEP, Mukhiguda. | 2,360/- (inclusive of GST) | 2,080/- | From 13.02.2026 to 26.02.2026 up to 12.00 Hrs | 26.02.2026 (up to 13:00 Hrs) | 26.02.2026 at 16:30 Hrs |

For details of the tender documents, terms and conditions please visit our website www.ohpcltd.com
C&P Head
UIHEP, Mukhiguda
OIPR-32001/32136/1/25-26/0037

---

13001/193/2526
HOUSING AND URBAN DEVELOPMENT DEPARTMENT
**OFFICE OF THE BARGARH MUNICIPAL COUNCIL: BARGARH**
AT/PO/DIST.-BARGARH, PIN-768028
*Invitation for Bids*
BID IDENTIFICATION No.-05/BGH-MUN/2025-26

| | | |
|---|---|---|
| 1 | Nature of Work | Civil |
| 2 | No. of Work | 136 nos. |
| 3 | Amount put to tender (in lakh) | As per DTCN |
| 4 | Bid Cost | As per DTCN |
| 5 | Class of Contractor | C & D |
| 6 | Availability of Bids documents in website | From 16.00 Hrs Dt. 07-02-2026 to 17.00 Hrs Dt. 17-02-2026 |
| 7 | Date of Opening of Bid | Dt. 18-02-2026 11.00 hrs |

The bidders have to participate in ONLINE bidding only. Further details can be seen from the website i.e., http://tenderodisha.gov.in any addendum/corrigendum/cancellation of tender can also be seen only in the said website.
Executive Officer
Bargarh Municipality
OIPR-13001/13103/1/25-26/0001

---

**ODISHA HYDRO POWER CORPORATION LTD.,**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA – 768017, DISTRICT: SAMBALPUR (ODISHA), INDIA
PHONE: 0663-2910721(O), 2950765(R), E-Mail: srgmhps_burla@yahoo.co.in
CIN : U40101OR1995SGC003963
No. HHEP/Tech-WK-154 (Vol-II)/901 Date 06.02.2026
**e-TENDER CALL NOTICE NO. HHEP-09/2026** 4001/14/2526

Unit Head, HHEP, Burla invites percentage rate e-tender in double cover system from the eligible class of contractor registered with the Govt. of Odisha and contractor of equivalent grade / class registered with Central Govt./ MES / Railway to be received **online mode only** for the following work in the portal https://tendersodisha.gov.in. Bidders can participate either for the single or both work

| Sl. No | Name of work | Approx. tender value of work (in Rs.) excluding GST, EPF & ESI | Cost of tender paper (Non-Refundable) | EMD in shape of DD/BC | Date & time of opening of tender (online) | Class of contractor |
|---|---|---|---|---|---|---|
| 1 | Back side grill extension of 05 Nos. of F type quarters of HHEP, Burla | 12,78,825/- | Rs. 7080/- (Rs. 6000 /- + GST 18%) | 12800/- | 23.02.2026 at 04.00PM | 'D' & 'C" |
| 2 | Renovation of PH Welfare club of HHEP, Burla | 44,33,051/- | Rs. 7080/- (Rs. 6000 /- + GST 18%) | 44400/- | 23.02.2026 at 04.30PM | B |

- Sale of tender paper (Sl. No. 1 & 2): 09.02.2026 (11.00AM) to 23.02.2026 upto 03.00PM
- Receipt of tender paper(Sl. No. 1 & 2): 23.02.2026 upto 03.00PM
- Further details can be seen from the e-procurement portal https://tendersodisha.gov.in www.ohpcltd.com

OIPR-4001/4007/1/25-26/0007 Unit Head, HHEP, Burla

---

32001/77/2526
**GOVERNMENT OF ODISHA,**
**DEPARTMENTOF WATER RESOURCES**
Office of the Superintending Engineer,
Mechanical Division, Bhubaneswar.
Email Address: smdivisionbbsr@yahoo.com
e-Procurement Tender Call Notice No.- SE/MDB-24/W/2025-26

| | | |
|---|---|---|
| 1. | Name of the Work | Mechanical Gate Works |
| 2. | No. of Works | 03 (Three) |
| 3. | Category of executors | SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. | Estimated Cost | ₹ 7,36,172/-00 to ₹ 7,44,817.00 |
| 5. | EMD | Refer to DTCN |
| 6. | Cost of tender paper | Refer to DTCN |
| 7. | Period of Completion | Refer to DTCN |
| 8. | Date & time of availability of bid documents in the Portal | From dt.13.02.2026 (10.00 AM) to dt.23.02.2026 (3.30 PM) |
| 9. | Last date/ time for receipt of bid in the Portal | dt.23.02.2026 (up to 3.30 PM) |
| 10. | Date and Place of opening of Bid | dt.23.02.2026 (4.00 PM onwards in the O/O the undersigned) |
| 11. | Lottery | If required the date of lottery is to be intimated to the Qualified Bidders after evaluation. |
| 12. | Name of the Officer inviting bid | Superintending Engineer, Mechanical Division, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.
Superintending Engineer
Mechanical Division,
Bhubaneswar
OIPR-32001/32481/1/25-26/0001

---

ଭା.କ.ନି. CCI
**ଭାରତୀୟ କପା ନିଗମ ଲିମିଟେଡ୍**
ଶାଖା କାର୍ଯ୍ୟାଳୟ: ରାୟଗଡା
ପ୍ଲଟ ନଂ-୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା -୭୬୫୦୦୧ (ଓଡିଶା)
ମୋବାଇଲ ଆପ
ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୧୨.୦୨.୨୦୨୬

**କପା ଚାଷୀଙ୍କୁ ଆହ୍ୱାନ**

ଓଡ଼ିଶାର ସମସ୍ତ କପା ଚାଷୀଭାଇମାନଙ୍କୁ ସୂଚିତ କରାଯାଉଛି ଯେ, ବର୍ତ୍ତମାନ ଫସଲ ବର୍ଷ ୨୦୨୫- ୨୬ରେ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ଯୋଜନା ଅନ୍ତର୍ଗତ କପା କ୍ରୟର ଶେଷ ତାରିଖ ୨୭ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ନିର୍ଦ୍ଧାରିତ କରାଯାଇଛି।

କପାସ କିଷାନ ଆପ୍ (Kapas Kisan App)ରେ ପଞ୍ଜୀକୃତ ସମସ୍ତ କପାଚାଷୀ ଭାଇମାନଙ୍କୁ ଜଣାଇ ଦିଆଯାଉଛି ଯେ ସର୍ବନିମ୍ନ ସହାୟକ ମୂଲ୍ୟର ଲାଭ ନେବା ପାଇଁ ସେମାନେ ଆପ୍ ମାଧ୍ୟମରେ ସ୍ଲଟ୍ ବୁକ୍ କରି ନିକଟତମ CCI କ୍ରୟ କେନ୍ଦ୍ରରେ ତାରିଖ ୨୭.୦୨.୨୦୨୬ ମଧ୍ୟରେ ନିଜ କପା ବିକ୍ରୟ କରିପାରିବେ। ଅଧିକ ସୂଚନା କିମ୍ବା ସହାୟତା ପାଇଁ, ଚାଷୀମାନେ ଶାଖା କାର୍ଯ୍ୟାଳୟ ରାୟଗଡ଼ାର ହ୍ୱାଟସଆପ୍ ହେଲ୍ପଲାଇନ ନମ୍ବର: ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ

---

**OFFICE OF THE PRINCIPAL**
LAXMINARAYAN HIGHER SECONDARY SCHOOL
E-Mail ID: : lnmvkodala84@gmail.com
(Erstwhile Laxminarayan Mohavidyalaya)
Prafulla Bihar, KODALA 761033 (GANJAM)

**QUOTATION CALL NOTICE**

Sealed quotations are invited from the intending dealers/suppliers having valid GST and PAN for the items:Interactive panel with all accessories.Lab equipments of science and computers.All the quotations should reach the office of the Principal, L.N.H.S.S., Kodala within 7 days from the date of publication by hand or post by 12 Noon.The sealed quotation will be opened on the 7th day of the publication at 4.00 PM at L.N.H.S.S., Kodala.The authority reserves the right to accept or reject quotations/orders without assigning any reason thereof.
N.B.: For any details/specifications may contact Mob. No. 9439525211 and7978160440.
Sd/- Principal
L.N.H.S.S., Kodala, Ganjam

---

GOVERNMENT OF ODISHA 24001/14/2526
OFFICE OF THE SUPERINTENDING ENGINEER
NATIONAL HIGHWAY DIVISION, BERHAMPUR
Email Id- eenhbam@gmail.com
INVITATIONS FOR BIDS(IFB) {e-Procurement}
Bid Identification No. SE-NH-BAM/11/2025-26
No. 761 / Dated 06.02.2026

1) The SUPERINTENDING ENGINEER, N.H.DIVISION, BERHAMPUR on behalf of Governor of Odisha invites percentage rate bid in Single cover system in ONLINE MODE from eligible contractors for construction of Road work as detailed in the table below.
2) Nature of Work : Road (Bridge)
3) No of Work : 1 No.
4) Tender Cost : Rs 6000 /-
5) Class of Contractor : 'B' Class and 'C' Class.
6) Availability of Bid document in portal : 11.00 AM of 16.02.2026 to 05.30 PM of 05.03.2026
7) Date of Opening of Bid : 06.03.2026 at 11:30 AM
8) The bidders have to participate in ONLINE bidding only. Further details can be seen from the website https://tenderssorissa.gov.in
9) Any Corrigendum/Addendum/Cancellation of will be displayed in the e-tender website only.

Superintending Engineer,
NH Division, Berhampur
OIPR-24001/24415/1/25-26/0008

---

**OFFICE OF THE ROURKELA MUNICIPAL CORPORATION: ROURKELA**
**INVITATION FOR BID** 13001/159/2526
No. 1751 / Dated 06.02.2026
Bid Identification No.: MC/RMC/13/2026

The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in single cover on online Mode. Bid Identification No. MC/RMC/13/2026 for 03 nos. Electrical work with value of **Rs. 8.29 lakh to 24.74 Lakh.**

1. Bid documents will be available in website www.tendersorissa.gov.in from **07.02.2026.**
2. Bids must be submitted on "online" on or before **19.02.2026 by 17.00 hours.**
3. Bids shall be opened at 11.00 hours on **20.02.2026** in the office of the undersigned in the presence of the bidders or their authorized agents.
4. Other details will be available in the web site tendersorissa.gov.in

MUNICIPAL COMMISSIONER,
ROURKELA MUNICIPAL CORPORATION
OIPR-13001/13131/1/25-26/0034

---

32001/71/2526 email Id: - eecanalbgh11@gmail.com
**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER,**
**BARGARH IRRIGATION DIVISION, BARGARH**
e-Procurement Notice No.BID-09 /2025-26 dt.10.02.2026
Bid Identification No. BID-09 (01) / 2025-26(Online)

| | | | |
|---|---|---|---|
| 1. | Name of the work | : | Shifting of LT and 11 KV line and Substation for Construction of River Embankment cum Ring Road on the Left Bank of River Jeera from Sai Mandir to Ruhunia, Bargarh. |
| 2. | Total No. of works | : | 1 No. |
| 3. | Estimated Cost | : | Rs. 11.31 Lakh (approx) |
| 4. | Class of Contractor | : | D & C with HT License |
| 5. | Period of completion | : | 30 (Thirty) days |
| 6. | EMD Required | : | Rs. 11,400 |
| 7. | Online for bidding | : | Dt.17.02.2026 at 10:00 A.M to 26.02.2026 at 05:00 P.M |
| 8. | Last Date & Time of seeking of tender clarification | : | Dt.24.02.2026 upto 01:00 P.M. |
| 9. | Date & time of opening of tender | : | Dt. 27.02.2026 at 11.00 A.M. |
| 10. | Name & Address of the Officer inviting bid | : | Superintending Engineer, Bargarh Irrigation Division, Bargarh – 768028 Email id: - eecanalbgh11@gmail.com |

1. Any addendum/ corrigendum/ cancellation/ erratum of tender can also be seen in the said website.
2. Further details can be seen from Government Website http://tendersodisha.gov.in

Superintending Engineer
Bargarh Irrigation Division, Bargarh
OIPR-32001/32461/1/25-26/0001

# ଭୂମିଆ ସମାଜର ପୁଷ ପରବ ଭେଟ୍‌ଘାଟ୍



ମାଥିଲି,୧୧।୨ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସାଲିମି ପଞ୍ଚାୟତ ଅନ୍ତର୍ଗତ ତାଳପଦର ଠାରେ ମେଣ୍ଡକୁଲି ଭୂମିଆ ସମାଜ ଓ ସାଲିମି ଗଡ଼ ଭୂମିଆ ସମାଜ ମଧ୍ୟରେ ପୁଷପରବ ଭେଟ୍‌ଘାଟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମେଣ୍ଡକୁଲି ଭୂମିଆ ସମାଜ ସଭାପତି ହଲଧର ପୂଜାରୀଙ୍କ ନେତୃତ୍ୱରେ ଏହି ପୁଷପରବ ଭେଟଘାଟ ୨୦୨୬ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ଆଦିବାସୀ ମହାସଂଘର ଜିଲ୍ଲା ସଭାପତି ବନ୍ଧୁ ମୁଦୁଲି ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ହାଜବା ସମାଜ ସଭାପତି କୃତିବାସ ସମରଥ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସାଲିମି ଗଡ଼ ଭୂମିଆ ସମାଜ ସଭାପତି ବାସୁଦେବ ଭୂମିଆ, ଧୁଙ୍ଗିଆ ପୁଟ ସରପଞ୍ଚ ମଧୁସୂଦନ ନାୟକ, ପାଙ୍ଗାମ ସରପଞ୍ଚ ଇନ୍ଦ୍ର ନାୟକ, ସାଲିମି ସରପଞ୍ଚ ବନ୍ଧୁ ଭୂମିଆ, ଗୁପ୍ତ ନାୟକ, ଭୂମିଆ ସମାଜ ସମ୍ପାଦକ ଚନ୍ଦ୍ର ନାୟକ ସାଲିମି ଗଡ଼ର ସମ୍ପାଦକ ନିଳକଣ୍ଠ ଭୂମିଆ, ମେଣ୍ଡକୁଲି ମୁଖ୍ୟ ନାୟକ ରାମଚନ୍ଦ୍ର ନାୟକ, ଦୁଶାନାଡ଼ ଗଡ଼ର ସଭାପତି ସମରା ନାୟକ, ସମ୍ପାଦକ ଶୁକଦାସ ତୁରୁକା, ମାଥିଲି ସମବାୟ ସମିତିର ଉପ ସଭାନେତ୍ରୀ ତମ୍ବୁଣୀ ପୂଜାରୀ, ସାଲିମି ପଞ୍ଚାୟତ ପୂର୍ବତନ ସରପଞ୍ଚ ବିଜୟ ଲକ୍ଷ୍ମୀ ଭୂମିଆ ଯୋଗ ଦେଇଥିଲେ। ପ୍ରଥମେ ମାଥିଲି ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଅତିଥି ମାନଙ୍କ ପରିଚୟ ଓ ସ୍ୱାଗତ ସଙ୍ଗୀତ ଗାନ ପରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସଭାରେ ମେଣ୍ଡକୁଲି ଭୂମିଆ ସମାଜ ସଭାପତି ଶ୍ରୀ ପୂଜାରୀ ସଭାପତିତ୍ୱ କରିଥିବା ବେଳେ ସଭାରେ ଭୂମିଆ ସମାଜ କିପରି ସରକାରୀ ସହାୟତା ଓ ଗରିବ ଛାତ୍ରଛାତ୍ରୀ ମାନେ କିପରି ବିଦ୍ୟାଳୟକୁ ଯାଇ ପାଠ ପଢିବେ ତାହା ସମାଜ ପକ୍ଷରୁ କର୍ମକର୍ତ୍ତା ମାନେ ସଜାଗ ରହି କାର୍ଯ୍ୟ କରିବେ ବୋଲି ଉପସ୍ଥିତ ଅତିଥିମାନେ ପରାମର୍ଶ ଦେଇଥିଲେ। ପୁଷ ପରବ ଭେଟଘାଟରେ ମାଥିଲି ଅଞ୍ଚଳର ବରିଷ୍ଠ ସାମ୍ବାଦିକ ବାସୁଦେବ ଜେନା ଓ ଶ୍ୟାମ ପ୍ରସାଦ ପଟ୍ଟନାୟକଙ୍କୁ ଭୂମିଆ ସମାଜ ପକ୍ଷରୁ ପୁଷ୍ପ ଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ ଅତିଥିମାନେ। ପୁଷ ପରବ ଭେଟଘାଟ ଉତ୍ସବକୁ ସମସ୍ତ ୧୪୦ ଗ୍ରାମର ସମାଜ ନାୟକ ଏବଂ ଭଦ୍ର ବ୍ୟକ୍ତି, ମାଁ ଭଉଣୀ ମାନେ ଆଦିବାସୀ ପାରମ୍ପରିକ ବାଦ୍ୟ ସଙ୍ଗୀତ ତାଳେ ତାଳେ ଢେମସା ନୃତ୍ୟ ପରିବେଷଣ କରିଥିଲେ। ୧୪୦ ଖଣ୍ଡ ଗ୍ରାମର ହଜାର ହଜାର ମହିଳା, ପୁରୁଷ ଓ ଯୁବକ ଯୁବତୀ ମାନେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ସାଲିମି ଗଡ଼ର ଭୂମିଆ ସମାଜର ଯୁବକ ଯୁବତୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସୁଚାର ରୂପେ ପରିଚାଳନା କରିଥିଲେ।

# ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ପାଇଁ ପ୍ରସ୍ତୁତି ବୈଠକ




ନବରଙ୍ଗପୁର,୧୧।୨(ସମିସ): ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ସଭାଗୃହ ଠାରେ ଆଗାମୀ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମକରନ୍ଦ ସନ୍ଦୀପ ସମ୍ପଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ଜିଲ୍ଲାର ୩୩ଟି ଯୁକ୍ତଦୁଇ ଓ ୮୪ଟି ଦଶମ ଶ୍ରେଣୀ ପରୀକ୍ଷା କେନ୍ଦ୍ରର କେନ୍ଦ୍ର ଅଧିକ୍ଷକ , ନୋଡାଲ କେନ୍ଦ୍ର ଅଧିକ୍ଷକ ଓ ସମସ୍ତ ବ୍ଲକ୍‌ର ଗୋଷ୍ଠୀ ଶିକ୍ଷାଧିକାରୀ ଯୋଗ ଦେଇଥିଲେ। ଜିଲ୍ଲାରେ ୧୮୦୨୦ ୧୮୦୨୦ ରେଗୁଲାର, ୪୮ ଏକ୍ସ ରେଗୁଲାର ଓ ୫୬୪ ଛାତ୍ରଛାତ୍ରୀ ଦଶମ ଓ ୮୬୨୫ ଛାତ୍ରଛାତ୍ରୀ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିବା ଶ୍ରୀ ସାହୁ ସୂଚନା ଦେଇଥିଲେ। ଡକ୍ଟର ସ୍ୱାଇଁ ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ପରାମର୍ଶ ଦେଇଥିଲେ ଓ ମୋବାଇଲ ଓ ଅନ୍ୟ ଇଲେକ୍ଟ୍ରୋନିକ ଉପକରଣ ଗୁଡିକ ପରୀକ୍ଷା କେନ୍ଦ୍ର ମଧ୍ୟକୁ ଯେପରି ନ ଯାଏ ସେଥିପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। କେନ୍ଦ୍ର ନିକଟରେ କୌଣସି ବାହ୍ୟ ଲୋକଙ୍କ ଗତିବିଧି କୁ ସତର୍କ ଦୃଷ୍ଟି ଦିଆଯିବ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରକାଶ ଚନ୍ଦ୍ର ମହାଳିକ ପରୀକ୍ଷା ପରିଚାଳନା ନିମନ୍ତେ ବୋର୍ଡ ତରଫରୁ ଜାରି ହୋଇଥିବା ନିୟମାବଳୀ ସମ୍ପର୍କରେ ସୂଚନା ଦେଇଥିଲେ। ଉମରକୋଟ ମହାବିଦ୍ୟାଳୟର ଅଧ୍ୟକ୍ଷ ଅନିଲ କୁମାର ମିଶ୍ର ଅଧିକ୍ଷକ ମାନଙ୍କ କର୍ତ୍ତବ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସୁପ୍ରିୟା ନାୟକ ପ୍ରଶ୍ନପତ୍ରର ସୁରକ୍ଷା ପ୍ରତି ଦୃଷ୍ଟି ଦେବାକୁ କହିଥିଲେ। ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଡକ୍ଟର ଓଁକାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ବିଜ୍ଞାନ ପରିଦର୍ଶକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମାଲକାନଗିରି ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ଆଲୋଚନାଚକ୍ର



ମାଲକାନଗିରି,୧୧।୨(ସମିସ): ମାଲକାନଗିରି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ଏକ ଦିବସୀୟ ଆଲୋଚନାଚକ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ମାଲକାନଗିରି ମହାବିଦ୍ୟାଳୟର ଅଧ୍ୟକ୍ଷ ଅଧ୍ୟକ୍ଷତା କରିଥିଲେ। ସୁଶ୍ରୀ ସରିତା ପଟେଲ, ଆଞ୍ଚଳିକ ନିର୍ଦ୍ଦେଶକ ଜାତୀୟ ସେବା ସଂସ୍ଥା, ଭୁବନେଶ୍ୱର ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ବାଣିଜ୍ୟ ବ୍ୟବସାୟରେ କୃତ୍ରିମ ବୁଦ୍ଧିମତା ବିଷୟରେ ଓ ଡିଜିଟାଲ ମାର୍କେଟିଙ୍ଗର ପ୍ରଚାର ପ୍ରସାର ମାଧ୍ୟମରେ ବାଣିଜ୍ୟର ଅଭିବୃଦ୍ଧି ପାଇଁ ମତ ପୋଷଣ କରିଥିଲେ। ମୁଖ୍ୟବକ୍ତା ରୂପେ ବିନୋଦ କୁମାର ବିଷୋଇ, ମୁଖ୍ୟ ପରିଚାଳକ ଭାରତୀୟ ଷ୍ଟେଟ ବ୍ୟାଙ୍କ, ମାଲକାନଗିରି ଶାଖା, ବାଣିଜ୍ୟ କ୍ଷେତ୍ରରେ ବ୍ୟାଙ୍କ ସେବାର ଡିଜିଟାଲ ମାର୍କେଟିଙ୍ଗର ଉପକାରିତା ବିଷୟରେ ଆଲୋକପାତ କରିଥିଲେ। ଡକ୍ଟର ରଞ୍ଜନ କୁମାର ସ୍ୱାଇଁ, ବାଣିଜ୍ୟ ବିଭାଗ ମୁଖ୍ୟ ଅତିଥି ପରିଚୟ ସହ ସେମିନାରର ଉଦ୍ଦେଶ୍ୟ ଓ ଆକାଂକ୍ଷା ବିଷୟରେ ମତ ପୋଷଣ କରିଥିଲେ। ଡକ୍ଟର ମନୋଜ କୁମାର ବେହେରା ସହକାରୀ ପ୍ରାଧ୍ୟାପକ ବାଣିଜ୍ୟ ବିଭାଗ କୋରାପୁଟ ମହାବିଦ୍ୟାଳୟ ରିସୋର୍ସ ପର୍ସନ ହିସାବରେ ଯୋଗଦାନ କରି ସାମାଜିକ ଗଣ ମାଧ୍ୟମର ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବି. ଗୁପ୍ତେଶ୍ୱର ରାଓ, ଦିପ୍ତୀରେଖା ମିଶ୍ର, ପ୍ରସନଜିତ ମିସ୍ତ୍ରୀ, ସ୍ନିଗ୍ଧା ସରଦାର,ଭକ୍ତ ଗଣ୍ଡ ସଫଳ କରିବା ପାଇଁ ସାହାଯ୍ୟ କରିଥିଲେ। ରାଧିକା ଟାୱାରୀ, ରଘୁନାଥ ନାୟକ, ଜୀବନ ପଡିଆମୀ, ଏମ୍‌ଡି ଉର୍ଜ୍ୟେଫ, ଶେଖ ଅଫତାଫ, ଓମ୍ ପ୍ରକାଶ ପାଣିଗ୍ରାହୀଙ୍କ ସମେତ ନିଜସ୍ୱ ସୃଜନୀ ପାଠ କରିଥିଲେ। ସଭା ପ୍ରାରମ୍ଭରେ ସଙ୍ଗୀତ ଗାନ କରିଥିଲେ। ସଭା ଶେଷରେ ବି. ଗୁପ୍ତେଶ୍ୱର ରାଓ ଧନ୍ୟବାଦ ଦେଇଥିଲେ। ସଭାରେ ୧୦୦ରୁ ଅଧିକ ଉପସ୍ଥିତ ଥିଲେ।

# ସୁରକ୍ଷିତ ଇଣ୍ଟରନେଟ ଦିବସ ପାଳିତ

ନବରଙ୍ଗପୁର,୧୧।୨(ସମିସ): ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ସୁରକ୍ଷିତ ଇଣ୍ଟରନେଟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ମାଲେଶ୍ୱରୀ ସାହୁ ସଭାପତିତ୍ୱ କରି ସୁରକ୍ଷିତ ଇଣ୍ଟରନେଟ ଦିବସର ଉଦ୍ଦେଶ୍ୟ, ଡିଜିଟାଲ ଜଗତରେ ନିରାପତ୍ତା, ସକାରାତ୍ମକ ଅନ୍‌ଲାଇନ ବ୍ୟବହାର ଏବଂ ସାଇବର ସଚେତନତାର ଗୁରୁତ୍ୱ ବିଷୟରେ ଛାତ୍ରୀମାନଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଜିଲ୍ଲାର ଡେପୁଟି




ଡାଇରେକ୍ଟର ଏନଆଇସି ବିଶ୍ୱରଂଜନ ଭୁକ୍ତା ଯୋଗଦେଇ ପ୍ରୋଜେକ୍ଟର ମାଧ୍ୟମରେ ଇଣ୍ଟରନେଟ ଓ କୃତ୍ରିମ ବୁଦ୍ଧିମତା (ଏଆଇ)ର ଉପକାର ଓ ଅପକାର, ଏହାର ନିରାପଦ ଓ ଦାୟିତ୍ୱବାନ ବ୍ୟବହାର ଏବଂ ବିଭିନ୍ନ ପ୍ରକାର ସାଇବର ଠକେଇ ସମ୍ପର୍କରେ ବିସ୍ତୃତ ସୂଚନା ଦେଇ ଛାତ୍ରୀମାନଙ୍କୁ ସତର୍କ କରାଇଥିଲେ। ଏହି ଅବସରରେ ଡିଆର୍‌ଏମ ହାଡୁବନ୍ଧୁ ରଣା ମଧ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ-ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ଏବଂ ବହୁ ସଂଖ୍ୟକ ଛାତ୍ରୀ ଯୋଗ ଦେଇଥିଲେ। ଶେଷରେ ଅଧ୍ୟକ୍ଷା ମାଲେଶ୍ୱରୀ ସାହୁ ସମସ୍ତ ଅତିଥି ଓ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରବୋଧନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




ବନ୍ଧୁଗାଁ,୧୧।୨(ସମିସ): ବନ୍ଧୁଗାଁ ବ୍ଲକ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମଗ୍ର ଶିକ୍ଷା ଅଭିଯାନ କୋରାପୁଟ ଜିଲ୍ଲା ଆନୁକୁଲ୍ୟରେ ବ୍ଲକ ସ୍ତରୀୟ ଓଡ଼ିଶା ପାଠ୍ୟକ୍ରମର ରୂପରେଖ ୨୦୨୫ ଓ ନୂତନ ପାଠ୍ୟ ପୁସ୍ତକର ପ୍ରବୋଧନ ଶିବିର ଉଦ୍‌ଯାପିତ ହୋଇଛି। ପ୍ରବୋଧନ ଶିବିର ଚଳିତ ମାସ ୨୭ ତାରିଖରୁ ଫେବୃଆରୀ ମାସ ୩ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ବ୍ଲକ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧିନରେ ଥିବା ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩୩୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ କୋରାପୁଟ ଜିଲ୍ଲା ଶିକ୍ଷା ବିଜ୍ଞାନ ସଂଯୋଜକ ଚନ୍ଦ୍ରକଳା ବଗର୍ତ୍ତୀ ଉପସ୍ଥିତ ହୋଇ ଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଦନ ପାଣି, ବ୍ଲକ ଶିକ୍ଷକ ସଂଘ ସମ୍ପାଦକ କେ ପ୍ରତାପ କୁମାର, ଜିଲ୍ଲା ଶିକ୍ଷକ ସଂଘ ସହ ସମ୍ପାଦକ ସଞ୍ଜୟ କୁମାର ସିଂ ପ୍ରମୁଖ ଶ୍ରୀ ବଗର୍ତ୍ତିଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ଶ୍ରୀ ବଗର୍ତ୍ତୀ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ସହିତ କିଛି ସମୟ ଧରି ଆଲୋଚନା କରିଥିଲେ। ପୁଣି ପ୍ରବୋଧନ ଶିବିରରେ ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଏକ ଘଣ୍ଟା ଧରି ଉଦାହରଣ ମାଧ୍ୟମରେ ତାଲିମ ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇ କହିଥିଲେ। ପ୍ରବୋଧନ ଶିବିରରେ ଉପସ୍ଥିତ ସମସ୍ତଙ୍କୁ ଶ୍ରୀ ବଗର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରିବା ସହିତ ୯ ଜଣ ସିଆରସିସି ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଦନ ଉପସ୍ଥିତ ରହି ତାଲିମ ଶିବିରରେ ଥିବା ୧୧୬ ଜଣଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ।

# ଡାହାଣୀ ସନ୍ଦେହରେ ନିର୍ଯାତନା ରୋକିବା ପାଇଁ ପ୍ରଶିକ୍ଷଣ କର୍ମଶାଳା

ମାଲକାନଗିରି, ୧୧।୨(ସମିସ): ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଡାହାଣୀ ସନ୍ଦେହରେ ନିର୍ଯାତନା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୌରୀ ନାୟକ, ମୁଖ୍ୟ ଜିଲ୍ଲା ଚିକିତ୍ସା କାର୍ଯ୍ୟାଳୟରୁ ଆସିଷ୍ଟାଣ୍ଟ ମ୍ୟାନେଜେର ସୂର୍ଯ୍ୟ ମହାପାତ୍ର, ପିଓ ଆଇସିଡିଏସ ସେଲ୍ ଇନ୍ଦିରା ପ୍ରଧାନ, ପିଓ ଟି.ଜୟାଲକ୍ଷ୍ମୀ , ଜିଲ୍ଲା ସଂଯୋଜକ ମହିଳା ସଶକ୍ତିକରଣ ମନି ମୋହନ ସରକାର ଏବଂ ଜିଲ୍ଲା ସଂଯୋଜକ କିଶୋରୀ ସଶକ୍ତିକରଣ, ୟୁନିସେଫ୍ କର୍ମଚାରୀ ମିନାକ୍ଷୀ ପ୍ରଧାନ ଉପସ୍ଥିତ ଥିଲେ। ଅତିଥି ମାନେ ଜିଲ୍ଲାରେ ଯେପରି କୌଣସି ମହିଳା ଡାହାଣୀ ସନ୍ଦେହରେ ନିର୍ଯାତିତ ନ ହୁଅନ୍ତୁ, ସେ ସମ୍ପର୍କରେ ଜିଲ୍ଲାର ଗାଁ ଗାଁରେ ମହିଳା ମାନଙ୍କୁ ସଚେତନ କରିବାକୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅଙ୍ଗନବାଡି କର୍ମଚାରୀ, ଆଶା ଦିଦି, ଜେଣ୍ଡର ସିଆରପି, ଥାନା ଅଧିକାରୀ, କଲେଜ୍ ଛାତ୍ର ଛାତ୍ରୀ, ଦିଶାରୀ, ଗୁରୁମାଇ ,ଶକ୍ତି ସଦନ କର୍ମଚାରୀ, ୱାନ୍ ଷ୍ଟପ୍ ସେଣ୍ଟର୍ ର କର୍ମଚାରୀ , ଜିଲ୍ଲା ମହିଳା ସଶକ୍ତିକରଣ କେନ୍ଦ୍ର କର୍ମଚାରୀ ଉପସ୍ଥିତ ଥିଲେ। ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷକ ଭାବେ ଆସିଷ୍ଟାଣ୍ଟ ଲିଗାଲ ଆଇଡି ଡିଫେନ୍ସ କାଉନ୍‌ସେଲର ସାଗର ପାଣିଗ୍ରାହୀ , ଡିଏସ୍‌ପି ଏଚ୍ ଆରପିସି, ଓନମ୍ ଲାକ୍ରା ଉପସ୍ଥିତ ରହି ସମାଜରେ ମହିଳା ମାନେ ଡାହାଣୀ ସନ୍ଦେହରେ ନିର୍ଯାତନା ଓ ଏହାର ଆଇନଗତ ଦିଗ ଉପରେ ପ୍ରଶିକ୍ଷଣ ଦେଇଥିଲେ। ଜିଲ୍ଲା ସମାଜ ମଙ୍ଗଳ ବିଭାଗର କର୍ମଚାରୀ କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ।

# ଦଶମ ବୋର୍ଡ ପରୀକ୍ଷା କେନ୍ଦ୍ର ପରିଚାଳନା ପ୍ରସ୍ତୁତି ବୈଠକ

ମାଲକାନଗିରି,୧୧।୨(ସମିସ): ଚଳିତ ବର୍ଷ ଦଶମ ବୋର୍ଡ ପରୀକ୍ଷା ଆୟୋଜନ ନେଇ ମାଲକାନଗିରି ଜିଲ୍ଲା ପରିଷଦ ସଭାକକ୍ଷ ଠାରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ, ଉପ ଆରକ୍ଷୀ ଅଧିକ୍ଷକ ଓନମ୍ ଲାକ୍ରା, ଜିଲ୍ଲା ମଙ୍ଗଳ ଅଧିକାରୀ ଏ ଶ୍ରୀନିବାସ ଆଚାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ଉପସ୍ଥିତି ଥିଲେ। ଏହି ବୈଠକରେ ଦଶମ ବୋର୍ଡ ପରୀକ୍ଷା କେନ୍ଦ୍ର ପରିଚାଳକ, ନୋଡାଲ କେନ୍ଦ୍ର ପ୍ରଧାନ ଶିକ୍ଷକ ଏବଂ ପ୍ରଶ୍ନପତ୍ର ରହିଥିବା କେନ୍ଦ୍ରର ଥାନା ଅଧିକାରୀଙ୍କୁ ନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ଶିକ୍ଷା ଅଧିକାରୀ ଭାଗୀରଥି ବେହେରା ବୋର୍ଡ କାର୍ଯ୍ୟାଳୟ କଟକ ଦ୍ୱାରା ନିର୍ଦ୍ଧାରିତ ନିୟମାବଳୀ ସବୁ ବୁଝାଇଥିଲା ବେଳେ ଅତିରିକ୍ତ ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଅନ୍ୟାନ୍ୟ ନୀତି ନିୟମ ପରିବେଷଣ କରିଥିଲେ। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ପ୍ରସାଦ ବେହେରା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲା ବେଳେ ସମସ୍ତ ୪୬ ପରୀକ୍ଷା କେନ୍ଦ୍ର ପରିଚାଳକ ଓ ୨୦ ନୋଡାଲ ପ୍ରଧାନ ଶିକ୍ଷକ ସହ ପୋଲିସ ଅଫିସର ଯୋଗ ଦେଇଥିଲେ। କାର୍ଯ୍ୟାଳୟ ତରଫରୁ ଏହି ବର୍ଷ ମାଲକାନଗିରି ଜିଲ୍ଲାରୁ ଦଶମ ପରୀକ୍ଷାରେ ରେଗୁଲାର ଓ ଓପନ ସ୍କୁଲକୁ ମିଶାଇ ୯୮୭୫ ପରୀକ୍ଷାର୍ଥୀ ୧୯ ଫେବୃଆରୀରୁ ୨ ମାର୍ଚ୍ଚ ଯାଏଁ ଭାଗ ନେବେ।

● ଡିଏଫ୍‌ଓଙ୍କ ସାମ୍ବାଦିକ ସମ୍ମିଳନୀ

# ଡ୍ରୋନ୍‌ରେ ବନାଗ୍ନି ଉପରେ ରହିବ ନଜର



ମାଲକାନଗିରି,୧୧।୨ (ସମିସ): ଜଙ୍ଗଲ ସୁରକ୍ଷା ଓ ବନାଗ୍ନି ରୋକିବା ପାଇଁ ଡ୍ରୋନ ବ୍ୟବହାର କରାଯିବ। ଜଙ୍ଗଲରେ ଯେପରି ନିଆଁ ନ ଲାଗିବ, ସେଥି ନିମନ୍ତେ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ବନ ବଭାଗ ସୁରକ୍ଷା କର୍ମୀ ଓ ଡ୍ରୋନ ଦ୍ୱାରା ପାଟ୍ରୋଲିଙ୍ଗ କରାଯାଇ ବନାଗ୍ନି ଉପରେ ନଜର ରହିବ ବୋଲି ଡିଏଫଓ ସାଇକିରନ ଆଜି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ମାର୍ଚ୍ଚ ମାସରେ ସାଧାରଣ ତ ମହୁଲ ଗୋଟାଇବା, କେନ୍ଦୁପତ୍ର ତୋଳିବା, ପୋଡୁଚାଷ ପାଇଁ ଗ୍ରାମବାସୀମାନେ ଜଙ୍ଗଲରେ ନିଆଁ ଲଗାଇ ଦେଇଥାନ୍ତି। ସେ ନିଆଁ ଦ୍ୱାରା ଜଙ୍ଗଲ ସହ ମୂଲ୍ୟବାନ ଗଛ ବୃକ୍ଷ ବନ୍ୟ ସମ୍ପଦ ସବୁ ପୋଡି ନଷ୍ଟ ହୋଇଯାଇଥାଏ। ଜଙ୍ଗଲରେ ନିଆଁ ନ ଲଗାଇ ଜଙ୍ଗଲ. ବନ୍ୟସମ୍ପଦ ପଶୁପକ୍ଷୀଙ୍କୁ ସୁରକ୍ଷା ଯୋଗାଇ ଦେବା ପାଇଁ ବନ କର୍ମଚାରୀ ମାନଙ୍କୁ ସ୍ୱତନ୍ତ୍ର ଭାବେ ତାଲିମ ଦିଆଯାଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ବନଖଣ୍ଡୀୟ ଅଧିକାରୀ ସାଇକିରଣ ସୂଚନା ଦେଇଛନ୍ତି।

# ମାଁ ମାର୍କମା ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର




ବିଷମ କଟକ,୧୧।୨(ସମିସ): ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ ମାଁ ମାର୍କମା ଯୁକ୍ତ ତିନ ମହାବିଦ୍ୟାଳୟରେ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଶିବିରରେ ଯୁକ୍ତ ତିନି ମହାବିଦ୍ୟାଳୟର ପ୍ରଥମ ବର୍ଷର କଳା, ବିଜ୍ଞାନ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ତାଲିମ ଦିଆଯାଉଛି। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଅଶ୍ୱିନି କୁମାର ପଣ୍ଡା ଉଦ୍‌ଘାଟନ କରିଛନ୍ତି। ଅଧ୍ୟକ୍ଷ ଶ୍ରୀ ପଣ୍ଡା ଶିବିରର ଉପକାରିତା ଏବଂ ଉଦ୍ଦେଶ୍ୟ ବିଷୟରେ ଛାତ୍ରୀ ମାନଙ୍କୁ ସୂଚନା ଦେଇଛନ୍ତି। ମା' ମାର୍କମା ବିଦ୍ୟାଳୟର ପୂର୍ବତନ ଛାତ୍ରୀ ଚାନ୍ଦିନି ପାତ୍ର ଛାତ୍ରୀ ମାନଙ୍କୁ ଆତ୍ମ ସୁରକ୍ଷାର ବିଭିନ୍ନ କୌଶଳ ବିଷୟରେ ପ୍ରଶିକ୍ଷଣ ଦେବେ। ପ୍ରଶିକ୍ଷଣ ଶିବର ୧୧ ତାରିଖରୁ ଆରମ୍ଭ ହୋଇ ୨୦ ତାରିଖରେ ଶେଷ ହେବାକୁ ଥିବା ବେଳେ ୧୧୭ ଜଣ ଛାତ୍ରୀ ଏହି ଶିବିରରେ ତାଲିମ ଗ୍ରହଣ କରିବେ। ଉଦ୍‌ଘାଟନୀ ଅବସରରେ ଓଡିଆ ଅଧ୍ୟାପିକା ଦିପ୍ତିରାଣୀ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ଭାଜପା କାର୍ଯ୍ୟାଳୟରେ ସମର୍ପଣ ଦିବସ ପାଳିତ

ନବରଙ୍ଗପୁର,୧୧।୨ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ଭାଜପା କାର୍ଯ୍ୟାଳୟ ଠାରେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ପୂଣ୍ୟ ତିଥିକୁ ସମର୍ପଣ ଦିବସ ରୂପେ ପାଳନ କରାଯାଇଛି। ଏହି ଉଦ୍ଦେଶ୍ୟରେ ଭାଜପା ଦେଶବ୍ୟାପୀ ସମର୍ପଣ ଦିବସ ପାଳନ କରୁଛି। ଏହି ସ୍ମୃତିସଭାରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟବକ୍ତା ଭାବେ ରାଜ୍ୟ ଉପ ସଭାପତି ରମେଶ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ଝରିଗାଁ ବିଧାୟକ ନରସିଂହ ଭତ୍ରା ଏବଂ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢୀ, ଜିଲ୍ଲା ସାଧାରଣ ସମ୍ପାଦକ ସୁରେଶ ଆଚାର୍ଯ୍ୟ ଏବଂ ଉମରକୋଟ ଓ ଝରିଗାଁ ନିର୍ବାଚନ ମଣ୍ଡଳୀର ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ବିଞ୍ଜିଗୁଡ଼ା ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ନନ୍ଦାହାଣ୍ଡି,୧୧।୨(ସମିସ):

ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଧଣ୍ଡରା ଗ୍ରାମପଞ୍ଚାୟତ ବିଞ୍ଜିଗୁଡ଼ା ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ସନ୍ଧ୍ୟାରେ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ସାଂସଦ ପ୍ରତିନିଧି ଜାନକୀକାନ୍ତ ବିଷୋୟୀ ଓ ମୁଖ୍ୟ ବକ୍ତା ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନୁପମା ଖୋସଲା ସଭାପତିତ୍ୱ କରିଥିବା ବେଳେ ସୀମାଞ୍ଚଳ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ସହ ସ୍ୱାଗତ ଅଭିଭାଷଣ ଓ ବିଦ୍ୟାଳୟର ବାର୍ଷିକ ବିବରଣୀ ପ୍ରଧାନ ଶିକ୍ଷୟିତ୍ରୀ ଦ୍ୱାରା ପାଠ କରିଥିଲେ। ଗତ ଶିକ୍ଷା ବର୍ଷରେ ଦଶମ ଶ୍ରେଣୀର ପିଲା ଶତପ୍ରତିଶତ ଉତ୍ତୀର୍ଣ୍ଣ ହୋଇ ଥିବା ଉଲ୍ଲେଖ କରିଥିଲେ। ଅତିଥିମାନେ ଆଗାମୀ ଦିନରେ ମଧ ସମ୍ମାନଜନକ ନମ୍ବର ରଖି ଉତ୍ତୀର୍ଣ୍ଣ ହେବା ସହ ନିଜ ତଥା ବିଦ୍ୟାଳୟ ପାଇଁ ଯଶ ଅର୍ଜନ ସକାଶେ ଶୁଭକାମନା କରିଥିଲେ। ମୁଖ୍ୟ ଅତିଥି ମାନ୍ୟବର ବିଧାୟକ ଶ୍ରୀ ମାଝୀ କହିଥିଲେ ଯେ, କଠିନ ପରିଶ୍ରମ କରି ପାଠ ପଢିବା ସହ ଗୁରୁଜନଙ୍କୁ ସମ୍ମାନ ଦେବା ଏବଂ ସଂସ୍କାରିତ ଜୀବନଯାପନ ପାଇଁ ଗୁରୁମନ୍ତ୍ର ଦେଇଥିଲେ। ସମସ୍ତ ଆନୁସଙ୍ଗିକ ସମସ୍ୟା ସମାଧାନ ସକାଶେ ସରକାର ତତ୍ପର ଅଛି ବୋଲି ମତବ୍ୟକ୍ତ ରଖିଥିଲେ। ଅନ୍ୟାନ୍ୟ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ, ନିବେଦିତା ବିଶ୍ୱାଳ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରିୟଚାନ୍ଦ ମଲ୍ଲିକ, ବିଜେପି ମଣ୍ଡଳ ସଭାପତି ଭାବଗ୍ରାହୀ ଓ ୱାର୍ଡ ସଭ୍ୟା ସ୍ମିତା ନାୟକ ଯୋଗ ଦେଇଥିଲେ। ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ସମେତ ନିକଟସ୍ଥ ବିଭିନ୍ନ ଏସ୍‌ଏସ୍‌ଡି ବିଦ୍ୟାଳୟଙ୍କ ପ୍ରଧାନ ଶିକ୍ଷକ, କ୍ରୀଡ଼ା ଶିକ୍ଷକମାନେ ସାମିଲ ହୋଇଥିଲେ। ବିଦ୍ୟାଳୟର ସମସ୍ତ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ, ସମସ୍ତ କର୍ମଚାରୀ ଏବଂ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ।

# ସହିଦ ବଗା ପୂଜାରୀଙ୍କ ଆତ୍ମବଳିଦାନ ଦିବସ ପାଳିତ



ଉମରକୋଟ,୧୧।୨ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ବଡଭରଣ୍ଡି ଠାରେ ନବରଙ୍ଗପୁର ଜିଲ୍ଲାର ପ୍ରଥମ ଶହୀଦ ବଗା ପୂଜାରୀଙ୍କ ୮୪ ତମ ଶ୍ରାଦ୍ଧ ଦିବସ ବା ଆତ୍ମ ବଳିଦାନ ଦିବସ ପାଳିତ ହୋଇଯାଇଛି। ପ୍ରତି ବର୍ଷ ଏହି ଦିବସକୁ ବଗା ପୂଜାରୀଙ୍କ ନାତୁଣି ତଥା ଉମରକୋଟର ପୂର୍ବତନ ବିଧାୟିକା ତଥା ପୂର୍ବତନ ମହିଳା ମନ୍ତ୍ରୀ ପରମା ପୂଜାରୀ ପାଳନ କରି ଆସୁଛନ୍ତି। ସର୍ବ ପ୍ରଥମେ ସ୍ମୃତିସ୍ତମ୍ଭ ନିକଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ସ୍ମୃତିସ୍ତମ୍ଭ ନିକଟ ରେ ଶହୀଦ୍ ବଗା ପୂଜାରୀଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ବଡଭରଣ୍ଡି ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଯୋଗଦେଇଥିଲେ। ଘରୁ ଗୋଡ଼ ବାହାର କରିଛି ମାନେ ସ୍ୱରାଜ ନଆସିବା ଯାଏ ଘରକୁ ଫେରିବି ନାହିଁ। ଏହା ଥିଲା ଶହୀଦ ବଗା ପୂଜାରୀଙ୍କ ଶେଷ ବାଣୀ। ୧୯୪୨ ମସିହାରେ ଭାରତ ଛାଡ଼ ଆନ୍ଦୋଳନରେ କୋରାପୁଟ ଜେଲରେ ୧୧ ଫେବୃଆରୀ ଦିନ ବ୍ରିଟିଶ ସରକାରଙ୍କ ନିର୍ଯାତନାରେ ପ୍ରଥମ ଶହୀଦ ହୋଇଥିଲେ ନବରଙ୍ଗପୁର ମାଟିର ବଗା ପୂଜାରୀ। ବଗା ପୂଜାରୀଙ୍କ ଏହି ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥି ଭାବେ କ୍ୟାବିନେଟ ତଥା ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଝରୀଗାଁ ବିଧାୟକ ନରସିଂ ଭତ୍ରା ଓ ବିଜେପି ରାଜ୍ୟ ଉପସଭାପତି ରମେଶ ଚନ୍ଦ୍ର ସାହୁ , ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ, ପୂର୍ବତନ ରାଜ୍ୟସଭା ସାଂସଦ ଭଗବାନ ମାଝୀ, ପ୍ରମୁଖ ଉପସ୍ଥିତ ଥିଲେ। ପରେ ?ଗା ପୂଜାରୀ ସେବା ସଦନ ପକ୍ଷରେ ଏକ ବିରାଟ ସଭା ର ଆୟୋଜନ ହୋଇଥିଲା। ଏହି ସଭା ରେ ବଗା ପୂଜାରୀ ଙ୍କ ନାତୁଣୀ ତଥା ପୂର୍ବତନ ମନ୍ତ୍ରୀ ପରମା ପୂଜାରୀ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଉପସ୍ଥିତ ଅତିଥି ମାନେ ସହିଦ୍ ବଗା ପୂଜାରୀଙ୍କ ବୀରତ୍ୱର ଗାଥା ବଖାଣିବା ସହ ସେ କିଭଳି ଏହି ଅଞ୍ଚଳରୁ ଯାଇ ୱାର୍ଧା ଠାରେ ମହାତ୍ମା ଗାନ୍ଧୀଙ୍କୁ ଭେଟିଥିଲେ ଏବଂ ସେଠାରୁ ଫେରିବା ପରେ କିଭଳି ଏ ଅଞ୍ଚଳରେ ଇଂରେଜ ସରକାର ବିରୁଦ୍ଧରେ ଚାଲିଥିବା ସ୍ୱାଧୀନତା ସଂଗ୍ରାମକୁ ତୀବ୍ରତର କରି ୧୯୪୨ ସ୍ୱାଧୀନତା ଆନ୍ଦୋଳନକୁ ତ୍ୱରିତ ଭାବେ ଆଗେଇ ନେଇଥିଲେ। ଶେଷରେ ଇଂରେଜ ମାନଙ୍କ ହାତରେ ଧରାପଡ଼ି କୋରାପୁଟ ଜେଲରେ ପ୍ରାଣ ତ୍ୟାଗ କରିଥିଲେ ବୋଲି କହିଥିଲେ ସହିଦ ବଗା ପୂଜାରୀଙ୍କ ନାତୁଣୀ ପରମା ପୂଜାରୀ। ଏହି କାର୍ଯ୍ୟକ୍ରମରେ ଅଗ୍ନି ଯୋଦ୍ଧା ଧର୍ମେନ୍ଦ୍ର ସା, ଅବକାରୀ କନେଷ୍ଟବଳ ସୁବାସ ଚନ୍ଦ୍ର ଗୌଡ଼, ପୁଷ୍ଟି ପରାମର୍ଶଦାତ୍ରୀ ସଙ୍ଗୀତା ବେହେରା, ଉମରକୋଟ ଥାନା ଏଏସଆଇ ପୁଷ୍ପଲତା ସୁନାମୀ, ସଫେଇ କର୍ମଚାରୀ ଭାରତୀ ହରିଜନ ଅଙ୍ଗନବାଡି କର୍ମୀ ସଞ୍ଜୁ ଜାନୀ , ଅତିରିକ୍ତ ଶାଖା ପୋଷ୍ଟମାଷ୍ଟର ବିଦେଶୀ ରାମ ଗଣ୍ଡ ଙ୍କ ଭଲ କାର୍ଯ୍ୟ ଲାଗି ଅତିଥି ମାନେ ସମ୍ମାନିତ କରାଯାଇଥିଲେ। ଏହି କାର୍ଯ୍ୟକ୍ରମକୁ ଶହୀଦ ବଗା ପୂଜାରୀ ସ୍ମୃତି କମିଟି ର ସମ୍ପାଦକ ଗୋପାଳ ପୁଜାରୀ ମଞ୍ଚ ପରିଚାଳନା କରିଥିଲେ। ଶହୀଦ ସ୍ମୃତି କମିଟିର ସଭାପତି ମନୋରଞ୍ଜନ ତ୍ରିପାଠୀ, ଅବସରପ୍ରାପ୍ତ ଡାକ୍ତର ସୁରେନ୍ଦ୍ରନାଥ ଦାଶ, ପୂର୍ବତନ ଭାଇସ୍ ଚେୟାରମ୍ୟାନ ଇଶା ଲାଠିଆ, ସରାଦୁ ପୂଜାରି , ପୂର୍ଣ୍ଣ ଚନ୍ଦ୍ର ସେଠୀ, ଦେବ ନାରାୟଣ ବାରିକ, ଅକ୍ଷୟ ସାହୁ ,ପୂର୍ବତନ ଜିଲ୍ଲା ପରିଷଦ କପୁର ଚାନ୍ଦ ନାୟକ, ନାରୀନେତ୍ରୀ ହାରାବତୀ ଗଣ୍ଡ, ଦିବାକର ପୂଜାରୀ , ପ୍ରମୁଖ ଯୋଗ ଦେଇ ବଗା ପୂଜାରୀଙ୍କ ସୃତି ଓ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସହିଦଙ୍କ ସ୍ମୃତି ଚାରଣ କରିଥିଲେ। ବଗାପୂଜାରୀ ସ୍ମୃତି କମିଟି କାର୍ଯ୍ୟକାରୀ ସମ୍ପାଦକ କେଦାରେଶ୍ୱର ପଟ୍ଟନାୟକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଇଡିଏଲ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ



ପଦ୍ମପୁର,୧୧।୨(ସମିସ): ରାୟଗଡ଼ା ଜିଲ୍ଲା ପଦ୍ମପୁର ସ୍ଥିତ ଆଇଡିଏଲ ପବ୍ଲିକ ସ୍କୁଲର ୧୪ତମ ବାର୍ଷିକ ଉତ୍ସବ ମୁକୁନ୍ଦ ବିହାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରତିଷ୍ଠାତା କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାୟଗଡା ଜବାହାର ନବୋଦୟ ବିଦ୍ୟାଳୟ ଭାଇସ୍ ପ୍ରିନସପାଲ ଅଜୟ କୁମାର ମିଶ୍ର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପଦ୍ମପୁର ଆର ଜି ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ଦାଶ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପଦ୍ମପୁର ଥାନା ଅଧିକାରୀ ଧରଣୀଧର ପ୍ରଧାନ , ପଦ୍ମପୁର ଓଡିଶା ଆର୍ଦଶ ବିଦ୍ୟାଳୟର ଭାଇସ ପ୍ରିନସପାଲ ରୋଶନ କୁମାର ସାବତ, ଗୋପୀନାଥ ପଣ୍ଡା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ ଦେଇଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିବା ବେଳେ ସ୍କୁଲର ଅଧ୍ୟକ୍ଷା ଜ୍ୟୋତି ସାହୁ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏହି ଅବସରରେ ଗତ ଦିନରେ ଅନୁଷ୍ଠିତ ବାର୍ଷିକ କ୍ରୀଡା ଉତ୍ସବ ଏବଂ ଅନ୍ୟାନ୍ୟ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ଶ୍ରୀ ମିଶ୍ର ପୁରସ୍କୃତ କରିଥିଲେ। ବାର୍ଷିକ ଉତ୍ସବ ଅବସରରେ ସ୍କୁଲର ଛାତ୍ରଛାତ୍ରୀମାନେ ରଙ୍ଗାରଙ୍ଗ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍କୁଲର ଅଧ୍ୟକ୍ଷା ଜ୍ୟୋତି ସାହୁ ପରିଚାଳନା କରିଥିବା ବେଳେ ଅର୍ପିତା ପଣ୍ଡା, ମଧୁସ୍ମିତା ମାଝି, ପ୍ରଧାନ ଶିକ୍ଷୟିତ୍ରୀ ମିତୁ ପାଢ଼ୀ, ସୁଜ୍ଞାନୀ ପାଣିଗ୍ରାହୀ, ଲିସିଲିପି ଶବର, ବୋନିତ ପାଢ଼ୀ, ସୋନାଲି ପଣ୍ଡା, ଗୀତାଞ୍ଜଳି ଜେନା ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ତ୍ରୀପତି ଜେନା ଧନ୍ୟବାଦ ଅର୍ପଣ କରଥିଲେ।

## ଲେଡିଜ୍ ୱାକର୍ସ କ୍ଲବ୍‌ର ଗଣ ପଦଯାତ୍ରା




ରାୟଗଡ଼ା,୧୧।୨(ସମିସ): ବୁଧବାର ଲେଡିଜ୍ ୱାକର୍ସ କ୍ଲବ୍, ରାୟଗଡ଼ାରେ ଡିଜିଙ୍କ ସହିତ ଏକ ଗଣ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଡକ୍ଟର ରାଜକିଶୋର ସ୍ୱାଇଁ, ଡକ୍ଟର ଜୟରାମ, ମୁଖ୍ୟ ସଂଯୋଜକ ଏବଂ ଡକ୍ଟର କିଶୋର ଚନ୍ଦ୍ର ପଣ୍ଡା ଏମଜିଏଫ ଗଣ ପଦଯାତ୍ରା କାର୍ଯ୍ୟକ୍ରମରେ ଯୋଗ ଦେଇ ଏହାକୁ ସଫଳ କରାଇଥିଲେ। ଲେଡିଜ୍ କ୍ଲବ୍ ସଭାପତି ଡକ୍ଟର ଶ୍ରମିତା ପାଢୀ, ସାଧାରଣ ସମ୍ପାଦକ, ଡକ୍ଟର ଅଞ୍ଜଳି ପଣ୍ଡା, ଡକ୍ଟର ସୁଜାତା ପାଢୀ, କୋଷାଧ୍ୟକ୍ଷ, ଡକ୍ଟର ରୀନା ଲେଙ୍କା, ଉପାଧ୍ୟକ୍ଷ, ଡକ୍ଟର ଜି. ଅବନ୍ତୀ, ଯୁଗ୍ମ ସମ୍ପାଦକ, ଡକ୍ଟର ଶୋଭା ରାଣୀ, ପରାମର୍ଶଦାତା, ଡକ୍ଟର ଜେ.ମିତା ରାଣୀ ଏବଂ ଡକ୍ଟର ଆଶାଲତା ବୋର୍ଡ ସଦସ୍ୟ ଏବଂ ସାଇ ପ୍ରିୟା ୱାକର୍ସ ସଦସ୍ୟ ଏବଂ ସାଇପ୍ରିୟା ଲେଡିଜ୍ ୱାକର୍ସ ସଦସ୍ୟଙ୍କ ସହିତ ଅନ୍ୟ ୧୨ ଜଣ ସଦସ୍ୟ ମଧ୍ୟ ଗଣ ପଦଯାତ୍ରାରେ ଯୋଗ ଦେଇଥିଲେ। ଏହି ଅବସରରେ କ୍ଲବ୍ ନିଜର ପ୍ରକଳ୍ପ ଏବଂ ଆଗାମୀ ପ୍ରକଳ୍ପ ବିଷୟରେ ଆଲୋଚନା କରିଥିଲେ। ସମଗ୍ର କାର୍ଯ୍ୟକ୍ରମ ସୁଗମ ଏବଂ ଶାନ୍ତିପୂର୍ଣ୍ଣ ଭାବରେ ଅନୁଷ୍ଠିତ ହୋଇଥିଲା। ଏହା ୧ ଘଣ୍ଟା ଧରି ଚାଲିଥିବା ବେଳେ ସାଧାରଣ ସମ୍ପାଦିକା ଡ. ଅଞ୍ଜଳି ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

## ସମବାୟ ଆଇନ, ପରିଚାଳନା ତାଲିମ କାର୍ଯ୍ୟକ୍ରମ

କୋରାପୁଟ,୧୧।୨(ସମିସ): ସ୍ଥାନୀୟ ସମବାୟ ତାଲିମ କେନ୍ଦ୍ର ଠାରେ ସମବାୟ ପରିଚାଳନା କେନ୍ଦ୍ର କୋରାପୁଟ ଆନୁକୂଲ୍ୟରେ କୋରାପୁଟ ଏଆରସିଏସ ସର୍କଲ ଅନ୍ତର୍ଗତ ଅଣ କୃଷି ଋଣ ଏବଂ ଅଣ ଋଣ ସମବାୟ ସମିତିମାନଙ୍କର ପରିଚାଳନା ପରିଷଦ ସଦସ୍ୟ ଓ କର୍ମଚାରୀଙ୍କ ନିମନ୍ତେ ସମବାୟ ଆଇନ, ପରିଚାଳନା ଓ ହିସାବ ରକ୍ଷଣ ପଦ୍ଧତିର ପୁନରାବୃତ୍ତି ତାଲିମ କାର୍ଯ୍ୟକ୍ରମ



ଅନୁଷ୍ଠିତ ହୋଇଯାଇଛି। କେସିସି ବ୍ୟାଙ୍କ ସଭାପତି ଇ.ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ଏହି ତାଲିମ୍ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଐଶ୍ୱର୍ଯ୍ୟ ରତ୍ନ ମହାନ୍ତି, ଚନ୍ଦ୍ର ସେଠିଆ, ଏଆରସିଏସ ସମବାୟ ସମିତି ସମୂହ କୋରାପୁଟ ନିମାଇଁ ଚରଣ ମହାପାତ୍ର, ଅବସର ପ୍ରାପ୍ତ ଏଆରସିଏସ ଚନ୍ଦ୍ର ଶେଖର ପଟ୍ଟନାୟକ, ଅବସରପ୍ରାପ୍ତ ଏସ ଏଜିସି ଏସ ସଞ୍ଜୟ କୁମାର ପାତ୍ର, ସମବାୟ ପରିଚାଳନା କେନ୍ଦ୍ର ଅଧ୍ୟାପକ ନିରଞ୍ଜନ ମହାପାତ୍ର ପ୍ରମୁଖ ବିଭିନ୍ନ ବିଷୟରେ ତାଲିମ ପ୍ରଦାନ କରିଥିଲେ। ବିଭିନ୍ନ ସମବାୟ ସମିତିର ୪୦ ଜଣ ପରିଚାଳନା ପରିଷଦ ସଦସ୍ୟ ଏବଂ କର୍ମଚାରୀ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ତାଲିମ କାର୍ଯ୍ୟକ୍ରମକୁ ନିରଞ୍ଜନ ମହାପାତ୍ର ସଂଯୋଜନା କରିଥିବା ବେଳେ ସମବାୟ ପରିଚାଳନା କେନ୍ଦ୍ରର କର୍ମ କର୍ତ୍ତା ତାଲିମ ପରିଚାଳନାରେ ସହଯୋଗ କରିଥିଲେ। ତାଲିମ ହେଉଛି ଏକ ନିରନ୍ତର ପ୍ରୟାସ । ଏଣୁ ଏହି ପ୍ରକାର କାର୍ଯ୍ୟକ୍ରମ ସମୟାନୁବର୍ତ୍ତୀ ଭାବରେ ସଂଗଠିତ ହେଲେ ଆଗାମୀ ଦିନରେ ସମବାୟ ଆନ୍ଦୋଳନ ଆଉ ଏକ ପାଦ ଆଗକୁ ବଢ଼ି ପାରିବ ବୋଲି ମତ ପ୍ରକାଶ ପାଇଥିଲା।

### ଚୈତ୍ର ପର୍ବ ନିମନ୍ତେ ପ୍ରସ୍ତୁତି ବୈଠକ

# ମାର୍ଚ୍ଚ ୨୯ରୁ ୫ ଦିନ ଧରି ମା' ମଝିଘରିଆଣୀଙ୍କ ଚୈତ୍ରପର୍ବ





ରାୟଗଡ଼ା,୧୧।୨(ସମିସ): ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା'ମଝିଘରିଆଣୀଙ୍କ ଚୈତ୍ର ପର୍ବ ଓ ଝାମୁଯାତ୍ରା ଆସନ୍ତା ମାର୍ଚ୍ଚ ୨୯ ତାରିଖରୁ ଆରମ୍ଭ ହୋଇ ଏହା ଦୀର୍ଘ ୫ଦିନ ବ୍ୟାପି ଏପ୍ରିଲ ୨ତାରିଖ ଯାଏଁ ଧୁମ୍‌ଧାମ୍ ସହକାରେ ପାଳନ କରାଯିବାକୁ ଆଜି ଏହାର ପ୍ରସ୍ତୁତି ବୈଠକରେ ନିଷ୍ପତି ହୋଇଥିବା ଜଣାପଡିଛି। ଆଜି ମନ୍ଦିର ଟ୍ରଷ୍ଟି କାର୍ଯ୍ୟାଳୟରେ ଟ୍ରଷ୍ଟ ଅଧ୍ୟକ୍ଷ ରାଇସିଂ ବିଡିକାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ମାଁଙ୍କ ଚୈତ୍ର ପର୍ବ ନେଇ ଆଲୋଚନା ହୋଇଥିଲା। ସର୍ବସମ୍ମତି କ୍ରମେ ତଥା ମାଁଙ୍କ ପାରମ୍ପରିକ ପୂଜାବିଧିର ସମସ୍ତ ରୀତିନୀତି ତିଥି ନକ୍ଷତ୍ର ଅନୁଯାୟୀ ଚୈତ୍ର ମାସର ମାର୍ଚ୍ଚ ୨୯ ତାରିଖରୁ ଚୈତ୍ର ପର୍ବ ୫ଦିନ ଧରି ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି। ଏହି ପର୍ବ ପାଳନ ସମୟରେ ମାଁଙ୍କ ଦର୍ଶନ ଏବଂ ଧର୍ମାର୍ଜନ ପାଇବା ପାଇଁ ପୀଠକୁ ଆସୁଥିବା ହଜାର ହଜାର ସଂଖ୍ୟକ ଭକ୍ତ ତଥା ପର୍ଯ୍ୟଟକଙ୍କୁ ସୁବିଧାରେ ଦର୍ଶନ ପାଇଁ ସୁବ୍ୟବସ୍ଥା କରାଯିବା ସହ ପାନୀୟ ଜଳ ,ରହଣୀ ଏବଂ ଅନ୍ନପ୍ରସାଦ ବଂଟନର ବନ୍ଦୋବସ୍ତ କରାଯାଇଥାଏ ବୋଲି ଶ୍ରୀ ବିଡିକା ପ୍ରକାଶ କରିଛନ୍ତି। ଚୈତ୍ର ପର୍ବର ପାଳନର ପୂର୍ବଦିନ ମାର୍ଚ୍ଚ ୨୮ ତାରିଖ ସଂଧାରେ ମନ୍ଦିର ନିକଟରେ ପ୍ରବାହିତ ଝଂଜାବତୀ ନଦୀର ପବିତ୍ର ଜଳକୁ ଆଣି ସ୍ଥାପନା କରିବା ପରେ ୨୯ ତାରିଖରୁ ପୂଜାବିଧି ଅନୁଯାୟୀ ସମସ୍ତ ପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶେଷ ଦିନ ଝାମୁ ଅଗ୍ନି ପୂଜା ପରେ ପୂଜକଙ୍କ କଂଟା ଦୋଳି ଝୁଲଣ, ଅଗ୍ନି ଗମନାଗମନ ଏବଂ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଶେଷ ହେବା ସହ ଚରୁ ବିତରଣ କରାଯାଇଥାଏ। ଏହି ପର୍ବ ପୂଜା ସମୟରେ ମାଁଙ୍କ ଘଟ ପୂଜା କରାଯାଇଥାଏ। ଏହି ୫ ଦିନର ପୂର୍ବ ପାଳନ ସମୟରେ ମା' ମଝିଘରିଆଣୀ ଭକ୍ତଙ୍କୁ ସୁନାବେଶରେ ଦର୍ଶନ ଦେଇଥାନ୍ତି। ଚଳିତ ବର୍ଷର ଚୈତ୍ର ପର୍ବରେ ପ୍ରାୟ ୧୬ଲକ୍ଷ ଟଙ୍କାର ବ୍ୟୟବରାଦ କରାଯିବ ବୋଲି ମନ୍ଦିର ଟ୍ରଷ୍ଟ ଅଧ୍ୟକ୍ଷ ଶ୍ରୀ ବିଡିକା କହିଛନ୍ତି। ଏହି ବୈଠକରେ ମନ୍ଦିର ପରିଚାଳନା କମିଟି ସଭ୍ୟ ଇପିଲି ରାଜୁ,ରାଧାକାନ୍ତ ଦଲେଇ,ଦେବେନ୍ଦ୍ର ବେହେରା,ଦୋରା ବାବୁ,ପାଲକୋଣ୍ଡା ପ୍ରକାଶ,ମାଙ୍ଗା ବିଡିକା,ମନ୍ଦିର ଅଧୀକ୍ଷକ ଜାନକୀବଲ୍ଲଭ ମହାନ୍ତି,କନିଷ୍ଠ ଯନ୍ତ୍ରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଥୁଟିବର ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



ଟିକିରି,୧୧।୨(ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଥୁଟିବର ବାଳିକା ଉଚ୍ଚ ବିଦ୍ୟାଳୟ (ଏସଏସଡି)ରେ ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାୟଗଡା ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝୀ ,ସମ୍ମାନିତ ଅତିଥି ଚନ୍ଦ୍ରକାନ୍ତ ମାଝୀ, ପିଏ ଆଇଟିଡିଏ ଓ ଅନ୍ୟ ଅତିଥି ଭାବେ ବ୍ଲକ ମଙ୍ଗଳ ଅଧିକାରୀ ଅକ୍ଷୟ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ କଣ୍ଡ ମାଝୀ , ଟିକିରି ସରପଞ୍ଚ ଜଗବନ୍ଧୁ ମାଝୀ ଓ କାଶିପୁର ବିଧାୟକ ପ୍ରତିନିଧି ଜିଜୁରୁ ମାଝୀ ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟବକ୍ତା ଭାବେ ଶ୍ୟାମାଘନ ଭୂୟାଁ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ସଭାଟି ସୁଚାରୁ ରୂପେ ପରିଚାଳିତ ହୋଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଖେଳକୁଦ ପ୍ରତିଯୋଗିତାରେ ଭାଗନେଇ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କ କରିଥିଲେ। ଅନ୍ୟଅତିଥି ମାନଙ୍କ ମଧ୍ୟରେ ରବୀନ୍ଦ୍ର ବାରିକ ଗୋରଖପୁର ପ୍ରଧାନ ଶିକ୍ଷକ, ଜ୍ଞାନ ରଂଜନ ସାହୁ ପ୍ରଧାନ ଶିକ୍ଷକ ଡଙ୍ଗାସିଲ୍, ସାନ୍ତି କୁମାରୀ ବେହେରା ଆଶ୍ରମ ବିଦ୍ୟାଳୟ, ଥୁଟିବର ପ୍ରଧାନ ଶିକ୍ଷୟତ୍ରୀ, ସଞ୍ଜୟ କୁମାର ବେହେରା ଆଶ୍ରମ ବିଦ୍ୟାଳୟ ଥୁଟିବର କଲୋନୀ ପ୍ରଧାନ ଶିକ୍ଷକ , ଗଣେଶ ମାଲି ସାନମାଟିକଣା ପ୍ରଧାନ ଶିକ୍ଷକ ଓ ଚନ୍ଦ୍ର ଶେଖର ବେହେରା ପ୍ରଧାନ ଶିକ୍ଷକ ବଡମାରିଭଟା ଉପସ୍ଥିତ ଥିଲେ।

## ସରସ୍ୱତୀ ବିଦ୍ୟାମନ୍ଦିରରେ କିଶୋରୀ ସଚେତନତା କାର୍ଯ୍ୟକ୍ରମ



ଦାମନଯୋଡି/ ସେମିଳିଗୁଡ଼ା, ୧୧।୨ (ସମିସ): କୋରାପୁଟ ଜିଲ୍ଲାର ଦାମନଯୋଡିର ନାଲ୍‌କୋ ଶିଳ୍ପାଞ୍ଚଳ ସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରରେ ଅଧ୍ୟକ୍ଷ ଡ. ଶୁଭ୍ରାଂଶୁ ଶେଖର ବାହିନୀପତିଙ୍କ ତତ୍ତ୍ୱାବଧାନରେ ଏକ କିଶୋରୀ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସପ୍ତମ ଶ୍ରେଣୀ ଠାରୁ ଦ୍ୱାଦଶ ଶ୍ରେଣୀର ବାଳିକା ମାନେ ଏଥିରେ ଭାଗ ନେଇଥିଲେ। ସମାଜସେବୀ ତଥା ସାହିତ୍ୟିକା ସ୍ନିଗ୍ଧାରାଣୀ ମିଶ୍ର ଅତିଥି ଭାବେ ଯୋଗଦେଇ ଛାତ୍ରୀ ମାନଙ୍କୁ ପରିଷ୍କାର ପରିଚ୍ଛନ୍ନତା, ନିଜ ଶରୀର ପ୍ରତି ଯତ୍ନଶୀଳତା ସହିତ ସାମ୍ପ୍ରତିକ ପରିସ୍ଥିତିରେ ସବୁ ଦିଗରେ ସଚେତନ ରହି ଝିଅ ମାନେ କିପରି ନିଜର ଆତ୍ମରକ୍ଷା କରି ନିଜକୁ ସୁରକ୍ଷିତ ରଖି ପାରିବେ ସେହି ସମ୍ପର୍କରେ ବିଭିନ୍ନ ଉଦାହରଣ ମାଧ୍ୟମରେ ପରାମର୍ଶ ଦେଇଥିଲେ। ନାରୀ ମାନଙ୍କ ସୁରକ୍ଷା ପାଇଁ ଯେଁଉ ସବୁ ସରକାରୀ ଯୋଜନା ରହିଛି ତାହା ଅବଗତ କରାଇଥିଲେ। ଛାତ୍ରୀ ମାନଙ୍କ ବ୍ୟକ୍ତିଗତ ସମସ୍ୟା ଗୁଡ଼ିକ ଶୁଣି ତାର ସମାଧାନର ପଥ ଆଲୋଚନା କରିଥିଲେ। ବିଦ୍ୟାମନ୍ଦିର ଅନ୍ୟାନ୍ୟ ଶିକ୍ଷୟିତ୍ରୀ ମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଆଦିତ୍ୟ ବିର୍ଲା ସିଇଓଙ୍କ ସହ ବିଜେଡିର ଆଲୋଚନା



ଲକ୍ଷ୍ମୀପୁର,୧୧।୨(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର ନବ ନିଯୁକ୍ତ ବିଜେଡି ବ୍ଲକ ସଭାପତି ବିପିନ ମାଣ୍ଡିଙ୍ଗା ବୁଧବାର ଦିନ ଆଦିତ୍ୟ ବିର୍ଲା କମ୍ପାନୀ ଅଧ୍ୟକ୍ଷ ମେଜର ଉଲ୍ଲା ବେଗଙ୍କୁ ସାକ୍ଷାତ କରିଛନ୍ତି। ସେ ଲକ୍ଷ୍ମୀପୁର ବ୍ଲକର ୧୩ ଜଣ ପଞ୍ଚାୟତ ସଭାପତିଙ୍କୁ ସାଥିରେ ନେଇ ସ୍ୱତନ୍ତ୍ର ଭାବେ ସାକ୍ଷାତ କରି ଥିଲେ। ଏହି ସାକ୍ଷାତ ଆଲୋଚନାରେ ଲକ୍ଷ୍ମୀପୁର ଅଞ୍ଚଳରେ କିପରି କମ୍ପାନୀ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଉନ୍ନୟନ ମୂଳକ କାର୍ଯ୍ୟ ହାତକୁ ନେଇ ତାର ବିକାଶ କିପରି ହେବ ସେ ନେଇ ଆଲୋଚନା କରିଥିବା ଶ୍ରୀ ମାଣ୍ଡିଙ୍ଗା କହିଛନ୍ତି। ଆଗକୁ ଲକ୍ଷ୍ମୀପୁର ଅଞ୍ଚଳରେ ବିର୍ଲା କମ୍ପାନୀର କେତେକ କାର୍ଯ୍ୟ ଆରମ୍ଭ କରିବାକୁ ଯାଉଛି। ଅନେକ ସମସ୍ୟା ରହିଛି ତାହା କିପରି ପୂରଣ କରି ଆଗକୁ ବଢ଼ିବାକୁ ଆଲୋଚନା କରିଥିବା ଜଣାପଡ଼ିଛି। ଲକ୍ଷ୍ମୀପୁର ଜିପି ସଭାପତି ବଳରାମ ରାଜ, ବୁର୍ଜାର ନାରଦା ପ୍ରାସ୍କା, କୁଟିଙ୍ଗାର ପ୍ରଶାନ୍ତ ଭାତ୍ରା, ତୋୟାପୁଟର ହେମନ୍ତ କୁଦୀପ, କୁସୁମଗୁଡା ର ଦାନୁ ମୁସ୍କା, ପିପଲପଦରର କାନ୍ତି ପ୍ରାସ୍କା, ଓଡ଼ିଆପେଣ୍ଠ ଦାମୋଦର ବିଡିକା, ପଞ୍ଚଡ଼ାର ତୈଲକ୍ ବିଷୋୟୀ, ତୁନପାର ସୀମା ସଉଁନ୍ତା, ଚମ୍ପିର ଶଡିଆ ପ୍ରାସ୍କା, ଗୌଡଗୁଡ଼ା ସାରଥୀ ଯାନୀ, ଭିତରଗଡର ନିର୍ମଳ ଖରା, କାକିରିଗୁମା ନୀଳ ସାଉଁନ୍ତାଙ୍କୁ ସାଥିରେ ନେଇ ସାକ୍ଷାତ କରି ଅଞ୍ଚଳର ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ଦିଆଯିବ ସେ ନେଇ ଅଧ୍ୟକ୍ଷଙ୍କୁ ଅନୁରୋଧ କରିଥିଲେ।

## କୋରାପୁଟ ପଞ୍ଚାୟତ ସମିତି ବୈଠକ



କୋରାପୁଟ,୧୧।୨(ସମିସ): କୋରାପୁଟ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହ ଠାରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ବ୍ଲକ ଅଧ୍ୟକ୍ଷା ନମିତା ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଗକୁ ଖରାଦିନ ଆସୁଛି । ଯେଉଁ ଯେଉଁ ଗ୍ରାମରେ ପାନୀୟ ଜଳର ସମସ୍ୟା, ତାହା ଅବଗତ କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ କୁହାଯାଇଥିଲା ଏବଂ ସମସ୍ୟା ରହିଥିବା ଗ୍ରାମ ଗୁଡିକରେ ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିଭାଗ, ଗ୍ରାମ୍ୟ ଉନ୍ନୟନ, ବିଦ୍ୟୁତ ବିଭାଗ ସହ ଅନ୍ୟ ବିଭାଗର ମଧ୍ୟ ସମୀକ୍ଷା କରାଯାଇଥିଲା। ବ୍ଲକ ଉପାଧ୍ୟକ୍ଷ ଶିବ ଗୋଲରୀ, ଜିଲ୍ଲା ପରିଷଦ ସଦସ୍ୟ ରଘୁ ଜାନି, ସାଂସଦଙ୍କ ପ୍ରତିନିଧି ବାବୁଲା ବେନିଆ, କୋରାପୁଟ ବିଡିଓ ଦେବାଶିଷ ଗୌଡ, ସହକାରୀ ନିର୍ବାହୀ ଯନ୍ତ୍ରୀ ଫକୀର ମୋହନ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ପି ସନ୍ତୋଷ ପାତ୍ର,କୋରାପୁଟ ଓ ପଟ୍ଟାଙ୍ଗୀ ବିଧାୟକଙ୍କ ପ୍ରତିନିଧି ଏବଂ ପଞ୍ଚାୟତ ସମିତିର ସମିତି ସଭ୍ୟ ଓ ସରପଞ୍ଚ ମାନେ ଉପସ୍ଥିତ ଥିଲେ। କୋରାପୁଟ ବ୍ଲକ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଅଶୋକ କୁମାର ଶତପଥି ଯୋଗଦେଇ ପରିଚାଳନା କରିଥିଲେ। ଏଥି ପୂର୍ବରୁ କୋରାପୁଟ ବ୍ଲକ ପରିସରରେ ୨୦ ଲକ୍ଷ ଟଙ୍କା ବିନିମୟରେ ନିର୍ମିତ ନୂତନ ଗୃହକୁ ଅଧ୍ୟକ୍ଷା ନମିତା ମାଝୀ ଉଦ୍‌ଘାଟନ କରିଥିଲେ।

## ନୂତନ ପେନ୍‌ସନ ଯୋଜନା ସଚେତନତା ଶିବିର



ରାୟଗଡ଼ା,୧୧।୨(ସମିସ): ବୁଧବାର ଦିନ ଜିଲ୍ଲା କୋଷାଗାର କାର୍ଯ୍ୟାଳୟ ରାୟଗଡ଼ ପ୍ରାଙ୍ଗଣରେ ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନା (ଏନପିଏସ) ସମ୍ପର୍କିତ ଏକ ସଚେତନତା ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରରେ ରାଜ୍ୟ ସରକାରୀ କର୍ମଚାରୀମାନଙ୍କ ମଧ୍ୟରେ ଏନ୍‌ପିଏସ ସମ୍ପର୍କିତ ସଚେତନତା ଏବଂ ସମସ୍ୟା ସମାଧାନ ଉଦ୍ଦେଶ୍ୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଅବସରରେ କୋଷାଗାର ଓ ନିରୀକ୍ଷଣ ନିର୍ଦ୍ଦେଶାଳୟ, ଓଡିଶା, ଭୁବନେଶ୍ୱରରୁ ମନୋରଞ୍ଜନ ସାହୁ, ହିସାବ ଅଧୁକାରୀ ଓ ଅରବିନ୍ଦ ସାହୁ, ହିସାବ ଅଧିକାରୀ ଉପସ୍ଥିତ ରହି ଏନପିଏସ ସମ୍ପର୍କିତ ବିଭିନ୍ନ ପ୍ରାୟୋଗିକ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଏନପିଏସ ଖାତା ଖୋଲିବା, ଅଂଶଧାନ ଜମା, ସଂଶୋଧନ ପ୍ରକ୍ରିୟା, ଅଭିଯୋଗ ନିରାକରଣ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟରେ ସେମାନେ ସ୍ପଷ୍ଟ ବ୍ୟାଖ୍ୟା ଦେଇଥିଲେ।"ଏହି ଶିବିରରେ ଶ୍ରୀମତୀ ମିତସ୍ୱନା ରାଉତ ଜିଲ୍ଲା କୋଷାଗାର ଅଧିକାରୀ, ପଙ୍କଜ କୁମାର ମଣ୍ଡଳ,ଅତିରିକ୍ତ କୋଷାଗାର ଅଧିକାରୀ, ଉପ-କୋଷାଗାର ଅଧୁକାରୀମାନେ, ବିଭିନ୍ନ ବିଭାଗର ଉଠାଣ ଓ ବିତରଣ ଅଧିକାରୀ (ଡିଡିଓ), ଏନ୍‌ପିଏସ୍ ଅନ୍ତର୍ଗତ କର୍ମଚାରୀ, କୋଷାଗାର କର୍ମଚାରୀମାନେ ଉପସ୍ଥିତ ଥିଲେ। ଉପସ୍ଥିତ ଅଂଶଗ୍ରହଣକାରୀମାନେ ନିଜ ସମସ୍ୟା ଉପସ୍ଥାପନ କରିଥିବାବେଳେ, ସଂସାଧକ ବ୍ୟକ୍ତିମାନେ ସେଗୁଡ଼ିକର ସମାଧାନ ସମ୍ପର୍କରେ ଯଥାଯଥ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଶିବିର ଶେଷରେ ସଚେତନତା କାର୍ଯ୍ୟକ୍ରମ ଏନ୍‌ପିଏସ ଅନ୍ତର୍ଗତ କର୍ମଚାରୀମାନଙ୍କ ପାଇଁ ଅତ୍ୟନ୍ତ ଉପକାରୀ ବୋଲି ମତ ପ୍ରକାଶ ପାଇଥିଲା ।

### ଅପରେସନ ଗ୍ରୀନ୍ କ୍ଲିନ୍

# ୨୪ ଏକର ଗଞ୍ଜେଇ ଗଛ ନଷ୍ଟ



ବୈପାରିଗୁଡ଼ା,୧୧।୨(ସମିସ): କୋରାପୁଟ ଅବକାରୀ ଅଧୀକ୍ଷକ ଅରୁଣ କୁମାର ପାଢ଼ୀ ଏବଂ ବୈପାରିଗୁଡା ଥାନା ଓଆଇସି ଡମ୍ବରୁଧର ବାତ୍ରିଆଙ୍କ ନିର୍ଦ୍ଦେଶକ୍ରମେ ଅପରେସନ ଗ୍ରୀନ୍ କ୍ଲିନ୍ ଜରିଆରେ ବୈପାରିଗୁଡା ଅବକାରୀ ଏବଂ ପୁଲିସ ମିଳିତ ଭାବେ ଚଢ଼ଉ କରି ବ୍ୟାପକ ପରିମାଣର ଗଞ୍ଜେଇ ଗଛ ନଷ୍ଟ କରିଛି। ବୈପାରିଗୁଡା ଥାନା ଅଧିନସ୍ଥ ବଡାଗୁଡା ଏବଂ ଡୁରକାଗୁଡା ଗ୍ରାମର ଆଖପାଖ ଅଞ୍ଚଳର ନଦୀକୂଳ ଏବଂ ଜଙ୍ଗଲ ଭିତରେ ବେଆଇନ ଭାବେ ହୋଇଥିବା ୨୪ ଏକର ଗଞ୍ଜେଇ ଚାଷକୁ ନଷ୍ଟ କରାଯାଇଛି। ନନ୍ଦପୁର ଅବକାରୀ ଇନ୍ସପେକ୍ଟର ସୁଧିର କୁମାର ସାହୁ ଏବଂ ବୈପାରିଗୁଡା ପୁଲିସ ନେତୃତ୍ୱରେ କୋରାପୁଟ ଡିଏଫଏସ ଇନ୍ସପେକ୍ଟର ଚନ୍ଦ୍ର ଶେଖର ପଡିହାରୀ, ଅତିରିକ୍ତ ତହସିଲଦାର ଝାଡେଶ୍ୱର ସଉରା, ଦାୟିତ୍ୱରେ ଥିବା ବୈପାରିଗୁଡା ଅବକାରୀ ଓଆଇସି ଅଜୟ କୁମାର ନାୟକ, ରାମଗିରି ଫାଣ୍ଡି ଏଏସଆଇ ପୁଲିସ ବିଷ୍ଣୁ ମାଡମାକି, ବୈପାରିଗୁଡା ଅବକାରୀ ଏଏସଆଇ ସରୋଜ କୁମାର ବେହେରା, କନେଷ୍ଟବଳ ରଘୁନାଥ ସାଉନ୍ତା, ମହେଶ ବେହେରା, ରାଉତୁ ଦିନବନ୍ଧୁଙ୍କ ସହ ଏକ ଟିମ୍ ଗଠନ କରାଯାଇ ଚଢ଼ଉ କରାଯାଇଥିଲା। ବଡାଗୁଡା ଏବଂ ଡୁରକାଗୁଡା ଅଞ୍ଚଳର ଜଙ୍ଗଲ ନିକଟରେ ଲାଗିଥିବା ୨୪ ଏକର ଜମିରେ ଲଗାଯାଇଥିବା ଗଞ୍ଜେଇ ଗଛକୁ ନଷ୍ଟ କରାଯାଇଛି। ଅବକାରୀ ବିଭାଗ ଦ୍ୱାରା ୧୧ ଏକରରେ ଲାଗିଥିବା ୧୩ ହଜାର ୨ ଶହ ଗଞ୍ଜେଇ ଗଛ ନଷ୍ଟ କରିବା ସହ ନିଆଁରେ ପୋଡ଼ି ଦିଆଯାଇଛି। ସେହିପରି ବୈପାରିଗୁଡା ପୁଲିସ ୧୩ ଏକରରେ ୧୫ ହଜାର ୬ ଶହ ଗଞ୍ଜେଇ ଗଛକୁ ନଷ୍ଟ କରିଛି। ସମୁଦାୟ ଗଞ୍ଜେଇ ଗଛର ଆନୁମାନିକ ମୂଲ୍ୟ ସାଢ଼େ ଦୁଇ କୋଟି ଟଙ୍କା ହେବ ବୋଲି ସୂଚନା ଦେଇଛନ୍ତି ଅବକାରୀ ଏବଂ ପୁଲିସ। ବୈପାରିଗୁଡା ବ୍ଲକର ଅଧିକାଂଶ ଅଞ୍ଚଳ ଦୁର୍ଗମ ଥିବାରୁ ଗଞ୍ଜେଇ ଚାଷ କରାଯାଉଥିବା ଜଣାପଡିଛି। ଏହି ଗଞ୍ଜେଇ ଚାଷକୁ ନଷ୍ଟ କରିବା ପାଇଁ ଗ୍ରୀନ କ୍ଲିନ୍ ଅଭିଯାନ ଚାଲୁ ରହିବ ବୋଲି ଅବକାରୀ ଏବଂ ପୁଲିସ ବିଭାଗ ପ୍ରକାଶ କରିଛି।

## ୬୧୯ ଜଣ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା



ପଟ୍ଟାଙ୍ଗି,୧୧।୨(ସମିସ): ରାଜ୍ୟ ସରକାରଙ୍କ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନା ଅନ୍ତର୍ଗତ ସ୍କୁଲ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଦିଗଗୋଲୁରୁ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,ଚନ୍ଦକା ଆଶ୍ରମ ସ୍କୁଲ(ବାରଜ) ଓ ପଟ୍ଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିବିର ଅନୁଷ୍ଠିତ ହୋଇଥିଲା। ପଟ୍ଟାଙ୍ଗି ବ୍ଲକରେ ୪ ଶିବିର ମାଧ୍ୟମରେ ମୋଟ ୬୧୯ଜଣ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା ହୋଇଯାଇଛି। ଦୃଷ୍ଟିଦୋଷ ଥିବା ମୋଟ ୭୮ ଜଣ ପିଲାଙ୍କର ଚଷମା ପରୀକ୍ଷା ହୋଇଥିଲା। ଅନ୍ୟ ୩ଜଣ ଛାତ୍ରଙ୍କୁ ଅଧିକ ଚିକିତ୍ସା ପାଇଁ ରେଫର କରାଯାଇଥିଲା। ପୂର୍ବରୁ ତାଲିମ ପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ନିଜନିଜ ସ୍କୁଲର ଛାତ୍ରଛାତ୍ରୀଙ୍କୁ ପ୍ରାଥମିକ ପରୀକ୍ଷା କରି ଦୃଷ୍ଟିଦୋଷ ବା ଅନ୍ୟ ଚକ୍ଷୁରୋଗ ଥିବା ପିଲାଙ୍କୁ ଏହିସବୁ ଶିବିରକୁ ଆଣିଥିଲେ। ପଟ୍ଟାଙ୍ଗି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଏହାର ଆୟୋଜନ କରିଥିବା ବେଳେ ବିଇଓ ଚାମେଲି ମଜୁମଦାରଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା। ଚକ୍ଷୁ ଚିକିତ୍ସା ଅଧିକାରୀ ବିଜୟ କୁମାର ଆଚାର୍ଯ୍ୟ ଓ ପ୍ରଶାନ୍ତ କୁମାର ବେବର୍ତ୍ତା ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ପଟ୍ଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଅଧିକାରୀ ଡା. ଭାଗବତ ମୁର୍ମୁ ଓ ଡ଼ାଃ ଶାନ୍ତନୁ କୁମାର ରାଉତ, ବାରଜ ସ୍କୁଲରେ ପ୍ରଧାନ ଶିକ୍ଷକ ଦିବ୍ୟାନନ୍ଦ ଖୋସଲା ଓ ଦିଗଗୋଲୁରୁ ସ୍କୁଲରେ ପ୍ରଧାନ ଶିକ୍ଷକ ଅନୀଲ କୁମାର ମହାଜନ ଶିବିର ଉଦ୍‌ଘାଟନ କରିଥିଲେ। ଏବିଇଓ ରଜନୀକାନ୍ତ ବଡ଼ନାୟକଙ୍କ ନେତୃତ୍ୱରେ ବିଆରପି ରେଣୁବାଳା ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପଟ୍ଟାଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ରର ପିଏଚଇଓ ଆରତୀ ଗୁଡ଼ିଆ,ବିପିଏମ ମଧୁଳିକା ପାଢ଼ୀ, ସିଆରସିସି ସତ୍ୟରଞ୍ଜନ ଖରା, ଶିକ୍ଷକ ବଳରାମ ପୃଷ୍ଟି, ଚନ୍ଦ୍ରକାନ୍ତ ଦାସ ଓ ଆଇଇଭି ଚିନ୍ମୟୀ ଦାସ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଯୋଜନାରେ ଦୃଷ୍ଟିଦୋଷ ଥିବା ଛାତ୍ରଛାତ୍ରୀଙ୍କୁ ସରକାରଙ୍କ ମାଗଣା ଚଷମା ପ୍ରଦାନ ଓ ଜଟିଳ ରୋଗ ଥିବା ପିଲାଙ୍କ ଉଚ୍ଚତର ମାଗଣା ଚିକିତ୍ସା ବ୍ୟବସ୍ଥା ରହିଛି। ସାମାନ୍ୟ ରୋଗଥିବା ପିଲାଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା।






## ସ୍ୱତନ୍ତ୍ର ଏନ୍‌ଆଇଏ କୋର୍ଟ ପ୍ରତିଷ୍ଠା ପାଇଁ ୧୭ ରାଜ୍ୟକୁ ପ୍ରତିକ୍ରିୟା ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୧।୨ (ଏଜେନ୍ସି): ସ୍ୱତନ୍ତ୍ର ଏନଆଇଏ କୋର୍ଟ ପ୍ରତିଷ୍ଠାକୁ ନେଇ ସୁପ୍ରିମକୋର୍ଟ ଦିଲ୍ଲୀ, ଗୁଜରାଟ, ମହାରାଷ୍ଟ୍ର ସମେତ ୧୭ ରାଜ୍ୟକୁ ନୋଟିସ ଜାରି କରିଛନ୍ତି। ଆତଙ୍କବାଦୀ ନିରୋଧୀ ଆଇନ ଅନୁଯାୟୀ ରୁଜୁ ୧୦ କିମ୍ବା ତାଠାରୁ ଅଧିକ ମାମଲାର ଟ୍ରାଏଲ ଚାଲିଥିବା ରାଜ୍ୟଙ୍କୁ ଏହି କୋର୍ଟ ପ୍ରତିଷ୍ଠା ସୁନିଶ୍ଚିତ କରିବାକୁ କହିଛନ୍ତି। ଏ ନେଇ ସ୍ୱରାଷ୍ଟ୍ରମନ୍ତ୍ରାଳୟ ଦାଖଲ ଷ୍ଟାଟସ ରିପୋର୍ଟ ଉପରେ ତିନି ସପ୍ତାହ ମଧ୍ୟରେ ରାଜ୍ୟଙ୍କୁ ପ୍ରତିକ୍ରିୟା ଦେବାକୁ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ପୀଠ ନିର୍ଦ୍ଦେଶ ଦେଇଛନ୍ତି। ଦୀର୍ଘ ଟ୍ରାଏଲରେ ଦ୍ୱାରା ଯଦି କେହି ନିର୍ଦ୍ଦୋଷରେ ମୁକ୍ତ ହୁଅନ୍ତି ତେବେ ଆଇନରେ ବିଳମ୍ବ ପାଇଁ ତାଙ୍କ ସହ ଅନ୍ୟାୟ ହୋଇଥାଏ। ଏହି କୋର୍ଟ ପ୍ରତିଷ୍ଠାରେ କେନ୍ଦ୍ର ଆର୍ଥିକ ସହାୟତା ଦେବାକୁ ପ୍ରସ୍ତୁତ ବୋଲି ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭାଟି କହିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ରିପୋର୍ଟରେ କୁହାଯାଇଛି ଯେ ପ୍ରତ୍ୟେକ ସ୍ୱତନ୍ତ୍ର କୋର୍ଟ ପାଇଁ ଥରକେ ୨ କୋଟି ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ଏଥିରେ କୋଟିଏ ଟଙ୍କା ଲେଖାଏଁ ପୌନପୁନିକ ଏବଂ ଅଣ-ପୌନପୁନିକ ଖର୍ଚ୍ଚ ସାମିଲ ରହିଛି। ଏହା ମାଧ୍ୟମରେ ଭିତ୍ତିଭୂମି ବିକାଶ, ଆଇଟି ସାମଗ୍ରୀ, ଗାଡ଼ି, କର୍ମଚାରୀଙ୍କ ଦରମା ଆଦି ଦିଆଯାଇପାରିବ।

## ଭିସା, ଏୟାର ସର୍ଭିସେସ ନେଇ ଭାରତ-ଚୀନ୍ ସହମତି

ନୂଆଦିଲ୍ଲୀ, ୧୧।୨(ଏଜେନ୍ସି): ଭାରତ ଓ ଚୀନ୍ ମଧ୍ୟରେ ପ୍ରଥମଥର ପାଇଁ ରାଜଧାନୀ ନୂଆଦିଲ୍ଲୀରେ ଏକ ଗୁରୁତ୍ୱପୂର୍ଣ୍ଣ ରଣନୈତିକ ଆଲୋଚନା ଅନୁଷ୍ଠିତ ହୋଇଛି। ଦୁଇ ଦେଶ ମଧ୍ୟରେ ଅନୁଷ୍ଠିତ ଏହି ବୈଠକରେ ଭାରତର ବିଦେଶ ସଚିବ ବିକ୍ରମ ମିସ୍ରି ଓ ଚୀନ୍‌ର କାର୍ଯ୍ୟକାରୀ ଉପ ବିଦେଶ ମନ୍ତ୍ରୀ ମା ଝାଓଶୁ ସାମିଲ ହୋଇଥିଲେ। ଏହି ବୈଠକରେ ଉଭୟ ଦେଶ ଦ୍ୱିପାକ୍ଷିକ, ଆଞ୍ଚଳିକ ଓ ଅନ୍ତର୍ଜାତୀୟ ପ୍ରସଙ୍ଗକୁ ନେଇ ଆଲୋଚନା କରିଥିଲେ। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଭାରତ- ଚୀନ୍ ସମ୍ପର୍କକୁ ସ୍ଥିର କରିବା ଓ ଭବିଷ୍ୟତ ପାଇଁ ଏକ ଦିଗ ପ୍ରସ୍ତୁତ କରିବା। ଦୁଇ ଦେଶ ଭିସା ସେବା ସୁବିଧା ପାଇଁ ବ୍ୟବହାରିକ ପଦକ୍ଷେପ ଗ୍ରହଣ କରିବାକୁ ସହମତି ପ୍ରକାଶ କରିଛନ୍ତି। ଏହା ସହିତ ଏକ ଅପଡେଟେଡ୍ ଏୟାର ସର୍ଭିସେସ ସହିତ ଏଗ୍ରିମେଣ୍ଟକୁ ଶୀଘ୍ର ଚୂଡ଼ାନ୍ତ ରୂପ ଦେବାକୁ ରାଜି ହୋଇଛନ୍ତି। ସେହିପରି ସୀମାବର୍ତ୍ତୀ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଉପରେ ମଧ୍ୟ ଜୋର ଦିଆଯାଇଛି। ଏହା ଭାରତ- ଚୀନ୍ ସମ୍ପର୍କରେ ସାମଗ୍ରିକ ପ୍ରଗତି ପାଇଁ ଜରୁରୀ। ବିଦେଶ ସଚିବ କୈଳାଶ ମାନସରୋବର ଯାତ୍ରା ପୁନର୍ବାର ସଫଳତାର ସହ ଆରମ୍ଭ ହୋଇଥିବା ବିଷୟ ଉଲ୍ଲେଖ କରିଥିଲେ ଓ ଏହାର ପରିସର ବୃଦ୍ଧି ପାଇଁ ଆଶା ପ୍ରକାଶ କରିଥିଲେ। ଚୀନ୍ ବିଦେଶ ମନ୍ତ୍ରଣାଳୟ ଅନୁଯାୟୀ, ଦୁଇ ଦେଶ ପରସ୍ପର ପ୍ରତିଦ୍ୱନ୍ଦ୍ୱୀ ନୁହେଁ, ବରଂ ସହଯୋଗୀ ଅଟନ୍ତି। ବଦଳୁଥିବା ବିଶ୍ୱ ପରିସ୍ଥିତିରେ ସମ୍ପର୍କକୁ ଦୀର୍ଘକାଳୀନ ଦୃଷ୍ଟିକୋଣରୁ ଦେଖିବାକୁ ଉଭୟ ପକ୍ଷ ସହମତ ହୋଇଛନ୍ତି।

## ଶିଶୁ ନିଖୋଜ ମାମଲାର ତଦନ୍ତ ନିର୍ଦ୍ଦେଶ ଦେଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୧।୨ (ଏଜେନ୍ସି): ଦେଶର ବିଭିନ୍ନ ଭାଗରୁ ଶିଶୁ ନିଖୋଜ ହେବା ମାମଲାକୁ ସୁପ୍ରିମକୋର୍ଟ ଗମ୍ଭୀରତାର ସହ ନେଇଛନ୍ତି। ଏହି ମାମଲାର ତଦନ୍ତ କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶିଶୁ ନିଖୋଜ ଘଟଣା ପଛରେ ଦେଶବ୍ୟାପୀ ନେଟୱର୍କ ରହିଛି କି କୌଣସି ନିର୍ଦ୍ଦିଷ୍ଟ ରାଜ୍ୟ ଗୋଷ୍ଠୀର ହାତ ଅଛି ତାହାର ସନ୍ଧାନ କରିବାକୁ କହିଛନ୍ତି। ଏହା ପଛରେ କୌଣସି ବଡ଼ ଷଡ଼ଯନ୍ତ୍ର ତଥା ଧାରା କିମ୍ବା ଅନିୟମିତ ଭାବେ ଚାଲିଛି ତାହା ଜାଣିବାର ଆବଶ୍ୟକତା ରହିଛି। ରାଜ୍ୟ ସରକାରଙ୍କଠାରୁ ମଧ୍ୟ ଏ ସମ୍ବନ୍ଧିତ ତଥ୍ୟ ସଂଗ୍ରହ କରିବାକୁ ଜଷ୍ଟିସ ବିଭି ନାଗରତ୍ନା ଏବଂ ଉଜ୍ଜ୍ୱଳ ଭୁଇଁଆଙ୍କ ଖଣ୍ଡପୀଠ କେନ୍ଦ୍ରକୁ କହିଛନ୍ତି। କେନ୍ଦ୍ର ପକ୍ଷରୁ ଏଏସଜି ଐଶ୍ୱର୍ଯ୍ୟା ଭଟ୍ଟି କହିଥିଲେ ଯେ ୧୨ରୁ ଅଧିକ ରାଜ୍ୟ ଏ ନେଇ ତଥ୍ୟ ଦେଇନାହାନ୍ତି। ଏହା ଉପରେ ଖଣ୍ଡପୀଠ କହିଥିଲେ ଯେ ଠାବ କରାଯାଇଥିବା ଶିଶୁଙ୍କ ସାକ୍ଷାତକାର ନିଅ। ଏହା ପଛରେ କିଏ ଦାୟୀ ତାଙ୍କୁ ପଚାରି ଚିହ୍ନଟ କର। ନିଖୋଜ ଶିଶୁଙ୍କ ତଥ୍ୟ ଦେଇ ନ ଥିବା ରାଜ୍ୟଙ୍କୁ କୋର୍ଟ ସମାଲୋଚନା କରିଛନ୍ତି। ତଥ୍ୟ ନ ଦେଲେ କଠୋର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ନେପାଳରେ ନଦୀକୁ ଖସିଲା ବସ୍; ୧୨ ମୃତ, ୮ ଆହତ

କାଠମାଣ୍ଡୁ, ୧୧।୨(ଏଜେନ୍ସି): ନେପାଳରେ ମଙ୍ଗଳବାର ରାଜଧାନୀ କାଠମାଣ୍ଡୁରୁ ଓଖଲଢୁଙ୍ଗା ଯାଉଥିବା ଏକ ଯାତ୍ରୀବାହୀ ବସ୍ ବାଟରେ ତାମାକୋଶୀ ନଦୀକୁ ଖସି ପଡ଼ିଛି। ପୁଲିସ ଦେଇଥିବା ସୂଚନା ଅନୁଯାୟୀ, ଏହି ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୧୨ ଜଣ ଯାତ୍ରୀଙ୍କୁ ମୃତ୍ୟୁ ହୋଇଥିବା ନିଶ୍ଚିତ କରାଯାଇଛି। ଏହି ଘଟଣା ପ୍ରାୟ ସକାଳ ୧୧ଟା ସମୟରେ ଘଟିଥିଲା। ଏଥିରେ ବସ୍ ଚାଳକଙ୍କ ସମେତ ୮ ଜଣ ଆହତ ହୋଇଛନ୍ତି ଓ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେଠାରେ ସେମାନଙ୍କର ଚିକିତ୍ସା ଚାଲିଛି। ମୃତକଙ୍କ ମଧ୍ୟରୁ ୧୦ଜଣଙ୍କୁ ଚିହ୍ନଟ କରାଯାଇଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକ, ସୁରକ୍ଷାକର୍ମୀ, ଓ ଉଦ୍ଧାରକରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ବିଭିନ୍ନ ହସ୍ପିଟାଲକୁ ପଠାଇଥିଲେ। ପୁଲିସ ବସ୍ ଚାଳକଙ୍କୁ ଅଟକ ରଖିଛି। ଅନ୍ୟ ଯାତ୍ରୀଙ୍କୁ ଖୋଜିବା ପାଇଁ ସର୍ଚ୍ଚ ଅପରେସନ ଜାରି ରହିଛି। ଦୁର୍ଘଟଣାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ।

## ବିବାହରୁ ଫେରିବା ବେଳେ କାର୍ ଦୁର୍ଘଟଣା; ୬ ବନ୍ଧୁ ମୃତ

ଦୌସା, ୧୧।୨(ଏଜେନ୍ସି): ରାଜସ୍ଥାନର ଦୌସା ଅଞ୍ଚଳରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ୬ ଜଣ ବନ୍ଧୁଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ସେମାନେ ଏକ ବିମାହ ଉତ୍ସବରେ ଯୋଗ ଦେଇ ଘରକୁ ଫେରୁଥିଲେ। ଅତ୍ୟଧିକ ବେଗରେ ଥିବା କାର୍‌ଟି ନିୟନ୍ତ୍ରଣ ହରାଇ ଡିଭାଇଡର ପାର୍ କରି ଅନ୍ୟପଟୁ ଆସୁଥିବା ଏକ ଟ୍ରଲର ସହ ପିଟି ହୋଇଯାଇଥିଲା। ଏହ ଦୁର୍ଘଟଣା ଗତ ବିଳମ୍ବିତ ରାତି ପ୍ରାୟ ୧୧ଟା ସମୟରେ ଜୟପୁର- ଆଗ୍ରା ଜାତୀୟ ରାଜପଥର କୈଲାଇ ଗ୍ରାମ ନିକଟରେ ଘଟିଛି। ଦୁର୍ଘଟଣା ମାତ୍ର କିଛି ଘଣ୍ଟା ପୂର୍ବରୁ ସମସ୍ତ ବନ୍ଧୁ ବାହାଘର ଭୋଜି ଖାଉଥିବା ସମୟରେ ଫଟୋ ମଧ୍ୟ ଉଠାଇଥିଲେ। ଟ୍ରଲର ଭିତର ପଶିଯାଇଥିବା କାର୍‌କୁ କ୍ରେନ୍ ସାହାଯ୍ୟରେ ଅଲଗା କରାଯାଇଥିଲା।

# ବାଂଲାଦେଶରେ ଅଗ୍ନି ପରୀକ୍ଷା ଆଜି

## ଜମାତ-ଏ-ଇସଲାମୀ ବନାମ୍ ବିଏନ୍‌ପି କଡ଼ା ଟକ୍କର



ଢାକା, ୧୧।୨(ଏଜେନ୍ସି): ଆସନ୍ତାକାଲି ବାଂଲାଦେଶରେ ବହୁପ୍ରତୀକ୍ଷିତ ତଥା ବହୁ ଚର୍ଚ୍ଚିତ ସାଧାରଣ ନିର୍ବାଚନ ହେବାକୁ ଯାଉଛି। ଏହା ଉପରେ ସାରା ବିଶ୍ୱର ନଜର ରହିଛି। ବାଂଲାଦେଶରେ ୩୦୦ଟି ଆସନ ବିଶିଷ୍ଟ ସଂସଦୀୟ କ୍ଷେତ୍ର ପାଇଁ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। କିନ୍ତୁ ବିତାଡ଼ିତ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ 'ଆୱାମୀ ଲିଗ୍' ପାର୍ଟିକୁ ନିଷିଦ୍ଧ କରାଯାଇଛି। ତେଣୁ ହସିନାଙ୍କ ୧୫ ବର୍ଷର ଶାସନର ଅନ୍ତ ପରେ ଏବଂ ବିନା ଅୱାମୀ ଲିଗରେ ପ୍ରଥମଥର ପାଇଁ ସାଧାରଣ ନିର୍ବାଚନ ହେବ। ୨୦୨୪ ଜୁଲାଇରେ ଜନ ଆନ୍ଦୋଳନ ପରେ ହସିନାଙ୍କୁ ଶାସନରୁ ବିତାଡ଼ିତ କରାଯାଇଥିଲା ଓ ସେ ଭାରତରେ ଶରଣ ନେଇଥିଲେ। ଉପଦେଷ୍ଟା ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଅନ୍ତରୀଣ ସରକାର ତଥା ପ୍ରଶାସନ ଏକ ମୁକ୍ତ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିପାଇଁ ୟୁରୋପୀୟ ସଂଘ ଓ ରାଜ୍ୟଗୋଷ୍ଠୀ ସମେତ ପ୍ରାୟ ୫୦୦ ବିଦେଶୀ ପର୍ଯ୍ୟବେକ୍ଷକ ଉପସ୍ଥିତ ରହିବେ।

ଦଶନ୍ଧି ଦଶନ୍ଧି ଧରି ବାଂଲାଦେଶ ରାଜନୀତି ଦୁଇଟି ପ୍ରତିଦ୍ୱନ୍ଦ୍ୱୀ ପରିବାର ଚାରିପଟେ ଘୂରି ବୁଲୁଥିଲା। ଗୋଟିଏ ପଟେ ହସିନାଙ୍କ ଆୱାମୀ ଲିଗ୍ ଓ ଅନ୍ୟପଟେ ବେଗମ ଖାଲିଦା ଜିଆଙ୍କ ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି)। ଗତ ଡିସେମ୍ବରରେ ଖାଲିଦାଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ତାରିକ ରହମାନ ବିଏନ୍‌ପିର ନେତୃତ୍ୱ ନେଉଛନ୍ତି। ଆୱାମୀ ଲିଗ୍ ନିର୍ବାଚନ ପ୍ରକ୍ରିୟାରୁ ବାଦ୍ ପଡ଼ିବା ପରେ କଠୋରପନ୍ଥୀ 'ଜମାତ-ଏ-ଇସ୍‌ଲାମୀ' ନେତୃତ୍ୱରେ ୧୧ ଦଳୀୟ ମେଣ୍ଟ ଏଥର ବିଏନ୍‌ପିକୁ ଟକ୍କର ଦେବ। ଏଥର ଏହି ନିର୍ବାଚନ ବିଭିନ୍ନ ଦୃଷ୍ଟିକୋଣରୁ ଐତିହାସିକ ହେବାକୁ ଯାଉଛି।

ରାଜନୀତିରୁ ବହୁଦିନ ଧରି ଦୂରେଇ ରହିଥିବା ପାକିସ୍ତାନ ଦ୍ୱାରା ସମର୍ଥିତ ମୌଳବାଦୀ ଦଳ ଜମାତ-ଏ-ଇସଲାମୀ ପ୍ରଥମଥର ପାଇଁ ସରକାର ଗଠନ କରିବାର ସମ୍ଭାବନା ସୃଷ୍ଟି କରିଛି। ଜଣାଶୁଣା ସମ୍ବାଦ ସଂସ୍ଥା ରଏଟର ଅନୁଯାୟୀ, ଦୁଇଟି ସାମ୍ପ୍ରତିକ ସର୍ଭେରେ ଜମାତ-ଏ- ଇସଲାମି ବାଂଲାଦେଶର ବୃହତ୍ତମ ଦଳ ଭାବେ ଉଭା ହେବାକୁ ଯାଉଛି। ଏହି ଦଳ ଏବେ ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲେଦା ଜିଆଙ୍କ ପାର୍ଟି ବଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି)କୁ କଡ଼ା ଟକ୍କର ଦେବ ବୋଲି ଅନୁମାନ କରାଯାଉଛି। କିନ୍ତୁ ଜମାତ-ଏ- ଇସଲାମି ଦଳର ଏକ କଳା ଅତୀତ ରହିଛି। ଯଦିଓ ନିର୍ବାଚନରେ କେତୋଟି ସର୍ଭେରେ ଏହି ଦଳ ସାମାନ୍ୟ ଆଗରେ ଥିବାପରି ମନେ ହେଉଛି। ତେବେ ସାଧାରଣ ଲୋକ ଏହାକୁ କିପରି ଗ୍ରହଣ କରିବେ ତାହା ଦେଖିବାକୁ ବାକି ରହିଲା। ୧୯୭୧ରେ ବାଂଲାଦେଶର ସ୍ୱାଧୀନତା ସଂଗ୍ରାମକୁ ବିରୋଧ କରିବା ସହ ପାକିସ୍ତାନ ସେନାର ଦମନଲୀଳାକୁ ସମର୍ଥନ କରିଥିଲା। ଦେଶ ସ୍ୱାଧୀନ ହେବା ପରେ ୧୯୭୨ରେ ଏହାକୁ ନିଷିଦ୍ଧ କରାଯାଇଥିଲା। ଅବଶ୍ୟ ୧୯୭୫ରେ ଏହି ନିଷେଧ ପ୍ରତ୍ୟାହାର କରାଯାଇଥିଲା। ୧୯୭୯ରେ ଜିଆଉର ରହମାନଙ୍କ ଶାସନ କାଳରେ ଏହି ଦଳକୁ ନିର୍ବାଚନ ଲଢ଼ିବାକୁ ଅନୁମତି ପ୍ରଦାନ କରାଯାଇଥିଲା। ଜଣାଶୁଣା ଆମେରିକୀୟ ସଂଗଠନ ଇଣ୍ଟରନ୍ୟାସନାଲ ରିପବ୍ଲିକାନ ଇନଷ୍ଟିଚ୍ୟୁଟ (ଆଇଆରଆଇ) ଦ୍ୱାରା ଡିସେମ୍ବରରେ କରାଯାଇଥିବା ଏକ ସର୍ଭେରେ ଦର୍ଶାଯାଇଥିଲା ଯେ, ବିଏନ୍‌ପିକୁ ୩୩ ଓ ଜମାତକୁ ୨୯ ପ୍ରତିଶତ ସମର୍ଥନ ମିଳିଥିଲା। ଅର୍ଥାତ ଦୁଇ ଦଳ ମଧ୍ୟରେ ମାମୁଲି ଅନ୍ତର ଦେଖିବାକୁ ମିଳିଥିଲା। ବିତାଡ଼ିତ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ପାର୍ଟି ଆୱାମୀ ଲିଗ୍‌କୁ ନିର୍ବାଚନରୁ ନିଷିଦ୍ଧ କରିବା ଫଳରେ ଜମାତ ଲାଭବାନ ହେବ ବୋଲି ଅନୁମାନ କରାଯାଉଛି।

ଭାରତରେ ଲୋକସଭା ନିର୍ବାଚନ ଭଳି ବାଂଲାଦେଶରେ ନିର୍ବାଚନ ଆୟୋଜନ ହୋଇଥାଏ। ଜମାତ୍ ଏକ ମୌଳବାଦୀ ପାର୍ଟି ହୋଇଥିବାରୁ ଏବେ ଏହି ଦଳ ଏବେ ନିଜର ଛବି ସୁଧାରିବାକୁ ପ୍ରୟାସ କରିଛି। ଅବଶ୍ୟ ଦଳର ଅତୀତ ଦଳ ପାଇଁ କଣ୍ଟା ସଦୃଶ ହୋଇଛି। ଯୁବବର୍ଗ ଜମାତକୁ ସମର୍ଥନ କରୁଥିବା ଲକ୍ଷ୍ୟ କରାଯାଉଛି। ଜମାତ ଶାସନକୁ ଆସିଲେ ବାଂଲାଦେଶ ପାକିସ୍ତାନର ନିକଟତର ହେବ। ଫଳରେ ଭାରତ ପାଇଁ ଚିନ୍ତା ସୃଷ୍ଟି ହେବ ବୋଲି ଆଶଙ୍କା କରାଯାଉଛି।



### ରାହୁଲଙ୍କ ଅଭିଯୋଗକୁ ହରଦୀପଙ୍କ ଖଣ୍ଡନ

## ମୁଁ ଏପଷ୍ଟିନକୁ ତିନି ଚାରି ଥର ଭେଟିଛି; କିନ୍ତୁ...

ନୂଆଦିଲ୍ଲୀ, ୧୧।୨(ଏଜେନ୍ସି): କୁଖ୍ୟାତ ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନଙ୍କ ସହ ତାଙ୍କର କୌଣସି ଆପରାଧିକ ସମ୍ପର୍କ ଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂହ ପୁରୀ। ଆଜି ଏଠାରେ ଏକ ସମ୍ବାଦିକ ସମ୍ମିଳନୀରେ ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ଦର୍ଶାଇ ସେ ସ୍ପଷ୍ଟ କରିଛନ୍ତି ଯେ, ଏପଷ୍ଟିନଙ୍କୁ ସେ ମାତ୍ର ୩ କିମ୍ବା ୪ଥର ଭେଟିଥିଲେ ଓ ଏହି ସାକ୍ଷାତ ସମ୍ପୂର୍ଣ୍ଣ ରୂପେ ବୃତ୍ତିଗତ ଥିଲା। ଏହି ସାକ୍ଷାତ 'ଇଣ୍ଡିପେଣ୍ଡେଣ୍ଟ କମିସନ ଅନ ମଲ୍ଟିଲାଟେରାଲିଜିମ' ଓ ଅନ୍ୟାନ୍ୟ ଅନ୍ତର୍ଜାତୀୟ କାର୍ଯ୍ୟ ସହ ଜଡ଼ିତ ଥିଲା। ଲୋକସଭାରେ ବରିଷ୍ଠ କଂଗ୍ରେସ ନେତା ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏପଷ୍ଟିନ ବିବାଦରେ ପୁରୀଙ୍କ ନାମ ନେବା ପରେ ସେ ଏହି ସ୍ପଷ୍ଟୀକରଣ ଦେଇଛନ୍ତି।

୨୦୦୯ରୁ ୨୦୧୭ ମଧ୍ୟରେ ପ୍ରାୟ ୩୦ ଲକ୍ଷ ଇମେଲ ଜାରି କରାଯାଇଛି। ଏହି ଦୀର୍ଘ ସମୟ ମଧ୍ୟରେ କେବଳ ୩ରୁ ୪ଥର ସାକ୍ଷାତ ବିଷୟରେ ଉଲ୍ଲେଖ ରହିଛି ବୋଲି ପୁରୀ କହିଛନ୍ତି। ସେତେବେଳେ ସେ ଜାତିସଂଘରେ ଭାରତର ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରୁଥିଲେ ଓ ଜଣେ ବ୍ୟକ୍ତିଗତ ନାଗରିକ ଭାବେ ଭାରତର ସୁଯୋଗ ନେଇ ଚର୍ଚ୍ଚା କରୁଥିଲେ। କୌଣସି ପ୍ରକାର ଭୁଲ କାର୍ଯ୍ୟକଳାପରେ ଜଡ଼ିତ ନଥିବା ପୁରୀ ସ୍ପଷ୍ଟ କରିଛନ୍ତି। ରାହୁଲ ବୁଧବାର ଲୋକସଭାରେ ଏପଷ୍ଟିନ ଫାଇଲ ପ୍ରସଙ୍ଗ ଉଠାଇଥିଲେ। ସେ କହିଥିଲେ ଯେ, ଅନିଲ ଅମ୍ବାନୀଙ୍କୁ ଜେଲ କାହିଁକି ହେଲାନାହିଁ? କାରଣ ତାଙ୍କ ନାମ ଏପଷ୍ଟିନ ଫାଇଲରେ ଅଛି। ମୁଁ ଜାଣିଛି ତାଙ୍କୁ ଏପଷ୍ଟିନ ସହ କିଏ ପରିଚୟ କରାଇଥିଲେ, ହରଦୀପ ପୁରୀ ମଧ୍ୟ ତାହା ଜାଣନ୍ତି। ପୂର୍ବରୁ କଂଗ୍ରେସ ନେତା ପବନ ଖେଡ଼ା କିଛି ସ୍କ୍ରିନସଟ୍ ସେୟାର କରି ଦାବି କରିଛନ୍ତି ଯେ, ଅନିଲ ଅମ୍ବାନୀ ୨୦୧୭ରେ ଏପଷ୍ଟିନଙ୍କୁ ଟ୍ରମ୍ପଙ୍କ ନିକଟତର ବ୍ୟକ୍ତିଙ୍କ ସାକ୍ଷାତ ପାଇଁ ସାହାଯ୍ୟ ମାଗିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଇସ୍ରାଏଲ ଗସ୍ତ ନେଇ ମଧ୍ୟ ଏପଷ୍ଟିନଙ୍କ ଇମେଲ୍‌ରେ ଉଲ୍ଲେଖ ଅଛି ବୋଲି କୁହାଯାଇଛି। ତେବେ ବିଦେଶ ମନ୍ତ୍ରଣାଳୟ ଏହି ଇମେଲଗୁଡିକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖାନ କରିଛି।

## ଏପଷ୍ଟିନ ମାମଲାରେ ଦଲାଇ ଲାମାଙ୍କୁ ଫସାଇବାକୁ ଉଦ୍ୟମ କରିଥିଲା କିଏ?

ନ୍ୟୁୟର୍କ, ୧୧।୨(ଏଜେନ୍ସି): ବୌଦ୍ଧଧର୍ମ ଧର୍ମଗୁରୁ ଦଲାଇ ଲାମାଙ୍କ ଭାବମୂର୍ତ୍ତି ଖରାପ କରିବା ପାଇଁ ଚୀନ୍ ଇଣ୍ଟରନେଟ୍ ଓ ଡିଜିଟାଲ ପ୍ରୋପାଗଣ୍ଡାର ସହାୟତା ନେଇଥିଲା। ଚୀନର ସରକାରୀ ଗଣମାଧ୍ୟମ ଆମେରିକାର କୁଖ୍ୟାତ ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନ ସହ ଜଡ଼ିତ ଫାଇଲଗୁଡ଼ିକର ଭୁଲ ବ୍ୟାଖା କରି ଦଲାଇ ଲାମାଙ୍କ ନାମ ସହ ଯୋଡ଼ିବାକୁ ଚେଷ୍ଟା କରିଥିଲା। କିନ୍ତୁ କେନ୍ଦ୍ରୀୟ ତିବ୍ବତୀୟ ପ୍ରଶାସନ ଏହି କଥାକୁ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଛି। ସେମାନେ ଆମେରିକା ନ୍ୟାୟ ବିଭାଗ ଦ୍ୱାରା ଜାରି କରାଯାଇଥିବା ଏପଷ୍ଟିନ ଫାଇଲଗୁଡ଼ିକୁ ସତର୍କତାର ସହ ଯାଞ୍ଚ କରିଥିଲେ। ଏଥିରୁ ଜଣାପଡ଼ିଛି ଯେ, ଫାଇଲଗୁଡ଼ିକରେ ଦଲାଇ ଲାମାଙ୍କ ନାମ କେବଳ ଅନ୍ୟ କାହାର ବୟାନ କିମ୍ବା ସନ୍ଦର୍ଭରେ ଆସିଛି। ଦଲାଇ ଲାମା ଓ ଏପଷ୍ଟିନ ମଧ୍ୟରେ କେବେ ହେଲେ ସାକ୍ଷାତ ହୋଇନାହିଁ। ଉଭୟଙ୍କ ମଧ୍ୟରେ ଟଙ୍କାର କାରବାର କିମ୍ବା କୌଣସି ପ୍ରକାର କଥାବାର୍ତ୍ତାର ପ୍ରମାଣ ମିଳିନାହିଁ। ଏହି ବିବାଦ ବଢ଼ିବା ପରେ ଦଲାଇ ଲାମାଙ୍କ କାର୍ଯ୍ୟାଳୟ ସ୍ପଷ୍ଟ କରିଛି ଯେ, ସେ କେବେ ବି ଜେଫ୍ରି ଏପଷ୍ଟିନଙ୍କୁ ଭେଟିନାହାନ୍ତି କିମ୍ବା ତାଙ୍କ ପକ୍ଷରୁ କାହାକୁ କଥା ହେବା ପାଇଁ ଅନୁମତି ଦେଇନାହାନ୍ତି। ତେଣୁ ଏପଷ୍ଟିନ ଫାଇଲ ସହିତ ଦଲାଇ ଲାମାଙ୍କର କୌଣସି ସମ୍ପର୍କ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ଏପଷ୍ଟିନ ଫାଇଲ କାରଣରୁ ସାରା ବିଶ୍ୱରେ ହଇଚଇ ସୃଷ୍ଟି ହୋଇଛି।

## 'ଜନ ଗଣ ମନ' ପୂର୍ବରୁ ଗାନ ହେବ 'ବନ୍ଦେ ମାତରମ'

ନୂଆଦିଲ୍ଲୀ, ୧୧।୨ (ଏଜେନ୍ସି): 'ବନ୍ଦେ ମାତରମ'କୁ ନେଇ କେନ୍ଦ୍ର ସରକାର ନୂଆ ମାର୍ଗଦର୍ଶିକା ଜାରି କରିଛନ୍ତି। ଏବେ ସରକାରୀ କାର୍ଯ୍ୟକ୍ରମ, ସ୍କୁଲ୍ କିମ୍ବା ଅନ୍ୟ ଔପଚାରିକ ଆୟୋଜନରେ 'ବନ୍ଦେ ମାତରମ' ଗାନ କରାଯିବ। ଏହି ସମୟରେ ଛିଡ଼ା ହେବା ବାଧ୍ୟତାମୂଳକ କରିଦିଆଯାଇଛି। ଗତ ୨୮ ତାରିଖରେ ଏହି ନିର୍ଦ୍ଦେଶ ଜାରି କରାଯାଇଥିଲା। ମାତ୍ର ଆଜି ଏହି ସୂଚନା ଗଣମାଧ୍ୟମ ସାମ୍ନାକୁ ଆସିଛି। ନିର୍ଦ୍ଦେଶରେ ସ୍ପଷ୍ଟ କରାଯାଇଛି ଯେ ଯଦି ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ' ଏବଂ ଜାତୀୟ ସଂଗୀତ 'ଜନ ଗଣ ମନ' ଏକାଠି ଗାନ କରାଯିବ ତେବେ 'ବନ୍ଦେ ମାତରମ'କୁ ଆଗ ଗାଇବାକୁ ପଡ଼ିବ। ଏହି ସମୟରେ ଗୀତ ଗାଉଥିବା କିମ୍ବା ଶୁଣୁଥିବା ବ୍ୟକ୍ତିଙ୍କୁ ସାବଧାନ ମୁଦ୍ରାରେ ଛିଡ଼ାହେବାକୁ ହେବ।

**ସ୍କୁଲରେ ରାଷ୍ଟ୍ରୀୟ ସଙ୍ଗୀତ ପରେ ଆରମ୍ଭ ହେବ ପଢ଼ା**

ସରକାରୀ ନିର୍ଦ୍ଦେଶରେ ସବୁ ସ୍କୁଲ୍‌ରେ ରାଷ୍ଟ୍ରୀୟ ସଙ୍ଗୀତ 'ବନ୍ଦେ ମାତରମ' ଗାନ କରାଯିବା ପରେ ଯାଇ ପଢ଼ା ଆରମ୍ଭ ହେବ। ଏହି ସମୟରେ 'ବନ୍ଦେ ମାତରମ'ର ସବୁ ୬ ପାରା ପଢ଼ିବାକୁ ପଡ଼ିବ। ଏଥିପାଇଁ ୩ ମିନିଟ ୧୦ ସେକେଣ୍ଡ ଧାର୍ଯ୍ୟ କରାଯାଇଛି। ଏ ପର୍ଯ୍ୟନ୍ତ ସ୍କୁଲରେ ଗୀତର ଦୁଇ ପାରା ଗାନ କରାଯାଉଥିଲା। ନିର୍ଦ୍ଦେଶରେ ସ୍ପଷ୍ଟ କରାଯାଇଛି ଯେ କେଉଁ ଅବସରରେ ଏହି ଗୀତ ଗାନ କରାଯିବ ତାହାର ସମ୍ପୂର୍ଣ୍ଣ ତାଲିକା ଦେବା ସମ୍ଭବ ନୁହେଁ। ପ୍ରଥମ ଥର ପାଇଁ ରାଷ୍ଟ୍ରୀୟ ଗାନ ନେଇ ବିସ୍ତୃତ ପ୍ରୋଟୋକଲ ଜାରି କରାଯାଇଛି।

ଜାତୀୟ ପତାକା ପରେଡରେ ନେବା ସମୟରେ, ତ୍ରିରଙ୍ଗା ଉତ୍ତୋଳନ, କୌଣସି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ପହଞ୍ଚିଲେ, ରାଷ୍ଟ୍ରପତିଙ୍କ ସମ୍ବୋଧନ ପୂର୍ବରୁ ଏବଂ ପରେ, ରାଜ୍ୟପାଳ ଏବଂ ଉପରାଜ୍ୟପାଳଙ୍କ କାର୍ଯ୍ୟକ୍ରମରେ, ରାଜ୍ୟପାଳଙ୍କ ଭାଷଣ ପୂର୍ବରୁ ଏବଂ ପରେ, ନାଗରିକ ସମ୍ମାନ ସମାରୋହ ଆଦିରେ 'ବନ୍ଦେ ମାତରମ' ଗାନ କରାଯିବ। ମନ୍ତ୍ରୀ କିମ୍ବା ଅନ୍ୟ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଙ୍କ ଉପସ୍ଥିତିରେ ଅଣ-ଔପଚାରିକ ଜରୁରୀ କାର୍ଯ୍ୟକ୍ରମରେ ମଧ୍ୟ ସାମୂହିକ ଭାବେ ଏହାକୁ ଗାଇ ପାରିବେ। ମାତ୍ର ଏହି ସମୟରେ ରାଷ୍ଟ୍ରୀୟ ସଙ୍ଗୀତକୁ ସମ୍ପୂର୍ଣ୍ଣ ସମ୍ମାନ ଦେବା ଉଚିତ। ଅନ୍ୟପଟେ ସିନେମା ହଲ୍‌କୁ ଏହି ନିୟମରୁ ବାଦ ଦିଆଯାଇଛି।

## ରଙ୍ଗ ବଦଳାଇଲେ ଟ୍ରମ୍ପ: ଭାରତ ମାନଚିତ୍ରରୁ ହଟାଇଲେ ପିଓକେ-ଅକ୍ସାଇ ଚୀନ୍



ୱାସିଂଟନ, ୧୧।୨ (ଏଜେନ୍ସି): ପୁଣି ଆମେରିକାର ଦୋମୁହାଁ ନୀତି ପଦାରେ ପଡ଼ିଛି। ବାଣିଜ୍ୟ ଚୁକ୍ତି ପରେ ଆମେରିକା ଜାରି କରିଥିବା ଭାରତ ମାନଚିତ୍ରକୁ ଏବେ ହଟାଇ ନେଇଛି। ଏହି ମାନଚିତ୍ରରେ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ) ଏବଂ ଅକ୍ସାଇ ଚୀନ୍ (ଚୀନ୍ କବ୍‌ଜାରେ ଥିବା ଅଞ୍ଚଳ)କୁ ଭାରତର ଅଂଶ ଦେଖା ଯାଇଥିଲା। ଗତ ୭ ତାରିଖରେ ଭାରତ-ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ ହୋଇଥିଲା। ଏହାକୁ ନେଇ ୟୁନାଇଟେଡ ଷ୍ଟେଟ୍ସ ଟ୍ରେଡ ରିପ୍ରେଜନଟେଟିଭ (ୟୁଏସଟିଆର) ଜାରି କରିଥିବା ଏହି ମାନଚିତ୍ର ଚର୍ଚ୍ଚାରେ ଥିଲା।

ଏ ପର୍ଯ୍ୟନ୍ତ ଆମେରିକା ଏଜେନ୍ସି ଗୁଡ଼ିକ ଭାରତୀୟ ମ୍ୟାପରେ ପିଓକେ ଏବଂ ଅକ୍ସାଇ ଚୀନ୍‌କୁ ବିବାଦୀୟ ଅଞ୍ଚଳ ଭାବେ ଅଲଗା ରଙ୍ଗରେ କିମ୍ବା 'ଡଟେଡ ଲାଇନ୍ସ'ରେ ଦେଖାଉଥିଲା। ମାତ୍ର ଉକ୍ତ ପୋଷ୍ଟରେ ଏଭଳି କୌଣସି ଚିହ୍ନ କିମ୍ବା ଧାଡ଼ି ନ ଥିଲା। ସମ୍ପୂର୍ଣ୍ଣ କ୍ଷେତ୍ରକୁ ଭାରତର ଅଭିନ୍ନ ଅଂଶ ଦେଖାଯାଇଥିଲା। ଏହାକୁ ନେଇ ବିଶେଷଜ୍ଞ ଭିନ୍ନ ମତ ଦେଇଥିଲେ। ପାକିସ୍ତାନ ଏବଂ ଚୀନ୍ ସହ ଆମେରିକାର ଉତ୍ତେଜନା ଲାଗି ରହିଥିବାବେଳେ ଏହି ପଦକ୍ଷେପ ଭାରତ ସମର୍ଥନର ସଙ୍କେତ ଦେଉଛି। ଆଉ କିଛି ଲୋକ ଭୁଲରେ ଏହା ଜାରି ହୋଇଥିବା କହିଥିଲେ। ଅନେକ କଳ୍ପନାଜଳ୍ପନା ମଧ୍ୟରେ ୟୁଏସଟିଆର ଉକ୍ତ ପୋଷ୍ଟକୁ ହଟାଇ ନେଇଛି। ଏ ପର୍ଯ୍ୟନ୍ତ ଏହାକୁ ନେଇ କୌଣସି ଆନୁଷ୍ଠାନିକ ବିବୃତି ଦିଆଯାଇ ନାହିଁ। ପିଓକେକୁ ନେଇ ୧୯୪୭ରୁ ଭାରତ ଏବଂ ପାକିସ୍ତାନ ମଧ୍ୟରେ ବିବାଦ ଚାଲିଛି। ଏହା ଉଭୟ ଦେଶ ମଧ୍ୟରେ ଯୁଦ୍ଧ, ଉତ୍ତେଜନା ଏବଂ କୂଟନୈତିକ ଲଢ଼େଇର କେନ୍ଦ୍ର ପାଲଟି ଯାଇଛି।

## ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ୱାଙ୍ଗଚୁକଙ୍କୁ ମୁକ୍ତି କରିପାରିବୁନି: କେନ୍ଦ୍ର


ନୂଆଦିଲ୍ଲୀ, ୧୧।୨(ଏଜେନ୍ସି): ଜଣାଶୁଣା ପରିବେଶବିତ୍ ତଥା ବୈଜ୍ଞାନିକ ସୋନମ ୱାଙ୍ଗଚୁକ୍‌ଙ୍କ ହେପାଜତ ମାମଲାରେ କେନ୍ଦ୍ର ସରକାର ସୁପ୍ରିକୋର୍ଟଙ୍କୁ ଜଣାଇଛନ୍ତି ଯେ, ତାଙ୍କୁ ବର୍ତ୍ତମାନ ମୁକ୍ତ କରାଯାଇ ପାରିବନାହିଁ। ଜଷ୍ଟିସ ଅରବିନ୍ଦ କୁମାର ଓ ଜଷ୍ଟିସ



ପିବି ବରାଲେଙ୍କ ଖଣ୍ଡପୀଠ ସରକାରଙ୍କୁ ୱାଙ୍ଗଚୁକ୍‌ଙ୍କ ସ୍ୱାସ୍ଥ୍ୟଗତ କାରଣରେ ମୁକ୍ତ କରିବା ସମ୍ପର୍କରେ ପଚାରିଥିଲେ। ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଏହାର ଉତ୍ତର ଦେଇଥିଲେ। ସେ କୋର୍ଟଙ୍କୁ କହିଥିଲେ ଯେ, ଜେଲ୍ ନିୟମାବଳୀ ଅନୁଯାୟୀ, ୱାଙ୍ଗଚୁକଙ୍କର ଏପର୍ଯ୍ୟନ୍ତ ୨୪ଥର ମେଡିକାଲ ଯାଞ୍ଚ୍ କରାଯାଇଛି। ସେ ବର୍ତ୍ତମାନ ସମ୍ପୂର୍ଣ୍ଣ ସୁସ୍ଥ ଓ ଫିଟ୍ ଅଛନ୍ତି। ତାଙ୍କର କେବଳ ହଜମ ପ୍ରକ୍ରିୟା ଜନିତ ସମସ୍ୟା ଓ ସଂକ୍ରମଣ ହୋଇଥିଲା, ଯାହାର ଚିକିତ୍ସା କରାଯାଇଛି। ଯଦି ଏଭଳି ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ତାଙ୍କୁ ମୁକ୍ତ କରାଯାଏ, ତେବେ ଆଗକୁ ଅନ୍ୟମାନେ ମଧ୍ୟ ଏହି ଦାବି କରିବେ ବୋଲି ସରକାରଙ୍କ ତରଫରୁ କୁହାଯାଇଥିଲା।

## 'ପେଙ୍ଗୁଇନ ଇଣ୍ଡିଆ'କୁ ଦିଲ୍ଲୀ ପୁଲିସର ନୋଟିସ

ନୂଆଦିଲ୍ଲୀ, ୧୧।୨ (ଏଜେନ୍ସି): ପୂର୍ବତନ ସେନା ମୁଖ୍ୟ ଜେନେରାଲ ଏମଏମ ନରବାଣେଙ୍କ ଅପ୍ରକାଶିତ ପୁସ୍ତକ 'ଫୋର ଷ୍ଟାର୍ସ ଅଫ ଡେଷ୍ଟିନି'କୁ ନେଇ ବିବାଦ ବଢ଼ି ଚାଲିଛି। ଏହାର ପ୍ରକାଶନ ଅଧିକାର ପାଇଥିବା ସଂସ୍ଥା 'ପେଙ୍ଗୁଇନ ଇଣ୍ଡିଆ' ଏବଂ ନରବାଣେଙ୍କ ପକ୍ଷରୁ ସ୍ପଷ୍ଟୀକରଣ ଦେଇଥିଲେ ବି ସରକାର ଏବଂ ବିରୋଧୀ ମୁହାଁମୁହିଁ ସ୍ଥିତିରେ ଅଛନ୍ତି। ଏପରି ସମୟରେ ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ୍ ପେଙ୍ଗୁଇନ ଇଣ୍ଡିଆକୁ ନୋଟିସ ଜାରି କରିଛି। ଏହି ନୋଟିସରେ କମ୍ପାନୀକୁ ଅନେକ ପ୍ରଶ୍ନ ପଚରା ଯାଇଛି ଏବଂ ଏହାର ଜବାବ ମଗାଯାଇଛି।




ପୁଲିସ ରୁଜୁ କରିଥିବା ଏତଲାରେ ଆପରାଧିକ ଷଡ଼ଯନ୍ତ୍ରର ଧାରା ସାମିଲ କରାଯାଇଛି। ସାମାଜିକ ଗଣମାଧ୍ୟମ ଏବଂ କିଛି ଅନଲାଇନ ନ୍ୟୁଜ ଫୋରମରୁ ମିଳିଥିବା ଇନପୁଟ ଆଧାରରେ ଏହି ଦାବି କରାଯାଇଛି। ଏହି ପୁସ୍ତକର ପ୍ରି-ପ୍ରିଣ୍ଟ କପି ପ୍ରସାର ହେଉଛି ବୋଲି ଦାବି କରାଯାଇଥିଲା।

## ଶୁଝିପାରୁନାହାନ୍ତି ୯ କୋଟିର ଋଣ; ଜେଲ୍‌ରେ ଅଭିନେତା ରାଜପାଲ ଯାଦବ

ମୁମ୍ବଇ, ୧୧।୨ (ଏଜେନ୍ସି): ଚେକ୍ ବାଉନ୍ସ ମାମଲା ଅଭିନେତା ରାଜପାଲ ଯାଦବଙ୍କ ପାଇଁ ସାଙ୍ଘାତିକ ସ୍ଥିତି ସୃଷ୍ଟି କରିଛି। ଏଥିପାଇଁ ତାଙ୍କୁ କୋର୍ଟରେ ଆତ୍ମସମର୍ପଣ କରିବାକୁ ପଡ଼ିଛି। ଏହା ପରଠାରୁ ଅଭିନେତା ତିହାର ଜେଲ୍‌ରେ ବନ୍ଦୀ ଅଛନ୍ତି। ଆର୍ଥିକ ସ୍ଥିତି ଭୁଶୁଡ଼ି ଯାଇଥିବାରୁ ସେ ଏହି ଅର୍ଥ ପୈଠ କରିପାରିବେନି। କାରଣ ପାଖରେ ଏତେ ଟଙ୍କା ନାହିଁ ବୋଲି ରାଜପାଲ କହିଛନ୍ତି। ଅଭିନେତା ଏବେ କିଙ୍କର୍ତ୍ତବ୍ୟମୂଢ ହୋଇଯାଇଛନ୍ତି। ଜେଲ୍ ଯିବା ପୂର୍ବରୁ ସେ ଅସହାୟ ହୋଇ ଯାଇଥିଲେ। ରାଜପାଲ କହିଥିଲେ ଯେ କ'ଣ କରିବି? ମୋ ପାଖରେ ଟଙ୍କା ନାହିଁ। କୌଣସି ଉପାୟ ମଧ୍ୟ ଦେଖାଯାଉ ନାହିଁ। ଏଠାରେ ଆମେ ସମସ୍ତେ ଏକାକୀ ଅଛୁ। କୌଣସି ବନ୍ଧୁ ମଧ୍ୟ ନାହାନ୍ତି। ମୋତେ ହିଁ ଏହି ସଙ୍କଟର ସାମ୍ନାକୁ କରିବାକୁ ପଡ଼ିବ ବୋଲି ରାଜପାଲ କହିଥିଲେ।

ଚେକ୍ ବାଉନ୍ସ ମାମଲାରେ ଅର୍ଥ ନ ଫେରାଇବା ପର୍ଯ୍ୟନ୍ତ ସେ ଜେଲ୍‌ରେ ରହିବା ସ୍ଥିତି ସୃଷ୍ଟି ହୋଇଛି। ଏପରି ସ୍ଥଳେ ଚଳଚ୍ଚିତ୍ର ଜଗତ ରାଜପାଲଙ୍କ ପାଇଁ ସହାୟତାର ହାତ ବଢ଼ାଇଛି। ରାଜପାଲଙ୍କ ମ୍ୟାନେଜର ଅନୁରୋଧ କରିବା ପରେ ସହାୟତା ପାଇଁ ଅଭିନେତା, ପ୍ରଯୋଜକ ଏବଂ ବଦାନ୍ୟ ବ୍ୟକ୍ତି ଆଗକୁ ବଢିଛନ୍ତି। ସଲମାନ ଖାନ, ଅଜୟ ଦେବଗନ, ସୋନୁ ସୁଦ ପ୍ରମୁଖ ତାଙ୍କୁ ଆର୍ଥିକ ସହାୟତା ଦେଉଛନ୍ତି।



ରାଜପାଲଙ୍କ ମ୍ୟାନେଜର ଗୋଲ୍ଡି କହିଛନ୍ତି ଯେ ବୁଧବାର ସଲମାନ, ଅଜୟ, ବରୁଣ ଧାୱନ ଏବଂ ଡେଭିଡ ଧାୱନଙ୍କ ସମେତ ଅନେକ ସେଲିବ୍ରିଟି ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଯୋଗାଯୋଗ କରିଥିଲେ। ରାଜପାଲ ଏଥିପାଇଁ କୃତଜ୍ଞତା ପ୍ରକାଶ କରିଛନ୍ତି। ରାଜପାଲ ତିହାର ଜେଲରେ ଆତ୍ମସମର୍ପଣ କରିବା ପୂର୍ବରୁ ସାହାଯ୍ୟ ମାଗିଥିଲେ କି ବୋଲି ପଚାରିବାରୁ ସେ କୌଣସି ମନ୍ତବ୍ୟ ଦେବାକୁ ମନା କରିଦେଲେ। ପରିସ୍ଥିତି ଖରାପ ହେବା ପରଠାରୁ ଚଳଚ୍ଚିତ୍ର ଜଗତ ତାଙ୍କ ପଛରେ ଦୃଢ଼ ଭାବରେ ଠିଆ ହୋଇଛି ବୋଲି କହିଥିଲେ। ସମସ୍ତେ ପ୍ରତିଶ୍ରୁତି ଦେଇଛନ୍ତି, କିନ୍ତୁ ଏପରି କାରବାର ତୁରନ୍ତ ହୁଏ ନାହିଁ। ରାଜପାଲ ଜେଲରୁ ବାହାରିବା ନେଇ ମଧ୍ୟ ଆଶା ସଞ୍ଚାର ହୋଇଛି। କାରଣ ଗୁରୁବାର ତାଙ୍କ ଜାମିନ ଆବେଦନର ଶୁଣାଣି ହେବ। ଏହା ପୂର୍ବରୁ ଫେଡେରେସନ ଅଫ ୱେଷ୍ଟର୍ଣ୍ଣ ଇଣ୍ଡିଆ ସିନେ ଏମ୍ପ୍ଲୋଇଜ ପକ୍ଷରୁ ସମସ୍ତ ଚଳଚ୍ଚିତ୍ର ନିର୍ମାତାଙ୍କୁ ରାଜପାଲଙ୍କୁ ସହାୟତା କରିବା ପାଇଁ ଅନୁରୋଧ କରାଯାଇଥିଲା। ସର୍ବ ପ୍ରଥମେ ଅଭିନେତାଙ୍କୁ ସୋନୁ ସୁଦ ଏବଂ ଲାଲୁ ଯାଦବଙ୍କ ପୁଅ ତେଜ ପ୍ରତାପ ଯାଦବ ସହାୟତା କରିଥିଲେ।

ସୂଚନା ଅନୁଯାୟୀ ୨୦୧୦ରେ ରାଜପାଲ 'ଅତା ପତା ଲାପତା' ଚଳଚ୍ଚିତ୍ର ନିର୍ମାଣ ପାଇଁ ଏକ ପ୍ରାଇଭେଟ କମ୍ପାନୀଠାରୁ ୫ କୋଟି ଟଙ୍କା ଋଣ ନେଇଥିଲେ। ଏହି ଫିଲ୍ମ ଫ୍ଲପ ହେବାରୁ ରାଜପାଲଙ୍କୁ ଆର୍ଥିକ ଜଟିଳତାର ସମ୍ମୁଖୀନ ହେବାକୁ ପଡ଼ିଲା। ସେ ଠିକ ସମୟରେ ଋଣ ପରିଶୋଧ କରିପାରି ନ ଥିଲେ। ଋଣ ନେବା ସମୟରେ ଯେଉଁ ଚେକ୍ ସେ କମ୍ପାନୀକୁ ଦେଇଥିଲେ ତାହା ବାଉନ୍ସ ହୋଇ ଯାଇଥିଲା। ତେଣୁ କମ୍ପାନୀ ଅଭିନେତାଙ୍କ ବିରୋଧରେ ମାମଲା ରୁଜୁ କରାଇଥିଲା। ସମୟ ସହିତ ଏଥିରେ ସୁଧ ସାମିଲ ହୋଇ ଟଙ୍କା ୯ କୋଟିରେ ପହଞ୍ଚି ଯାଇଥିଲା। ୨୦୧୮ରେ ଦିଲ୍ଲୀର ଏକ କୋର୍ଟ ରାଜପାଲଙ୍କୁ ଦୋଷୀ ସାବ୍ୟସ୍ତ କରି ୬ ମାସ ଜେଲ୍ ଦଣ୍ଡରେ ଦଣ୍ଡିତ କରିଥିଲେ। ଏହା ପରେ ମାମଲା ହାଇକୋର୍ଟରେ ପହଞ୍ଚିଥିଲା। ଏଠାରେ ମଧ୍ୟ କୋର୍ଟ ତାଙ୍କୁ ଅନେକ ଥର ଆଶ୍ୱସ୍ତି ଦେଇଥିଲେ। କିନ୍ତୁ ଟଙ୍କା ପୈଠ ନ କରିବାରୁ କୋର୍ଟ ରାଜପାଲଙ୍କୁ ଆତ୍ମସମର୍ପଣ କରିବାକୁ କହିଥିଲେ।

# କାଇଁଚ ଦେଇଛି ରୋଜଗାର



ଏବେର ମହିଳାମାନେ ଖାଲିରେ ନ ବସି ଅର୍ଥ ଉପାର୍ଜନକୁ ପ୍ରାଧାନ୍ୟ ଦେଉଛନ୍ତି । ଏଥିପାଇଁ କିଏ ଚାଷବାସ, ତ ପୁଣି କିଏ ବ୍ୟବସାୟ କରି ସ୍ୱାବଲମ୍ବୀ ହେଉଛନ୍ତି । ସେହିପରି ଉତ୍ତରାଖଣ୍ଡ ଓଧମସିଂ ନଗରର ରୀତା ଦେବୀ ପାରମ୍ପରିକ କାଇଁଚରୁ ଭଳିକି ଭଳି ଘରକରଣା ସାମଗ୍ରୀ ପ୍ରସ୍ତୁତ କରି ଆତ୍ମନିର୍ଭର ହୋଇଛନ୍ତି । ଏହାଦ୍ୱାରା ସେ ଗ୍ରାମବାସୀ ସମେତ ସ୍ଥାନୀୟ ଅଞ୍ଚଳର ୨୦୦୦ରୁ ଊର୍ଦ୍ଧ୍ୱ ଆଦିବାସୀ ମହିଳାଙ୍କୁ ରୋଜଗାର ଦେଇଛନ୍ତି । ଏପରି କରି ସେ ଅନ୍ୟ ମହିଳାଙ୍କ ପାଇଁ ପ୍ରେରଣା ସାଜିଛନ୍ତି ।

### କୌଳିକ ବୃତ୍ତି'

କାଇଁଚ ଏକ ପାରମ୍ପରିକ ହସ୍ତଶିଳ୍ପ ଭାବେ ଜଣାଯାଏ । ଏହା ବିଶେଷ କରି ଉତ୍ତରପ୍ରଦେଶ, ପ୍ରୟାଗରାଜ, ଏବଂ ମଧ୍ୟପ୍ରଦେଶ ପ୍ରଚଳିତ ହୋଇଥାଏ । ଏହା ଏକ ପ୍ରକାର କୁଶ ଜାତୀୟ ଘାସରୁ ପ୍ରସ୍ତୁତ ହୋଇଥାଏ । ପ୍ରାଚୀନ ସମୟରେ ଏହାକୁ ଘରେ ଜେଜେ ମାଆ, ନାନୀ ଆଦି ପ୍ରସ୍ତୁତ କରୁଥିଲେ । ଏହି କଳା କେବଳ ଘରର ଚାରିକାନ୍ଥ ମଧ୍ୟରେ ସୀମିତ ଥିଲା । ସମୟକ୍ରମେ ସହ ଏହା ଧୀରେ ଧୀରେ ଲୁପ୍ତ ପାଇବାକୁ ବସିଥିଲା । ହେଲେ ଉଧମସିଂ ନଗରର ରୀତା ଦେବୀ ଏହି କଳାକୁ ପୁନର୍ଜୀବିତ କରିବା ପାଇଁ ସଂକଳ୍ପ ନେଇଥିଲେ । ୨୦୦୨ ମସିହାରେ ସେ ସ୍ୱୟଂ ସହାୟକ ଗୋଷ୍ଠୀ ସହାୟତା ସାହାଯ୍ୟରେ ମୁଞ୍ଜି କ୍ରାଫ୍ଟ ଆରମ୍ଭ କରିଥିଲେ । ପ୍ରଥମେ ଏଥିରେ ୧୦ ଜଣ ମହିଳା ଥିଲେ, କିନ୍ତୁ ସମୟ କ୍ରମେ ଏଥିରେ ଏବେ ଏଥିରେ ନଅ, ଦଶଟି ଗ୍ରାମର ମହିଳା ସାମିଲ ହୋଇଛନ୍ତି ।

### ଗାଁରୁ ବିଶ୍ୱ ପରିଚିତି

କାଇଁଚ ହସ୍ତଶିଳ୍ପ କେବଳ ସ୍ଥାନୀୟ ଅଞ୍ଚଳରେ ସୀମିତ ନାହିଁ । ଉତ୍ତରାଖଣ୍ଡ,ଉତ୍ତରପ୍ରଦେଶ ସମେତ ଓଡ଼ିଶାର ବିଭିନ୍ନ ପ୍ରଦର୍ଶନୀରେ ଏହା ଦେଖିବାକୁ ମିଳିଥାଏ । ଏଥିସହ ଦିଲ୍ଲୀ, ଡେହରାଡୁନ, ସମେତ ଜର୍ମାନୀ ଭଳି ବଡ଼ ଦେଶରୁ ଏହି ହସ୍ତଶିଳ୍ପ ପାଇଁ ବହୁ ସଂଖ୍ୟାରେ ବରାଦ ଆସେ । ତେବେ ପ୍ରାରମ୍ଭରେ ଏହାକୁ ବଜାରରେ ସେତେ ପ୍ରତିକ୍ରିୟା ମିଳିପାରି ନ ଥିଲା । ୨୦୧୪ ମସିହାରେ ତାଙ୍କୁ ପ୍ରଥମ କରି ଏହି ପ୍ରଦର୍ଶନୀ ଷ୍ଟଲ୍ ଲଗାଇବାର ସୁଯୋଗ ମିଳିଥିଲା । ଏହାପରେ ପ୍ରଧାନମନ୍ତ୍ରୀଙ୍କ ଯୋଜନାରେ କାଇଞ୍ଚ କ୍ରାଫ୍ଟକୁ ଯୋଡ଼ା ଯାଇଥିଲା ।

### ମହିଳାଙ୍କୁ ରୋଜଗାର



ପ୍ରଥମେ ମହିଳାଙ୍କୁ ଘର ଖର୍ଚ୍ଚ ପାଇଁ ଅନ୍ୟ ଉପରେ ନିର୍ଭର ହେବାକୁ ପଡୁଥିଲା । ହେଲେ ଏହି ଯୋଜନାରେ ଯୋଡ଼ି ହେବା ପରେ ମହିଳାମାନେ ନିଜେ ଆତ୍ମନିର୍ଭର ହୋଇପାରିଛନ୍ତି । ନିଜ ଖର୍ଚ୍ଚ ନିଜେ ଉଠାନ୍ତି । ଏଥିରୁ ଭଳିକି ଭଳି ଉପକରଣ ଯଥା- ପେନ୍ ଷ୍ଟାଣ୍ଡ, ଚାବି ରିଙ୍ଗ୍, ଖେଳନା, ଅଳଙ୍କାର, ଗୃହସଜ୍ଜାଉପକରଣ ସମେତ ଅନେକ ଆଧୁନିକ ଉପକରଣ ପ୍ରସ୍ତୁତ କରୁଛନ୍ତି । ଏହାଦ୍ୱାରା ମହିଳାଙ୍କ ଆର୍ଥିକ ଶସକ୍ତ ହୋଇଛନ୍ତି । ତେବେ ଏହି ହସ୍ତଶିଳ୍ପ ଏକ ପ୍ରକାର କୁଶରୁ ପ୍ରସ୍ତୁତ ହୋଇଥାଏ । ଗାଁ ନଦୀ ପଠା, ଜଙ୍ଗଲ, ନଦୀ କୂଳ ଆଦିରେ ଏହି ବୃକ୍ଷ ଉଠିଥାଏ । ମହିଳାମାନେ ଏହାକୁ ଆଣି ଧୋଇ ଶୁଖାନ୍ତି । ଏହାକୁ ବର୍ଷ ସାରା ସୁରକ୍ଷିତ କରି ରଖନ୍ତି ।

### ପରମ୍ପରା ଏବଂ ଆଧୁନିକତାର ସଙ୍ଗମ

ଗାଁର ସ୍ଥାନୀୟ ମହିଳା ଅନିତାଙ୍କ କହିବାନୁଯାୟୀ ଏହି କାର୍ଯ୍ୟ ସେମାନଙ୍କ ପୂର୍ବଜମାନେ କରୁଥିଲେ । ହେଲେ ଗୋଟେ ସମୟରେ ଏହି କଳା ସମ୍ପୂର୍ଣ୍ଣ ବିଲୁପ୍ତ ହୋଇଯାଇଥିଲା । ହେଲେ ଏବେ ମହିଳାଙ୍କ ପ୍ରୟାସ କ୍ରମେ ଏହାକୁ ନୂଆ ପରିଚୟ ମିଳିଛି ।

# ବ୍ୟାକ୍‌ଲେସ୍ କୁର୍ତ୍ତୀ

ସମୟାନୁସାରେ ମହିଳାମାନେ ନୂଆ ଡିଜାଇନ୍‌ର ପୋଷାକ ପିନ୍ଧିବାକୁ ପସନ୍ଦ କରନ୍ତି । କୁର୍ତ୍ତୀ ହେଉ ଅବା ସୁଟ୍ ସବୁକୁ ନେଇ ବହୁ ପରୀକ୍ଷା ନିରୀକ୍ଷା କରିଥାନ୍ତି । ଏହି କ୍ରମରେ ଏବେ ବ୍ୟାକ୍‌ଲେସ କୁର୍ତ୍ତୀ ଟ୍ରେଣ୍ଡରେ ରହିଛି । ନିଜକୁ ଟିକେ ଭିନ୍ନ ଲୁକ୍ ଦେବାକୁ ଚାହୁଁଥିଲେ ଏ ପ୍ରକାର କୁର୍ତ୍ତୀ ଡିଜାଇନ୍ କରି ପିନ୍ଧିପାରିବେ । ଏହା ସୁନ୍ଦର ସହ ଆକର୍ଷଣୀୟ ଦିଶିଥାଏ ।



### ହାଫ୍ ପାର୍ଟିସନ୍

ଏ ପ୍ରକାର କୁର୍ତ୍ତୀ ଡିଜାଇନ୍ ଏବେ ଟ୍ରେଣ୍ଡରେ ରହିଛି । ଏଥିରେ କୁର୍ତ୍ତୀର ପଛପାର୍ଶ୍ୱରେ ଅଧାରୁ ଅଧିକ ଫାଙ୍କା ଥାଏ । ତେବେ ଏହା ବିଶେଷ କରି ଅନାରକଲି କୁର୍ତ୍ତୀକୁ ଭଲ ମାନିଥାଏ । ସେହିପରି ଏହା ପଛରେ ଦୁଇଇଞ୍ଚର କପଡ଼ା ଥାଏ । ଯେଉଁଥିରେ ଲଟ୍‌କନ୍ ଲଗାଯାଇଥାଏ । ଅବଶ୍ୟ ଚାହିଁଲେ ଶାମୁକା ଲଗାଇପାରିବେ ।

### ଗୋଲାକାର୍ ଡିଜାଇନ୍ କୁର୍ତ୍ତୀ

ସିମ୍ପଲ୍ ତଥା ଟିକେ ଭିନ୍ନ ଡିଜାଇନ୍ ଚାହୁଁଥିଲେ, ଗୋଲାକାର ଡିଜାଇନ୍ କୁର୍ତ୍ତୀ ସିଲେଇ କରିପାରିବେ । ଏହାର ଚତୁପାର୍ଶ୍ୱରେ ଏମ୍ବ୍ରୋଡୋରୀ ତଥା ଗୋଟାପ୍ରିଣ୍ଟ ଡିଜାଇନ୍ କରିପାରିବେ । ସେହିପରି ଏହା ଉପରେ ଲଟ୍‌କନ୍ ଲଗାଇ ଚାହିଁଲେ, ସୁନ୍ଦର କରିପାରିବେ ।

### ସିମ୍ପଲ୍ ବ୍ୟାକ୍‌ଲେସ୍ କୁର୍ତ୍ତୀ

ଫ୍ୟାନ୍‌ସି ଡିଜାଇନ୍ ପସନ୍ଦ ନ ଥିଲେ, ଏପରି ସ୍ଥଳେ, ସିମ୍ପଲ୍ ବ୍ୟାକ୍‌ଲେସ୍ ଡିଜାଇନ କୁର୍ତ୍ତୀ କରିପାରିବେ । ଏ ପ୍ରକାର କୁର୍ତ୍ତୀ ପିନ୍ଧିବା ପରେ ଖୁବ୍ ସୁନ୍ଦର ଦିଶିଥାଏ । ସେହିପରି ଚାହିଁଲେ ପଛପଟେ ଭି ବା ପାନପତ୍ର ଡିଜାଇନ କରିପାରିବେ ।

# ଦାଗ ଦୂର କରିବ ଆଇ ପ୍ୟାଚ୍

ସାଧାରଣତଃ ଚିନ୍ତା, ଅବସାଦ ତଥା ନିଦ୍ରାଭାବ ଯୋଗୁଁ ଆଖିତଳ କଳା ଦାଗ, କୁଞ୍ଚନ ପଡ଼ିଯାଏ । ଏହାକୁ ଦୂର କରିବାକୁ ଅନେକେ ଦାମୀ ଆଇ କ୍ରିମ୍ ଲଗାଇଥାନ୍ତି । ହେଲେ ଏଥିରୁ ସେତେ ସୁଫଳ ମିଳି ନ ଥାଏ । ତେଣୁ ଦାଗ ଦୂର ପାଇଁ ଆଇ ପ୍ୟାଚ୍ ଲଗାଇପାରିବେ ।

### ଅଣ୍ଡର ଆଇ ପ୍ୟାଚ୍ କ'ଣ



ଏହା ଆଖିତଳେ ଲଗାଯାଉଥିବା ଏକ ପ୍ରକାର ମାସ୍କ । ଏଥିରେ ଉଭୟ ସିରମ୍ ଏବଂ ଜେଲ୍ ଥାଏ । ଏଥିସହ ହାଲୁରୋନିକ୍ ଏସିଡ୍, କୋଲାଜନ୍, ଭିଟାମିନ୍ ସି, କ୍ୟାଫିନ୍ ଭଳି ତତ୍ୱ ଥାଏ । ଏହା କଳାଦାଗ, ଆଖିଫୁଲା, ଏବଂ କୁଞ୍ଚନ ସମସ୍ୟାକୁ କମ୍ କରିଥାଏ ।


### ଲଗାଇବା ବିଧି

- ଏହାକୁ ଲଗାଇବା ପୂର୍ବରୁ ପ୍ରଥମେ ତ୍ୱଚାକୁ ଭଲ କରି ସଫା କରନ୍ତୁ । ଏହାଦ୍ୱାରା ପ୍ୟାଚ୍‌ରେ ଥିବା ସିରମ୍ ଏବଂ ଜେଲ ତ୍ୱଚାରେ ଭଲରେ ଅବଶୋଷିତ ହୋଇଥାଏ ।
- ଆଖିତଳେ ଫୁଲା ସମସ୍ୟା ଥିଲେ, ଏହାକୁ କମ୍ କରିବା ପାଇଁ ଆଇପ୍ୟାଚ୍‌କୁ କିଛି ସମୟ ଫ୍ରିଜ୍‌ରେ ଥଣ୍ଡା କରି ରଖନ୍ତୁ । ଏହାଦ୍ୱାରା ଆଖିତଳ ତ୍ୱଚାରେ ରକ୍ତ ସଞ୍ଚାଳନ ହୋଇଥାଏ । ଏଥିସହ ସିରମରେ ଥିବା ତତ୍ୱ ଆଖି ତଳେ ଭଲରେ ଅବଶୋଷିତ ହୋଇଥାଏ । ଏହା ଆଖିକୁ ଆରାମ ପ୍ରଦାନ କରିଥାଏ ।
- ସେହିପରି ଏହାକୁ ଲଗାଇବା ପୂର୍ବରୁ ପ୍ରଥମେ ହାତକୁ ଭଲ କରି ସଫା କରନ୍ତୁ । ଏହାପରେ ଆଇପ୍ୟାଚ୍‌କୁ ହାତରେ ନେଇ ଗୋଟିଏ କୋଣରୁ ଖୋଲି ଆଖିରେ ଲଗାନ୍ତୁ । ଏହାକୁ ଲଗାଇ ୧୫-୨୦ ମିନିଟ୍ ରଖନ୍ତୁ । ଏହାକୁ ଲଗାଇବା ପରେ ତ୍ୱଚାକୁ ପାଣି କିମ୍ବା ଫେସୱାସରେ ଧୁଅନ୍ତୁନି ।

# ତୁଳସୀ ଫେସ୍‌ପ୍ୟାକ୍

ସାଧାରଣତଃ ବ୍ରଣ ହେଲେ ମୁହଁ ଅସୁନ୍ଦର ଦେଖାଯାଏ । ଏଥିପାଇଁ ଅନେକ କସ୍‌ମେଟିକ୍ ବ୍ୟବହାର କରିଥାନ୍ତି । ପ୍ରାକୃତିକ ଉପାୟରେ ମୁହଁରୁ ବ୍ରଣ ଦୂର କରିବାକୁ ଚାହୁଁଥିଲେ, ତୁଳସୀ ଲଗାଇପାରିବେ । ଏଥିରେ ବହୁ ଔଷଧୀୟ ଗୁଣ ରହିଛି । ଯାହା ସଂକ୍ରମଣ କମ୍ କରି, ତ୍ୱଚାରେ ଚମକ ଆଣିଥାଏ । ଏଥିରେ ଥିବା ଆଣ୍ଟିବ୍ୟାକ୍ଟେରିୟଲ୍, ଆଣ୍ଟି ଇନ୍‌ଫ୍ଲାମେଣ୍ଟୋରୀ, ଏବଂ ଆଣ୍ଟି ଅକ୍ସିଡେଣ୍ଟ ତ୍ୱଚାକୁ ସୁନ୍ଦର ଦାଗମୁକ୍ତ ରଖିଥାଏ । ତେଣୁ ତ୍ୱଚାର ବ୍ରଣ ଦୂର ପାଇଁ ତୁଳସୀ ଫେସ୍‌ପ୍ୟାକ୍ ଲାଭଦାୟକ ହୋଇଥାଏ ।

ଏଥିପାଇଁ ୮ ରୁ ୧୦ଟି ସତେଜ ତୁଳସୀ ପତ୍ର ନିଅନ୍ତୁ । ଏହାକୁ ଭଲରେ ଧୋଇ ବାଟି ଅଳ୍ପ ମୁଲତାନୀ ମାଟି, ଅବା ମହୁ ମିଶାଇ ତ୍ୱଚାରେ ଲଗାନ୍ତୁ । ଏହାକୁ ମୁହଁରେ ୧୦-୧୫ ମିନିଟ୍ ରଖି ଧୋଇ ଦିଅନ୍ତୁ । ଏହା ବ୍ରଣ କମ୍ କରିବା ସହ ତ୍ୱଚାରେ ଥିବା ଦାଗ, ତେଲିଆପଣ ଦୂର କରିଥାଏ । ସପ୍ତାହରେ ଦୁଇ –ତିନିଥର ବ୍ୟବହାର କଲେ ଏଥିରୁ ସୁଫଳ ମିଳିଥାଏ ।



# କୁନ୍ଦନ ପାଉଁଞ୍ଜି



ମହିଳାମାନେ ପାଉଁଞ୍ଜି ପିନ୍ଧିବାକୁ ପସନ୍ଦ କରନ୍ତି । ତେବେ ପାଦର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣା କରିବାକୁ ଚାହୁଁଥିଲେ, କୁନ୍ଦନ ପାଉଁଞ୍ଜି ପିନ୍ଧିପାରିବେ । ଏହା ପାଦକୁ ସୁନ୍ଦର କରିବା ସହ ଏଥିରୁ ଏକ ରାଜକୀୟ ଲୁକ୍ ମିଳିଥାଏ ।

### ଗୋଲ୍ଡ ପ୍ଲେଟେଡ୍ କୁନ୍ଦନ

ପାଦର ସୌନ୍ଦର୍ଯ୍ୟ ବୃଦ୍ଧି କରିବାକୁ ଚାହୁଁଥିଲେ ଗୋଲ୍‌ଡ ପ୍ଲେଟେଡ୍ କୁନ୍ଦନ ପାଉଁଞ୍ଜି ପିନ୍ଧିପାରିବେ । ଏହା ଖୁବ୍ ସୁନ୍ଦର ଦିଶିଥାଏ । ଏହାକୁ ଯେ କୌଣସି ପୂଜା ଫଙ୍କସନ୍‌ରେ ପିନ୍ଧିପାରିବେ ।

### ଚେନ୍, ମୋତି ଡିଜାଇନ୍

ବିଶେଷ ଅବସରରେ ପାରମ୍ପରିକ ପରିଧାନ ପିନ୍ଧୁଥିଲେ, ଚେନ୍ ବା ରୂପା ପାଉଁଞ୍ଜି ବଦଳରେ ମୋତି ଡିଜାଇନ ପାଉଁଞ୍ଜି ପିନ୍ଧିପାରିବେ । ଏହା ପାଦର ସୁନ୍ଦରତା ବଢ଼ାଇ ଥାଏ । ଏ ପ୍ରକାର ପାଉଁଞ୍ଜି ଅନ୍‌ଲାଇନ୍‌ରୁ ମଧ୍ୟ କିଣିପାରିବେ ।

### ଗୋଲ୍‌ଡ ପ୍ଲେଟେଡ୍ ଗ୍ରୀନ୍ ଏବଂ ହ୍ୱାଇଟ୍ ପର୍ଲ

ସୁନେଲି ରଙ୍ଗର ନୀଳ ଏବଂ ଧଳା ମୋତିଯୁକ୍ତ ପାଉଁଞ୍ଜି ଭଲ ବିକଳ୍ପ ହୋଇଥାଏ । ଏହା ଆକର୍ଷଣୀୟ ହେବା ସହ ପାଦର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣା କରିଥାଏ । ଏହାକୁ ଉଭୟ ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍‌ରୁ କିଣିପାରିବେ ।

# କାଶ୍ମୀର୍ ଝୁମୁକା

ମହିଳାମାନେ ଲାଟେଷ୍ଟ ତଥା ଭିନ୍ନ ଜିଡାଇନର ଅଳଙ୍କାର ପିନ୍ଧିବାକୁ ପସନ୍ଦ କରନ୍ତି । ତେବେ ବିବାହ, ଫଙ୍କସନ୍ ଆଦି ଉତ୍ସବରେ ଆକର୍ଷଣୀୟ ଲୁକ୍ ନେବାକୁ ଚାହୁଁଥିଲେ, କାଶ୍ମୀର ଝୁମ୍‌କା ପିନ୍ଧିପାରିବେ । ଏ ପ୍ରକାର କାନଫୁଲ ଏବେ ଟ୍ରେଣ୍ଡରେ ରହିଛି । ଏହା ଉଭୟ ଶାଢ଼ି ଏବଂ ସାଲୱାର ସୁଟ୍‌କୁ ଭଲ ମାନିଥାଏ ।



### ଷ୍ଟଡ୍ ଡିଜାଇନ୍

ପାର୍ଟି ଫଙ୍କସନ୍‌ରେ ଏ ପ୍ରକାର ଛୋଟ ଷ୍ଟଡ୍ ଡିଜାଇନ୍ ଝୁମୁକା କାନଫୁଲ ପିନ୍ଧିପାରିବେ । ଏହା କାନକୁ ଖୁବ୍ ସୁନ୍ଦର ଦିଶିଥାଏ । ଏ ପ୍ରକାର ଝୁମୁକା ଯେ କୌଣସି ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ ।

### ଡବଲ୍ ଲେୟାର୍

ଡବଲ ଲେୟାର୍ ଯୁକ୍ତ ପସନ୍ଦ ଥିଲେ, ଏ ପ୍ରକାର କାନଫୁଲ ପିନ୍ଧିପାରିବେ । ଏହା ସିମ୍ପଲ ଶାଢ଼ି ତଥା ସୁଟ୍‌କୁ ବେଶୀ ଭଲ ମାନିଥାଏ । ଏହାର ଭଳିକି ଭଳି ଡିଜାଇନ୍ ରହିଛି ।

ମୋ ହାଣ୍ଡିଶାଳରୁ

# ଛତୁ ମସଲା ଦୋଷା

### ଆବଶ୍ୟକ ସାମଗ୍ରୀ

ଛତୁ – ୪୦୦ ଗ୍ରାମ୍, ପିଆଜ – ଦୁଇଗୋଟି, ଲଙ୍କା ଗୁଣ୍ଡ– ଏକ ଚାମଚ, ଗୋଲମରିଚ ଗୁଣ୍ଡ – ଅଧା ଚାମଚ, ଜିରା – ଏକ ଚାମଚ, ଅଦା ରସୁଣ ପେଷ୍ଟ – ଦୁଇ ଚାମଚ, ଦୋଷା ଆଣ - ଏକ ବାଉଲ୍, ଭୃସଙ୍ଗ ପତ୍ର – ଚାରି, ପାଞ୍ଚୋଟି, ଟମାଟୋ ପେଷ୍ଟ - ଏକ କପ୍, ହଳଦୀଗୁଣ୍ଡ – ଏକ ଚାମଚ, ଗରମ ମସଲା – ଏକ ଚାମଚ, ଧନିଆ ପତ୍ର – ଅଧ ବିଡ଼ା, ଲୁଣ – ସ୍ୱାଦ ଅନୁସାରେ, ସୋରିଷ ତେଲ – ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳି

ଛତୁକୁ ହଳଦୀ ପାଣିରେ ଧୋଇ କାଟି ରଖନ୍ତୁ । ଏହାପରେ ଗ୍ୟାସ୍‌ରେ କଡ଼େଇ ବସାଇ ତେଲ, ଜୀରା, ଭୃସଙ୍ଗପତ୍ର ଦିଅନ୍ତୁ । ଏହାକୁ ପିଠାଖଡ଼ିକାରେ ଏପାଖସେପାଖ କରି କଟା ପିଆଜ, ଟମାଟୋ, ଲଙ୍କାଗୁଣ୍ଡ, ଗୋଲମରିଚ ଗୁଣ୍ଡ, ହଳଦୀ, ଲୁଣ ସମେତ ଗରମ ମସଲା ଗୁଣ୍ଡ ଦିଅନ୍ତୁ । ଏହାକୁ ତିନି ଚାରି ମିନିଟ୍ କଷି କାଟି ରଖିଥିବା ଛତୁ ଦିଅନ୍ତୁ । ଏହାକୁ ଭାଜି ଡାଙ୍କୁଣି ଘୋଡ଼ାନ୍ତୁ । ପରେ ଏଥିରେ ଲୁଣ ଧନିଆପତ୍ର ପକାନ୍ତୁ । ମସଲା ପ୍ରସ୍ତୁତ ହୋଇଗଲା । ଏହାକୁ ଥଣ୍ଡା ହେବା ପାଇଁ ଛାଡ଼ି ଦିଅନ୍ତୁ । ଏହାପରେ ଗ୍ୟାସ୍ ଲଗାଇ ତାୱା ବସାନ୍ତୁ । ଏଥିରେ ସାମାନ୍ୟ ପାଣି ଛିଞ୍ଚି, ଉପରେ ଆଣ ଦେଇ ପତଳା ଦୋଷା ପ୍ରସ୍ତୁତ କରନ୍ତୁ । ଏଥିରେ ଦୁଇ ତିନି ଚାମଚ ଛତୁ ଷ୍ଟଫିଙ୍ଗ୍ ଦିଅନ୍ତୁ । ଏହାକୁ ଖଡ଼ିକାରେ ଓଲଟେଇ ପରଷନ୍ତୁ ସ୍ୱାଦିଷ୍ଟ 'ଛତୁ ମସଲା ଦୋଷା' ।



# ମହାଶିବରାତ୍ରୀ ମେହେନ୍ଦି ଡିଜାଇନ୍

ସାଧାରଣତଃ ମହାଶିବରାତ୍ରୀକୁ ନେଇ ମହିଳାଙ୍କ ମନରେ ଉତ୍କଣ୍ଠା ରହିଥାଏ । ଏହି ଦିନ ମହିଳାମାନେ ନୂତନ ବସ୍ତ୍ର ପରିଧାନ କରିବା ସହ ସାଜସଜା ପ୍ରତି ବିଶେଷ ଧ୍ୟାନ ଦେଇଥାନ୍ତି । ସେହିପରି ଚାହିଁଲେ ହାତରେ ଶିବଙ୍କ ନାମରେ ମେହେନ୍ଦି ଲଗାଇ ନିଜକୁ ଏକ ଆଧ୍ୟାତ୍ମିକ ଅନୁଭୂତି ଦେଇପାରିବେ । ଜାଣିବା ସେ ବିଷୟରେ...


- ହାତକୁ ସମ୍ପୂର୍ଣ୍ଣ ମେହେନ୍ଦିରେ ସଜେଇବାକୁ ଚାହୁଁଥିଲେ, ଛୋଟ ଛୋଟ ଫୁଲ କରି, ସେଥିରେ ଓମ୍ ନମଃ ଶିବାୟ ଲେଖିପାରିବେ । ଏହା ଦେଖିବାକୁ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ହୋଇଥାଏ ।
- ସେହିପରି ଚାହିଁଲେ ହାତରେ ଦେବାଳୟ ଚିତ୍ର ମଧ୍ୟ ଆଙ୍କିପାରିବେ । ଏହା ହାତର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହ ମନରେ ଏକ ଆଧ୍ୟାତ୍ମିକ ଭାବନା ଜାଗ୍ରତ କରିଥାଏ । ଏଥିସହ ଶିବଲିଙ୍ଗ ଏବଂ ଓମ୍ ନମଃ ଶିବାୟ ଲେଖିପାରିବେ ।
- ପୋଟ୍ରେଟ୍ ମେହେନ୍ଦି ସର୍ବଦା ସୁନ୍ଦର ଦେଖାଯାଏ । ହାତରେ ଭୋଳାନାଥ ଏବଂ ମାତା ପାର୍ବତୀଙ୍କ ଚିତ୍ର ଥାଏ । ସେହିପରି ଅଙ୍ଗୁଳିରେ ପଦ୍ମଫୁଲ, ସୂକ୍ଷ୍ମ ଜାଲ କରିଲେ, ଏହା ହାତକୁ ଏକ ରାଜକୀୟ ଲୁକ୍ ଦେଇଥାଏ ।
- ଶିବରାତ୍ରୀ ଭୋଳାନାଥଙ୍କ ଭକ୍ତଙ୍କୁ ସମର୍ପିତ । ତେଣୁ ହାତରେ ଡମ୍ବରୁ, ତ୍ରିନେତ୍ର ତଥା ତ୍ରିଶୂଳ ଚିତ୍ର ଆଙ୍କିପାରିବେ ।



ଟି-୨୦ ବିଶ୍ୱକପ୍‌ରେ ବିରଳ ମ୍ୟାଚ୍ | ଆଫଗାନିସ୍ତାନଠୁ ଜିତିବା ଲାଗି ଦ.ଆଫ୍ରିକା ନାକେଦମ୍

# ଡବଲ୍ ସୁପର୍ ଓଭର ରୋମାଞ୍ଚ



ରହମାନୁଲ୍ଲା ଗୁରବାଜ

ଅହମ୍ମଦାବାଦ, ୧୧।୨ (ଏଜେନ୍ସି)

ଟି-୨୦ ବିଶ୍ୱକପ୍ ଇତିହାସର ସବୁଠୁ ରୋମାଞ୍ଚକ ମ୍ୟାଚ୍ ବୁଧବାର ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଦେଖିବାକୁ ମିଳିଛି। ଗ୍ରୁପ୍-ଡି'ର ଏହି ମ୍ୟାଚରେ ଦକ୍ଷିଣ ଆଫ୍ରିକା ରୋମାଞ୍ଚକ ଭାବେ ଦ୍ୱିତୀୟ ସୁପର୍ ଓଭରରେ ଏସିଆ ମହାଦେଶର ଉଦୀୟମାନ ଦଳ ଆଫଗାନିସ୍ତାନକୁ ପରାସ୍ତ କରିଛି। ଏହି ମ୍ୟାଚ ପ୍ରଥମେ ଟାଇ ରହିଥିଲା। ଏହାପରେ ପ୍ରଥମ ସୁପର ଓଭର ମଧ୍ୟ ଟାଇରେ ସମାପ୍ତ ହୋଇଥିଲା। ଶେଷରେ ଚିତାକର୍ଷକ ୨ୟ ସୁପର୍ ଓଭରରେ ଦକ୍ଷିଣ ଆଫ୍ରିକା ମାତ୍ର ୪ ରନରେ ଆଫଗାନିସ୍ତାନକୁ ମାତ୍ ଦେଇଥିଲା। ଆଫଗାନିସ୍ତାନର ରହମାନୁଲ୍ଲା ଗୁରବାଜ ୨ୟ ସୁପର୍ ଓଭରରେ ହ୍ୟାଟ୍ରିକ ଛକା ମାରିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ଲୁନଗି ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ପୂର୍ବରୁ ପ୍ରଥମ ମ୍ୟାଚ୍‌ରେ କାନାଡ଼ାକୁ ହରାଇଥିବା ଆଫ୍ରିକାର ଏହା ୨ୟ ବିଜୟ ହୋଇଛି।

### ଦ.ଆଫ୍ରିକା- ୧୮୭/୬
### ଆଫଗାନିସ୍ତାନ- ୧୮୭/୧୦

ବୁଧବାର ସକାଳେ ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୬ ୱିକେଟ୍ ହରାଇ ୧୮୭ ରନ କରିଥିଲା। ଦଳ ପକ୍ଷରୁ କ୍ୱିଣ୍ଟନ ଡି କକ୍ (୫୯ ରନ) ଓ ରିୟାନ ରିକ୍ଲେଟନ (୬୧ ରନ, ୨୮ ବଲ) ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଆଫଗାନିସ୍ତାନର ଅଜମାତୁଲ୍ଲା ଓମାରଜାଇଙ୍କୁ ୩ଟି ଓ ଅଧିନାୟକ ରସିଦ ଖାନଙ୍କୁ ୨ଟି ୱିକେଟ୍ ମିଳିଥିଲା। ଜବାବରେ ଓପନର୍ ରହମାନୁଲ୍ଲା ଗୁରବାଜଙ୍କ ବିସ୍ଫୋରକ ଅର୍ଦ୍ଧଶତକ ସତ୍ତ୍ୱେ ଆଫଗାନିସ୍ତାନ ୨ଟି ବଲ୍ ପୂର୍ବରୁ ସମାନ ୧୮୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ୪ଟି ଚୌକା ଓ ୭ଟି ଛକା ବଳରେ ଗୁରବାଜ ୪୨ ବଲରୁ ୮୪ ରନ କରିଥିଲେ। ଶେଷ ଓଭରରେ ଜିତିବାକୁ ଆଫଗାନିସ୍ତାନକୁ ୧୩ ରନ ଆବଶ୍ୟକ ହେଉଥିଲା। ଶେଷଯୋଡ଼ି ନୁର ଅହମ୍ମଦ ଓ ଫଜଲ ଫାରୁକି ଯୋଡ଼ି କାଗିସୋ ରାବାଡାଙ୍କ ପ୍ରଥମ ୪ଟି ବଲରେ ୧୨ ରନ ଉଠାଇଥିଲେ। ତେବେ ୪ର୍ଥ ବଲରେ ରନ ନେବା ପ୍ରୟାସରେ ଫାରୁକି ରନଆଉଟ୍ ହୋଇଯାଇଥିଲେ। ଲୁନଗି ଏନଗିଡିଙ୍କୁ ୩ଟି ୱିକେଟ୍ ମିଳିଥିଲା।

### ପ୍ରଥମ ସୁପର୍ ଓଭର
### (ଆଫଗାନ-୧୭/୦; ଦ.ଆଫ୍ରିକା- ୧୭/୧)

ଏହାପରେ ଫଳାଫଳ ପାଇଁ ପ୍ରଥମ ସୁପର୍ ଓଭର ଖେଳାଯାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ପାଇଁ ଗୁରବାଜ୍ ଓ ଅଜମାତୁଲ୍ଲା ଓମାରଜାଇ ୬ଟି ବଲରେ କୌଣସି ୱିକେଟ୍ ନ ହରାଇ ୧୭ ରନ ସଂଗ୍ରହ କରିଥିଲା। ଲୁନଗି ଏନଗିଡି ଏହି ଓଭରଟି ପକାଇଥିଲେ। ଏହାପରେ ୧୮ ରନର ଲକ୍ଷ୍ୟକୁ ପିଛା କରିଥିବା ଦକ୍ଷିଣ ଆଫ୍ରିକା ଡେୱାଲ୍ଡ ବ୍ରେଭିସଙ୍କ ୱିକେଟ୍ ହରାଇ ସମାନ ୧୭ ରନ କରିଥିଲା। ଫଜଲ ଫାରୁକି ଏହି ଓଭରଟି ବୋଲିଂ କରିଥିଲେ। ଫଳରେ ମ୍ୟାଚ୍ ପୁଣିଥରେ ଟାଇ ରହିଥିଲା।

### ଦ୍ୱିତୀୟ ସୁପର୍ ଓଭର
### (ଦ.ଆଫ୍ରିକା- ୨୩/୦; ଆଫଗାନ- ୧୯/୧)

ଦ୍ୱିତୀୟ ସୁପର୍ ଓଭରରେ ଦକ୍ଷିଣ ଆଫ୍ରିକା ପାଇଁ ଡେଭିଡ୍ ମିଲର ଓ ଟ୍ରିଷ୍ଟାନ ଷ୍ଟବ୍ସ ଯୋଡ଼ି ଓମାରଜାଇଙ୍କ ଓଭରରୁ ୩ଟି ଛକା ସହ ୨୩ ରନ ଉଠାଇଥିଲେ। ଏହାପରେ ୨୪ ରନକୁ ପିଛା କରିଥିବା ଆଫଗାନିସ୍ତାନ କେଶବ ମହାରାଜଙ୍କ ୨ୟ ବଲରେ ମହମ୍ମଦ ନବିଙ୍କ ୱିକେଟ୍ ହରାଇଥିଲା। ତେବେ ଗୁରବାଜ ପରବର୍ତ୍ତୀ ୩ଟି ବଲକୁ କ୍ରମାଗତ ଛକା ମାରି ବିଜୟ ଆଶା ସଞ୍ଚାର କରିଥିଲେ। ଶେଷ ବଲରେ ୬ ରନ ଆବଶ୍ୟକ ହେଉଥିବାବେଳେ ମହାରାଜ ୱାଇଡ୍ ପକାଇଥିଲେ। ଫଳରେ ଆଉ ୫ ରନ ରହିଥିଲା। ଏହି ଅନ୍ତିମ ବଲକୁ ବଡ଼ ସଟ୍ ମାରିବାକୁ ଯାଇ ଡେଭିଡ୍ ମିଲରଙ୍କ ହାତରେ ଗୁରବାଜ ଧରାପଡ଼ିଥିଲେ। ଫଳରେ ଆଫଗାନିସ୍ତାନ କ୍ରିକେଟ୍ ଇତିହାସର ଏକ ସ୍ମରଣୀୟ ବିଜୟରୁ ଅଳ୍ପକେ ଦୂରରେ ରହିଯାଇଥିଲା।

**ଟି-୨୦ ବିଶ୍ୱକପ୍‌ରେ ଟାଇ**

| ମ୍ୟାଚ୍ | ଟାଇବ୍ରେକର | ବିଜେତା | ବର୍ଷ |
|---|---|---|---|
| ଭାରତ-ପାକିସ୍ତାନ | ବୋଲଆଉଟ୍ | ଭାରତ | ୨୦୦୭ |
| ନ୍ୟୁଜିଲାଣ୍ଡ-ଶ୍ରୀଲଙ୍କା | ସୁପରଓଭର | ଶ୍ରୀଲଙ୍କା | ୨୦୧୨ |
| ୱେଷ୍ଟଇଣ୍ଡିଜ-ନ୍ୟୁଜିଲାଣ୍ଡ | ସୁପରଓଭର | ୱେଷ୍ଟଇଣ୍ଡିଜ | ୨୦୧୨ |
| ଓମାନ-ନାମିବ୍ୟା | ସୁପରଓଭର | ନାମିବ୍ୟା | ୨୦୨୪ |
| ପାକିସ୍ତାନ-ଆମେରିକା | ସୁପରଓଭର | ଆମେରିକା | ୨୦୨୪ |
| ଦ,ଆଫ୍ରିକା-ଆଫଗାନିସ୍ତାନ | ସୁପରଓଭର | ଦ.ଆଫ୍ରିକା | ୨୦୨୬ |

## ଅଷ୍ଟ୍ରେଲିଆକୁ ଜିତାଇଲେ ଏଲିସ୍, ଜାମ୍ପା

କଲମ୍ବୋ, ୧୧।୨ (ଏଜେନ୍ସି): ଚଳିତ ଟି-୨୦ ବିଶ୍ୱକପ୍‌ରେ ଅନ୍ୟତମ ଟାଇଟଲ୍ ଫେଭରାଇଟ୍ ଅଷ୍ଟ୍ରେଲିଆ ବିଜୟରୁ ଅଭିଯାନ ଆରମ୍ଭ କରିଛି। ବୁଧବାର ଅପରାହ୍ଣରେ ସ୍ଥାନୀୟ ଆର୍. ପ୍ରେମଦାସ ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ୍-ସି'ର ଏକ ମ୍ୟାଚରେ ଅଷ୍ଟ୍ରେଲିଆ ୬୭ ରନରେ ସହଜରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ନିୟମିତ ଅଧିନାୟକ ମିଚେଲ ମାର୍ଶଙ୍କ ବିନା ଏହି ମ୍ୟାଚ୍ ଖେଳୁଥିବା ଅଷ୍ଟ୍ରେଲିଆ ଟସ୍ ଜିତି ୬ ୱିକେଟରେ ୧୮୨ ରନର ସମ୍ମାନଜନକ ସ୍କୋର କରିଥିଲା। ଓପନର ଜୋଶ ଇଂଲିଶ ଓ ମ୍ୟାଟ୍ ରେନଶ ୩୭ ରନ ଲେଖାଏ, କାମେରନ ଗ୍ରୀନ ୨୨ ରନ କରିଥିଲେ। ତେବେ ଶେଷ ଭାଗରେ ମାର୍କସ ଷ୍ଟୋଇନିସ ୨୯ ବଲରେ ୪୫ ରନ କରିବାରୁ ଅଷ୍ଟ୍ରେଲିଆ ଏକ ଚ୍ୟାଲେଞ୍ଜିଂ ସ୍କୋର ଠିଆ କରିପାରିଥିଲା। କାମଚଳା ଅଧିନାୟକ ଟ୍ରାଭିସ ହେଡ୍ ୬ ରନରେ ଆଉଟ୍ ହୋଇଥିଲେ। ଆୟର୍ଲାଣ୍ଡର ମାର୍କ ଆଦାୟରଙ୍କୁ ୨ଟି ୱିକେଟ୍ ମିଳିଥିଲା। ଜବାବରେ ନାଥନ ଏଲିସ ଓ ଆଦାମ ଜାମ୍ପାଙ୍କ ବୋଲିଂକୁ ସାମ୍ନା କରି ନ ପାରି ଆୟର୍ଲାଣ୍ଡ ୧୬.୫ ଓଭରରେ ୧୧୫ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜର୍ଜ ଡର୍କଲେ ସର୍ବାଧିକ ୪୧ ରନ କରିଥିଲେ। ବୋଲିଂରେ ଏଲିସ (୩.୫-୧-୧୨-୪) ଓ ଜାମ୍ପା (୪-୦-୨୩-୪) ମିଳିତ ଭାବେ ୮ଜଣ ଆୟର୍ଲାଣ୍ଡ ବ୍ୟାଟରଙ୍କୁ ଆଉଟ୍ କରିଥିଲେ। ଏଲିସ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ।

**ଆଜିର ବିଶ୍ୱକପ୍ ମ୍ୟାଚ୍**

| ମ୍ୟାଚ୍ | ସମୟ | ସ୍ଥାନ |
|---|---|---|
| ଶ୍ରୀଲଙ୍କା-ଓମାନ | ପୂର୍ବାହ୍ନ ୧୧ଟା | ପାଲେକେଲେ |
| ନେପାଳ-ଇଟାଲୀ | ଅପରାହ୍ଣ ୩ଟା | ମୁମ୍ବଇ |
| ଭାରତ-ନାମିବ୍ୟା | ରାତି ୭ଟା | ଦିଲ୍ଲୀ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

## ଇଂଲଣ୍ଡର ପ୍ରଥମ ପରାଜୟ

ମୁମ୍ବଇ, ୧୧।୨ (ଏଜେନ୍ସି): ବିଶ୍ୱକପ୍‌ର ଗ୍ରୁପ-ସି'ର ଏକ ମ୍ୟାଚରେ ୱେଷ୍ଟଇଣ୍ଡିଜ ୩୦ ରନରେ ଇଂଲଣ୍ଡକୁ ହରାଇଦେଇଛି। ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ୱେଷ୍ଟଇଣ୍ଡିଜ ୬ ୱିକେଟ୍ ହରାଇ ୧୯୬ ରନ କରିଥିଲା। ଦଳ ପକ୍ଷରୁ ଶିର୍ଫାନେ ରଦରଫୋର୍ଡ ୭୬ ରନର ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ୪୨ ବଲର ଏହି ପାଳିରେ ସେ ୭ଟି ଛକା ଓ ୨ଟି ଚୌକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଷ୍ଟନ ଚେଜ ୩୪, ଜାସନ ହୋଲ୍ଡର ୩୩, ସିମରନ ହେଟମାୟର ୨୩ରନ କରିଥିଲେ। ଜବାବରେ ସାମ କରନ ୩୦ ବଲରେ ୪୩ ରନର ଅପରାଜିତ ଲଢୁଆ ପାଳି ଖେଳିଥିଲେ ମଧ୍ୟ ଇଂଲଣ୍ଡ ଗୋଟିଏ ଓଭର ବଳକା ଥାଇ ୧୬୬ ରନରେ ଅଲଆଉଟ୍ ହୋଇଯାଇଥିଲା। ଫିଲ ସଲ୍ଟ (୩୦ ରନ), ଜ୍ୟାକବ ବେଥେଲ (୩୩ ରନ), ଜୋଶ ବଟଲର (୨୧ ରନ) ଉପଯୋଗୀ ବ୍ୟାଟିଂ କରିଥିଲେ ମଧ୍ୟ ଏହା ବୃଥା ଯାଇଥିଲା। ଗୁଡାକେଶ ମୋତିଙ୍କୁ ୩ଟି ଓ ରୋଷ୍ଟନ ଚେଜ ୨ଟି ୱିକେଟ୍ ମିଳିଥିଲା। ପୂର୍ବରୁ ସ୍କଟଲାଣ୍ଡକୁ ହରାଇଥିବା ୱେଷ୍ଟଇଣ୍ଡିଜର ଏହା ୨ୟ ବିଜୟ। ସେହିଭଳି ଇଂଲଣ୍ଡ ପ୍ରଥମ ପରାଜୟବରଣ କରିଛି।

## ବିଶ୍ୱ ପାରା କ୍ରୀଡ଼ାରେ ଓଡ଼ିଶାର ରଞ୍ଜିତଙ୍କୁ କାଂସ୍ୟ



ଭୁବନେଶ୍ୱର, ୧୧।୨ (ସମିସ): ଦୁବାଇରେ ଅନୁଷ୍ଠିତ ବିଶ୍ୱ ପାରା ଆଥଲେଟିକ୍ସ ଗ୍ରାଁପ୍ରି'ରେ ଓଡ଼ିଶାର ରଞ୍ଜିତ ଚାନ୍ଦ କାଂସ୍ୟ ପଦକ ଜିତି ରାଜ୍ୟ ଓ ଦେଶକୁ ଗୌରବାନ୍ୱିତ କରିଛନ୍ତି। ରଞ୍ଜିତ ପୁରୁଷ ଜାଭେଲିନ ଥ୍ରୋ'ର ଏଫ୍-୪୬ ବର୍ଗରେ ଏହି ସଫଳତା ପାଇଛନ୍ତି। ରଞ୍ଜିତ ୫୨.୭୫ ମିଟର ଜାଭେଲିନ ଫିଙ୍ଗି ପୋଡିୟମର ୩ୟ ସ୍ଥାନରେ ରହିଥିଲେ। ଏହି ଇଭେଣ୍ଟରେ ଅନ୍ୟତମ ଭାରତୀୟ ତଥା ବିଶ୍ୱ ଚାମ୍ପିଅନ ରିଙ୍କୁ ହୁଡା ପ୍ରଭାବୀ ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ରିଙ୍କୁ ୫୯.୪୬ ମିଟର ଜାଭେଲିନ ଫିଙ୍ଗିଥିଲେ। ସେହିଭଳି କେନିଆର ନାଥନ କେମ୍ବୋଇ ୫୪.୧୧ ମିଟର ଜାଭେଲିନ ଫିଙ୍ଗି ରୌପ୍ୟ ପଦକ ହାସଲ କରିଥିଲେ। କାଂସ୍ୟ ପଦକ ବିଜୟୀ ରଞ୍ଜିତଙ୍କୁ ଓଡ଼ିଶାର କ୍ରୀଡ଼ା ମହଲରୁ ଶୁଭେଚ୍ଛା ଜଣାଯାଇଛି।


### ଶ୍ରୀୟଙ୍କାଙ୍କୁ ଡବଲ୍ କାଂସ୍ୟ



ଭୁବନେଶ୍ୱର, ୧୧।୨ (ସମିସ): ଓଡ଼ିଶାର ପ୍ରତିଭାବାନ ମହିଳା ସୁଟର୍ ଶ୍ରୀୟଙ୍କା ଷଡ଼ଙ୍ଗୀ ଅନ୍ତର୍ଜାତୀୟ ସୁଟିଂରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ନେଦରଲାଣ୍ଡ୍‌ସର ହଗ୍‌ରେ ଅନୁଷ୍ଠିତ ଇଣ୍ଟର ସୁଟ୍ ସୁଟିଂ ପ୍ରତିଯୋଗିତାରେ ଶ୍ରୀୟଙ୍କା ୨ଟି କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। କ୍ୱାଲିଫିକେଶନ ପର୍ଯ୍ୟାୟରେ ଶ୍ରୀୟଙ୍କା ୬୩୨.୩ ସ୍କୋର କରି ଶୀର୍ଷରେ ରହିବା ସହ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲେ। ତାଙ୍କର ଏହି ସଫଳତା ଲାଗି ଓଡ଼ିଶା କ୍ରୀଡ଼ା ମହଲରୁ ଶ୍ରୀୟଙ୍କାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

## ତମାଣ୍ଡୋ ପ୍ରିମିୟର ଲିଗ୍ | ୬ ରନ୍‌ରେ ଜିତିଲା କାକଟପୁର

ଭୁବନେଶ୍ୱର, ୧୧।୨ (ସମିସ): ତମାଣ୍ଡୋ ପ୍ରିମିଅର ଲିଗ୍‌ରେ ବୁଧବାର ଅନୁଷ୍ଠିତ ମ୍ୟାଚରେ ଏମସିସି (କାକଟପୁର) ୬ ରନରେ ରୋମାଞ୍ଚକ ଭାବେ ମାଇଟୀ ୟଙ୍ଗଷ୍ଟାର୍ (ଭୁବନେଶ୍ୱର)କୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କାକଟପୁର ପାଇଁ ଇଲୁ ଗୋଚ୍ଛାୟତ ୩୫, ଆଇଏସ ଗିରି ୪୫, ଉଦୟଯାତ ୪୦ ରନ କରିଥିଲେ। ଜବାବରେ ୟଙ୍ଗଷ୍ଟାର ପକ୍ଷରୁ ଶୁଭମ ବିଷ୍ଟ ବିସ୍ଫୋରକ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ଶୁଭମ ୩୫ଟି ବଲରେ ୭୯ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ବିଜୟୀ ଦଳର ଦୀପକ ପାତ୍ର ୩ଟି ଓ ଉଦୟ ୨ଟି ୱିକେ୍ଟ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ଲାଗି ଉଦୟଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ସୁଧାକର ପୁହାଣ ଅତିଥିଭାବେ ଯୋଗଦେଇଥିଲେ। ଏହି ମ୍ୟାଚକୁ ସମରେନ୍ଦ୍ର ପାତ୍ର ଓ ବିଭୁ ପ୍ରସାଦ ଚୌଧୁରୀ ପରିଚାଳନା କରିଥିଲେ। ଗୁରୁବାର ବ୍ରହ୍ମପୁରର ଦୁଇ ଦଳ ବିଜେତା ୱାରିୟର୍ସ ଓ ଆର୍‌ସି କ୍ଲବ ପରସ୍ପର ସାମ୍ନାସାମ୍ନି ହେବେ।




## ନଗେଶ ଟ୍ରଫି: ଆଜି ଓଡ଼ିଶା-କର୍ଣ୍ଣାଟକ ସେମି ଲଢ଼େଇ

ଭୁବନେଶ୍ୱର, ୧୧।୨ (ସମିସ): ନୂଆଦିଲ୍ଲୀରେ ଚାଲିଥିବା ଜାତୀୟ ଦୃଷ୍ଟିହୀନ ପୁରୁଷ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ନଗେଶ ଟ୍ରଫିରେ ଓଡ଼ିଶା ଅନ୍ତିମ ଲିଗ୍ ମ୍ୟାଚରେ ୧୬ ରନରେ ଦିଲ୍ଲୀକୁ ପରାସ୍ତ କରିଛି। ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଓଡ଼ିଶା ୨୦ ଓଭରରେ ୭ ୱିକେଟ୍ ହରାଇ ୨୦୫ ରନ କରିଥିଲା। ପଙ୍କଜ ଭୁଏ ଓ ଧନପତି ଗୌଡ଼ ୩୪ ରନ ଲେଖାଏ କରିଥିଲେ। ଜବାବରେ ୨୦୬ ରନର ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ଦିଲ୍ଲୀ ୬ ୱିକେଟ୍‌ରେ ୧୮୮ ରନ କରିବାକୁ ସମର୍ଥ ହୋଇଥିଲା। ବିଜୟୀ ଓଡ଼ିଶା ପକ୍ଷରୁ ଲିଙ୍ଗରାଜ ରାଉତରାଙ୍କୁ ୨ଟି ଏବଂ ସୁଖରାମ ମାଝି, ଧନପତି ଓ ଅନିଲ ମଲ୍ଲିକଙ୍କୁ ଗୋଟିଏ ଲେଖାଏ ୱିକେଟ୍ ମିଳିଥିଲା। ଧନପତିଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଗୁରୁବାର ସେମିଫାଇନାଲରେ କର୍ଣ୍ଣାଟକକୁ ଭେଟିବ ଓଡ଼ିଶା।

## ଆଜି ଭାରତ-ନାମିବ୍ୟା ଲଢ଼େଇ

ନୂଆଦିଲ୍ଲୀ, ୧୧।୨ (ଏଜେନ୍ସି): ଚଳିତ ଟି-୨୦ ବିଶ୍ୱକପ୍‌ରେ ଭାରତ ଏହାର ଦ୍ୱିତୀୟ ମ୍ୟାଚରେ ଗୁରୁବାର ନାମିବ୍ୟାକୁ ଭେଟିବ। ସ୍ଥାନୀୟ ଅରୁଣ ଜେଟଲୀ ଷ୍ଟାଡିୟମରେ ରାତି ୭ଟାରେ ଏହି ଗ୍ରୁପ୍-ଏ ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚରେ ଆମେରିକାକୁ ୨୯ ରନରେ ପରାସ୍ତ କରିଥିଲେ ମଧ୍ୟ ଭାରତକୁ ଏହି ମ୍ୟାଚରେ ନାକେଦମ ହେବାକୁ ପଡ଼ିଥିଲା। ଏବେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତ ସାମ୍ନାରେ ଆଉ ଏକ ଦୁର୍ବଳ ଦଳ ରହିଛି। ଏହି ମ୍ୟାଚରେ ଭାରତ ସହଜରେ ବିଜୟୀ ହେବ ବୋଲି ଆଶା କରାଯାଉଛି। ତେବେ ଚଳିତ ବିଶ୍ୱକପ୍‌ରେ ବର୍ତ୍ତମାନ ସୁଦ୍ଧା ଖେଳାଯାଇଥିବା ୧୫ଟି ମ୍ୟାଚରେ ଆଇସିସିର ସହଯୋଗୀ ରାଷ୍ଟ୍ରଙ୍କ ପ୍ରଦର୍ଶନ ଯେପରି ରହିଛି ସେଥିରୁ ଆଗୁଆ ଅନୁମାନ କରିବା ଏବେ କଷ୍ଟକର ବ୍ୟାପାର ହୋଇପଡ଼ିଛି। ତେବେ ନାମିବ୍ୟା ବିପକ୍ଷ ମ୍ୟାଚ ପୂର୍ବରୁ ଭାରତକୁ ଡବଲ୍ ଝଟକା ଲାଗିଛି। ବୁଧବାର ଅଭ୍ୟାସ କରୁଥିବାବେଳେ ଇନଫର୍ମ ବ୍ୟାଟର ଇଶାନ କିଶାନଙ୍କ ପାଦରେ ଆଘାତ ଲାଗିଥିବା ଜଣାପଡ଼ିଛି। ଯଶପ୍ରୀତ ବୁମ୍‌ରାଙ୍କ ଏକ ୟର୍କର ବଲ ଇଶାନଙ୍କ ପାଦରେ ବାଜିଥିଲା। ଯାହା ଫଳରେ ସେ ୫ ମିନିଟ ଅଭ୍ୟାସ କରି ପଡ଼ିଆ ଛାଡ଼ି ଚାଲିଯାଇଥିଲେ। ସେହିଭଳି ଅନ୍ୟତମ ଓପନର୍ ଅଭିଷେକ ଶର୍ମାଙ୍କୁ ବୁଧବାର ମେଡିକାଲରୁ ଡିସଚାର୍ଜ କରାଯାଇଛି। ଉଦରଜନିତ ସମସ୍ୟା ଲାଗି ଅଭିଷେକ ୨ ଦିନ ହେବ ମେଡିକାଲରେ ଚିକିତ୍ସିତ ହେଉଥିଲେ। ତେବେ ସେ ଗୁରୁବାର ନାମିବ୍ୟା ବିପକ୍ଷରେ ଖେଳିବେ କି ନାହିଁ ତାହା ଟିମ ପକ୍ଷରୁ ସ୍ପଷ୍ଟ ହୋଇନାହିଁ। ଦୁଇ ଓପନରଙ୍କ ଆହତ ସମସ୍ୟା ଟିମ୍ ଇଣ୍ଡିଆ ପାଇଁ ଚିନ୍ତାର କାରଣ ପାଲଟିଛି। ଏପରିସ୍ଥଳେ ଖରାପ ଫର୍ମ ପାଇଁ ବେଞ୍ଚରେ ବସିଥିବା ସଞ୍ଜୁ ସାମସନ ନାମିବ୍ୟା ବିପକ୍ଷ ମ୍ୟାଚରେ ଖେଳିବା ଆଶା ଉଜ୍ଜୀବିତ ହୋଇଛି।

**ଇଶାନ ଆହତ; ଅଭିଷେକ ଅସୁସ୍ଥ**

## ୧୯ରୁ ବିହାରୀଲାଲ୍ କ୍ରିକେଟ୍; ଟି-୧୦ ଫର୍ମାଟ୍‌ରେ ମ୍ୟାଚ୍




ଭୁବନେଶ୍ୱର, ୧୧।୨ (ସମିସ): ବିହାରୀଲାଲ ଜେନା ମେମୋରିଆଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୨୭ତମ ସଂସ୍କରଣ ଚଳିତ ମାସ ୧୯ ତାରିଖରୁ ଆରମ୍ଭ ହେବ। ବିହାରୀଲାଲ ସ୍ପୋର୍ଟ୍ସ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ ସ୍ଥାନୀୟ ପୋଖରୀପୁଟସ୍ଥିତ ବିହାରୀଲାଲ ଷ୍ଟାଡିୟମରେ ଖେଳାଯିବ। ମ୍ୟାଚ୍‌ଗୁଡ଼ିକ ଟି-୧୦ ଫର୍ମାଟରେ ଡ୍ୟୁଜ ବଲରେ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ୧୬ଟି ଦଳ ଅଂଶଗ୍ରହଣ କରିବେ। ସିନିଅର ଓ ସୁପର ସିନିଅର ଦୁଇଟି ବିଭାଗରେ ୮ଟି ଲେଖାଏ ଦଳ ଭାଗନେବେ। ଉଭୟ ବିଭାଗର ଚାମ୍ପିଅନ ଦଳକୁ ଟ୍ରଫି ସହ ୫୦ ହଜାର ଟଙ୍କା ପ୍ରଦାନ କରାଯିବ। ସେହିଭଳି ରନର୍ସଅପ୍ ହୋଇଥିବା ଦଳକୁ ୩୦ ହଜାର ଟଙ୍କା ଦିଆଯିବ ବୋଲି ବୁଧବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଆୟୋଜକ ଟ୍ରଷ୍ଟର ସଭାପତି ଅକ୍ଷୟ କୁମାର ଜେନା ସୂଚନା ଦେଇଛନ୍ତି। ଏହି ଅବସରରେ ବିହାରୀଲାଲ ଦଳର ଜର୍ସି ଉନ୍ମୋଚନ ହୋଇଥିଲା। ଏଥିରେ ଭୁବନେଶ୍ୱର ଆଥଲେଟିକ ଆସୋସିଏସନର ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ପୂର୍ବତନ କର୍ପୋରେଟର ହୃଦୟ ବଲ୍ଲଭ ସାମନ୍ତରାୟ, ଟ୍ରଷ୍ଟର ସଦସ୍ୟ ମନୋଜ ପାତ୍ର, ତାପସ ଦଳେଇ, ତୋଫାନ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହିଥିଲେ।

## ପ୍ରଶାନ୍ତ ମେମୋରିଆଲ୍ ଆଇନଜୀବୀ କ୍ରିକେଟ୍ | ସେମିରେ ହାଇକୋର୍ଟ, ବୋର୍ଡ ଅଫ୍ ରେଭନ୍ୟୁ

ଭୁବନେଶ୍ୱର, ୧୧।୨ (ସମିସ): ଭୁବନେଶ୍ୱର ବାର୍ ଆସୋସିଏସନ ଆନୁକୂଲ୍ୟରେ ବିଜେବି ପଡ଼ିଆରେ ଚାଲିଥିବା ପ୍ରଶାନ୍ତ ରାଉତରାୟ ମେମୋରିଆଲ ଅଲ୍‌ଓଡ଼ିଶା ଆଇନଜୀବୀ କ୍ରିକେଟର ତୃତୀୟ କ୍ୱାର୍ଟରରେ ବୋର୍ଡ ଅଫ୍ ରେଭନ୍ୟୁ ୧୫ ରନରେ ଢେଙ୍କାନାଳ ବାର୍ ସଂଘକୁ ପରାସ୍ତ କରିଥିଲା। ଏହି ମ୍ୟାଚରେ ରେଭନ୍ୟୁ ସଂଘ ୧୫ ଓଭରରେ ୫ ୱିକେଟ୍ ହରାଇ ୧୨୦ ରନ ସଂଗ୍ରହ କରିଥିଲା। ଜବାବରେ ଢେଙ୍କାନାଳ ସଂଘ ୮ ୱିକେଟରେ ୧୦୫ ରନ କରିଥିଲା। ବିଜୟୀ ଦଳର ରାଜେଶ ରୋଟନ ଦାସ (୪୦ ରନ ଓ ୧ ୱିକେଟ୍) ଅଲ୍‌ରାଉଣ୍ଡ ପ୍ରଦର୍ଶନ କରି ଶ୍ରେଷ୍ଠ ଖେଳାଳି ହୋଇଥିଲେ। ସେହିଭଳି ୪ର୍ଥ କ୍ୱାର୍ଟରରେ ଓଡ଼ିଶା ହାଇକୋର୍ଟ ସଂଘ ୧୪୫ ରନ ବଡ଼ ବ୍ୟବଧାନରେ ସମ୍ବଲପୁର ବାର ସଂଘକୁ ପରାସ୍ତ କରିଛି। ଭକ୍ତି ସାମଲଙ୍କ ବିସ୍ଫୋରକ ଶତକ ବଳରେ ହାଇକୋର୍ଟ ଦଳ ୧୮ ଓଭରରେ ୮ ୱିକେଟ୍ ହରାଇ ୨୩୫ ରନ କରିଥିଲା। ଭକ୍ତି ୪୨ ବଲରେ ୧୧୦ ରନର ଶତକୀୟ ପାଳି ଖେଳିଥିଲେ। ଜବାବରେ ଢେଙ୍କାନାଳ ୯୦ ରନରେ ସୀମିତ ରହିଥିଲା। ଆଡଭୋକେଟ ପ୍ରମୋଦ ପଟ୍ଟନାୟକ, ଜଗନ୍ନାଥ ଦାସ, ମଧୁମାଧବ ଜେନା ଓ କୈଳାଶ ଚନ୍ଦ୍ର ପାତ୍ର ଅତିଥିଭାବେ ଯୋଗଦେଇଥିଲେ।

## ଓଡ଼ିଶା ନାଭାଲ ଟାଟା ହକି ଟିମକୁ ସ୍ୱର୍ଣ୍ଣିମ ସଫଳତା

ଭୁବନେଶ୍ୱର, ୧୧।୨ (ସମିସ): ଉତ୍ତର ପ୍ରଦେଶର ଲକ୍ଷ୍ନୌଠାରେ ୧୪ ବର୍ଷରୁ କମ୍ କେଡି ସିଂ ବାବୁ ଚାମ୍ପିଅନସିପ୍ ହକି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶାର ନାଭାଲ ଟାଟା ହକି ଗ୍ରାସରୁଟ୍ (ଓଏନଟିଏଲଚ୍) ଟିମ୍ ଚାମ୍ପିଅନ ହୋଇ ସ୍ୱର୍ଣ୍ଣିମ ସଫଳତା ପାଇଛି। ଫାଇନାଲରେ ଓଡ଼ିଶା ନାଭାଲ ଟାଟା ଦଳ ୨-୦ ଗୋଲରେ ଆୟୋଜକ ଉତ୍ତର ପ୍ରଦେଶ ଦଳକୁ ପରାସ୍ତ କରିଛି। ଏଥିପୂର୍ବରୁ ସେମିଫାଇନାଲରେ ଓଡ଼ିଶା ନାଭାଲ ଦଳ ୫-୦ ଗୋଲରେ ପଞ୍ଜାବର ରାଉଣ୍ଡ ଗ୍ଲାସ ଏକାଡେମୀକୁ ଓ କ୍ୱାର୍ଟରରେ ହରିୟାଣାର ଫ୍ଲିକର ବ୍ରଦରକୁ ୪-୨ ଗୋଲରେ ହରାଇଥିଲା। ସେହିଭଳି ଲିଗ୍ ପର୍ଯ୍ୟାୟରେ ୩ଟି ଯାକ ମ୍ୟାଚ୍ ଜିତି ଓଡ଼ିଶା ଅପରାଜେୟ ରହିଥିଲା। ଓଡ଼ିଶା ନାଭାଲ ଟାଟା ହକି ଗ୍ରାସରୁଟ ଦଳକୁ ଏହା କ୍ରମାଗତ ୨ୟ ସ୍ୱର୍ଣ୍ଣ ପଦକ ସଫଳତା ଥିଲା। ସୁମନ କୁମାର ଚୌଧୁରୀ ଦଳର ମୁଖ୍ୟ କୋଚ୍, ଚନ୍ଦ୍ରକାନ୍ତ ବାରିକ ସହାୟକ କୋଚ୍ ଓ ଟିମ୍ ମ୍ୟାନେଜର ଭାବେ ଅମିଲ ଲୁଗୁନ ଦାୟିତ୍ୱ ତୁଲାଇଥିଲେ।

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍**

## ବେଲ୍‌ଜିୟମଠାରୁ ହାରିଲା ଭାରତ




ରାଉରକେଲା, ୧୧।୨ (ସମିସ)

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ପୁରୁଷ ହକି ଦଳ ପରାଜୟରୁ ଅଭିଯାନ ଆରମ୍ଭ କରିଛି। ବୁଧବାରା ରାତିରେ ଖେଳାଯାଇଥିବା ମ୍ୟାଚରେ ହରମନପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଭାରତ ୧-୩ ଗୋଲରେ ଶକ୍ତିଶାଳୀ ବେଲ୍‌ଜିୟମ ନିକଟରୁ ହାରିଯାଇଛି। ଏହି ମ୍ୟାଚର ପ୍ରଥମାର୍ଦ୍ଧ ୧-୧ ଗୋଲରେ ବରାବର ରହିଥିଲା। ୨୩ତମ ମିନିଟରେ ନେଲସନ ଓନାନାଙ୍କ ଗୋଲରେ ବେଲ୍‌ଜିୟମ ୧-୦ରେ ଆଗୁଆ ହୋଇଥିଲା। ତେବେ ଏହାର ୬ ମିନିଟ୍ ପରେ ଘରୋଇ ତାରକା ଶିଳାନନ୍ଦ ଲାକ୍ରା ଏହି ଗୋଲଟି ଶୁଝିଦେଇଥିଲେ। ଦ୍ୱିତୀୟାର୍ଦ୍ଧ କିନ୍ତୁ ବେଶ ସଂଘର୍ଷପୂର୍ଣ୍ଣ ରହିଥିଲା। ତୃତୀୟ କ୍ୱାର୍ଟରରେ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। କିନ୍ତୁ ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ବେଲ୍‌ଜିୟମ ବାଜି ମାରିନେଇଥିଲା। ୪ ମିନିଟ୍ ବ୍ୟବଧାନରେ ୨ଟି ଗୋଲ୍ ଦେଇ ଭ୍ରମଣକାରୀ ଦଳ ଘରୋଇ ଭାରତୀୟ ପ୍ରଶଂସକଙ୍କୁ ନିରାଶ କରିଥିଲେ। ୫୩ତମ ମିନିଟରେ ଥୋମାସ କାର୍ଲୋସ ଓ ୫୭ତମ ମିନିଟରେ ଆର୍ନୋ ଭାନ ଡିସେଲଙ୍କ ଷ୍ଟିକରୁ ଏହି ଦୁଇଟି ଗୋଲ୍ ବାହାରିଥିଲା। ମଙ୍ଗଳବାର ଆର୍ଜେଣ୍ଟିନାକୁ ୫-୩ ଗୋଲରେ ହରାଇଥିବା ବେଲ୍‌ଜିୟମର ଏହା କ୍ରମାଗତ ୨ୟ ବିଜୟ। ଅପରପକ୍ଷରେ ଭାରତ ଏହାର ୨ୟ ମ୍ୟାଚରେ ଗୁରୁବାର ଆର୍ଜେଣ୍ଟିନାକୁ ଭେଟିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS